# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୩୦/୨୦୨୪ (୧୮ ପୃଷ୍ଠା) | Bhubaneswar, Wednesday, October 30/2024 | Page 18 | ₹ 7.00

୫୦ଶ ଭାଗ ୩୩୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 335 | ମୂଲ୍ୟ ₹୭/-





**ମନ୍ଧାନା ପ୍ଲେୟର ଅଫ୍ ଦି ମ୍ୟାଚ**

ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି ଭାରତର ସ୍ମୃତି ମନ୍ଧାନା। ୧୬

୧୦ **‘ସିଟାଡେଲ ହନିବନି’ ଟ୍ରେଲର ୨ ରିଲିଜ୍**

ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ ଓ ଅଭିନେତା ବରୁଣ ଧାୱନଙ୍କ ‘ସିଟାଡେଲ ହନିବନି’ ୱେବ ସିରିଜ୍‌ର ଦ୍ୱିତୀୟ ଟ୍ରେଲର ମଙ୍ଗଳବାର ରିଲିଜ୍ ହୋଇଛି।




# ସର୍ତ୍ତରେ ଚାଲିବ ଡ୍ୟାନ୍ସ ବାର୍

**ରାଜ୍ୟରେ ପୁଣି ଚାଲିବ ଡ୍ୟାନ୍ସବାର୍। ମଦ ବାର୍‌ଗୁଡ଼ିକରେ ନୃତ୍ୟଗୀତ ପ୍ରଦର୍ଶନ ନାଁରେ ହେଉଥିବା ଅନୈତିକ କାର୍ଯ୍ୟ ଓ ଅପ୍ରୀତିକର ଘଟଣାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଗତ ଅଗଷ୍ଟ ୩୧ରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଥିଲେ। ବାର୍‌ଗୁଡ଼ିକରେ ନୃତ୍ୟଗୀତ ପ୍ରଦର୍ଶନ ଉପରେ ରୋକ ଲଗାଇଥିଲେ। ଏବେ ଏଥିରେ ସରକାର କୋହଳ ହୋଇଛନ୍ତି। ୨୧ଟି ସର୍ତ୍ତ ସହ ଡ୍ୟାନ୍ସ ବାର୍ ଚଳାଇବାକୁ ଅନୁମତି ଦେଇଛନ୍ତି। ବିଶେଷକରି ଡ୍ୟାନ୍ସ ବାର୍‌ରେ ସିସିଟିଭି କ୍ୟାମେରା ଲଗାଯିବା, ନୃତ୍ୟଗୀତ ପ୍ରଦର୍ଶନୀକାରୀଙ୍କ ଉପରକୁ ଟଙ୍କା ଉଡ଼ା ବନ୍ଦ କରିବା, ନୃତ୍ୟାଙ୍ଗନାଙ୍କ ବୟସ ୨୧ବର୍ଷରୁ କମ୍ ନ ହେବା ଏବଂ ସେମାନେ ଶାଳୀନ ପୋଷାକ ପିନ୍ଧିବା ଭଳି ସର୍ତ୍ତ ରଖାଯାଇଛି। ପୂର୍ବରୁ ଅନୈତିକ କାର୍ଯ୍ୟରେ ଲିପ୍ତ ଅଭିଯୋଗରେ ଚାର୍ଜଶିଟ୍ ଥିବା ମହିଳାଙ୍କୁ ଏହି ନୃତ୍ୟଗୀତରୁ ଦୂରେଇ ରଖିବାକୁ ମଧ୍ୟ କୁହାଯାଇଛି।**



ଭୁବନେଶ୍ୱର,୨୯।୧୦ (ଅନିଲ ଦାସ)

ପ୍ରାୟ ୨ ମାସର ବିରାମ ପରେ ରାଜ୍ୟରେ ଡ୍ୟାନ୍ସ ବାର୍ ଚଲାଇବାକୁ ସରକାର ଅନୁମତି ଦେଇଛନ୍ତି। ଅବକାରୀ ବିଭାଗ ପକ୍ଷରୁ ଏ ନେଇ ମଙ୍ଗଳବାର ‘ଓଡ଼ିଶା ଅବକାରୀ (ସଂଶୋଧନ) ରୁଲ୍‌ସ-୨୦୨୪ ବିଜ୍ଞପ୍ତି ଜାରି ହୋଇଛି। ଓଡ଼ିଶା ଅବକାରୀ ଆଇନ-୨୦୦୮ର ଧାରା ୯୦ରେ ଥିବା କ୍ଷମତାର ଉପଯୋଗ କରି ରାଜ୍ୟ ସରକାର ଓଡ଼ିଶା ଅବକାରୀ ରୁଲ୍‌ସ -୨୦୧୭ରେ କେତେକ ସଂଶୋଧନ କରିଛନ୍ତି। ଏହି ସଂଶୋଧିତ ନିୟମାବଳୀ(ରୁଲ୍‌ସ) ଆଧାରରେ ରାଜ୍ୟର ମଦ ବାର୍‌ଗୁଡ଼ିକରେ ଯୁବତୀ ଓ ମହିଳାମାନେ ନୃତ୍ୟଗୀତ ପରିବେଷଣ କରିପାରିବେ। ଓଡ଼ିଶା ଅବକାରୀ ରୁଲ୍‌ସ-୨୦୧୭ର ନିୟମାବଳୀ-୪୪(ସବ୍‌ରୁଲ୍‌ସ-୪)ରେ ସଂଶୋଧନ କରାଯାଇଛି। ଅବକାରୀ କମିଶନରଙ୍କ ଲିଖିତ ଅନୁମତି ଆଧାରରେ ବିଦେଶୀ ମଦ ଓ ଭାରତରେ ପ୍ରସ୍ତୁତ ବିଦେଶୀ ମଦ(ଆଇଏମ୍ଏଫ୍ଏଲ୍) ବିକ୍ରିବାକୁ ଅନ୍‌ଶପ୍ ଲାଇସେନ୍ସଧାରୀ ବା ଲାଇସେନ୍ସପ୍ରାପ୍ତ ବାର୍‌ରେ ୨୧ବର୍ଷ ବୟସରୁ ଊର୍ଦ୍ଧ୍ୱ ଯୁବତୀ ଓ ମହିଳାମାନେ ମ୍ୟୁଜିକାଲ କାର୍ଯ୍ୟକ୍ରମ ଅଥବା ଅର୍କେଷ୍ଟ୍ରାରେ ସାମିଲ ହୋଇପାରିବେ। ସେହିପରି ସବ୍ ରୁଲ୍‌ସ-୫ରେ ସଂଶୋଧନ କରାଯାଇଛି। ୨୧ଟି ସର୍ତ୍ତ ଆଧାରରେ ଅବକାରୀ କମିଶନର ଡ୍ୟାନ୍ସ ବାର୍‌ଗୁଡ଼ିକ ପରିଚାଳନା ପାଇଁ ଅନୁମତି ଦେଇପାରିବେ ବୋଲି ଏଥିରେ ଉଲ୍ଲେଖ ରହିଛି।

ପ୍ରକାଶିତ ସଂଶୋଧିତ ନିୟମାବଳୀ ଅନୁଯାୟୀ ମହିଳା ଡ୍ୟାନ୍ସରମାନଙ୍କର ପୋଷାକ ପରିଧାନରେ ଶାଳୀନତା ରହିବ। ଡ୍ୟାନ୍ସ ବାର୍ ପରିସରରେ ସିସିଟିଭି କ୍ୟାମେରା ଲାଗିବ, ଯାହାକି ନୃତ୍ୟ ଓ ସଙ୍ଗୀତ ପ୍ରଦର୍ଶନ ହେଉଥିବା ଷ୍ଟେଜ୍‌କୁ ଭଲଭାବେ ରେକର୍ଡିଂ କରାଯାଇପାରୁଥିବ। ଏହି କ୍ୟାମେରା ୨୪ଘଣ୍ଟା ଚାଲୁ ରହିବ। ସେଥିରେ କୌଣସି ପ୍ରକାରର ଟ୍ୟାମ୍ପରିଂ କରାଯିବ ନାହିଁ। ସିସିଟିଭି କ୍ୟାମେରାର ହାର୍ଡଡିସ୍କରେ ଅତିକମ୍‌ରେ ୩ ମାସର ରେକର୍ଡିଂ ରହିବାର ସୁବିଧା ଥିବା ଆବଶ୍ୟକ। ସିସିଟିଭି ଫୁଟେଜ୍‌ର ରେକର୍ଡିଂକୁ ସ୍ଥାନୀୟ ଥାନା ଅଧିକାରୀ ଓ ଅବକାରୀ ଥାନା ଅଫିସରଙ୍କ ନିକଟରେ ଉପଲବ୍ଧ କରାଯିବ। ଯଦି କୌଣସି କାରଣରୁ ☞ ପୃଷ୍ଠା-୮

# ଓଡ଼ିଶାରେ ୩ ପ୍ରକଳ୍ପର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୨୯।୧୦(ଅନିଲ ଦାସ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଭିଡିଓ କନ୍‌ଫରେନ୍ସ ଜରିଆରେ ଓଡ଼ିଶାରେ ୩ଟି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ ଭୁବନେଶ୍ୱର ନିକଟସ୍ଥ ଗୋଠପାଟଣାଠାରେ ସେଣ୍ଟ୍ରାଲ ଡ୍ରଗ୍ସ ଟେଷ୍ଟିଂ ଲାବୋରେଟୋରିର ଉଦ୍‌ଘାଟନ କରିଥିବା ବେଳେ ଖୋର୍ଦ୍ଧା ଜିଲା ବିଞ୍ଝଗିରିଠାରେ କେନ୍ଦ୍ରୀୟ ଯୋଗ ଓ ପ୍ରାକୃତିକ ଚିକିତ୍ସା ଅନୁସନ୍ଧାନ ପ୍ରତିଷ୍ଠାନର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହିତ ବରଗଡ଼ରେ ଏକ କ୍ରିଟିକାଲ୍ କେୟାର ସେଣ୍ଟର ମଧ୍ୟ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଗୋଠପାଟଣାଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ ଯୋଗୁ ଓଡ଼ିଶାରେ ଏକ ଅନ୍ତର୍ଜାତୀୟ ମାନର ଭେଷଜ ପରୀକ୍ଷା ପ୍ରୟୋଗଶାଳା ସ୍ଥାପିତ ହୋଇପାରିଛି। ଏହି ପ୍ରୟୋଗଶାଳା ☞ ପୃଷ୍ଠା-୮

## ରାଜ୍ୟରେ ଖୁବ୍ ଶୀଘ୍ର ଲାଗୁହେବ ‘ଆୟୁଷ୍ମାନ ଭାରତ’: ମୁଖ୍ୟମନ୍ତ୍ରୀ

**ଆଜିର ସମ୍ପାଦକୀୟ**

**ଲେଖକ ଲେଖନ୍ତୁ**








A quality product from
PAN BAHAR
ଯେବେ ମନରେ
ଥାଏ ବାହାର
ତେବେ ଦୀପାବଳି ହୁଏ
ଧମାକାଦାର ।
NEW PACK
ASHOK & CO.- PAN BAHAR LTD.
BAHAR
THE HERITAGE
PAN MASALA
ହର୍ଷୋଲ୍ଲାସରେ ଭରପୂର ଦୀପାବଳି
NO TOBACCO NICOTINE
CHEWING OF PAN MASALA IS INJURIOUS TO HEALTH. NOT FOR MINORS

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୩୦/୨୦୨୪ | Bhubaneswar, Wednesday, October 30/2024 | ପୃଷ୍ଠା-୧



ଦୀପାବଳି ପୂର୍ବରୁ ଜଣେ ବ୍ୟକ୍ତି ଡଙ୍ଗାରେ ଯାଇ ଭୋପାଳର ଏକ ପୁଷ୍କରିଣୀରୁ କଇଁଫୁଲ ତୋଳୁଛନ୍ତି ।

# ରୋଗୀଙ୍କୁ ଅଚେତ କରାଇ ଡାକ୍ତରଙ୍କ ବଳାତ୍କାର

**କୋଲକାତା,୨୯।୧୦**

କୋଲକାତାର ଆର୍.ଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ପରେ ହତ୍ୟା ଘଟଣା ସାରା ଦେଶରେ ହଇଚଇ ସୃଷ୍ଟି କରିଥିଲା । ଏହି ଘଟଣାରେ ମୃତା ଡାକ୍ତରଙ୍କ ପରିବାରକୁ ନ୍ୟାୟ ଦାବିରେ ୨ ମାସରୁ ଊର୍ଦ୍ଧ୍ୱ ସମୟ ଧରି ପଶ୍ଚିମବଙ୍ଗରେ ଆନ୍ଦୋଳନ ଜାରି ରହିଥିଲା । ଏବେ ପୁଣିଥରେ ଏହି ରାଜ୍ୟ ଚର୍ଚ୍ଚାକୁ ଆସିଛି । ଏଥର ଜଣେ ଡାକ୍ତର ତାଙ୍କ ପାଖକୁ ଚିକିତ୍ସା ହେବା ପାଇଁ ଯାଇଥିବା ମହିଳା ରୋଗୀଙ୍କୁ ବଳାତ୍କାର କରିଛନ୍ତି । କେବଳ ସେତିକିରେ ଡାକ୍ତରଙ୍କ ବର୍ବରତା ଶେଷ ହୋଇନାହିଁ, ସେ ମହିଳାଙ୍କ ଅସଂଯତ ଅବସ୍ଥାର ଫଟୋ ଉଠାଇ ତାଙ୍କୁ ବ୍ଲାକ୍‌ମେଲ୍ କରିବା ସହ ଏକାଧିକ ଥର ବଳାତ୍କାର କରିଛନ୍ତି ।

ଉତ୍ତର ୨୪ ପ୍ରଗଣା ଜିଲା ଅନ୍ତର୍ଗତ ହସ୍‌ନାବାଦରେ ଏହି ଘଟଣା ଘଟିଛି । ଡାକ୍ତର ଜଣକ ମହିଳା ରୋଗୀଙ୍କୁ ଟ୍ରାଙ୍କୁଲାଇଜିଂ ସିରମ୍ ଇଞ୍ଜେକ୍ସନ ଦେଇ ଅଚେତ କରାଇବା ପରେ ବଳାତ୍କାର କରିଥିବା କରିଥିଲେ । ପୀଡ଼ିତା ଓ ତାଙ୍କ ସ୍ୱାମୀଙ୍କ ଅଭିଯୋଗକ୍ରମେ ପୋଲିସ ଅଭିଯୁକ୍ତ ଡାକ୍ତରଙ୍କୁ ମଙ୍ଗଳବାର ଗିରଫ କରିଛି ।

ଅଭିଯୋଗ ଅନୁଯାୟୀ କିଛିଦିନ ପୂର୍ବରୁ ମହିଳାଙ୍କ ସ୍ୱାମୀ ରାଜ୍ୟ ବାହାରକୁ କୌଣସି କାମରେ ଯାଇଥିଲେ । ଏହି ସମୟରେ ମହିଳା ଜଣକ ଚିକିତ୍ସା ପାଇଁ ସମ୍ପୃକ୍ତ ଡାକ୍ତରଙ୍କ ପାଖକୁ ଯାଇଥିଲେ । ଡାକ୍ତର ମହିଳାଙ୍କୁ ପ୍ରଥମେ ଅଚେତ କରାଇବା ପରେ ବଳାତ୍କାର କରିଥିଲେ । ଅଚେତ ଥିବା ମହିଳାଙ୍କ ଅସଂଯତ ଅବସ୍ଥାର କେତେକ ଫଟୋ ମଧ୍ୟ ଡାକ୍ତର ଉଠାଇଥିଲେ । ଉକ୍ତ ଫଟୋକୁ ଦେଖାଇ ସେ ପୀଡ଼ିତାଙ୍କୁ ବ୍ଲାକ୍‌ମେଲ୍ କରିବା ସହ ସେଗୁଡ଼ିକୁ ସୋସିଆଲ ମିଡିଆରେ ଭାଇରାଲ କରିଦେବେ ବୋଲି ଧମକ ଦେଇଥିଲେ । ଏହିଭଳି ଭୟଭୀତ କରାଇ ସେ ମହିଳାଙ୍କୁ ଏକାଧିକ ଥର ବଳାତ୍କାର କରିବା ସହ ତାଙ୍କଠାରୁ ୪ ଲକ୍ଷ ଟଙ୍କା ନେଇଯାଇଥିଲେ । ସମାଜରେ ସମ୍ମାନହାନି ହେବା ଡରରେ ମହିଳା ଜଣକ ଏହି କଥା କାହାକୁ କହିପାରୁ ନ ଥିଲେ । ☞ପୃଷ୍ଠା-୮

ti THAPAR INSTITUTE OF ENGINEERING & TECHNOLOGY (Deemed to be University)

CONVOCATION 2024

Monday, 4th November, 2024

Students who have graduated during the year 2024 are invited to receive Degrees in person during **November 4th - 6th, 2024.**

DISTINGUISHED ALUMNUS AWARDEE
Shri Manoj Ahuja, IAS
Chief Secretary, Government of Odisha

GUEST OF HONOUR
Shri S. Krishnan, IAS
Secretary, Government of India
Ministry of Electronics & Information Technology (MeitY)

Shri R. R. Vederah, Chairman, Board of Governors, TIET will preside over the ceremony.

Session wise schedule is available on the website **www.thapar.edu**

RANKINGS & ACCREDITATIONS
NAAC A+ Accredited A+ by NAAC | nirf #29 Engineering Category (2024) | nirf #29 University Category (2024) | ABET Accredited programmes | NBA Accredited programmes

Thapar Institute of Engineering & Technology, Patiala (Punjab)
(Deemed to be University)

## ଜେଲ୍‌ରେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ

**ବରଗଡ଼,୨୯।୧୦**
**(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଉପକାରାଗାରରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଖାରବନ୍ଧ ଥାନା ଜାମପାଲିଗ୍ରାମର ନୃପତ ସାହୁ(୨୬) । ତାଙ୍କ ମୃତ୍ୟୁର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଅନ୍ୟପଟେ ଏ ନେଇ ଭାରପ୍ରାପ୍ତ କାରାଗାର ଅଧୀକ୍ଷକ ଲିଙ୍ଗରାଜ ସାମଲଙ୍କୁ ପଚାରିବାରୁ ସେ କହିଛନ୍ତି, ମୃତକ ଜଣଙ୍କ ସୋମବାର କାରାଗାରକୁ ଆସିଥିଲେ । ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୬ଟାରେ କାରାଗାର ପାଇଖାନାରେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ସେଠାରୁ ତାଙ୍କୁ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା ଏବଂ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

ପ୍ରକାଶ ଯେ, ଖାରବନ୍ଧ ଥାନା ପୋଲିସ ନୃପତଙ୍କୁ ପୋକ୍ସୋ ଆକ୍ଟରେ ସୋମବାର ଗିରଫ କରି ବରଗଡ଼ କୋର୍ଟକୁ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ☞ପୃଷ୍ଠା-୮

# ଘଷିରେ ହେବ ଶବଦାହ

**ଭୁବନେଶ୍ୱର/ପୁରୀ,୨୯।୧୦**
**(ଅନିଲ ଦାସ/ ଅଜିତ୍ କୁମାର ମହାନ୍ତି)**

ସ୍ୱର୍ଗଦ୍ୱାରରେ କାଠ ବଦଳରେ ଗୋବର ଘଷିରେ ଶବଦାହ କରାଯିବ । ଏ ନେଇ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଯୋଜନା ପ୍ରସ୍ତୁତ କରୁଛି । ଏଥିପାଇଁ ପ୍ରାରମ୍ଭିକ ଆଲୋଚନା ହୋଇଛି । ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହି ସୂଚନା ଦେଇଛନ୍ତି ।

ମନ୍ତ୍ରୀ କହିଛନ୍ତି, ଗୋଟିଏ ଶବଦାହ ପାଇଁ ପ୍ରାୟ ୨୩୦ କିଲୋ ଘଷିର ଆବଶ୍ୟକତା ପଡ଼ିବ । ହିନ୍ଦୁ ଶାସ୍ତ୍ର ଅନୁଯାୟୀ ଗୋବରକୁ ପବିତ୍ର କୁହାଯାଏ । ଶବଦାହରେ ଏହାକୁ ବ୍ୟବହାର କରାଯିବ । ସ୍ୱର୍ଗଦ୍ୱାର କମିଟି, ବିଭିନ୍ନ ସାମାଜିକ ଅନୁଷ୍ଠାନ, ଗୋଶାଳା କରିଥିବା ବ୍ୟକ୍ତିଙ୍କ ସହ ଏ ନେଇ ଆଲୋଚନା ଓ ବିଚାରବିମର୍ଶ କରି ସରକାର ପଦକ୍ଷେପ ନେବେ । ଜଙ୍ଗଲ କ୍ଷୟ, ପରିବେଶ ପ୍ରଦୂଷଣ ରୋକିବା ଏବଂ ଗୋ ବଂଶ ବୃଦ୍ଧିଦିଗରେ



ଏହା ସହାୟକ ହେବ । ଏଥିସହିତ ଗ୍ରାମାଞ୍ଚଳର ଆର୍ଥିକ ଅଭିବୃଦ୍ଧି ସହ ଏଭଳି ପଦକ୍ଷେପ ଚାଷୀମାନଙ୍କୁ ଗୋପାଳନ ପାଇଁ ପ୍ରୋତ୍ସାହନ ଯୋଗାଇବ । ଗୋ ସୁରକ୍ଷା, ଗୋ ମୂତ୍ର ଓ ଗୋବରର ସଦୁପଯୋଗ କ୍ଷେତ୍ରରେ ବିଚାରବିମର୍ଶ ପାଇଁ କମିଟି ଗଠିତ ହେବ । ଉପ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯିବ । ଏଥିରେ ୫ ଜଣ ମନ୍ତ୍ରୀ ଓ ୫ ଜଣ ସଚିବ ସଦସ୍ୟ ରହିବେ । ରାଜ୍ୟ ସରକାର ଗୋପାଳନକୁ ପ୍ରୋତ୍ସାହନ ଦେବା ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆରମ୍ଭ କରିଛନ୍ତି । ଏଥିପାଇଁ ୧୪୨୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏହି ଯୋଜନାରେ ଗୋସୁରକ୍ଷା, ଗୋଶାଳା ବୃଦ୍ଧି, ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି ।

ଶବଦାହ ପାଇଁ ଶହ ଶହ କୁଇଣ୍ଟାଲ କାଠ ଆବଶ୍ୟକ ପଡୁଛି । ଏଥିପାଇଁ ଗଛ କଟା ଯାଉଥିବା ବେଳେ ପରିବେଶ ମଧ୍ୟ ପ୍ରଦୂଷିତ ହେଉଛି । ଅନେକ ସମୟରେ କାଠର ଘୋର ଅଭାବ ଦେଖାଦେଉଛି । ଏଥିରୁ ମୁକୁଳିବା ପାଇଁ ରାଜ୍ୟ ସରକାର ଗୋବର ଘଷିର ସାହାରା ନେବାକୁ ଯୋଜନା କରୁଛନ୍ତି । ତେବେ ଏହା କେତେଦୂର ସଫଳ ହେବ ତାହା ଆଗାମୀ ଦିନରେ ଜଣାପଡ଼ିବ ।

ସ୍ୱର୍ଗଦ୍ୱାରରେ କାଠ ବଦଳରେ ଘଷିରେ ଶବଦାହ ହେବା ପ୍ରସଙ୍ଗକୁ ନେଇ ପୁରୀରେ ଭିନ୍ନ ଭିନ୍ନ ମତପ୍ରକାଶ ପାଇଛି । ଏନେଇ ଶବଦାହକ ଧୀରୁ ନାୟକ କହିଛନ୍ତି, କାଠ ପରିବର୍ତ୍ତେ ଘଷିର ବ୍ୟବହାର କଲେ ବହୁ ସମସ୍ୟା ଦେଖାଯିବ । ☞ପୃଷ୍ଠା-୮

# ‘ମୁଁ ସାଧ୍ୱୀ ନୁହେଁ’: ଜୟା

## ୨ ଲକ୍ଷ ଟଙ୍କାର ଲେଦର ବ୍ୟାଗ୍ ବ୍ୟବହାରକୁ ନେଇ ହୋଇଥିଲେ ଟ୍ରୋଲ୍

**କୋଲକାତା,୨୯।୧୦**



ଜୟା କିଶୋରୀ

ଆଧ୍ୟାତ୍ମିକ ବକ୍ତା ଜୟା କିଶୋରୀଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା, ଯେଉଁଥିରେ ତାଙ୍କୁ ଡିଓର ବ୍ରାଣ୍ଡର ଏକ ଦାମୀ ଡିଜାଇନର ଲେଦର ବ୍ୟାଗ୍ ଦେଖିବାକୁ ମିଳିଥିଲା । ଉକ୍ତ ବ୍ୟାଗ୍ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ହୋଇଥିବା ସହ ଏହା ପଶୁ ଚମଡ଼ାରେ ନିର୍ମିତ ହୋଇଥିବା ଦର୍ଶାଇ ବହୁ ୟୁଜର୍ସ ସୋସିଆଲ ମିଡିଆରେ ତାଙ୍କୁ ଟ୍ରୋଲ୍ କରିଥିଲେ । ମଙ୍ଗଳବାର ଏନେଇ ଏକ ଗଣମାଧ୍ୟମକୁ ସାକ୍ଷାତ୍କାର ଦେଇ ଜୟା ନିଜ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି, ସବୁବେଳେ ସନାତନ ଧର୍ମକୁ ଟାର୍ଗେଟ କରାଯାଇଥାଏ । ଏଥର ମଧ୍ୟ ଠିକ୍ ସେପରି ହୋଇଛି । ଭାଇରାଲ ଭିଡିଓରେ ତାଙ୍କ ସହ ଥିବା ବ୍ୟାଗ୍‌ଟି ଲେଦର ମ୍ୟାଟେରିଆଲର ନୁହେଁ । ଏହା ଏକ କଷ୍ଟମାଇଜଡ୍ ବ୍ୟାଗ୍ । ସେ କେବେ ମଧ୍ୟ ଲେଦର ମ୍ୟାଟିରିଆଲର କୌଣସି ବସ୍ତୁକୁ ବ୍ୟବହାର କରନ୍ତି ନାହିଁ ବୋଲି ଜୟା କହିଛନ୍ତି । ଜୟା ଆହୁରି କହିଛନ୍ତି, ସେ କୌଣସି ସାଧ୍ୱୀ ନୁହନ୍ତି । ଅନ୍ୟମାନଙ୍କ ପରି ସେ ମଧ୍ୟ ଜଣେ ସାଧାରଣ ଝିଅ । ସେ ନିଜ ପରିବାର ସହ ରୁହନ୍ତି । ଯେତେବେଳେ କୌଣସି ଜିନିଷ ବା ବସ୍ତୁ ପସନ୍ଦ ଆସିଥାଏ ଅନ୍ୟମାନଙ୍କ ପରି ସେ ମଧ୍ୟ ତାହା କିଣିବାକୁ ପସନ୍ଦ କରିଥାନ୍ତି । ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ତାଙ୍କୁ ଶୁଣିବାକୁ ଆସୁଥିବା ଦର୍ଶକଙ୍କୁ ସବୁକିଛି ତ୍ୟାଗ କରିବାକୁ ସେ କେବେ ମଧ୍ୟ କୁହନ୍ତି ନାହିଁ । ବରଂ ଯୁବପୀଢ଼ିଙ୍କୁ କଠିନ ପରିଶ୍ରମ କରିବା ସହ ରୋଜଗାର କରି ନିଜର ସ୍ୱପ୍ନ ପୂରଣ କରିବାକୁ ସେ ସବୁବେଳେ ପ୍ରୋତ୍ସାହିତ କରିଥାନ୍ତି ବୋଲି ଜୟା ଏହି ସାକ୍ଷାତ୍କାରରେ କହିଛନ୍ତି ।

ସତ୍ୟମେବ ଜୟତେ

ବାର୍ତ୍ତା



ଭାରତବର୍ଷର ଅନ୍ୟାନ୍ୟ ରାଜ୍ୟ ଭଳି ଆମ ରାଜ୍ୟରେ ମଧ୍ୟ ଅକ୍ଟୋବର ୩୦ ତାରିଖକୁ ଆମେ **ବିଶ୍ୱ ମିତବ୍ୟୟିତା ଦିବସ** ରୂପେ ପାଳନ କରିଆସୁଛୁ । ଏହି ଅବସରରେ ଓଡ଼ିଶାବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ପ୍ରାଚୀନ ଯୁଗରୁ ଆରମ୍ଭ କରି ସାମ୍ପ୍ରତିକ ସମୟରେ ମଧ୍ୟ ମନୁଷ୍ୟ ଜୀବନରେ ମିତବ୍ୟୟିତା ଓ ସଞ୍ଚୟର ଆବଶ୍ୟକତା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଆୟ ଓ ବ୍ୟୟ ମଧ୍ୟରେ ଯଥାସମ୍ଭବ ସନ୍ତୁଳନ ରକ୍ଷା କରି ସୁଚିନ୍ତିତ, ଯୋଜନାବଦ୍ଧ ସଞ୍ଚୟ ଏକ ବୃହତ୍ତର ପାଣ୍ଠି ଗଠନ କରିବାରେ ବିଶେଷ ସହାୟକ ହୋଇଥାଏ, ଯାହା ପରବର୍ତ୍ତୀ ସମୟରେ ବ୍ୟକ୍ତିକୁ ଆର୍ଥିକ ନିରାପତ୍ତା ପ୍ରଦାନ କରିଥାଏ । ମିତବ୍ୟୟିତା ଅବଲମ୍ବନ ପୂର୍ବକ ନିୟମିତ ସଞ୍ଚୟ ମାଧ୍ୟମରେ ଆର୍ଥିକ ସ୍ୱାବଲମ୍ବନତା ହାସଲ କରିବା ଆଜିର ଦିନରେ ସମସ୍ତଙ୍କର ସଂକଳ୍ପ ହେଉ । ଆମ ସମସ୍ତଙ୍କର ମିଳିତ ସହଯୋଗ, ନିଷ୍ଠାପର ଓ ଅବିରତ ଉଦ୍ୟମ ଦ୍ୱାରା ବିଶ୍ୱ ମିତବ୍ୟୟିତା ଦିବସ ପାଳନର ଉଦ୍ଦେଶ୍ୟ ସାଧିତ ହେବ ବୋଲି ମୋର ଆଶା ଓ ବିଶ୍ୱାସ ।

ଏହି ଅବସରରେ ମୁଁ ଆମ ରାଜ୍ୟ ତଥା ସମସ୍ତ ରାଜ୍ୟବାସୀଙ୍କର ସମୃଦ୍ଧି କାମନା କରୁଛି ।

(ରଘୁବର ଦାସ)

DSPL-171

ଓଡ଼ିଶା ସରକାର



ବିଶ୍ୱ ମିତବ୍ୟୟିତା ଦିବସ ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

**ବିଶ୍ୱ ମିତବ୍ୟୟିତା ଦିବସ** ଉପଲକ୍ଷେ ଓଡ଼ିଶାର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ସୁରକ୍ଷିତ ଜୀବନଯାପନ ପାଇଁ ଅପବ୍ୟୟ ଓ ଅପଚୟମୁକ୍ତ ତଥା ଶୃଙ୍ଖଳିତ ଆର୍ଥିକ ସୁପରିଚାଳନା ଏକାନ୍ତ ଆବଶ୍ୟକ, ଏଥିପାଇଁ ଦୈନନ୍ଦିନ ଜୀବନରେ ଆମ ସମସ୍ତଙ୍କୁ ମିତବ୍ୟୟିତା ଅବଲମ୍ବନ କରିବାକୁ ପଡିବ ।

ମିତବ୍ୟୟିତା ଓ ଉପଲବ୍ଧ ସମ୍ବଳର ସୁବିନିଯୋଗ ନିୟମିତ ସଞ୍ଚୟକୁ ସହଜସାଧ୍ୟ କରିଥାଏ, ଯାହା ଆମକୁ ଏକ ସ୍ୱଚ୍ଛଳ ଏବଂ ସୁରକ୍ଷିତ ଭବିଷ୍ୟତ ପ୍ରଦାନ ପାଇଁ ବିଶେଷ ସହାୟକ ହୋଇଥାଏ । କୌଣସି ଆକସ୍ମିକ ଜରୁରୀ ଆବଶ୍ୟକତା ପୂରଣ କିମ୍ବା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ ପାଇଁ ଆବଶ୍ୟକ ଅର୍ଥରାଶି ଯୋଗାଡ କରିବା ସମୟରେ ଆମର ମିତବ୍ୟୟିତା ଓ ସଞ୍ଚୟ ହିଁ ବିପଦର ବନ୍ଧୁ ଭଳି କାର୍ଯ୍ୟ କରିଥାଏ ।

ଅତି କମ୍ ସମୟରେ ଅଧିକ ଅର୍ଥପ୍ରାପ୍ତି ଲାଳସାରେ କୌଣସି ଅଣସ୍ୱୀକୃତିପ୍ରାପ୍ତ ଅର୍ଥଲଗାଣକାରୀ ସଂସ୍ଥାରେ ଅର୍ଥ ନିବେଶ କରି ପ୍ରତାରଣାର ଶିକାର ନ ହେବା ପାଇଁ ମୁଁ ସମସ୍ତ ରାଜ୍ୟବାସୀଙ୍କୁ ଅନୁରୋଧ କରୁଛି ।

ଡାକଘର ଓ ବିଭିନ୍ନ ବାଣିଜ୍ୟିକ ବ୍ୟାଙ୍କ୍‌ରେ ଉପଲବ୍ଧ ହେଉଥିବା ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା ସମେତ ଅନ୍ୟାନ୍ୟ ସମସ୍ତ ଆର୍ଥିକ ସେବାଗୁଡ଼ିକର ସଦୁପଯୋଗ କରି ନିଜର ତଥା ରାଜ୍ୟର ସମୃଦ୍ଧିକୁ ସୁନିଶ୍ଚିତ କରିବା ପାଇଁ ମୋର ଆପଣମାନଙ୍କୁ ନିବେଦନ ।

ଏହି ଅବସରରେ ମୁଁ ସମସ୍ତ ରାଜ୍ୟବାସୀଙ୍କ ସ୍ୱଚ୍ଛଳ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ,ଓଡ଼ିଶା

OIPR-05001/13/0005/2425




# ଇସ୍କନ ମୁଖ୍ୟଙ୍କ ସହ ଆଲୋଚନା କରାଯିବ: ମନ୍ତ୍ରୀ ହରିଚନ୍ଦନ

**ଭୁବନେଶ୍ୱର, ୨୯।୧୦ (ବନ୍ଦନା ସେଠୀ)**

ଆମେରିକାରେ 'ଇସ୍କନ' ପକ୍ଷରୁ ଅଦିନିଆ ରଥଯାତ୍ରା ଆୟୋଜନକୁ ବିରୋଧ ତେଜିବାରେ ଲାଗିଛି। ଏ ନେଇ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ମଙ୍ଗଳବାର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଭେଟି ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଏହି ପ୍ରସଙ୍ଗକୁ ଗୁରୁତ୍ୱର ସହ ନେବା ସହିତ ଇସ୍କନ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରାଯିବ ବୋଲି ମନ୍ତ୍ରୀ ହରିଚନ୍ଦନ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ହିନ୍ଦୁ ଧର୍ମରେ ବିଶ୍ୱାସ ରଖୁଥିବା ସମସ୍ତ ବ୍ୟକ୍ତି କିପରି ଏହି ନିୟମକୁ ପାଳନ କରିବେ ସେ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଇସ୍କନର ଭାରତରେ ଥିବା

**ଅଦିନିଆ ରଥଯାତ୍ରା ପ୍ରସଙ୍ଗ**

ମୁଖ୍ୟମାନଙ୍କ ସହିତ ଆଲୋଚନା କରାଯିବ ବୋଲି ଆଇନ୍ ମନ୍ତ୍ରୀ ସୂଚନା ଦେଇଛନ୍ତି।

ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦର ସଭାପତି ତଥା ପୂର୍ବତନ ବିଧାୟିକା ସଞ୍ଜିତା ମହାନ୍ତିଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆଇନ୍‌ମନ୍ତ୍ରୀଙ୍କ ନେତୃତ୍ୱରେ ପ୍ରତିବାଦପତ୍ର ପ୍ରଦାନ କରାଯାଇଛି। ସମଗ୍ର ବିଶ୍ୱରେ ଶ୍ରୀକ୍ଷେତ୍ରରେ ନିର୍ଦ୍ଦିଷ୍ଟ ତିଥିରେ ମହାପ୍ରଭୁଙ୍କର ସମସ୍ତ ପର୍ବପର୍ବାଣୀ ପାଳନ ହେଉଥିବା ଦିନକୁ ଗ୍ରହଣ କରାଯାଉଥିବାବେଳେ ଆମେରିକାର ବୋଷ୍ଟନସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର କର୍ତ୍ତୃପକ୍ଷଙ୍କ ଏଭଳି ନିଷ୍ପତ୍ତି ଭ୍ରମାତ୍ମକ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତି ତଥା ସନାତନୀ ହିନ୍ଦୁମାନଙ୍କ ଧାର୍ମିକ ଓ ସାଂସ୍କୃତିକ ବିଚାର ପ୍ରତି କୁଠାରାଘାତ କରୁଛି ବୋଲି ପ୍ରତିବାଦ ପତ୍ରରେ ଉଲ୍ଲେଖ ରହିଛି। ସେହିପରି ଆଇନ୍‌ମନ୍ତ୍ରୀଙ୍କୁ ଦିଆଯାଇଥିବା ପ୍ରତିବାଦପତ୍ରର ଏକ ନକଲ ଭୁବନେଶ୍ୱର ଇସ୍କନ ମନ୍ଦିରର ଲୋକସମ୍ପର୍କ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିବା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ବୋଷ୍ଟନଠାରେ ନଭେମ୍ବର ୩ରେ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା ଓ ୯ରେ ରଥଯାତ୍ରା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହାକୁ ବିଭିନ୍ନ ମହଲରୁ ନିନ୍ଦା ଓ ବିରୋଧ କରାଯାଉଛି।

# ଖୋଲିଲା ଶିମିଳିପାଳ

**ବାରିପଦା,୨୯।୧୦ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ବାତ୍ୟା 'ଦାନା' ପରେ ପ୍ରକୃତିପ୍ରେମୀଙ୍କ ପାଇଁ ମଙ୍ଗଳବାରଠାରୁ ଶିମିଳିପାଳ ଅଭୟାରଣ୍ୟ ଖୋଲିଛି। ବାତ୍ୟା ଯୋଗୁ ଗତ ୨୩ରୁ ୨୮ ତାରିଖ ପର୍ଯ୍ୟନ୍ତ ଶିମିଳିପାଳ ବନ୍ଦ ରଖାଯାଇଥିଲା। ବର୍ଷାରେ ନଷ୍ଟ ହୋଇଥିବା ରାସ୍ତାର ମରାମତି ପାଇଁ ବାରିପଦା ଦେଇ ପିଠାବଟା ତନଖି ଫାଟକ ପଟୁ ପର୍ଯ୍ୟଟକଙ୍କ ପ୍ରବେଶ ବନ୍ଦ କରାଯାଇଛି। କେବଳ ଯଶୀପୁର ପଟୁ କାଳିଆଣି ତନଖି ଫାଟକ ଦେଇ ପର୍ଯ୍ୟଟକମାନେ ପ୍ରବେଶ କରିବେ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ.ପ୍ରକାଶ ଚାନ୍ଦ ଗୋଗିନେନି ବିଜ୍ଞପ୍ତି ପ୍ରକାଶ କରିଛନ୍ତି।

# ସନ୍ଧ୍ୟା ୭ରୁ ରାତି ୯ ମଧ୍ୟରେ ବାଣ ଫୁଟାଇବାକୁ ଅନୁମତି

**ଭୁବନେଶ୍ୱର, ୨୯।୧୦ (ବନ୍ଦନା ସେଠୀ)**

ଆଲୋକର ପର୍ବ ଦୀପାବଳିକୁ ସୁରକ୍ଷିତ ଭାବେ ପାଳନ କରିବା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ମଙ୍ଗଳବାର ଗାଇଡ୍‌ଲାଇନ ଜାରି କରାଯାଇଛି। ଦୀପାବଳିରେ ସନ୍ଧ୍ୟା ୭ଟାରୁ ରାତି ୯ଟା ମଧ୍ୟରେ ବାଣ ଫୁଟାଇବାକୁ ଅନୁମତି ଦିଆଯାଇଛି। ସେହିପରି ୧୨୫ ଡେସିବଲ୍‌ରୁ ଅଧିକ ଶବ୍ଦ ସୃଷ୍ଟିକାରୀ ବାଣ ଫୁଟାଇବା ଉପରେ କଟକଣା ଜାରି ହୋଇଛି। ପାର୍କ, ସାଇଲେନ୍ସ ଜୋନ୍‌ରେ ବାଣ ଫୁଟାଇବାକୁ ବାରଣ କରାଯାଇଛି। ଏଥିସହିତ ହସ୍ପିଟାଲ, ଶିକ୍ଷାନୁଷ୍ଠାନ, ଧାର୍ମିକ

**ଦୀପାବଳି ପାଇଁ ଗାଇଡ୍‌ଲାଇନ୍ ଜାରି କଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ**

ଅନୁଷ୍ଠାନ ଓ କୋର୍ଟଠାରୁ ୧୦୦ ମିଟର ଭିତରେ ବାଣ ଫୁଟାଇବାକୁ ଗାଇଡ୍‌ଲାଇନ୍‌ରେ ବାରଣ କରାଯାଇଛି। କେବଳ ଖୋଲା ସ୍ଥାନରେ ସବୁଜ ବାଣ ଫୁଟାଇବାକୁ ଅନୁମତି ଦିଆଯାଇଛି। ବସ୍ତି ସହ ରାସ୍ତା ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ବାଣଫୁଟାକୁ ବାରଣ କରାଯାଇଛି। ସେହିପରି ୧୦ ବର୍ଷରୁ କମ୍ ବୟସର ପିଲାଙ୍କୁ ଶବ୍ଦଯୁକ୍ତ ବାଣ ଦେବା, ବେରିୟମ ଓ କେମିକାଲ୍‌ଯୁକ୍ତ ବାଣ ବିକ୍ରି ଏବଂ ବ୍ୟବହାରକୁ ବାରଣ କରାଯାଇଛି।

# ଗାଁ ଦାଣ୍ଡରେ ବୁଲିଲା ଦନ୍ତା



**ମୋରଡ଼ା,୨୯।୧୦(ସ୍ମାରକ ମାଜୀ)**

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜ ଅନ୍ତର୍ଗତ ନଳଗଜା ପଞ୍ଚାୟତର କୁଳିପାଳ ଗାଁରେ ହାତୀ ଆତଙ୍କ ଦେଖିବାକୁ ମିଳିଛି। ମଙ୍ଗଳବାର ସକାଳେ ଶିମିଳିପାଳରୁ ଆସିଥିବା ଏକ ଦନ୍ତାହାତୀ କୁଳିପାଳ ଛକ ହୋଇ ନଳଗଜା ମୁଖ୍ୟରାସ୍ତା ଦେଇ ଗାଁକୁ ପ୍ରବେଶ କରିଥିଲା। ରାସଗୋବିନ୍ଦପୁର ବନାଞ୍ଚଳ ଅଧିକାରୀ ଘନଶ୍ୟାମ ସିଂଙ୍କ ସୂଚନା ଅନୁଯାୟୀ, କୁଳିପାଳ ଜଙ୍ଗଲରେ ୯ ଟିକିଆ ହାତୀପଲ ରହିଥିବା ବେଳେ ଉକ୍ତ ଦନ୍ତାଟି ଗୋଠରୁ ବାହାରି ଖାଦ୍ୟ ଅନ୍ୱେଷଣରେ ଗାଁ ଭିତରେ ପ୍ରବେଶ କରିଥିଲା। ମାତ୍ର ଏହା କାହାର କୌଣସି କ୍ଷୟକ୍ଷତି ଘଟାଇନାହିଁ। ତେବେ ଖବର ଲେଖାହେବା ବେଳକୁ ଉକ୍ତ ଅଞ୍ଚଳରେ ଘୂରିବୁଲି ସାରୁମୂଳା ଜଙ୍ଗଲରେ ଥିବା ସୂଚନା ମିଳିଛି।

# ଅନୁଭୂତ ହେବ ଶୀତ, ପଡ଼ିବ କୁହୁଡ଼ି

**ଭୁବନେଶ୍ୱର,୨୯।୧୦ (ଅନୁରାଧା ମହାରଣା)**

କେନ୍ଦ୍ରୀୟ ଭାରତରେ ବୁଧବାର ସୁଦ୍ଧା ଏକ ଗୁରୁଚାପ ବଳୟ ସକ୍ରିୟ ହୋଇପାରେ। ଏହା ପରଠାରୁ ରାଜ୍ୟ ବାୟୁମଣ୍ଡଳରେ ଗତ କିଛିଦିନ ହେଲା ସକ୍ରିୟ ଥିବା ଘୂର୍ଣ୍ଣିବଳୟ ଦୁର୍ବଳ ହେବ। ଏଥିସହ ନଭେମ୍ବର ଆରମ୍ଭରୁ ରାଜ୍ୟରେ ଶୀତ ବଢ଼ିପାରେ। ସେହିପରି ବୁଧବାର ରାଜଧାନୀ ଭୁବନେଶ୍ୱର ସମେତ କଟକ, ଭଦ୍ରକ, ଢେଙ୍କାନାଳ, ଯାଜପୁର, କେନ୍ଦୁଝର, ଅନୁଗୋଳ, ନୟାଗଡ଼, କନ୍ଧମାଳ, ଗଜପତି, ରାୟଗଡ଼ା, ନବରଙ୍ଗପୁର, ଦେବଗଡ଼, ଗଞ୍ଜାମ ଓ ମାଲକାନଗିରି ଜିଲାର କିଛି ସ୍ଥାନରେ କୁହୁଡ଼ି ପଡ଼ିବାର ସମ୍ଭାବନା ରହିଛି। ଅନ୍ୟପଟେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ଅନୁଗୋଳ, ଢେଙ୍କାନାଳ, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, ବଲାଙ୍ଗୀର, ନୂଆପଡ଼ା, କୋରାପୁଟ ଓ ରାୟଗଡ଼ା ଆଦି ଜିଲାରେ ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ଥିବାରୁ ସମ୍ପୃକ୍ତ ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁସାରେ, ଦକ୍ଷିଣ ଓଡ଼ିଶା ସମେତ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳବର୍ତ୍ତୀ ଅଞ୍ଚଳରେ ସମୁଦ୍ର ପତ୍ତନଠାରୁ ୫.୮ କି.ମି. ଉର୍ଦ୍ଧ୍ୱରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଥିବାବେଳେ କ୍ରମଶଃ ଦକ୍ଷିଣପଶ୍ଚିମ ଦିଗରେ ଅଗ୍ରସର ହେଉଛି। ଏହି ଘୂର୍ଣ୍ଣିବଳୟ ଜଳୀୟବାଷ୍ପକୁ ଧରି ରଖୁଥିବାରୁ ରାଜ୍ୟରେ ତାପମାତ୍ରା କମୁନାହିଁ। ଏହା ରାଜ୍ୟରେ ଶୀତର ପ୍ରଭାବ ଅନୁଭୂତ ହେବାରେ ବାଧା ସୃଷ୍ଟି କରୁଛି। ରାଜ୍ୟର ଗୋଟିଏ ଦୁଇଟି ସ୍ଥାନକୁ ବାଦ୍ ଦେଲେ ଅନ୍ୟ ସମସ୍ତ ସ୍ଥାନରେ ଉଚ୍ଚ ତାପମାତ୍ରା ଅନୁଭୂତ ହେଉଛି। ମଙ୍ଗଳବାର ପୁରୀରେ ସର୍ବାଧିକ ୩୪.୪ ଡିଗ୍ରୀ ସେଲସିୟସ୍ ତାପମାତ୍ରା ଅନୁଭୂତ ହୋଇଥିବାବେଳେ ଫୁଲବାଣୀରେ ସର୍ବନିମ୍ନ ୧୮.୦ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି। ଏଥିସହ କେତେକ ସ୍ଥାନରେ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିଥିଲା।



ପ୍ରତ୍ୟେକ ବସ୍ତୁରେ, ପ୍ରତ୍ୟେକ କ୍ଷେତ୍ରରେ, ପ୍ରତିଟି ସଂପର୍କରେ ସତ୍ୟକୁ ପରିପୂର୍ଣ୍ଣ ଛନ୍ଦ ସହ ବିକଶିତ କରିବାକୁ ହେବ ଏବଂ ଜୀବନର ପ୍ରତିଟି ଗତିବିଧିରେ ସୌନ୍ଦର୍ଯ୍ୟ ଓ ସଂଗତିର ପ୍ରକାଶ ହେବା ଉଚିତ। -ଶ୍ରୀମା

-ଧନ୍ବନ୍ତରୀ ଜୟନ୍ତୀ ଓ ନରକ ଚତୁର୍ଦ୍ଦଶୀ



# ଲେଖକ ଲେଖନ୍ତୁ

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୯(୧) 'ଏ'ରେ ନାଗରିକର ଅଭିବ୍ୟକ୍ତି ସ୍ୱାଧୀନତା ଏକ ମୌଳିକ ଅଧିକାର ଭାବେ ବର୍ଣ୍ଣନା କରାଯାଇଛି। କିନ୍ତୁ ବହୁ କ୍ଷେତ୍ରରେ ସେହି ଅଧିକାର ଭଙ୍ଗ ହେଉଥିବା ଦେଖିବାକୁ ମିଳୁଛି। ଏପରିକି ରୋକ୍‌ଠୋକ୍ କହି ଦେଉଥିବା କିମ୍ବା ଲେଖିଦେଉଥିବା ବ୍ୟକ୍ତିଙ୍କୁ ଜେଲଦଣ୍ଡ ଭୋଗିବାକୁ ପଡୁଛି ବା ସ୍ଥଳବିଶେଷରେ ତାଙ୍କର ଜୀବନ ନେଇ ନିଆଯାଉଛି। ୫ ସେପ୍ଟେମ୍ବର ୨୦୧୭ରେ ବେଙ୍ଗାଲୁରୁରେ ସାମ୍ବାଦିକା ତଥା ଲେଖିକା ଗୌରୀ ଲଙ୍କେଶଙ୍କୁ ଚରମ ଦକ୍ଷିଣପନ୍ଥୀ ହିନ୍ଦୁଙ୍କୁ ସମାଲୋଚନା କରି ଲେଖା ପ୍ରକାଶ କରିବାରୁ ଦୁର୍ବୃତ୍ତମାନେ ହତ୍ୟା କରିଥିଲେ। ଅଭିବ୍ୟକ୍ତି ସ୍ୱାଧୀନତାକୁ ବିରୋଧ ସହ ଅସହିଷ୍ଣୁତାର ଅନେକ ଉଦାହରଣ ମଧ୍ୟରୁ ଏହା ଗୋଟିଏ। ଏବେ ତାମିଲନାଡୁର ପେରିୟାର ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଆସୋସିଏଟ୍ ପ୍ରଫେସର ଆର୍. ସୁବ୍ରମଣି ଦୁଇଟି ବହି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ଲେଖିବା ହେତୁ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ପୁସ୍ତକ ଦୁଇଟି ହେଲା 'ପେରିୟାର୍ସ ବ୍ୟାଟଲଫିଲ୍ଡ' ଏବଂ 'ମାକାଉଲେ ୱାଜ୍ ଆନ୍ ଏନ୍‌ମି ଅଫ୍ କନଜରଭେଟିଭ୍ ଏଜୁକେଶନ'। ଏହା ଯଥାକ୍ରମେ ୨୦୨୨ ଓ ୨୦୨୩ରେ ପ୍ରକାଶ ପାଇଥିଲା। ଉଲ୍ଲେଖଯୋଗ୍ୟ ଯେ, 'ମାକାଉଲେ' ନାମରେ ସେ ୨୦୦୭ରେ ପ୍ରଥମେ ଏକ ବହି ଲେଖିଥିଲେ ଓ ୨୦୨୩ରେ ଏଥିରେ ୬୦ ପୃଷ୍ଠା ଅଧିକ ଯୋଡ଼ି ତାହାର ନାମ ପରିବର୍ତ୍ତନ କରିଥିଲେ। ତେବେ ପେରିୟାର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନେଇଥିବା ନିଷ୍ପତ୍ତିକୁ ତାମିଲନାଡୁ ଫେଡେରେଶନ ଅଫ୍ ୟୁନିଭର୍ସିଟି ଫାକଲ୍ଟି ଆସୋସିଏଶନ ବିରୋଧ କରିବା ପରେ ଅଭିବ୍ୟକ୍ତି ସ୍ୱାଧୀନତାକୁ ନେଇ ସଦ୍ୟ ସମସ୍ୟା ଉପୁଜିଛି।

ଭାରତରେ ଗତ କିଛିବର୍ଷ ହେବ ବିଭିନ୍ନ କ୍ଷେତ୍ରରେ ଅସହିଷ୍ଣୁତା କାୟା ବିସ୍ତାର କରୁଥିବା ବାରମ୍ବାର ଦେଖିବାକୁ ମିଳୁଛି। ଜଣେ କ'ଣ ଖାଇବ, କି ପୋଷାକ ପରିଧାନ କରିବ, କେଉଁ ଧର୍ମ ଅବଲମ୍ବନ କରିବ, କେଉଁ ପ୍ରସଙ୍ଗ ଉପରେ ଲେଖିବ ତାହା ବ୍ୟକ୍ତିର ପସନ୍ଦ ଉପରେ ଛଡ଼ା ନ ଯାଇ ଶାସନ କରୁଥିବା ବର୍ଗ ଉପରେ ନିର୍ଭର କରୁଥିବା ଭଳି ମନେହେଉଛି। ବିଗତ ଦିନରେ ହୋଇଥିବା ଅନେକ ଲିଞ୍ଚିଂର ମୂଳକୁ ଲକ୍ଷ୍ୟ କଲେ କିମ୍ଭୂତକିମାକାର କାରଣ ଜଣାପଡ଼ିଛି। ଏବେ ସାମାଜିକ ବ୍ୟବସ୍ଥାକୁ ଦେଖିଲେ କେନ୍ଦ୍ର ହେଉ ବା ଅନେକ ରାଜ୍ୟ ସରକାରଙ୍କୁ ଯେଉଁ ବିଷୟ ସୁହାଉ ନାହିଁ ବୋଲି ହୃଦ୍‌ବୋଧ ହେଉଛି, ତାହାକୁ ସଙ୍ଗେ ସଙ୍ଗେ ହଟାଇ ଦେବା ଲାଗି ନିର୍ଦ୍ଦେଶ ଆସୁଛି। ସେହି ନିର୍ଦ୍ଦେଶକୁ ଅବମାନନା କଲେ ବ୍ୟକ୍ତି କିମ୍ବା ସଙ୍ଗଠନ ଦଣ୍ଡିତ ହେଉଛନ୍ତି। ଏହାର ଅର୍ଥ ବୁଝିବାକୁ ହେବ ଯେ ଗଣତନ୍ତ୍ରକୁ ଅନୁସରଣ କରୁଥିବା ଭାରତବର୍ଷରେ ବ୍ୟକ୍ତି ସ୍ୱାଧୀନତା ସଙ୍କୁଚିତ ହୋଇଯାଉଛି।

> **ସବୁବେଳେ ସମାଲୋଚନାକୁ ନକାରାତ୍ମକ ଦୃଷ୍ଟିରେ ଦେଖାଯିବା ଉଚିତ ନୁହେଁ। ତେବେ ଜଣେ ଲେଖକ ପୂର୍ବରୁ ପ୍ରଚଳିତ ହେଉଥିବା ଧାରାରେ କିଛି ଖୁଣ ଥିବା ଲକ୍ଷ୍ୟ କଲେ, ସେ ତାହାକୁ ସହଜରେ ସୁଧାରି ନୂଆ ପରମ୍ପରା ସୃଷ୍ଟି କରିପାରିବେ। ପୁରୁଣାକାଳିଆ ଚିନ୍ତାଭର୍ତ୍ତି କୋଠରିର ଝରକାକୁ ଉନ୍ମୁକ୍ତ ରଖିଲେ ଯାଇ ମହତ୍ ଭାବନା ପ୍ରବେଶ କରିପାରନ୍ତା।**

ଯିଏ ସରକାରଙ୍କୁ ସମର୍ଥନ କଲେ ସିଏ ସୁନା ପୁଅ ଓ ସବୁ ସୁବିଧା ପାଇବାକୁ ହକ୍‌ଦାର ଏବଂ ଯେଉଁମାନେ ପ୍ରତିବାଦ କଲେ ଚିହ୍ନଟ କରାଯାଇ ସେମାନଙ୍କ ବିରୋଧରେ ବୈପିତୃକ ମନୋଭାବ ପୋଷଣ କରାଯାଉଛି। ପେରିୟାର ବିଶ୍ୱବିଦ୍ୟାଳୟ ଆସୋସିଏଟ୍ ପ୍ରଫେସର ଆର୍. ସୁବ୍ରମଣି ଦ୍ରାବିଡୀୟ ସଂସ୍କାରକ ପେରିୟାର ଏବଂ ଭାରତରେ ଇଂଲିଶ ଶିକ୍ଷାର ପ୍ରଚଳନ କରିଥିବା ଲର୍ଡ ମାକାଉଲେଙ୍କୁ ଉପଲକ୍ଷ୍ୟ କରି ପୁସ୍ତକ ଲେଖିଛନ୍ତି। ସେଥିରେ ସେ ଯେଉଁ ଭାବନା ଯୋଡ଼ିଛନ୍ତି ତାହା ଉପରେ ତର୍ଜମା ହେବା ଦରକାର। ଓଡ଼ିଆରେ ଢଗ ଅଛି-'ଗୋଠ ମାତିଲେ ଖଣ୍ଡିଆ ମାତେ'। ଅର୍ଥାତ୍ ଥୋକେ ଗୋଟେ ବିଷୟକୁ ଯଦି ବିରୋଧ କଲେ ଆହୁରି ଅନେକ ଲୋକ ମୂଳ କଥାକୁ ନ ବୁଝି ଗୋଟେ 'ଘୋ'ରେ ମାତି ଯାଇଥାଆନ୍ତି। ଏଠାରେ ବହୁ ବିଷୟରେ ଉପଯୁକ୍ତ ଗବେଷଣା ବା ତର୍ଜମା ହୋଇ ନ ଥାଏ। ଜଣେ ଯଦି କୌଣସି ବିଷୟରେ ନୂଆ ଚିନ୍ତାଧାରା ଆଣିଛନ୍ତି ତାହା ଉପରେ କର୍ମଶାଳା, ସେମିନାର ଆଦି କରାଗଲେ କିଛି ଗୋଟେ ନିଷ୍କର୍ଷ ଆସିପାରନ୍ତା। ସବୁବେଳେ ସମାଲୋଚନାକୁ ନକାରାତ୍ମକ ଦୃଷ୍ଟିରେ ଦେଖାଯିବା ଉଚିତ ନୁହେଁ। ତେବେ ଜଣେ ଲେଖକ ପୂର୍ବରୁ ପ୍ରଚଳିତ ହେଉଥିବା ଧାରାରେ କିଛି ଖୁଣ ଥିବା ଲକ୍ଷ୍ୟ କଲେ, ସେ ତାହାକୁ ସହଜରେ ସୁଧାରି ନୂଆ ପରମ୍ପରା ସୃଷ୍ଟି କରିପାରିବେ। ପୁରୁଣାକାଳିଆ ଚିନ୍ତାଭର୍ତ୍ତି କୋଠରିର ଝରକାକୁ ଉନ୍ମୁକ୍ତ ରଖିଲେ ଯାଇ ମହତ୍ ଭାବନା ପ୍ରବେଶ କରିପାରନ୍ତା। ଏଭଳି ସ୍ଥଳେ ଆଫଗାନିସ୍ତାନର ଉଦାହରଣ ଦେଖାଯାଉ। ସେଠାରେ ତାଲିବାନ ଶାସକ ମହିଳାଙ୍କୁ ସମ୍ପୂର୍ଣ୍ଣ ଭାବେ ସାମାଜିକ ଜୀବନରୁ ଦୂରେଇ ଦେବା ସହିତ କଠୋର ଇସ୍‌ଲାମୀୟ ଚିନ୍ତାଧାରା ପୋଷଣ କରି ଭିନ୍ନ ମତଧାରୀଙ୍କୁ କଡ଼ା ଦଣ୍ଡରେ ଦଣ୍ଡିତ କରୁଛି। ଭାରତ ବହୁ ଊର୍ଦ୍ଧ୍ୱକୁ ଚିନ୍ତା କରିବା ଦରକାର।

# ସସମ୍ମାନେ ଇଚ୍ଛାମୃତ୍ୟୁ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

କଥାରେ ଅଛି, ''ମରଣଠାରୁ ଘୋଷରା ବଳେ''। ଏହାର ଅର୍ଥ ହେଲା, ମୃତ୍ୟୁ ଅପେକ୍ଷା ଏହା ପୂର୍ବର ରୁଗ୍‌ଣ ତଥା ଶଯ୍ୟାଶାୟୀ ଜୀବନ ଅଧିକ ଯନ୍ତ୍ରଣାଦାୟକ। ଆମ ଅଧିକାଂଶଙ୍କୁ ତାହା ସହ୍ୟ କରିବାକୁ ହୁଏ। ଏପରିକି ବଞ୍ଚିବାର ଆଦୌ ସମ୍ଭାବନା ନ ଥିଲେ ହେଁ ଶରୀରର ଅଧିକାଂଶ ଅଙ୍ଗ ଅକର୍ମଣ୍ୟ ହେଲେ ଏବଂ ଏପରିକି ଚେତନାଶକ୍ତି ହରାଇ ସାରିଲା ପରେ ମଧ୍ୟ ଅନେକଙ୍କୁ ଦୀର୍ଘ ଦିନ ଧରି ବଞ୍ଚିବାକୁ ପଡ଼ିଥାଏ ଶେଷନିଃଶ୍ୱାସ ତ୍ୟାଗ କଲା ପର୍ଯ୍ୟନ୍ତ। ପୁନଶ୍ଚ ଏ ଅବସ୍ଥାକୁ ଅଧିକ ସମ୍ପ୍ରସାରିତ କରିଛି ଆଧୁନିକ ବିଜ୍ଞାନ। ବିବିଧ ଜୀବନ ସହାୟକ ଯନ୍ତ୍ରପାତି ସାହାଯ୍ୟରେ ମୃତପ୍ରାୟ ଲୋକଙ୍କୁ ବଞ୍ଚେଇ ରଖାଯାଉଛି ଦୀର୍ଘକାଳ ଧରି। ଏହା ମୂଳରେ ରହିଛି ଆତ୍ମୀୟସ୍ୱଜନମାନଙ୍କ ଇଚ୍ଛା, ପାରମ୍ପରିକ, ନୈତିକ ବିଚାର ଏବଂ ଆମ ଆଇନ ବ୍ୟବସ୍ଥା, ଯାହାର ଏକ ଜଣାଶୁଣା ଉଦାହରଣ ହେଲା ମୁମ୍ବାଇର ଅରୁଣା ଶାନ୍‌ବାଗଙ୍କ କାହାଣୀ।

ଅରୁଣା ଥିଲେ ମୁମ୍ବାଇର କେଇଏମ୍ ହସ୍ପିଟାଲର ଜଣେ କାର୍ଯ୍ୟରତ ସେବିକା। ତାଙ୍କୁ ୧୯୭୩ ମସିହା ନଭେମ୍ବର ୨୭ ତାରିଖ ରାତ୍ରିରେ ଜଣେ କର୍ମଚାରୀ ଦୁଷ୍କର୍ମ କଲା ପରେ ହତ୍ୟା କରିବା ପାଇଁ ତାଙ୍କ ତଣ୍ଟିକୁ ଏକ ଲୁହା ଚେନ୍‌ରେ ଭିଡ଼ି ଧରିଥିଲା ଏବଂ କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଛି ଭାବି ଛାଡ଼ି ଚାଲି ଯାଇଥିଲା। ସେହି ଦିନଠାରୁ ସେ ସଂଜ୍ଞାହୀନା ଅବସ୍ଥାରେ ପଡ଼ିରହୁଥିଲେ। ତାଙ୍କର ଚିକିତ୍ସା ଚାଲିଥିଲା ବିଭିନ୍ନ ଜୀବନ ସହାୟକ ବ୍ୟବସ୍ଥା ମାଧ୍ୟମରେ, ୨୦୧୫ ମସିହାରେ ସେ ନିମୋନିଆରେ ମୃତ୍ୟୁବରଣ କଲା ପର୍ଯ୍ୟନ୍ତ। ଇତିମଧ୍ୟରେ ତାଙ୍କୁ ଏଭଳି ଦୟନୀୟ ଅବସ୍ଥାରେ ବଞ୍ଚାଇ ନ ରଖି ମୃତ୍ୟୁବରଣ କରିବାକୁ ଛାଡ଼ିଦେବାକୁ ୨୦୦୯ ମସିହାରେ ଉଚ୍ଚତମ ନ୍ୟାୟାଳୟରେ ଆବେଦନ କରିଥିଲେ ପିଙ୍କି ଭିରାନୀ ନାମକ ମୁମ୍ବାଇର ଜଣେ ସ୍ୱେଚ୍ଛାସେବୀ। ସେଥିରେ ସେ ଦର୍ଶାଇଥିଲେ, ଶାନ୍‌ବାଗଙ୍କୁ ସେପରି ଅବସ୍ଥାରେ ରଖିବା ତାଙ୍କର ସସମ୍ମାନେ ବଞ୍ଚିବା ଅଧିକାରକୁ କ୍ଷୁଣ୍ଣ କରୁଛି ବୋଲି। ତେବେ ଏ ଆବେଦନ ଖାରଜ ହୋଇଯାଇଥିଲା। ଉଚ୍ଚତମ ନ୍ୟାୟାଳୟ ଏହା ଉପରେ ବିଚାରକରି ୨୦୧୧ରେ ପ୍ରଦତ୍ତ ରାୟରେ ଦର୍ଶାଇଥିଲେ ଯେ, ଶାନ୍‌ବାଗଙ୍କୁ ଜୀବନ ସହାୟକ ବ୍ୟବସ୍ଥା ଯୋଗାଇଥିବା ଏବଂ ତାଙ୍କର ଯତ୍ନ ନେଉଥିବା ହସ୍ପିଟାଲର କର୍ମଚାରୀ ଏଥିପ୍ରତି ଅନିଚ୍ଛା ପ୍ରକାଶ କରୁଥିବାରୁ ଏହାକୁ ଅନୁମତି ଦିଆଯାଇ ପାରିବ ନାହିଁ। ତଥାପି ଏଥିରେ ନ୍ୟାୟାଳୟ ଏଭଳି ନିଷ୍କ୍ରିୟଙ୍କ ସସମ୍ମାନେ ଇଚ୍ଛାମୃତ୍ୟୁ ଚିନ୍ତାଧାରାକୁ ସମର୍ଥନ କରିଥିଲେ ଏବଂ ସୂଚିତ କରିଥିଲେ ଯେ, ରୋଗୀକୁ ଏପରି ଅବସ୍ଥାରେ ବଞ୍ଚାଇ ରଖିବା ଅପେକ୍ଷା ତା'ଠାରୁ ଚିକିତ୍ସା ବ୍ୟବସ୍ଥା ଏବଂ ଖାଦ୍ୟ ବା ଅମ୍ଳଜାନ ପ୍ରତ୍ୟାହାର କରାଯିବା ଅଧିକ ସ୍ପୃହଣୀୟ। ଏହାପରେ ୨୦୧୪ରେ ଉଚ୍ଚତମ ନ୍ୟାୟାଳୟର ଏକ ଖଣ୍ଡପୀଠ ଏପ୍ରକାର ଅନ୍ୟ ଏକ ମାମଲାର ଶୁଣାଣି କରି ଏହାକୁ ସାମ୍ବିଧାନିକ ବେଞ୍ଚର ପରାମର୍ଶ ପାଇଁ ପଠାଇବାକୁ ମତ ରଖିଥିଲେ। ଅତଏବ ୫ଜଣ ବିଚାରପତିଙ୍କୁ ନେଇ ଏହା ଗଠନ କରାଯାଇଥିଲା ଏବଂ ୨୦୧୮ରେ ଏହା କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଏଥିପାଇଁ ଅନୁମତି ଦେବାକୁ ମତ ଦେଇଥିଲେ ହେଁ ପାର୍ଲାମେଣ୍ଟ ଏହାର ବିଭିନ୍ନ ଦିଗ ବିଚାରକୁ ନେଇ ଉଚିତ୍ ଆଇନ ପ୍ରଣୟନ କରିବାକୁ ପରାମର୍ଶ ଦେଇଥିଲେ। ଏଣୁ ଏବେ(୨୦୨୪) ସେଥିପାଇଁ ସରକାର ମାର୍ଗଦର୍ଶିକାର ପ୍ରସ୍ତୁତ ପ୍ରକ୍ରିୟା ଆରମ୍ଭ କରିଛନ୍ତି।



ଏହା ଲାଗି ପ୍ରସ୍ତୁତ ଖସଡ଼ା ବା ଡ୍ରାଫ୍ଟରେ ସୂଚିତ କରାଯାଇଛି ଯେ, ଇଣ୍ଟେନ୍‌ସିଭ କେୟାର ୟୁନିଟ୍‌ରେ ରଖାଯାଇଥିବା ଏବଂ ଅରକ୍ଷଣୀୟ ଭାବେ ରୋଗଗ୍ରସ୍ତ ହୋଇଥିବା ରୋଗୀମାନଙ୍କର ଭେଣ୍ଟିଲେଟର ବିବିଧ ଅସ୍ତ୍ର ଚିକିତ୍ସା, କୃତ୍ରିମ ଉପାୟରେ ପୋଷଣ ବା ଅମ୍ଳଜାନ ଯୋଗାଣ ଆଦି ଜୀବନ ସହାୟକ ବ୍ୟବସ୍ଥାରୁ ଲାଭବାନ୍ ହେବାର ସମ୍ଭାବନା ଖୁବ୍ କମ୍। ଅନ୍ୟପକ୍ଷରେ, ଏପରି ଅବସ୍ଥାରେ ସେମାନଙ୍କ ଯତ୍ନ ନେବାର ଦାୟିତ୍ୱ ବଢ଼େ ଏବଂ ରୋଗୀଙ୍କ ଯନ୍ତ୍ରଣା ମଧ୍ୟ ବୃଦ୍ଧି ପାଇଥାଏ। ଅତଏବ ଏହା କରିବା କୌଣସି ଦୃଷ୍ଟିରୁ ସ୍ପୃହଣୀୟ ନୁହେଁ। ବରଂ ତାହା ପରିବାରବର୍ଗଙ୍କ ଭାବପ୍ରବଣଜନିତ ଚାପ ଏବଂ ଆର୍ଥିକ ଦୁର୍ଗତି ବଢ଼ାଇବାର କାରଣ ହୁଏ। ପୁନଶ୍ଚ ଏପରି ରୋଗୀଙ୍କଠାରୁ ଜୀବନ ସହାୟକ ବ୍ୟବସ୍ଥା କାଢ଼ି ନେଇ ସସମ୍ମାନେ ମୃତ୍ୟୁବରଣ କରିବାକୁ ଦେବା ବିଶ୍ୱର ଅନେକ ଦେଶରେ ଆଇନଗତ ସ୍ୱୀକୃତି ଲାଭ କରିସାରିଲାଣି। ଏଣୁ ଆମ ଦେଶରେ ମଧ୍ୟ ତାହାକୁ ସ୍ୱୀକୃତି ଦେବା ସବୁ ଦୃଷ୍ଟିରୁ ଏବଂ ସମସ୍ତଙ୍କ ପାଇଁ ଉଚିତ ପଦକ୍ଷେପ ହେବ।

ଏହି ମାର୍ଗଦର୍ଶିକା ଅନୁଯାୟୀ, ରୋଗୀଠାରୁ ଜୀବନ ସହାୟକ ବ୍ୟବସ୍ଥା କାଢ଼ିନେବା ଉଚିତ କି ନୁହେଁ, ତାହା ପ୍ରଥମେ ବିଚାର କରିବାକୁ ଏକ ପ୍ରାଥମିକ ମେଡିକାଲ ବୋର୍ଡ ଗଠନ କରାଯିବ। ଏହାର ସଦସ୍ୟ ରହିବେ ରୋଗୀର ଜଣେ ଚିକିତ୍ସକ ଏବଂ ୫ ବର୍ଷରୁ ଅଧିକ ଅନୁଭୂତିସମ୍ପନ୍ନ ଦୁଇ ଜଣ ବିଶେଷଜ୍ଞ। ତତ୍ପରେ ଏହାର ମତାମତକୁ ଅଧିକ ପରୀକ୍ଷାନିରୀକ୍ଷା କରିବା ଲାଗି ଅନ୍ୟ ଏକ ଦ୍ୱିତୀୟ ମେଡିକାଲ ବୋର୍ଡକୁ ପଠାଯିବ, ଯାହାକି ଗଠିତ ହେବ ଜଣେ ଅନୁଭୂତିସମ୍ପନ୍ନ ଡାକ୍ତର ଏବଂ ଦୁଇଜଣ ବିଶେଷଜ୍ଞଙ୍କୁ ନେଇ। ପ୍ରଥମ ମେଡିକାଲ୍ ବୋର୍ଡରେ କୌଣସି ସଦସ୍ୟଙ୍କୁ ଏହାର ଅନ୍ତର୍ଭୁକ୍ତ କରାଯିବ ନାହିଁ। ତତ୍ପରେ ରୋଗୀଟି ଚିକିତ୍ସିତ ହେଉଥିବା ଚିକିତ୍ସାଳୟ ଚାହିଁଲେ ଏଥିପାଇଁ ନୈତିକ କମିଟିଟିଏ ଗଠନ କରିପାରିବ, ଯାହାକି ଏହାର ଏ ଦିଗ ମଧ୍ୟ ଅନୁଧ୍ୟାନ କରିବ। ରୋଗୀ ନିଜେ କିମ୍ବା ସେ ସମ୍ପୂର୍ଣ୍ଣ ଅଚେତନ ଥିଲେ ତାଙ୍କ ପରିବାରବର୍ଗଙ୍କ ସମ୍ମତିରେ ଏସବୁ ପଦକ୍ଷେପ ନିଆଯିବ।

ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବେ ଏ ସମ୍ପର୍କରେ ଜନମତ ଲୋଡ଼ିଛି। କାହାରି କିଛି ମତାମତ ଥିଲେ ତାହା ଜଣାଇବା ପାଇଁ ଅନୁରୋଧ କରାଯାଇଛି। ତା'ହେଲେ ଆଇନ ପ୍ରଣୟନ ହେବା ପୂର୍ବରୁ ଏକ ବିଶେଷଜ୍ଞ କମିଟି ଦ୍ୱାରା ସେସବୁ ବିଚାରକୁ ନିଆଯାଇପାରିବ। ଏ ପ୍ରକାର ତଥାକଥିତ ''ସସମ୍ମାନେ ଇଚ୍ଛାମୃତ୍ୟୁ''କୁ ଅନେକ ଦେଶରେ ଆଇନସମ୍ମତ କରାଯାଇଛି। ସ୍ୱିଜରଲାଣ୍ଡ ହେଲା ସେଗୁଡ଼ିକ ମଧ୍ୟରେ ସବୁଠାରୁ ଅଗ୍ରଣୀ। ଏହା ୧୯୪୨ ମସିହାରୁ ଏହାକୁ ସ୍ୱୀକୃତି ପ୍ରଦାନ କରିଛି। ସେହିପରି କାନାଡା, ନେଦରଲାଣ୍ଡସ୍, ବେଲ୍‌ଜିୟମ, ଲକ୍ସମବର୍ଗ, ନ୍ୟୁଜିଲାଣ୍ଡ, ସ୍ପେନ, କଲମ୍ବିଆ, ଅଷ୍ଟ୍ରିୟା, ଅଷ୍ଟ୍ରେଲିଆର କେତେକ ରାଜ୍ୟ ଏବଂ ଆମେରିକାର ୧୧ଟି ରାଜ୍ୟରେ ଏହା ଆଇନସମ୍ମତ। ଏହାକୁ କୁହାଯାଉଛି ''ଡାକ୍ତରଙ୍କ ସହାୟତାରେ ଇଚ୍ଛାମୃତ୍ୟୁ''। ଏଥିରେ ବଞ୍ଚିବାର ଆଦୌ ସମ୍ଭାବନା ନ ଥିବା ରୋଗୀର କିମ୍ବା ତା'ର ଆତ୍ମୀୟସ୍ୱଜନଙ୍କ ଅନୁରୋଧକ୍ରମେ ତାଙ୍କୁ ଜୀବନଘାତକ ଔଷଧ ଦେବାକୁ ଏବଂ ତାଙ୍କଠାରୁ ଜୀବନ ସହାୟକ ବ୍ୟବସ୍ଥାମାନ କାଢ଼ିନେବାକୁ ଡାକ୍ତରମାନଙ୍କୁ କୁହାଯାଇଥାଏ। ଅନ୍ୟପକ୍ଷରେ, ଇଂଲଣ୍ଡ, ୱେଲ୍‌ସ ଏବଂ ଉତ୍ତର ଆୟର୍ଲାଣ୍ଡରେ ଏହା ବେଆଇନ। ସେଠାରେ ପ୍ରଚଳିତ ''ଦ ସୁଇସାଇଡ୍ ଆକ୍ଟ-୧୯୬୧'' ଅନୁସାରେ ଏଥିରେ ସହାୟତା କରୁଥିବା କିମ୍ବା ଏହାକୁ ଉତ୍ସାହିତ କରୁଥିବା ଲୋକଙ୍କୁ ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ସେଥିପାଇଁ ଏଠାରୁ ଡାକ୍ତରୀ ପ୍ରମାଣପତ୍ର ଧରି ''ସସମ୍ମାନେ ଇଚ୍ଛାମୃତ୍ୟୁ'' ଚାହୁଁଥିବା କିଛି ରୋଗୀ ତାହା କରିବା ପାଇଁ ଅନ୍ୟ ଦେଶଗୁଡ଼ିକୁ ଚାଲିଯିବାର ଦେଖାଯାଉଛି। ଏସବୁ ଦୃଷ୍ଟିରୁ ବିଚାରକଲେ, ବର୍ତ୍ତମାନ ଆମ ଦେଶରେ ଅନ୍ତିମ ସମୟ ଅପେକ୍ଷାରେ ଥିବା ଅରକ୍ଷଣୀୟ ଭାବେ ରୋଗଗ୍ରସ୍ତ ରୋଗୀଙ୍କ ''ସସମ୍ମାନେ ଇଚ୍ଛାମୃତ୍ୟୁ'' ପାଇଁ ଆଇନ ପ୍ରଣୟନ କରିବା ଦିଗରେ ସରକାର ନେଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ।

**ଉଷା ନିବାସ, ଖଣ୍ଡଗିରି ବିହାର,**
**ଭୁବନେଶ୍ୱର**
**ମୋ: ୯୯୩୭୩୦୧୪୬୦**

# କଏଦୀ ନମ୍ବର-୬୨୬୭୧୦



ଜନାର୍ଦ୍ଦନ ପତି

ଜେଲ ଭିତରେ ବନ୍ଦୀ ଥିବା ସବୁ ମଣିଷ କ'ଣ ଅପରାଧୀ? ସେମାନଙ୍କ ମଧ୍ୟରୁ କେତେକଙ୍କୁ ଅପରାଧୀ ବୋଲି ଶାସକ ଶ୍ରେଣୀର ରାଷ୍ଟ୍ରର ପୋଲିସ ଓ ମିଲିଟାରୀ ପକ୍ଷରୁ ଅଭିଯୋଗ କରାଯାଇଥାଏ। ସେଭଳି ଅନେକ ଘଟଣା ମଧ୍ୟରୁ ଗୋଟିଏ ଘଟଣା ଘଟିଥିଲା ଜର୍ମାନରେ। ନାଜି ନେତା ହିଟ୍‌ଲର ୧୯୩୩ ଜାନୁଆରୀ ୩୦ରେ କ୍ଷମତା ହାସଲ କଲାପରେ ଗୁପ୍ତଘାତକ ଏଜେଣ୍ଟ ଦ୍ୱାରା ଜର୍ମାନ ପାର୍ଲାମେଣ୍ଟରେ ନିଆଁ ଲଗାଇ ଦେଲା ଓ ଏହି ଅଭିଯୋଗରେ ବୁଲ୍‌ଗେରିଆର କମ୍ୟୁନିଷ୍ଟ ନେତା ଜର୍ଜ ଡିମିଟ୍ରଭ ଗିରଫ ହେଲେ ଏବଂ ଜର୍ମାନ କମ୍ୟୁନିଷ୍ଟ ପାର୍ଟିକୁ ବେଆଇନ ଘୋଷଣା କରାଗଲା। ଡିମିଟ୍ରଭ କୌଣସି ଓକିଲ ନିଯୁକ୍ତ ନ କରି ନିଜେ ନିଜ ମାମଲାକୁ ଲଢ଼ିଲେ। ଏକ ଶତ୍ରୁ ଦେଶରେ ଅଦାଲତରେ ସେ ଦେଶର ପ୍ରଧାନମନ୍ତ୍ରୀ ଗୋରିଂଙ୍କୁ ପ୍ରଶ୍ନବାଣରେ ଜର୍ଜରିତ କରି, ନାଜି ସରକାରକୁ କାଠଗଡ଼ାରେ ଠିଆ କରାଇ ନିଜେ ମୁକ୍ତି ପାଇଥିଲେ। କୋର୍ଟରୁ ମୁକ୍ତ ହେବା ପରେ ବି ହିଟ୍‌ଲର ସରକାର ତାଙ୍କୁ ଖଲାସ କରି ନ ଥିଲା। ସୋଭିଏଟ୍ ୟୁନିୟନର ହସ୍ତକ୍ଷେପ ପରେ ସେ ମୁକୁଳି ଥିଲେ।

ଆଉ ଏକ ଘଟଣା। କ୍ୟୁବାର ତତ୍କାଳୀନ ରାଷ୍ଟ୍ରପତି ଫିଡେଲ କାଷ୍ଟ୍ରୋ ପାର୍ଲାମେଣ୍ଟ ନିର୍ବାଚନରେ ପ୍ରାର୍ଥୀ ହୋଇଥିଲେ। ମାତ୍ର ଏକଚ୍ଛତ୍ରବାଦୀ ଶାସକ ବାଟିଷ୍ଟା ନିର୍ବାଚନକୁ ବାତିଲ କରିଦେଲେ। କାଷ୍ଟ୍ରୋଙ୍କ ନେତୃତ୍ୱରେ ଗଠିତ ଜୁଲାଇ ୨୬ କମିଟି ପକ୍ଷରୁ ବାଟିଷ୍ଟା ସରକାରର ମିଲିଟାରୀ ଗ୍ୟାରିସନ ଉପରେ ବିଦ୍ରୋହୀମାନେ ଆକ୍ରମଣ କଲେ, ମାତ୍ର ପରାସ୍ତ ହେଲେ। କାଷ୍ଟ୍ରୋ ଓ ତାଙ୍କ ସାଥୀମାନେ ଗିରଫ ହୋଇ ଅଦାଲତରେ ନିଜର ବୟାନ ଦେଇଥିଲେ। ରାଷ୍ଟ୍ରଦ୍ରୋହ ଅପରାଧରେ ତାଙ୍କୁ ମୃତ୍ୟୁଦଣ୍ଡ ଦିଆ ନ ଯାଇ ଜେଲଦଣ୍ଡ ଦିଆଯାଇଥିଲା ଓ କେଇବର୍ଷ ପରେ ସେ ଖଲାସ ହୋଇଥିଲେ। କାଷ୍ଟ୍ରୋ ଅଦାଲତରେ କହିଥିଲେ- 'ଇତିହାସ ମୋତେ ଦୋଷମୁକ୍ତ କରିବ।' ଫିଡେଲ ତା'ପରେ ଗଣବିପ୍ଳବ ଜରିଆରେ ବାଟିଷ୍ଟାଙ୍କୁ ଗାଦିଚ୍ୟୁତ କରିବା ପୂର୍ବରୁ ବାଟିଷ୍ଟା ଦେଶ ଛାଡ଼ି ପଳାଇଲେ।

୧୯୭୧ରେ ଶ୍ରୀଲଙ୍କାରେ ଆଉ ଏକ ଘଟଣା ଘଟିଥିଲା। ଜନତା ଭିମୁକ୍ତି ପେରାମୁନା ପକ୍ଷରୁ ସଶସ୍ତ୍ର ବିଦ୍ରୋହରେ ପ୍ରାୟ ପାଞ୍ଚହଜାର ଲୋକ ମୃତ୍ୟୁବରଣ କରିଥିଲେ। ବିପ୍ଳବୀମାନଙ୍କର ନେତା ରୋହନ ୱେଜେୱୀରା ଅଦାଲତରେ ବିଚାରବେଳେ ଘୋଷଣା କରିଥିଲେ ଯେ, ମୁଁ କଏଦୀ ନଂ-୧୩୧, ମୁଁ ଜଣେ ବିପ୍ଳବୀ, ମୁଁ ଦେଶଦ୍ରୋହୀ ନୁହେଁ କି ଆତଙ୍କବାଦୀ ନୁହେଁ। ସେ କହିଲେ, ଜଣେ ବିପ୍ଳବୀ କେବେହେଲେ ଦେଶଦ୍ରୋହୀ ବା ଆତଙ୍କବାଦୀ ହୋଇପାରେନା।

ଆମ ଦେଶରେ ବ୍ରିଟିଶ ସରକାର ଶାସନ ଚାଲିଥିବାବେଳେ ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଓ ବିପ୍ଳବୀମାନଙ୍କୁ ଦେଶଦ୍ରୋହ ଅପରାଧରେ ଗିରଫ କରାଯାଉଥିଲା। ୨୦୧୪ ପରେ ଦେଶରେ ବେଶି ଲୋକଙ୍କୁ ଦେଶଦ୍ରୋହ ଅପରାଧରେ ଗିରଫ କରାଯାଉଛି। ତେବେ କଏଦୀ ନମ୍ବର-୬୨୬୭୧୦ଙ୍କୁ ଜାଣିବା ଦରକାର। ଦିଲ୍ଲୀର ତିହାର ଜେଲରେ ବିଚାରାଧୀନ ବନ୍ଦୀ ଉମର ଖଲିଦ୍ ହେଉଛନ୍ତି କଏଦୀ ନମ୍ବର-୬୨୬୭୧୦। ୨୦୨୦, ସେପ୍ଟେମ୍ବର ୧୪ରୁ ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ତାଙ୍କୁ ୟୁ.ଏ.ପି.ଏ. ଆଇନ ବଳରେ ଗିରଫ କରି ଜେଲରେ ରଖିଛି। ଦୀର୍ଘ ଚାରିବର୍ଷ ଧରି ତାଙ୍କ ବିରୋଧରେ ବିଚାର ଆରମ୍ଭ କରାଯାଉନାହିଁ କି ଜାମିନରେ ଛାଡି ଦିଆଯାଉନାହିଁ। ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରୁ ପି.ଏଚ.ଡି. ପାଇଥିବା ଉମର ଖଲିଦ୍ ଜଣେ ଛାତ୍ର ନେତା ଥିଲେ। ଜେଏନ୍ୟୁ ଛାତ୍ର ୟୁନିୟନ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମରେ ସେ ଆଗୁଆ ଥିଲେ। ତାଙ୍କୁ ଷଡ଼ଯନ୍ତ୍ର କରି ଗିରଫ କରାଯାଇଛି।



ସି.ଏ.ଏ. ଆଇନ-୨୦୧୯ ବିରୋଧରେ ଦିଲ୍ଲୀର ଜାଫ୍ରାବାଦରେ ମହିଳାମାନଙ୍କ ଶାନ୍ତିପୂର୍ଣ୍ଣ ଧାରଣାକୁ ହଟାଇବାକୁ ଭାଜପା ନେତା କପିଳ ମିଶ୍ର ଘୋଷଣା କରିବା ପରେ, ଧାରଣାକାରୀଙ୍କ ଉପରେ ଆକ୍ରମଣ ଆରମ୍ଭ ହେଲା। ଫେବୃଆରୀ ୨୩ ରୁ ଧାରଣାକାରୀଙ୍କ ଉପରେ ଆକ୍ରମଣ ଆରମ୍ଭ ହେବାପରେ ଉତ୍ତର-ପୂର୍ବ ଦିଲ୍ଲୀରେ ଦଙ୍ଗା ଘଟାଗଲା ଓ ୫୩ ଜଣଙ୍କ ମୃତ୍ୟୁ ଘଟିଲା। ତହିଁରୁ ୨/୩ ଅଂଶ ଲୋକ ମୁସଲମାନ। ସ୍ଥାନୀୟ ହିନ୍ଦୁ ଓ ମୁସଲମାନ ଏଥିରେ ପ୍ରାୟତଃ ସଂପୃକ୍ତ ନ ଥିଲେ। ଭାରତରେ ଯେତେ ସାଂପ୍ରଦାୟିକ ଦଙ୍ଗା ଘଟିଛି ଓ ସେ ସମ୍ପର୍କରେ ଯେତେ ତଦନ୍ତ କମିଶନ ବସିଛି, ସେସବୁ କମିଶନ ସଂଖ୍ୟାଗରିଷ୍ଠ ସଂପ୍ରଦାୟର ହିଂସ୍ରକମାନଙ୍କୁ ଦାୟୀ କରିଛନ୍ତି। ଏହି ଦଙ୍ଗାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଭାବେ ଉମର ଖଲିଦ୍‌ଙ୍କୁ ପୋଲିସ ଅଭିଯୁକ୍ତ କରିଛି। ଏହି ଦଙ୍ଗା ଘଟଣାରେ ୭୦୦ ଏଫ.ଆଇ.ଆର. ପୋଲିସ ଗ୍ରହଣ କରିଥିଲା ଓ ପ୍ରାୟ ୨୫୦୦ ଲୋକଙ୍କୁ ଗିରଫ କରିଥିଲା ଓ ଏମାନଙ୍କ ମଧ୍ୟରେ ଅଧିକାଂଶ ମୁସଲମାନ ଥିଲେ।

ଆମ ଦେଶରେ ଗୋଟାଏ ପରେ ଗୋଟାଏ ଭୟଙ୍କର ଓ କଠୋର ଦମନମୂଳକ ଆଇନ ଗ୍ରହଣ କରାଯାଉଛି। ଟାଡା ଆଇନ, ପୋଟା ଆଇନ, ୟୁ.ଏ.ପି.ଏ. ଆଇନ ସେଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ। ଜଣେ ଅଭିଯୁକ୍ତକୁ ୧୭ବର୍ଷ ଜେଲରେ ରଖିବା ପରେ ଅଦାଲତ ତାଙ୍କୁ ନିର୍ଦ୍ଦୋଷ ବୋଲି କହିଛି। ଉମର ଖଲିଦ୍ ୨୦୧୬ରେ ଦେଶଦ୍ରୋହ ଅଭିଯୋଗରେ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରୁ ଗିରଫ ହୋଇଥିଲେ। ଦିଲ୍ଲୀ ହାଇକୋର୍ଟ ତାଙ୍କୁ ସେହି ବର୍ଷ ଜାମିନରେ ଖଲାସ କରିଥିଲା। ମାତ୍ର ପୁଣି ୨୦୨୦ ସେପ୍ଟେମ୍ବର ୧୪ ତାରିଖରେ ଗିରଫ ପରେ ତାଙ୍କ ବିରୋଧରେ ଅନେକ ହଜାର ପୃଷ୍ଠାରୁ ଅଧିକ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରାଯାଇଛି। ପୋଲିସ ପକ୍ଷରୁ କୁହାଯାଇଛି ଯେ ଅନେକ ହଜାର ପୃଷ୍ଠାର ଡାଟା ଉପରେ ତାଙ୍କୁ ଉତ୍ତର ଦେବାକୁ ହେବ। ବୋଧହୁଏ ଏ ବିଚାର ତାଙ୍କର ଜୀବନକାଳ ମଧ୍ୟରେ ଶେଷ ହେବ ନାହିଁ।

ସବୁଠାରୁ ଆଶ୍ଚର୍ଯ୍ୟ ଯେ, ସୁପ୍ରିମକୋର୍ଟ କିଭଳି ଏ ଘଟଣା ପ୍ରତି ଆଖି ବୁଜି ଦେଇଛନ୍ତି। ଅଦାଲତରେ ତାଙ୍କର ବିଚାର ଆରମ୍ଭ ହେଉନାହିଁ କାହିଁକି? ଶୀର୍ଷ ଅଦାଲତ କାହିଁକି ନିର୍ଦ୍ଦେଶ ଦେଉନାହାନ୍ତି ବିଚାର ଆରମ୍ଭ କରିବାକୁ। ବାସ୍ତବରେ ଖଲିଦ୍ ସାମ୍ବିଧାନିକ ଅଧିକାର ବଳରେ ସି.ଏ.ଏ.କୁ ବିରୋଧ କରିଥିଲେ। ସାମ୍ବିଧାନିକ ଅଧିକାରଭୁକ୍ତ ପ୍ରକ୍ରିୟାରେ ପ୍ରତିବାଦ କରିବାକୁ ଆତଙ୍କବାଦୀ, ଦଙ୍ଗାକାରୀ ଓ ଦେଶଦ୍ରୋହୀ ବୋଲି ପୋଲିସ ଅଭିଯୋଗ ଆଣିଲାବେଳେ ବିଚାର ବିଭାଗ ନୀରବ କାହିଁକି?

ଉମର ଖଲିଦ୍‌ଙ୍କ କାରାବାସ ପଞ୍ଚମ ବର୍ଷରେ ପହଞ୍ଚିଛି। ତାଙ୍କୁ କୌଣସି ଅଦାଲତ ଦୋଷୀ ବୋଲି ଘୋଷଣା କରିନାହିଁ। ମାତ୍ର ତାଙ୍କୁ ଜାମିନ ମିଳୁନାହିଁ। କଏଦୀ ନମ୍ବର-୬୨୬୭୧୦ଙ୍କୁ କେବେ ସ୍ୱାଧୀନ ଭାରତର ନ୍ୟାୟ ବ୍ୟବସ୍ଥା ନ୍ୟାୟ ଦେବ?

**ମୋ:୯୪୩୭୦୦୭୭୭୦**

## ଏଇ ଭାରତରେ

ଜଳବାୟୁ ପରିବର୍ତ୍ତନ କାରଣରୁ ଅନିୟମିତ ବର୍ଷା ଓ ରୋଗପୋକ ପ୍ରାଦୁର୍ଭାବ ବଢ଼ିବା ହେତୁ ଅମଳ କମୁଛି। ଏହି ସମସ୍ୟା ଦୂର କରିବା ଲାଗି ଆସାମରେ ନିଲମ୍ ଦତ୍ତ ଚେଷ୍ଟା ଜାରି ରଖିଛନ୍ତି। ସେ 'ପାଭୋହି ଗ୍ରିନ୍' କମ୍ପାନୀ ଗଠନ କରି ଜଳବାୟୁ ପରିବର୍ତ୍ତନ ସହନୀୟ ବିହନର ସଂରକ୍ଷଣ କରିବା ସହ ଚାଷ ଲାଗି କୃଷକମାନଙ୍କୁ ଉତ୍ସାହିତ କରିଆସୁଛନ୍ତି। ବଡ଼ କଥା ହେଉଛି ସେ ଉତ୍ତର-ପୂର୍ବ ଭାରତର ୨୪ ହଜାର କୃଷକଙ୍କୁ ଜୈବିକ ଚାଷ ଓ ବିହନ ସଂରକ୍ଷଣ ସମ୍ପର୍କରେ ପ୍ରଶିକ୍ଷଣ ଦେଉଛନ୍ତି। ନିଲମ ୧୮ ଏକର ଜମିରେ ଜୈବିକ ଚାଷ କରୁଛନ୍ତି ଓ ବିଲୋପ ହେବାକୁ ବସିଥିବା ବିହନ ଉତ୍ପାଦନ କରୁଛନ୍ତି। ନିଲମ୍ ତାହାର ସଂରକ୍ଷଣ କରି କୃଷକମାନଙ୍କୁ ଯୋଗାଉଛନ୍ତି। ଫଳରେ କୃଷକମାନେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ମୁକାବିଲା ପୂର୍ବକ ପାରମ୍ପରିକ ବିହନରେ ଚାଷ କରି ଅଧିକ ଲାଭ ପାଉଛନ୍ତି। ଆଶ୍ଚର୍ଯ୍ୟର ବିଷୟ, ୧୫ ବର୍ଷ ମଧ୍ୟରେ ନିଲମ୍ ୮୦୦ ପ୍ରକାରର ପନିପରିବା ଓ ୨୦୦ କିସମର ଧାନ ବିହନ ସଂରକ୍ଷଣ କରିପାରିଛନ୍ତି। କେବଳ ଏତିକି ନୁହେଁ, ପ୍ରତିବର୍ଷ ସେ ବିହନ ଶସ୍ତାରେ କୃଷକମାନଙ୍କୁ ଯୋଗାଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୩୦ ଅକ୍ଟୋବର ୧୯୭୫

- ବମ୍ବେ ସମୁଦ୍ର ଗର୍ଭର ପଶ୍ଚିମ ଓ ଉତ୍ତର ପଶ୍ଚିମ ଉପକୂଳବର୍ତ୍ତୀ ଅଞ୍ଚଳର ୨୦ ହଜାର ବର୍ଗ କିଲୋମିଟର ପରିମିତ ସ୍ଥାନରେ ତୈଳ ଅନୁସନ୍ଧାନ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ନୂଆ ପରିକଳ୍ପନା ହାତକୁ ନିଆଯାଇଛି।
- ନିଭେଦା ମରୁଭୂମି ଅଞ୍ଚଳରେ ଯୁକ୍ତରାଷ୍ଟ୍ର ଆମେରିକା ଭୂମି ତଳେ ଏକ ପରମାଣୁ ବୋମା ପରୀକ୍ଷା କରିଛି।
- ଆମେରିକା ମିଶରକୁ ୯ କୋଟି ୮୧ ଲକ୍ଷ ଡଲାର ମୂଲ୍ୟର ଗହମ, କପା ଓ ଧୂଆଁପତ୍ର ସାହାଯ୍ୟ କରିବା ନେଇ ୪ଟି ରାଜିନାମା ସ୍ୱାକ୍ଷରିତ।

## ଚିରନ୍ତନୀ

ଚଳଇ ଧୀରେ ମେଘ
ଆକାଶେ ନାହିଁ ବେଗ
ଅଶନିଘୋଷ ନାହିଁ ଶୁଭଇ
ପିଚ୍ଛିଳ ପଥେ ପାଦ
ରଚଇ ପରମାଦ
ମରମ କି ଦରଦ ଲଭଇ!
-(ବର୍ଷାରତି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | 5 | 2 | | | | 4 | |
| 6 | | | 9 | | | | | 3 |
| | | 2 | 7 | | | | | 8 |
| | | 4 | 6 | | | | | |
| | | | | 1 | | | | |
| | 7 | | 4 | | | | | 1 |
| | | | 8 | | | | | 4 |
| 8 | 9 | 7 | | | | 2 | | |
| | 5 | | | | 7 | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 7 | 8 | 6 | 3 | 2 | 1 | 5 | 9 |
| 9 | 6 | 5 | 7 | 1 | 8 | 3 | 2 | 4 |
| 3 | 2 | 1 | 5 | 9 | 4 | 8 | 6 | 7 |
| 8 | 1 | 6 | 4 | 7 | 5 | 2 | 9 | 3 |
| 7 | 9 | 4 | 2 | 6 | 3 | 5 | 8 | 1 |
| 2 | 5 | 3 | 9 | 8 | 1 | 7 | 4 | 6 |
| 5 | 8 | 9 | 1 | 4 | 7 | 6 | 3 | 2 |
| 6 | 3 | 7 | 8 | 2 | 9 | 4 | 1 | 5 |
| 1 | 4 | 2 | 3 | 5 | 6 | 9 | 7 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବ୍ୟାଟେରି ରିସାଇକ୍ଲିଂ ଏକ ଆହ୍ୱାନ

ମହାଶୟ,
ଭାରତରେ ବୈଦ୍ୟୁତିକ ଯାନ(ଇଭି)ର ଗ୍ରହଣୀୟତା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଇଭିର ଏକ ମୁଖ୍ୟ ଅଂଶ ହେଲା ଲିଥିୟମ-ଆୟନ ବ୍ୟାଟେରି। ବ୍ୟାଟେରିଗୁଡ଼ିକର ଜୀବନଚକ୍ର ସମାପ୍ତ ହେବା ପରେ ଏହା ବୈଦ୍ୟୁତିକ ବର୍ଜ୍ୟ (ଇ-ବର୍ଜ୍ୟ)ରେ ପରିଣତ ହୋଇ ପରିବେଶ ପାଇଁ କ୍ଷତିକାରକ ହୋଇଥାଏ। ଲିଥିୟମ-ଆୟନ ବ୍ୟାଟେରି ରିସାଇକ୍ଲିଂ ପ୍ରକ୍ରିୟା ଜଟିଳ, ବ୍ୟୟବହୁଳ ଏବଂ ଅଧିକ ଶକ୍ତି ଆବଶ୍ୟକ କରିଥାଏ। ଭାରତରେ ଉତ୍ପନ୍ନ ବାର୍ଷିକ ପ୍ରାୟ ୨ ନିୟୁତ ଟନ୍ ଇ-ବର୍ଜ୍ୟ ମଧ୍ୟରୁ ପ୍ରାୟ ୩୦% ରିସାଇକ୍ଲିଂ ହୋଇପାରିଥାଏ ଏବଂ ଅବଶିଷ୍ଟ ପରିବେଶକୁ କ୍ଷତି କରି ଚାଲିଛି। ଏହିଭଳି ଧାରା ଲାଗି ରହିଲେ ସ୍ୱଚ୍ଛ ପରିବେଶ ପାଇବା କଷ୍ଟକର ହୋଇପଡ଼ିବ। ଏହି ପରିପ୍ରେକ୍ଷୀରେ, ଉନ୍ନତ ବ୍ୟାଟେରି ରିସାଇକ୍ଲିଂ ଟେକ୍ନୋଲୋଜି, ଅକ୍ଷୟ ଶକ୍ତି ଆଧାରିତ ବ୍ୟାଟେରି ଏବଂ ବ୍ୟାଟେରିର ଜୀବନଚକ୍ର ବୃଦ୍ଧି ଆଦି ଦିଗରେ ଗବେଷଣା ଅପରିହାର୍ଯ୍ୟ।

**– ନବନୀତ ପାଣିଗ୍ରାହୀ, ରାୟଗଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅଖଣ୍ଡତା ପାଇଁ ସଂକଳ୍ପବଦ୍ଧ ହେବା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୯।୧୦(ଅନିଲ ଦାସ)

ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମଠାରେ 'ଏକତା ଦୌଡ଼' ବା ରନ୍ ଫର୍ ୟୁନିଟିକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଦେଶର ଏକତା ଓ ଅଖଣ୍ଡତା ପାଇଁ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସଂକଳ୍ପ ଓ ଦୃଢ଼ ପଦକ୍ଷେପର ତୁଳନା ନାହିଁ। ଦେଶର ଏକତା ପାଇଁ ସର୍ଦ୍ଦାର ପଟେଲ ସମର୍ପିତ ହୋଇ ଏକ ଅଖଣ୍ଡ ଭାରତର ମୂଳଦୁଆ ସ୍ଥାପନ କରି ଦେଶୀୟ ରାଜ୍ୟଗୁଡ଼ିକର ସମ୍ମିଶ୍ରଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେଥିପାଇଁ ତାଙ୍କୁ ଲୌହମାନବ ଆଖ୍ୟା ଦିଆଯାଏ। ତାଙ୍କ ଆଦର୍ଶରେ ଦେଶର ଏକତା ଓ ଅଖଣ୍ଡତା ପାଇଁ ପ୍ରତ୍ୟେକ ନାଗରିକ ସଂକଳ୍ପବଦ୍ଧ ହୋଇ କାମ କରିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଛାତ୍ରୀଛାତ୍ର ଓ ଯୁବତୀଯୁବକମାନଙ୍କୁ ରାଷ୍ଟ୍ରୀୟ ଏକତା ପାଇଁ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୩ ହଜାର ଛୋଟ ପିଲା, କ୍ରୀଡ଼ା ଛାତ୍ରାବାସର ଛାତ୍ରୀଛାତ୍ର ଓ ବିଭିନ୍ନ କ୍ରୀଡ଼ା ସଙ୍ଗଠନର ପିଲାମାନେ ଯୋଗଦେଇ ଦୌଡ଼ରେ ଭାଗ ନେଇଥିଲେ। ମୁଖ୍ୟମନ୍ତ୍ରୀ ସେମାନଙ୍କ ନେତୃତ୍ୱ ନେଇ ଏହି ଦୌଡ଼ରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ରାଜ୍ୟ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟଗଣ, ବିଧାୟକ, ମୁଖ୍ୟ ଶାସନ ସଚିବ, ପୋଲିସ ମହା ନିର୍ଦ୍ଦେଶକ, କ୍ରୀଡ଼ା ସଚିବ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଭାରତର ପ୍ରଥମ ଉପ ପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅକ୍ଟୋବର ୩୧ ତାରିଖକୁ ରାଷ୍ଟ୍ରୀୟ ଏକତା ଦିବସ ରୂପେ ପାଳନ କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ରବିବାର 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ୨୯ ତାରିଖଠାରୁ ରାଷ୍ଟ୍ରୀୟ ଏକତାର ସୂତ୍ରରେ ସମସ୍ତଙ୍କୁ ବାନ୍ଧି ରଖିବା ପାଇଁ ରନ୍ ଫର୍ ୟୁନିଟ୍ କାର୍ଯ୍ୟକ୍ରମ କରିବା ପାଇଁ ଆହ୍ୱାନ ଦେଇଥିଲେ। ୨୦୧୪ରୁ ସାରା ଦେଶରେ ଏହି କାର୍ଯ୍ୟକ୍ରମ ପାଳନ କରାଯାଉଅଛି।



ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମଠାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।

**ରାଷ୍ଟ୍ରୀୟ ଏକତା ଦିବସ**

## ମତ୍ସ୍ୟ ଉତ୍ପାଦନ ବୃଦ୍ଧି ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର, ୨୯।୧୦ (ବନ୍ଦନା ସେଠୀ)

ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ଦ୍ୱିଗୁଣିତ କରିବା ଲକ୍ଷ୍ୟରେ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି। ନୂତନ ଜ୍ଞାନକୌଶଳର ଉପଯୋଗ କ୍ରମେ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ଦେବାକୁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ତଥା ଏମ୍ଏସ୍ଏମ୍ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମତ ଦେଇଛନ୍ତି। ମଙ୍ଗଳବାର କୌଶଲ୍ୟାଗଙ୍ଗଠାରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ୪ଦିନିଆ ମତ୍ସ୍ୟଚାଷ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ମନ୍ତ୍ରୀ ମଲ୍ଲିକ ବିକଶିତ ଓଡ଼ିଶା ଲକ୍ଷ୍ୟରେ ପ୍ରାଣୀସମ୍ପଦ ବିକାଶ, ମତ୍ସ୍ୟଚାଷ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏବଂ ଉଦ୍ୟାନଚାଷ ଜରିଆରେ ମହିଳା ସଶକ୍ତୀକରଣକୁ ବିସ୍ତୃତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ସେ କୌଶଲ୍ୟାଗଙ୍ଗସ୍ଥିତ ମାଛ ଯାଆଁଳ କେନ୍ଦ୍ର ପରିଦର୍ଶନ କରିଥିଲେ। ଚଳିତ ଆର୍ଥିକ ବର୍ଷରେ ମାଛ ଯାଆଁଳ କେନ୍ଦ୍ରରେ ଏଯାବତ୍ ୩୮କୋଟି ଗୁଣ୍ଡ ଜାଆଁଳ ରେକର୍ଡ ଉତ୍ପାଦନ ହୋଇଥିବାରୁ ମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ।

## ବିହାରରେ ୨ ପ୍ରବାସୀ ଓଡ଼ିଆ ଶ୍ରମିକ ମୃତ

ଗଣିଆ,୨୯।୧୦
(ସନ୍ତୋଷ କୁମାର ପ୍ରଧାନ)

ବିହାର ରାଜ୍ୟ ପାଟନାରେ ଥିବା ଏକ କମ୍ପାନୀରେ କାମ କରୁଥିବା ନୟାଗଡ଼ ଜିଲା ଗଣିଆ ବ୍ଲକର ୨ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକମାନେ ହେଲେ ରାସଙ୍ଗ ପଞ୍ଚାୟତ କାଦୁଆ ଗ୍ରାମର ବିଜୟ ବେହେରା(୩୫) ଓ ଗୋଛାବାରୀ ଗ୍ରାମର ମନୋଜ ବେହେରା (୨୭) । ଉଭୟ ପଡୋଶୀ ଗ୍ରାମର ଶ୍ରମିକମାନଙ୍କ ସହ ଗତ ୭ମାସ ଧରି ବିହାରର ପାଟନାରେ ନିର୍ମାଣାଧୀନ ଏଲ ଆଣ୍ଡ ଟି କମ୍ପାନୀର ଏକ ମେଟ୍ରୋ ଟନେଲରେ କାମ କରୁଥିଲେ । ସୋମବାର ସେହି ଟନେଲ ଭିତରେ ଏକ ଗାଡ଼ି ଉଭୟଙ୍କୁ ଧକ୍କା ଦେଇଥିଲା । ଏଥିରେ ବିଜୟ ଓ ମନୋଜ ଗୁରୁତର ହୋଇଥିଲେ । ତୁରନ୍ତ ଉଭୟଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କ ମୃତ୍ୟୁ ଘଟିଥିଲା । ଉଭୟଙ୍କ ମୃତଦେହକୁ ଗଣିଆ ଆଣିବା ପାଇଁ ରାଜ୍ୟ ସରକାରଙ୍କ ଶ୍ରମ ଓ ନିଯୋଜନ ବିଭାଗ ତରଫରୁ ଉଦ୍ୟମ ଜାରି ରହିଛି । ୨ ଶ୍ରମିକଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ରାଜ୍ୟ ଶ୍ରମ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ କହିଛନ୍ତି । ମୃତ ବିଜୟ ତାଙ୍କ ପରିବାରର ଏକମାତ୍ର ପୁଅ ହୋଇଥିବା ବେଳେ ତାଙ୍କର ୮ ଓ ୪ ବର୍ଷର ୨ ଝିଅ ଅଛନ୍ତି । ସେହିପରି ମନୋଜ (ମିଲୁ) ଗତ ଗଣେଶ ପୂଜାରେ ଗାଁକୁ ଆସିଥିଲେ । ଅଳ୍ପଦିନ ତଳେ ସେ ପାଟନା ଫେରିଯାଇଥିଲେ। ହେଲେ ମୃତ୍ୟୁ ଖବର ଆସିବା ପରେ ଉଭୟଙ୍କ ପରିବାର ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି ।

# ଡାକ୍ତରଙ୍କୁ ଗିରଫ, ହସ୍ପିଟାଲ ସିଲ୍ ଦାବିରେ ଧାରଣା


ଘରୋଇ ହସ୍ପିଟାଲ ସମ୍ମୁଖରେ ମୃତକଙ୍କ ପରିବାର ସଦସ୍ୟ ଧାରଣାରେ ବସିଛନ୍ତି।

**ଚିକିତ୍ସା ଅବହେଳାରୁ ନବଜାତ ଶିଶୁ ମୃତ୍ୟୁ ଘଟଣା**

କଟକ,୨୯।୧୦(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ସିଡିଏ ସେକ୍ଟର-୭ସ୍ଥିତ ଘରୋଇ ହସ୍ପିଟାଲ 'ନ୍ୟୁ ବର୍ନ ଆଣ୍ଡ ପେଡିଆଟ୍ରିକ୍ ହେଲ୍‌ଥ ସେଣ୍ଟର'ରେ ସୋମବାର ନବଜାତ ଶିଶୁର ମୃତ୍ୟୁକୁ ନେଇ ପରିବାର ଲୋକଙ୍କ ମଧ୍ୟରେ ଅସନ୍ତୋଷ ଜୋର୍ ଧରିଛି। ଏହି ଘଟଣାରେ ଡାକ୍ତରଙ୍କ ଗିରଫ ଓ ହସ୍ପିଟାଲ ସିଲ୍ କରିବା ଦାବିରେ ମୃତ ଶିଶୁଙ୍କ ପରିବାର ଲୋକେ ମଙ୍ଗଳବାର ହସ୍ପିଟାଲ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିଛନ୍ତି। ମର୍କତନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ବୁଝାଶୁଝା କରି ସ୍ଥିତି ନିୟନ୍ତ୍ରଣକୁ ଆଣିଥିଲା। ଏସ୍‌ସିବି ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଅପରପକ୍ଷରେ ମୃତକଙ୍କ ପରିବାର ସଦସ୍ୟ ଅପରାହ୍ନରେ ଜିଲାପାଳ କାର୍ଯ୍ୟାଳୟରେ ଉକ୍ତ ଘରୋଇ ହସ୍ପିଟାଲ ବିରୋଧରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗୁରୁତର ନବଜାତ ଶିଶୁପୁତ୍ରକୁ ଭେଣ୍ଟିଲେଟର ନ ଲଗାଇ ୫୦ ହଜାର ଟଙ୍କା ବିଲ୍ ପଇଠ କରିବାକୁ କହିବା, ଡାକ୍ତରଙ୍କ ଅନୁପସ୍ଥିତି ଯୋଗୁ ଶିଶୁର ମୃତ୍ୟୁ ଘଟିବା, ଶିଶୁ ମୃତ୍ୟୁ ପରେ ଔଷଧ ଏବଂ ଚିକିତ୍ସା ବାବଦକୁ ହସ୍ପିଟାଲ ପକ୍ଷରୁ ୪୦ ହଜାର ଟଙ୍କା ମଗାଯିବା ଏବଂ ଏହାକୁ ବିରୋଧ କରିବାରୁ ଘଟଣା ଚପାଇଦେବା ପାଇଁ ପରିବାର ଲୋକଙ୍କୁ ହସ୍ପିଟାଲ କର୍ତ୍ତୃପକ୍ଷ ୧୦ ହଜାର ଟଙ୍କା ଯାଚିଛନ୍ତି। ଏନେଇ ମୃତ ଶିଶୁର ମାମୁ ପ୍ରଶାନ୍ତ ବିଶ୍ୱାଳ କହିଛନ୍ତି, ଶିଶୁମୃତ୍ୟୁ ଘଟଣାରେ ଉପଯୁକ୍ତ ନ୍ୟାୟ ଦାବି କରୁଛୁ। ଏଥିପାଇଁ ଦାୟୀ ଡାକ୍ତରଙ୍କୁ ଗିରଫ କରା ନ ଯିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ। ମର୍କତନଗର ଥାନା ଏସ୍ଆଇ ଶୁଭ୍ରଜିତ୍ ପୁହାଣ କହିଛନ୍ତି, ଏ ସମ୍ପର୍କରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅବଗତ କରାଯିବ। ଏଥିସହ ଅଭିଯୋଗ ମୁତାବକ ଚିକିତ୍ସା ପ୍ରଣାଳୀ ଯାଞ୍ଚ କରାଯିବ। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ପଦକ୍ଷେପ ନିଆଯିବ। ଅପରପକ୍ଷରେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

ସୂଚନାଯୋଗ୍ୟ, ଗତ ୨୬ ତାରିଖରେ ଯାଜପୁର କୋରେଇ ଅଞ୍ଚଳର ସୁପ୍ରଭା ବିଶ୍ୱାଳ ଓ ରାଜେନ୍ଦ୍ର ସାହୁଙ୍କ ଏକ ଶିଶୁପୁତ୍ର ଯାଜପୁର ମେଡିକାଲରେ ଜନ୍ମ ହୋଇଥିଲା। ଶିଶୁର ନିଃଶ୍ୱାସ ନେବାରେ ଅସୁବିଧା ହେବାରୁ ଭେଣ୍ଟିଲେଟରର ଆବଶ୍ୟକ ପଡିଥିଲା। ତେଣୁ ଶିଶୁକୁ ସେଠାରୁ କଟକ ଶିଶୁଭବନ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଭେଣ୍ଟିଲେଟର ଫାଙ୍କା ନ ଥିବା ଜାଣିବା ପରେ ପରିବାର ଲୋକେ ଉକ୍ତ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହସ୍ପିଟାଲ ପକ୍ଷରୁ ଭେଣ୍ଟିଲେଟର ଲାଗିବ କହି ହଜାର ହଜାର ଟଙ୍କା ନେବା ପରେ ମଧ୍ୟ ଡାକ୍ତରଙ୍କ ଅନୁପସ୍ଥିତି ଓ ଚିକିତ୍ସା ଅବହେଳାରୁ ଶିଶୁର ମୃତ୍ୟୁ ଘଟିଥିଲା। ଏନେଇ ମୃତ ଶିଶୁଙ୍କ ପରିବାର ସଦସ୍ୟ ମର୍କତନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ଅଙ୍ଗନୱାଡି ଷ୍ଟାଟସ ରିପୋର୍ଟ ମାଗିଲେ ଏନ୍ଏଚ୍ଆର୍‌ସି

କେନ୍ଦୁଝର,୨୯।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)

**ଅଙ୍ଗନୱାଡି କେନ୍ଦ୍ରରେ ୩ ଶିଶୁ ମୃତ୍ୟୁ ଘଟଣା**

କେନ୍ଦୁଝର ଜିଲା ହାଟଡିହି ବ୍ଲକ ଅଞ୍ଚଳର ଏକ ଅଙ୍ଗନୱାଡି କେନ୍ଦ୍ରରେ ପଢୁଥିବା ୩ ଶିଶୁଙ୍କ ମୃତ୍ୟୁ ଘଟଣାରେ ଜାତୀୟ ମାନବାଧିକାର କମିଶନ(ଏନ୍ଏଚ୍ଆର୍‌ସି) ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ନୋଟିସ କରିଛନ୍ତି। ରାଜ୍ୟର ସମସ୍ତ ଅଙ୍ଗନୱାଡିରେ କାର୍ଯ୍ୟକ୍ଷମ ପାଇଖାନାର ସବିଶେଷ ତଥ୍ୟ (ଷ୍ଟାଟସ ରିପୋର୍ଟ) ଓ ସମସ୍ତ ଜିଲାର ଅନ୍ୟ କେନ୍ଦ୍ରରେ ନିର୍ମାଣ ପାଇଁ ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଦାଖଲ କରିବାକୁ ଉକ୍ତ ନୋଟିସରେ ଉଲ୍ଲେଖ କରିଛନ୍ତି। ସେହିପରି କମିଶନ କେନ୍ଦୁଝର ଜିଲାପାଳଙ୍କୁ ନୋଟିସ କରି ଅଙ୍ଗନୱାଡି କେନ୍ଦ୍ରରେ ପଢୁଥିବା ୩ ଶିଶୁଙ୍କ ମୃତ୍ୟୁ ଘଟଣାର ପେଣ୍ଡିଂ ରିପୋର୍ଟ, ସେମାନଙ୍କ ପରିବାରକୁ ପ୍ରଦାନ କରାଯାଇଥିବା କ୍ଷତିପୂରଣ, ଉକ୍ତ କେନ୍ଦ୍ରରେ ପାଇଖାନା ନିର୍ମାଣ ହୋଇଛି କି ନାହିଁ ଆଦି ରିପୋର୍ଟ ଦାଖଲ କରିବାକୁ ଆଦେଶ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଗତ ଏପ୍ରିଲ ୩୦ରେ ହାଟଡିହି ବ୍ଲକ ଅଞ୍ଚଳରେ ଏହି ଅଘଟଣ ଘଟିଥିଲା । ଅଙ୍ଗନୱାଡି କେନ୍ଦ୍ରରେ ପାଇଖାନା ନ ଥିବାରୁ ୩ ଶିଶୁ ପାଖରେ ଥିବା ଏକ ପରିତ୍ୟକ୍ତ ଖାଲକୁ ଶୌଚ ହେବାକୁ ଯାଇ ସେଠାରେ ବୁଡ଼ି ପ୍ରାଣ ହରାଇଥିଲେ। ସେହିପରି ସେପ୍ଟେମ୍ବର ୧୧ରେ କଟକ ଜିଲା ବାଙ୍କୀ ଅଞ୍ଚଳର ଏକ ଅଙ୍ଗନୱାଡି କେନ୍ଦ୍ରର ସହାୟିକା ସୁରୋଚନା ସ୍ୱାଇଁଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ମାନବାଧିକାର କର୍ମୀ ତଥା ବରିଷ୍ଠ ଆଇନଜୀବୀ ରାଧାକାନ୍ତ ତ୍ରିପାଠୀ ମାନବାଧିକାର କମିଶନଙ୍କଠାରେ ମାମଲା ରୁଜୁ କରିଥିଲେ । ଏହାକୁ ନେଇ କଟକ ଓ କେନ୍ଦୁଝର ଜିଲାପାଳ ସମେତ ରାଜ୍ୟ ସରକାରଙ୍କ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଏନେଇ ଉଭୟ ଜିଲାର ଜିଲାପାଳମାନେ କମିଶନଙ୍କୁ ସବିଶେଷ ରିପୋର୍ଟ ଦାଖଲ କରିଥିଲେ। ପରବର୍ତ୍ତୀ ସମୟରେ କମିଶନ ସେମାନଙ୍କ ଅତିରିକ୍ତ ରିପୋର୍ଟ ମାଗିଥିଲେ। ସୂଚନାଯୋଗ୍ୟ, ୨୦୨୨ ତଥ୍ୟ ଅନୁଯାୟୀ ରାଜ୍ୟର ସମୁଦାୟ ୭୩୧୭୨ କାର୍ଯ୍ୟକ୍ଷମ ଅଙ୍ଗନୱାଡି ଓ ମିନି ଅଙ୍ଗନୱାଡି ମଧ୍ୟରୁ ୩୨୭୨୮ଟି (୪୫%) ରେ ପାଇଖାନା ଅଛି।




## ୮୪୩ ଜିଓ ଟ୍ୟାଗ୍‌ଡ ଅଧିକାରୀଙ୍କ ଦରମା ବନ୍ଦ

ବାରିପଦା,୨୯।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ଗ୍ରାମୀଣ ଗୃହ ନିର୍ମାଣ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିଥିବା ୮୪୩ ଜିଓ ଟ୍ୟାଗ୍‌ଡ ଅଫିସରଙ୍କ ଦରମା ବନ୍ଦ କରାଯାଇଛି । ଏ ନେଇ ଜିଲାପାଳ ହେମକାନ୍ତ ସୟ ବିଭାଗୀୟ ଚିଠି ନଂ. ୮୪୫୯/୨୮ ଅକ୍ଟୋବର ୨୦୨୪ ଅନୁଯାୟୀ ସମସ୍ତ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଦରମା ପ୍ରଦାନ ନ କରିବାକୁ ଚିଠିରେ ଉଲ୍ଲେଖ ରହିଛି।

# ରିପୋର୍ଟ ପ୍ରଦାନ ସହ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ | ସିଡିପିଓଙ୍କ କାର୍ଯ୍ୟାଳୟର ଜଣେ କର୍ମଚାରୀଙ୍କ ଗର୍ଭ ନଷ୍ଟ ଘଟଣା

ଭୁବନେଶ୍ୱର, ୨୯।୧୦(ବନ୍ଦନା ସେଠୀ)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ୍ ଅଧୀନ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ)ଙ୍କ ଅବହେଳା ପାଇଁ ତାଙ୍କ କାର୍ଯ୍ୟାଳୟର ଜଣେ କର୍ମଚାରୀଙ୍କ ୭ମାସର ଗର୍ଭ ନଷ୍ଟ ହେବା ଘଟଣାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦୁଃଖ ପ୍ରକାଶ କରିଛନ୍ତି। ମଙ୍ଗଳବାର ଏ ନେଇ ଉପମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡ଼ା ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି। ଘଟଣାର ସତ୍ୟାସତ୍ୟ ଯାଞ୍ଚ କରି ତୁରନ୍ତ ରିପୋର୍ଟ ପ୍ରଦାନ କରିବା ସହ ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ସିଡିପିଓ ସ୍ନେହଲତା ସାହୁଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀ ବର୍ଷା ପ୍ରିୟଦର୍ଶିନୀ ମହାପାତ୍ର ୭ମାସର ଗର୍ଭବତୀ ଥିଲେ। ଏହାସତ୍ତ୍ୱେ ସେ ନିୟମିତ ଭାବେ କାର୍ଯ୍ୟାଳୟ ଆସି କାମ କରୁଥିଲେ। ଗତ ୨୫ତାରିଖରେ ସେ କାର୍ଯ୍ୟାଳୟରେ ଥିବାବେଳେ ତାଙ୍କର ଗର୍ଭ ଯନ୍ତ୍ରଣା ହୋଇଥିଲା। ତାଙ୍କୁ ତୁରନ୍ତ ଡାକ୍ତରଖାନା ନେବାକୁ ବର୍ଷା ସିଡିପିଓ ସ୍ନେହଲତାଙ୍କୁ ନିବେଦନ କରିଥିଲେ। ମାତ୍ର ସିଡିପିଓ ତାଙ୍କୁ ମେଡିକାଲ ନ ଛାଡ଼ି ଖରାପ ବ୍ୟବହାର ପ୍ରଦର୍ଶନ ଓ ଗାଳିଗୁଲଜ କରିଥିବା ବର୍ଷା ପ୍ରିୟଦର୍ଶିନୀ ଅଭିଯୋଗ କରିଛନ୍ତି। ଏଥିସହ ସିଡିପିଓଙ୍କ ଅବହେଳାରୁ ତାଙ୍କ ଗର୍ଭ ନଷ୍ଟ ହୋଇଥିବା ବର୍ଷା ଅଭିଯୋଗ ଆଣିଛନ୍ତି।

# ୩୩ ଘଣ୍ଟା ପରେ ହେଲା ମୃତଦେହ ସତ୍କାର

ପାପଡ଼ାହାଣ୍ଡି, ୨୯।୧୦ (ସ୍ୱପ୍ନଜିତ ପଟ୍ଟନାୟକ)

ହିନ୍ଦୁଧର୍ମ ଛାଡ଼ି ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିଥିବା ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ପଣ୍ଡିକୋଟ ପଞ୍ଚାୟତ ସଦର ଗାଁର ଡମ୍ବୁ ଜାନୀଙ୍କର ସୋମବାର ମୃତ୍ୟୁ ହୋଇଥିଲା। ଗ୍ରାମବାସୀ ଗାଁ ଶ୍ମଶାନରେ ତାଙ୍କ ମୃତଦେହ ସତ୍କାର କରାଇ ଦେଇ ନ ଥିଲେ। ପ୍ରଶାସନ ପକ୍ଷରୁ ମଙ୍ଗଳବାର ଗାଁ ପାଖରେ ଏକ ଜାଗା ଚିହ୍ନଟ କରାଯାଇଥିଲା। ଦୀର୍ଘ ୩୩ଘଣ୍ଟା ମୃତଦେହ ଘରେ ପଡ଼ି ରହିବା ପରେ ସତ୍କାର କରାଯାଇଥିଲା।

ଡମ୍ବୁ ଜାନୀ ୨ ବର୍ଷ ତଳେ ହିନ୍ଦୁଧର୍ମ ଛାଡ଼ି ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିଥିଲେ। ସୋମବାର ତାଙ୍କର ମୃତ୍ୟୁ ଘଟିବା ପରେ ଗାଁ ଲୋକେ ଶ୍ମଶାନରେ ମୃତଦେହ ସତ୍କାର କରିବାକୁ ମନା କରିଦେଇଥିଲେ। ପ୍ରଶାସନିକ ଅଧିକାରୀମାନେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଫଳରେ ମୃତଦେହ ସତ୍କାର ହୋଇ ନ ପାରି ଘରେ ପଡ଼ିରହିଥିଲା। ଗାଁରେ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀଙ୍କ ମୃତଦେହ ସତ୍କାର ପାଇଁ ସ୍ଥାନ ନ ଥିବାରୁ ମଙ୍ଗଳବାର ଏକ ଜାଗା ଚିହ୍ନଟ କରାଯିବା ପରେ ସେଠାରେ ଅନ୍ତିମ ସଂସ୍କାର କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ମଙ୍ଗଳବାର ଅତିରିକ୍ତ ତହସିଲଦାର ସସ୍ମିତା ଜେନା, ଥାନାଧିକାରୀ ଦୀପକ କୁମାର ଜେନା, ରାଜସ୍ୱ ନିରୀକ୍ଷକ ଅର୍ଜୁନ ମାଝୀ ଘଟଣାସ୍ଥଳ ପହଞ୍ଚିଥିଲେ। ପ୍ରଶାସନ ପକ୍ଷରୁ ମୃତଦେହ ସତ୍କାର ପାଇଁ ଏକ ଜାଗା ଚିହ୍ନଟ କରାଯିବା ପରେ ଅପରାହ୍ନ ୧ଟାରେ ମୃତଦେହ ଘରୁ ବାହାର କରାଯାଇ ୧.୩୦ରେ ପ୍ରଶାସନ ପକ୍ଷରୁ ଚିହ୍ନଟ ସ୍ଥାନରେ ପହଞ୍ଚିଥିଲା। ସେଠାରେ ଖ୍ରୀଷ୍ଟୀୟ ରୀତିନୀତି ଅନୁସାରେ ୨.୩୦ ସମୟରେ ମୃତଦେହକୁ କବର ଦିଆଯାଇଥିଲା ।


ମୃତଦେହକୁ ସତ୍କାର ପାଇଁ ନିଆଯାଉଛି।

**ଧର୍ମ ପରିବର୍ତ୍ତନକାରୀଙ୍କ ମୃତଦେହକୁ ଗାଁ ଶ୍ମଶାନରେ ଜାଗା ନ ମିଳିବା ଘଟଣା**



**ସଂକ୍ଷେପରେ**

## ସ୍ତ୍ରୀଙ୍କୁ ହତ୍ୟା ମାମଲାରେ ସ୍ୱାମୀ ନିର୍ଦ୍ଦୋଷରେ ଖଲାସ

**ଯାଜପୁର ଟାଉନ,୨୯।୧୦ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):** ସ୍ତ୍ରୀଙ୍କୁ ହେମଦସ୍ତା ପୁଆରେ ଛେଚି ହତ୍ୟା ମାମଲାରେ ସ୍ୱାମୀ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଯାଜପୁର ଜିଲା ଜଜ୍ କୋର୍ଟ ବିଚାରପତି ଅମୃତ ରଞ୍ଜନ ନନ୍ଦ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସେ ହେଲେ ଯାଜପୁର ଜିଲା ମଙ୍ଗଳପୁର ଥାନା ଈଶ୍ୱରପୁର ଗ୍ରାମର ଅରୁଣ କୁମାର ଦାସ। ଏହି ଥାନା ସୋଲପାଟ ଗ୍ରାମର କୃପାସିନ୍ଧୁ ମଲ୍ଲିକ ତାଙ୍କ ଝିଅ ବୀଣାପାଣିଙ୍କୁ ଅରୁଣଙ୍କ ସହ ୨୦୧୩ ଜୁନ୍ ୨୦ରେ ବିବାହ କରାଇଥିଲେ। କିଛି ଦିନ ଦମ୍ପତି ଖୁସିରେ ଅତିବାହିତ କରିଥିବାବେଳେ ଅରୁଣଙ୍କ ଅନ୍ୟ ଜଣେ ଝିଅଙ୍କ ସହିତ ସମ୍ପର୍କ ଥିବା ଜଣାପଡ଼ିଲା। ଫଳରେ ବୀଣାପାଣି ଏବଂ ଅରୁଣଙ୍କ ମଧ୍ୟରେ ଝଗଡ଼ା ଲାଗି ରହିଥିଲା। କୃପାସିନ୍ଧୁଙ୍କ ଅଭିଯୋଗ ମୁତାବକ, ଅରୁଣ ବୀଣାପାଣିଙ୍କୁ ସେବେଠାରୁ ମାନସିକ ଓ ଶାରିରୀକ ନିର୍ଯାତନା ଦେଇଚାଲିଥିଲେ। ୨୦୨୧ ଜୁଲାଇ ୧୩ରେ ଉଭୟଙ୍କ ମଧ୍ୟରେ ଆପୋସ ମିଳାମିଶା ହୋଇଥିଲା। ଏହାର ୭ଦିନ ପରେ ଜୁଲାଇ ୨୦ରେ ଅରୁଣ ବୀଣାପାଣି ଏବଂ ୩ପିଲାଙ୍କୁ ଧରି ଶଶୁର ଘରକୁ ଯାଇଥିଲେ। ମାତ୍ର ୨୧ତାରିଖରେ କୃପାସିନ୍ଧୁ ମଙ୍ଗଳପୁର ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ଜ୍ୱାଇଁ ଅରୁଣ ତାଙ୍କ ଝିଅ ବୀଣାପାଣିଙ୍କୁ ଏକ ହେମଦସ୍ତା ପୁଆରେ ଛେଚି ହତ୍ୟା କରିଥିବା ଅଭିଯୋଗରେ ଦର୍ଶାଇଥିଲେ। ଏନେଇ ଥାନାରେ ନଂ.୩୬୬/୨୧ରେ ମାମଲା ରୁଜୁ ହୋଇଥିଲା। ପୋଲିସ ଅରୁଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୨୩ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ରଶ୍ମିରଞ୍ଜନ ମହାନ୍ତି (ମାନସ) ମାମଲା ପରିଚଳାନା କରୁଥିଲେ।

## ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ପ୍ରସ୍ତୁତି ବୈଠକ

**ଛତିଆ,୨୯।୧୦(ସୌମ୍ୟ ରଞ୍ଜନ ସାହୁ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ପଞ୍ଚାୟତର ଅମରାବତୀ ଖେଳ ପଡ଼ିଆଠାରେ ଆସନ୍ତା ମାସରେ ପାଟଣା କ୍ରିକେଟ କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ ଗିରିଧାରୀ, ମନ୍ମଥ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏନେଇ ଅମରାବତୀଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କ୍ଲବ୍ ସମ୍ପାଦକ ହୃଷୀକେଶ ନାଥଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ଚଳିତ ବର୍ଷ ଉକ୍ତ ଟୁର୍ନାମେଣ୍ଟକୁ ଖୁବ ଆକର୍ଷଣୀୟ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ରାଜ୍ୟର ଆଗଧାଡ଼ିର ୧୨ କ୍ରିକେଟ କ୍ଲବ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ ବୋଲି ସ୍ଥିର କରାଯାଇଛି। ବୈଠକରେ କ୍ଲବର ସମସ୍ତ କର୍ମକର୍ତ୍ତା ଓ ଖେଳାଳି ଉପସ୍ଥିତ ଥିଲେ।

# ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ

**ଶ୍ୟାମାକାଳୀ ପୂଜା ପାଇଁ ପୋଲିସର ଚୂଡ଼ାନ୍ତ ବୈଠକ**

- ଶବ୍ଦ ପ୍ରଦୂଷଣ ଉପରେ ରୋକ
- ଆସିଲେନି ବହୁ ଅଧିକାରୀ



ମା' ଶ୍ୟାମାକାଳୀ ପୂଜା ପାଇଁ ପୋଲିସ ପକ୍ଷରୁ ଅନୁଷ୍ଠିତ ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

**ଯାଜପୁରରୋଡ୍,୨୯।୧୦ (ପବିତ୍ର ରଞ୍ଜନ ମହାନ୍ତି):** ଯାଜପୁରରୋଡ୍ ତଥା ବ୍ୟାସନଗର ସହରର ଗଣପର୍ବ ମା' ଶ୍ୟାମାକାଳୀ ପୂଜା ପାଇଁ ପୋଲିସ ପକ୍ଷରୁ ମଙ୍ଗଳବାର କେଏନ୍‌ଡିଏ ସେଲିବ୍ରେସନ ମଣ୍ଡପଠାରେ ଏକ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପୂଜା ସହରର ମୁଖ୍ୟ ଆକର୍ଷଣ ହୋଇଥିବାରୁ ପୂଜାକୁ ସରସସୁନ୍ଦର କରିବା ସହିତ ମେଳଣ ଉତ୍ସବକୁ ଶାନ୍ତିପୂର୍ଣ୍ଣଭାବେ ପାଳନ କରିବାକୁ ଆଲୋଚନା ହୋଇଛି। ଚଳିତ ବର୍ଷ ସହରରେ ସମୁଦାୟ ୧୬ ମଣ୍ଡପରେ ମା'ଙ୍କ ପୂଜା ଅନୁଷ୍ଠିତ ହେବାକୁ ଥିବାବେଳେ ଧବଳଗିରିଠାରେ ମା' ପୀଠଦେବୀ ଭାବେ ପୂଜା ପାଉଛନ୍ତି। ଆସନ୍ତା ୩୧ରୁ ନଭେମ୍ବର ୧୦ ମେଳଣ ଓ ଭସାଣି ଉତ୍ସବ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ବୈଠକରେ ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ ଦିଆଯାଇଛି।

ବୈଠକରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ ଅଧ୍ୟକ୍ଷତା କରିଥିଲେ। ଯାଜପୁରରୋଡ୍ ଆଦର୍ଶ ଥାନାଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ ଯୋଗଦେଇ ସମସ୍ତ ପୂଜା କମିଟି ସରକାରଙ୍କ ଗାଇଡ୍‌ଲାଇନ ଅନୁସାରେ ପୂଜା ପାଳନ କରିବାକୁ ନିବେଦନ କରିଥିଲେ। ମଣ୍ଡପଗୁଡ଼ିକରେ ସୁରକ୍ଷା ଦୃଷ୍ଟିରୁ ସିସିଟିଭି, ଅଗ୍ନି ନିର୍ବାପନ ଯନ୍ତ୍ର, ବାଲି ବାଲ୍ଟି, ଓଦା ଅଖା, ପାର୍କିଂ ବ୍ୟବସ୍ଥା କରିବା ସହ ଶବ୍ଦ ପ୍ରଦୂଷଣକୁ ଧ୍ୟାନ ଦେବା ଉପରେ ଆଲୋଚନା ହୋଇଥିଲା। ପୌରପରିଷଦ ପକ୍ଷରୁ ପୂଜା ମଣ୍ଡପ ଓ ରାସ୍ତାଘାଟ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ରାସ୍ତାର ଆଲୋକୀକରଣ, ପ୍ରତ୍ୟେକ ଦିନ ରାସ୍ତା ଏବଂ ମଣ୍ଡପ ନିକଟରେ ପାଣି ସିଞ୍ଚନ କରିବାକୁ ନିଷ୍ପତ୍ତି ହୋଇଥିଲା। ବିଦ୍ୟୁତ୍ ବିଭାଗ ଓ ୱାଟ୍‌କୋ ପକ୍ଷରୁ ନିରବଚ୍ଛିନ୍ନ ୨୪ ଘଣ୍ଟିଆ ସେବା ଯୋଗାଇଦେବାକୁ ପ୍ରଶାସନିକ ନିର୍ଦ୍ଦେଶ ଦିଆଯାଇଥିଲା। ମଣ୍ଡପଗୁଡ଼ିକରେ ଶୃଙ୍ଖଳିତ ଦର୍ଶନ ପାଇଁ ଜଣେ ଏସ୍‌ଆଇ ଏବଂ ୨ କନଷ୍ଟେବଳ ନିୟୋଜିତ ହେବେ। ସହରରେ ୪ ପ୍ଲାଟୁନ ସଶସ୍ତ୍ର ପୋଲିସ ଫୋର୍ସ ମୁତୟନ କରାଯିବା ସହ ସହରର ଟ୍ରାଫିକ ନିୟନ୍ତ୍ରଣକୁ କଡାକଡି କରାଯାଇ ଏକ ରୁଟ୍ ମ୍ୟାପ ପ୍ରସ୍ତୁତ କରାଯାଇଛି। ସହର ମଧ୍ୟକୁ ଭାରି ଯାନ ଓ ଶିଳ୍ପାଞ୍ଚଳ ବସ ଅପରାହ୍ନ ୩ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ପ୍ରବେଶ କଟକଣା ରହିଛି।

ଏହି ବୈଠକରେ ବିଭିନ୍ନ ବିଭାଗକୁ ଉପସ୍ଥିତ ରହିବାକୁ ଚିଠି ପ୍ରଶାସନ ପକ୍ଷରୁ କରାଯାଇଥିଲେ ମଧ୍ୟ ପୂର୍ତ୍ତ, ବିଦ୍ୟୁତ୍ ବିଭାଗ ଅଧିକାରୀ ଅନୁପସ୍ଥିତ ଥିଲେ। ଫଳରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବୈଠକରେ ବ୍ୟାସନଗର ତହସିଲଦାର ଦେବାଶିଷ ରାଉତ, ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ, ପୌର ନିର୍ବାହୀ ଅଧିକାରୀ ନମ୍ରତା ମୋଦି, ପୌର ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମେଳଣ କମିଟି ସଭାପତି ପ୍ରମୋଦ ରାଉତ, ସମ୍ପାଦକ ଶିଶିର ରାଉତ, ହରିହର ସାମଲ, ପୁରାତନ ବସଷ୍ଟାଣ୍ଡ କମିଟି ସଭାପତି ହୃଷିକେଶ ସାହୁ, ଆର୍ଯ୍ୟନ କ୍ଲବ ସଭାପତି ରବିନାରାୟଣ ପୁହାଣ, ସମ୍ପାଦକ ନିମାଇଁ ରାଉତ, କିଶୋର ରାଉତ, ରାଧାନାଥ ମାର୍ଗର ସଭାପତି ତପନ ନାୟକ, କଳାମନ୍ଦିର କମିଟି ପକ୍ଷରୁ ଅସିତାନନ୍ଦ ବିଶ୍ୱାଳ, ରେଳବାଇ ପକ୍ଷରୁ ଭରତ କିସ୍କୁ, ଦଳା କମିଟିର ମନୋଜ ପରିଡ଼ା, ନିରଞ୍ଜନ ସାହୁ, କୋପଣ୍ଡ କମିଟିର ପାର୍ଥସାରଥୀ ନାୟକ, ନ୍ୟୁ ମାର୍କେଟ କମିଟି ସଭାପତି ରାଜକିଶୋର ପ୍ରଧାନ, ନହକା ପୂଜା କମିଟିର ରବୀନ୍ଦ୍ର ନାୟକ, ଗୋପବନ୍ଧୁ ମାର୍ଗର ଦେବେନ୍ଦ୍ର ସାମଲ, କଲେଜ ଛକ ସଭାପତି ପ୍ରଶାନ୍ତ ବୋଇତାଇ, ଦୈତାରୀ ଧଳ, କହ୍ନେଇପୁର କମିଟିର ନୀଳମଣି ରାଉତ ଓ ଥାନାଛକ କମିଟି ପକ୍ଷରୁ ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଚଣ୍ଡିଖୋଲ କଲେଜ ଛାତ୍ରାବାସରୁ ୪୦ ପଙ୍ଖା ଚୋରି

**ଚଣ୍ଡିଖୋଲ,୨୯।୧୦(ପ୍ରଦୀପ୍ତ କୁମାର ପୃଷ୍ଟି):** ଯାଜପୁର ଜିଲା ଚଣ୍ଡିଖୋଲସ୍ଥିତ ବାବା ଭୈରବା ନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ବାଳକ ଛାତ୍ରାବାସରୁ ୪୦ ପଙ୍ଖା ଚୋରି ହୋଇଛି। ଏନେଇ ବଡ଼ଚଣା ଥାନାରେ ଅଭିଯୋଗ ହେବାପରେ ଥାନା ଅଧିକାରୀ ଶ୍ରୀକାନ୍ତ କୁମାର ବାରିକ କଲେଜ ପରିସରରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ମନୋଜ କୁମାର ଦାସଙ୍କ ଅଭିଯୋଗ ଅନୁଯାୟୀ, ବାତ୍ୟା ଦାନା ପାଇଁ ୨୩ରୁ୨୬ ତାରିଖ ପର୍ଯ୍ୟନ୍ତ କଲେଜ ଛୁଟିଥିଲା। ପିଲାମାନଙ୍କୁ ଘରକୁ ପଠାଇ ଦିଆଯାଇଥିଲା। ସୋମବାର କଲେଜ ଖୋଲିବା ପରେ ବାଳକ ଛାତ୍ରାବାସରୁ ସମସ୍ତ ୪୦ ପଙ୍ଖା ଚୋର ହୋଇଥିବା ହଷ୍ଟେଲ ଅଧୀକ୍ଷକ ଜଣାଇଥିଲେ। ଏଥିସହିତ ୨୨ ତାରିଖରେ ଏକାଡେମିକ ବ୍ଲକରେ ପାଣି ଯୋଗାଣ ପାଇଁ ନୂତନ ଭାବେ ଲାଗିଥିବା ପାଇପ ଓ ଟ୍ୟାପକୁ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଛନ୍ତି। ମହାବିଦ୍ୟାଳୟରେ ପାଚେରି ରହିଥିବାବେଳେ ରାତ୍ର ଜଗୁଆଳି ମଧ୍ୟ ରହିଛନ୍ତି। ତେବେ ଏତେ ସଂଖ୍ୟକ କର୍ମଚାରୀ ଥିବାବେଳେ କିପରି ସମସ୍ତ ଫ୍ୟାନ ଛାତ୍ରାବାସରୁ ଚୋରି ହେଲା ସେଥିନେଇ ସନ୍ଦେହ ପ୍ରକାଶ ପାଇଛି। ଖୁବ୍‌ଶୀଘ୍ର ଚୋରି ସମ୍ପର୍କରେ ଜଣାପଡ଼ିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।



ପଙ୍ଖାଚୋରି ମାମଲାର ତଦନ୍ତ କରାଯାଉଛି।

## ଓସିଏସ୍ ପରୀକ୍ଷାରେ ପ୍ରଜ୍ଞାପରମିତା କୃତକାର୍ଯ୍ୟ

**ଧର୍ମଶାଳା,୨୯।୧୦(ବଟକୃଷ୍ଣ ପରିଡ଼ା):** ଓଡ଼ିଶା ସିଭିଲ ସର୍ଭିସ(ଓସିଏସ୍)୨୦୨୨ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ୩୧୫ତମ ସ୍ଥାନରେ ରହି କୃତକାର୍ଯ୍ୟ ହୋଇଛନ୍ତି ପ୍ରଜ୍ଞାପରମିତା ମହାପାତ୍ର। ପ୍ରଜ୍ଞାପରମିତା ଜଗତ୍‌ସିଂହପୁର ଜିଲା ଚାଷୀଖଣ୍ଡ ଗ୍ରାମର ବସନ୍ତ କୁମାର ମହାପାତ୍ର ଓ ବନ୍ଦନା ମହାପାତ୍ରଙ୍କ କନ୍ୟା। ଏଥିସହିତ ସେ ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଜଳନ୍ଧର ବେହେରାଙ୍କ ଝିଆରି ମଧ୍ୟ। ପ୍ରଜ୍ଞାପରମିତା ଜଳନ୍ଧରଙ୍କ ପାଖରେ ରହି ପାଠ ପଢୁଥିଲେ। ନିଜର ଏକାଗ୍ରତା ଓ ନିଷ୍ଠାପର ଉଦ୍ୟମ ଯୋଗୁ ସେ



ଏହି ସଫଳତା ପାଇଛନ୍ତି। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଜଳଧରଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ପ୍ରଜ୍ଞାପରମିତା ଆଇଏଏସ୍ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି ବୋଲି ସୂଚନା ଦେଇଛନ୍ତି।

# ଫସଲ ହାନିର ଠିକ୍ ଆକଳନ ରିପୋର୍ଟ ପ୍ରଦାନ ଦାବି



ଧର୍ମଶାଳା କୃଷକ କଲ୍ୟାଣ ସଙ୍ଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଧର୍ମଶାଳା,୨୯।୧୦(ବଟକୃଷ୍ଣ ପରିଡ଼ା):** ବାତ୍ୟା ଦାନା ପ୍ରଭାବରେ ଲଗାଣ ବର୍ଷା ଓ ପବନ ଯୋଗୁ ଧର୍ମଶାଳା ଏବଂ ରସୁଲପୁର ବ୍ଲକ ଅଞ୍ଚଳରେ ବ୍ୟାପକ ଫସଲ ନଷ୍ଟ ହୋଇଛି। ତେଣୁ କୃଷି ବିଭାଗ ପକ୍ଷରୁ ଏହାର ଠିକ୍ ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇ ଦେବାକୁ ଧର୍ମଶାଳା କୃଷକ କଲ୍ୟାଣ ସଙ୍ଗଠନ ଦାବି କରିଛି। ୨୪ ତାରିଖ ବାତ୍ୟା ପ୍ରଭାବରେ ଲଗାଣ ବର୍ଷା ଓ ପବନ ହେବାରୁ ବିରି, କୋଳଥ, ମୁଗ, ଧାନ ଓ ବିଭିନ୍ନ ପନିପରିବା ଚାଷ କ୍ଷତି ହୋଇଛି। ମାତ୍ର କୃଷି ବିଭାଗ ଶୋଇ ପଡ଼ିଥିବା ଅଭିଯୋଗ କରିଛି ସଙ୍ଗଠନ। ଏନେଇ ସଙ୍ଗଠନ ପକ୍ଷରୁ ନିର୍ମଳ ସାମଲଙ୍କ ନେତୃତ୍ୱରେ ଲୋକନାଥ ପଲେଇ, ମନୋଜ କୁମାର ମହାନ୍ତି, ଅଜୟ କୁମାର ସାମଲ, ଦୈତାରୀ ମଲିକ, ଅଧିର କୁମାର ଜେନା ପ୍ରମୁଖ ଶତାଧିକ ଚାଷୀ ମଙ୍ଗଳବାର ଜାରକାସ୍ଥିତ କୃଷି କାର୍ଯ୍ୟାଳୟରେ ପହଞ୍ଚି ଫସଲ ହାନୀର ଉପଯୁକ୍ତ କ୍ଷୟକ୍ଷତି ଆକଳନ କରି ରିପୋର୍ଟ ପ୍ରଦାନ କରିବାକୁ ଜିଲା କୃଷି ଅଧିକାରୀଙ୍କୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ବିଦ୍ୟାଳୟରୁ ଚାଉଳ ଚୋରି ଅଭିଯୋଗ

**ପାଣିକୋଇଲ,୨୯।୧୦(ବିକାଶ ମଲ୍ଲିକ):** କୋରେଇ ଶିକ୍ଷାମଣ୍ଡଳ ଅଧୀନ ପାଣିକୋଇଲି ପଞ୍ଚାୟତ ମଣିପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପିଲାଙ୍କ ମଧ୍ୟାହ୍ନଭୋଜନ ନିମନ୍ତେ ରଖାଯାଇଥିବା ଚାଉଳ ଚୋରି ହୋଇଛି। ଏନେଇ ବିଦ୍ୟାଳୟ ପ୍ରଧାନଶିକ୍ଷକ ସଞ୍ଜୟ କୁମାର ମହାନ୍ତି ପାଣିକୋଇଲି ଥାନାରେ ଅଭିଯୋଗ କରିଛନ୍ତି। ବାତ୍ୟା ଦାନା ନିମନ୍ତେ ସମସ୍ତ ବିଦ୍ୟାଳୟକୁ ବାତ୍ୟା ଆଶ୍ରୟସ୍ଥଳଭାବେ ବ୍ୟବହାର କରିବା ଲାଗି ନିର୍ଦ୍ଦେଶ ହୋଇଥିଲା। ସେହି ଅନୁସାରେ ମଣିପୁର ସରକାରୀ ପ୍ରାଥମିକ ବିଦ୍ୟାଳୟଟିକୁ ବାତ୍ୟା ଆଶ୍ରୟସ୍ଥଳୀ କରାଯାଇଥିଲା। ଗତ ୨୮ ତାରିଖରେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ କବିତା ଟୁଡୁ ବିଦ୍ୟାଳୟକୁ ଆସି ଚାଉଳ ରଖାଯାଇଥିବା ଘରର କବାଟ ତାଲା ଭଙ୍ଗା ଯାଇଥିବା ଦେଖିଥିଲେ। ପରେ ଏନେଇ ସେ ପ୍ରଧାନଶିକ୍ଷକଙ୍କୁ ଜଣାଇଥିଲେ। ପ୍ରଧାନଶିକ୍ଷକ ବିଦ୍ୟାଳୟକୁ ଆସି ଘଟଣାର ସତ୍ୟାସତ୍ୟ ଉପଲବ୍ଧି କରିବା ପରେ କୋରେଇ ବ୍ଲକ ଶିକ୍ଷାଧିକାରୀଙ୍କୁ ଜଣାଇବା ସହିତ ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ। ଥାନା ଏସ୍‌ଆଇ ସ୍ମୃତିମଞ୍ଜରୀ ବଡ଼ଜେନା ଘଟଣାର ତଦନ୍ତ କରୁଛନ୍ତି।




## ବ୍ରଜନଗରରୁ ଚୋରା କୋଇଲା ଗାଡ଼ି ଜବତ



ଜବତ ହୋଇଥିବା କୋଇଲା।

**ପାଣିକୋଇଲି,୨୯।୧୦(ବିକାଶ ମଲ୍ଲିକ):** ପାଣିକୋଇଲି ଥାନା ଅଞ୍ଚଳ ଦେଇ ଅନ୍ୟ ଜିଲାକୁ ଚୋରାକୋଇଲା ଚାଲାଣ ହେଉଛି। ଏନେଇ ଅଭିଯୋଗ ହେବାପରେ ଯାଜପୁର ଜିଲା ଖଣି ବିଭାଗ ଏକ ଚୋରା କୋଇଲା ବୋଝେଇ ଟ୍ରକ୍ ଜବତ କରିଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଜିଲା ଖଣି ବିଭାଗର ଉପନିର୍ଦ୍ଦେଶକଙ୍କ ନିର୍ଦ୍ଦେଶମତେ ଖଣି ବିଭାଗର ସ୍ୱତନ୍ତ୍ର ସ୍କ୍ୱାଡ୍ ପାଣିକୋଇଲି ଥାନା ଅନ୍ତର୍ଗତ ବ୍ରଜନଗରଠାରେ ଚେକିଂ କରୁଥିବାବେଳେ ଟ୍ରକ୍ (ଓଡି୩୪ଡି୬୬୯୮)କୁ ଅଟକାଇଥିଲେ। ତେବେ ଉକ୍ତ ଟ୍ରକ୍‌ର ଚାଳକ କିମ୍ବା ଖଲାସୀ କାଗଜପତ୍ର ଦେଖାଇବା ପରିବର୍ତ୍ତେ ଟ୍ରକ୍ ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପରେ ଖଣି ବିଭାଗର ସ୍ୱତନ୍ତ୍ର ସ୍କ୍ୱାଡ୍ ଉକ୍ତଟ୍ରକକୁ ଜବତ କରିଥିଲା। ଉକ୍ତ ଟ୍ରକ୍‌ରେ ୨୩.୬୬ ଟନ କୋଇଲା ଚାଲାଣ ହେଉଥିବାର ଖଣି ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଫସଲ କ୍ଷତି ସହାୟତା ଦେବାକୁ କଂଗ୍ରେସର ଦାବି

**ସିଂହପୁର,୨୯।୧୦ (ଅନଙ୍ଗ ଉଦୟ ବେଉରିଆ):** ବାତ୍ୟା ଦାନା ଓ ପ୍ରବଳ ବର୍ଷା ଯୋଗୁ ଚାଷ ଜମି ଜଳମଗ୍ନ ହୋଇ ବିଞ୍ଝାରପୁର ବ୍ଲକ୍ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଧାନ କିଆରିରେ ବର୍ଷାପାଣି ଏବେବି ଲହଡ଼ି ମାରୁଛି। ପାଚିଲା ଧାନ ପାଣିରେ ଶୋଇ ଗଜା ହେଲାଣି। ବିରି ଫସଲ ପାଣିରେ



ବୁଡି ରହିଥିବାରୁ ପଚିନଷ୍ଟ ହୋଇଗଲାଣି। ପନିପରିବା ଫସଲ ଉଜୁଡ଼ି ଯାଇଛି। ଫଳରେ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି। ଶ୍ରମିକମାନେ କାମଧନ୍ଦା ନ ପାଇ ଘରେ ବସିଛନ୍ତି। ଚାରଣ ଜମି ବର୍ଷା ପାଣିରେ ବୁଡି ରହିଥିବାରୁ ଗୋରୁ ଚରିପାରୁନାହାନ୍ତି। ତେଣୁ ତୁରନ୍ତ କ୍ଷୟକ୍ଷତି ଆକଳନ କରି ବିଞ୍ଝାରପୁର ନିର୍ବାଚନମଣ୍ଡଳୀକୁ ଫସଲ କ୍ଷୟକ୍ଷତି ସହାୟତା, ୭ ଦିନ ପାଇଁ ରିଲିଫ ଓ ଗୋଖାଦ୍ୟ ଯୋଗାଇ ଦେବାକୁ କଂଗ୍ରେସ ପକ୍ଷରୁ ବିଧାୟିକା ପ୍ରାର୍ଥିନୀ କନକଲତା ମଲ୍ଲିକ, ପ୍ରବୋଧ ଦାସ, ପ୍ରତାପ ଦାସ, ଧନେଶ୍ୱର ସାମଲ, ମହେଶ୍ୱର ଦାସ, ବସନ୍ତ ଥାଟୋଇ, ଶ୍ରୀଧର ମଲିକ ଓ ବେନୁ ମଲିକ ପ୍ରମୁଖ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ଭତ୍ତା ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ଯାଜପୁର ଟାଉନ,୨୯।୧୦ (ପ୍ରଜକ୍ତା ପ୍ରିୟଦର୍ଶିନୀ ମହାନ୍ତି):** ଓଡ଼ିଶା ଭତ୍ତା ପ୍ରଦାନ ସଂଘର୍ଷ ସମିତି ଆହ୍ୱାନରେ ଜିଲା ସଂଘ ପକ୍ଷରୁ ଭତ୍ତାବୃଦ୍ଧି ଦାବି ନେଇ ମଙ୍ଗଳବାର ଯାଜପୁର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାର ଏକ ପ୍ରତିନିଧି ଦଳ ରାଜ୍ୟ ସଭାପତି ବିଦ୍ୟାଧର ମହାନ୍ତିଙ୍କ ଉପସ୍ଥିତିରେ ଜିଲାପାଳଙ୍କୁ ଭେଟି ଭତ୍ତାଧାରୀମାନେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଥିବା କହିଛନ୍ତି। ପରେ କାର୍ଯ୍ୟାଳୟ ସମ୍ମୁଖରେ ସଂଘର୍ଷ ସମିତିର ଜିଲା ସଭାପତି ମାୟାଧର ପାତ୍ରଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ରାଜ୍ୟ ସଭାପତି ମହାନ୍ତି ଯୋଗଦେଇ ରାଜ୍ୟ ସରକାରଙ୍କୁ ଦୃଢ଼ ସମାଲୋଚନା କରିଥିଲେ। ନିର୍ବାଚନ ପୂର୍ବରୁ ଭାଜପା ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ସମସ୍ତ ଭତ୍ତାଧାରୀଙ୍କୁ ୩ହଜାରରୁ ୩୫ଶହ ଦେବା କଥା ପ୍ରତାରଣାରେ ପରିଣତ ହେବାକୁ ଯାଉଛି ବୋଲି ମହାନ୍ତି ପ୍ରକାଶ କରିଥିଲେ। ଏହି ପ୍ରତିବାଦ ସଭାରେ ଅନ୍ୟମାନଙ୍କ ମଧ୍ୟରେ ନାରାୟଣ ଚନ୍ଦ୍ର ନାୟକ, ନିରଞ୍ଜନ ପରିଡ଼ା, ବିଜୟ ମହାନ୍ତି, ବ୍ରହ୍ମାନନ୍ଦ ଦାସ, ନିରୁପମା ମହାରଣା, ବିକାଶ ସାହୁ, ଦିଲୀପ ଦାସ ପ୍ରମୁଖ ଯୋଗଦେଇ ଭାଜପା ସରକାରକୁ ଚେତାବନୀ ଦେଇଥିଲେ। କାଳୀପୂଜାରେ ସମସ୍ତ ମଧୁବାବୁ ପେନସନଧାରୀ, ବିଧବା, ଦିବ୍ୟାଙ୍ଗ, ଦୁସ୍ଥ କଳାକାରଙ୍କ ଭତ୍ତାବୃଦ୍ଧି ନ କଲେ ଜିଲାରେ ଥିବା ୧୦ ବ୍ଲକ ଓ ୨ ମ୍ୟୁନିସିପାଲିଟିରେ ଆନ୍ଦୋଳନ କରାଯିବା ସହ ଅଚଳଅବସ୍ଥା ସୃଷ୍ଟି କରାଯିବ ବୋଲି ବକ୍ତାମାନେ କହିଥିଲେ।



ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଜଳ ନିଷ୍କାସନ ସମସ୍ୟା ସମାଧାନ ପାଇଁ କ୍ଷେତ୍ର ପରିଦର୍ଶନ

**ଚଣ୍ଡିଖୋଲ,୨୯।୧୦(ପ୍ରଦୀପ୍ତ କୁମାର ପୃଷ୍ଟି):** ଯାଜପୁର ଜିଲାର କେନ୍ଦ୍ରାପଡ଼ା ସୀମା ସଦାନନ୍ଦପୁର ଓ ରାଏତୁଣ୍ଡି ଗ୍ରାମରେ ଥିବା ଗୋବରୀ ନଦୀରେ ସେତୁ ନିର୍ମାଣ ଓ ବର୍ଷା ଜଳ ନିଷ୍କାସନର ସ୍ଥାୟୀ ସମାଧାନ ଏବଂ ବଡ଼ଚଣା ନିର୍ବାଚନମଣ୍ଡଳୀର କୁନ୍ଦଳ ଓ ବନ୍ଧାଳ ପଞ୍ଚାୟତ ଜଗନ୍ନାଥପୁରର ସମ୍ଭାବ୍ୟ ଜଳବନ୍ଦୀ ସହ ଚଣ୍ଡିଖୋଲ ଛକର ଡ୍ରେନେଜ ସମସ୍ୟାକୁ ଆଖି ଆଗରେ ରଖି ବଡ଼ଚଣା ବିଧାୟକ ଅମର ନାୟକ ମଙ୍ଗଳବାର କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହି ସମୟରେ ସେ ଡ୍ରେନେଜ ବିଭାଗ ଓ ଜଳ ସମ୍ପଦ ବିଭାଗ ଅଧିକାରୀଙ୍କ ସହ ବନ୍ଧାଳ ପଞ୍ଚାୟତ ବାଇଁଶିଆ ଜୋର୍, ଛୋଟ ଗେଙ୍ଗୁଟି ନଦୀର ସଫେଇ, ଛତିଆ ବଜାରର କେନାଲ ସଫେଇ ଓ ସାତ ଏବଂ ଆଠ ନମ୍ବର କେନାଲ ଜଳ ନିଷ୍କାସନ ସହ ଭରତପୁର, ବାଲିପଡ଼ିଆ, ପଲେଇ, ବରଦା ଓ ବିକ୍ରମ ତିରଣ ପଞ୍ଚାୟତରେ ଜଳ ନିଷ୍କାସନ କାର୍ଯ୍ୟକାରୀ ହେବା ନେଇ ଆଲୋଚନା କରିଛନ୍ତି।

ବଡ଼ଚଣା ଅଞ୍ଚଳରେ ଲାଗି ରହିଥିବା ଡ୍ରେନେଜ ସମସ୍ୟା ଓ ଚାଷୀଙ୍କ ସମସ୍ୟା ସହ ଅଞ୍ଚଳବାସୀଙ୍କ ସମସ୍ୟାର ସମାଧାନ ହେବା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି। ଏହି କ୍ଷେତ୍ର ପରିଦର୍ଶନ ସମୟରେ ଡ୍ରେନେଜ ବିଭାଗର ମୁଖ୍ୟଯନ୍ତ୍ରୀ ଅବିନାଶ ରାହୁଳ, ସହକାରୀ ମୁଖ୍ୟଯନ୍ତ୍ରୀ ଦୀପକ ବେହେରା, ଅଧୀକ୍ଷଣ ଯନ୍ତ୍ରୀ ମାୟାଧର ପରିଡ଼ା, ନିର୍ବାହୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ନାୟକ, କେନ୍ଦ୍ରାପଡ଼ା ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାୟ, ସହକାରୀ ଯନ୍ତ୍ରୀ ଗୋରାଶିସ ସାହୁ ପ୍ରମୁଖ ଉପସ୍ଥିତ ରହି ସମସ୍ୟା ଓ ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ।



ବଡ଼ଚଣା ବିଧାୟକ ଅମର ନାୟକ ଅଧିକାରୀମାନଙ୍କ ସହିତ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

# ବାର୍‌ହା ବର୍ଷକ ଆହାର ଛଡ଼ାଇ ନେଉଛନ୍ତି

**କେନ୍ଦ୍ରାପଡ଼ା, ୨୯।୧୦ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲାରେ ଡାଲୁଅ ଧାନ ଅମଳ ଆରମ୍ଭ ହୋଇଛି। ସେହିପରି ଆସନ୍ତା ମାସକ ପରେ ଖରିଫ ଧାନ ଅମଳ ପ୍ରକ୍ରିୟା ଆରମ୍ଭ ହେବ। ଏହି ସମୟରେ ଜାତୀୟ ଉଦ୍ୟାନ ନିକଟସ୍ଥ ମହାକାଳପଡ଼ା, ରାଜନଗର ଓ ରାଜକନିକା ବ୍ଲକ ଅଞ୍ଚଳର ଚାଷୀ ବାର୍‌ହା ଉପଦ୍ରବ ଓ ଆକ୍ରମଣ ଆଶଙ୍କା କରୁଛନ୍ତି। ଏହି କାରଣରୁ ଆଶାନୁରୂପକ ଫସଲ ଅମଳ ନେଇ ଚିନ୍ତାରେ ଅଛନ୍ତି। ସାମୁଦ୍ରିକ ଝଡ, ଲଗାଣ ବର୍ଷା ଓ ବନ୍ୟା ଦାଉରେ ଖରିଫ ଚାଷ ଆରମ୍ଭରୁ କ୍ଷତି ହୋଇଥିବାବେଳେ ବାର୍‌ହା ପ୍ରତିବର୍ଷ ବର୍ଷକର ଆହାର ଛଡ଼ାଇ ନେଉଛନ୍ତି। ଫସଲ ନଷ୍ଟ ପରେ କ୍ଷେତରେ କେବଳ ନଡ଼ା ଗଛ ଛିଡ଼ା ହୋଇ ରହୁଛି। ବନ ବିଭାଗ ପକ୍ଷରୁ ଚାଷ ଓ ସ୍ଥାନୀୟ ଅଧିବାସୀଙ୍କ ସୁରକ୍ଷା ବ୍ୟବସ୍ଥା ପ୍ରତି ନଜର ନ ଥିବା, ଜଙ୍ଗଲ ଶେଷ ମୁଣ୍ଡରେ ତାରବାଡ଼ ଦେବା, ଚାଷୀଙ୍କୁ କ୍ଷତିପୂରଣ ଦେବା ଆଦି ଦାବି କରି ସୋମବାର ଏଡିଏମ୍‌ଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଏ ସମ୍ପର୍କରେ ମହାକାଳପଡ଼ା ବ୍ଲକ ଜଗତିଜୋର ଗ୍ରାମର ପ୍ରଫୁଲ୍ଲ ସ୍ୱାଇଁ କହିଛନ୍ତି, ବାର୍‌ହାଙ୍କ ଉପଦ୍ରବ ଏବେ ବଢ଼ିଯାଇଛି। ଧାନ ଅମଳ ସମୟରେ ପ୍ରତିବର୍ଷ ୫ରୁ ଊର୍ଦ୍ଧ୍ୱ ସ୍ଥାନରେ ବାର୍‌ହା ଆକ୍ରମଣ ଘଟଣା ନଜରକୁ ଆସିଛି। ଏହି ବାର୍‌ହା ଆକ୍ରମଣ ଘଟଣା ବଢ଼ି ଚାଲିଥିବାରୁ ନିକଟସ୍ଥ

- ସ୍ଥାନୀୟ ଅଧିବାସୀ ଆକ୍ରମଣ ଭୟରେ ଅଛନ୍ତି
- ବନାଞ୍ଚଳ ପରିସୀମାରେ ତାରବାଡ଼ ପାଇଁ ଦାବି
- ଜଙ୍ଗଲୀ ଜନ୍ତୁଠାରୁ ଦୂରେଇ ରହିବାକୁ ପରାମର୍ଶ

ଗ୍ରାମବାସୀ ଧାନ ଅମଳକୁ ନେଇ ଚିନ୍ତାରେ ଅଛନ୍ତି। ବଡିଘର ଗ୍ରାମର ରମଣୀ ରଞ୍ଜନ ଦାସ କହିଛନ୍ତି, ଭିତରକନିକା ଅଞ୍ଚଳରେ ବାର୍‌ହାଙ୍କ ସଂଖ୍ୟା ବଢ଼ିଛି। ଏହି ସମୟରେ ପାଚିଲା ଧାନ ଖାଇବାକୁ ଜଙ୍ଗଲରୁ ବାହାରି କ୍ଷେତକୁ ପଶି ଆସୁଛନ୍ତି। ବନ ବିଭାଗ ପକ୍ଷରୁ ଏମାନଙ୍କୁ ରୋକିବାକୁ ଆବଶ୍ୟକ ପଦକ୍ଷେପ ନିଆଯାଉନାହିଁ। ଜଙ୍ଗଲ ନିକଟ ଗ୍ରାମ ସୀମାରେ ତାରବାଡ଼ ଘେରାଇବା, ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କରିବା ଓ ବନ୍ୟଜନ୍ତୁଙ୍କ ଆକ୍ରମଣଜନିତ ମୃତାହତ ବ୍ୟକ୍ତିଙ୍କୁ ସହାୟତା ଯୋଗାଇବାକୁ ସରକାରୀ ନିୟମ ରହିଥିଲେ ମଧ୍ୟ ଏହାର ସୁଫଳ ସ୍ଥାନୀୟ ଅଧିବାସୀଙ୍କୁ ମିଳୁନାହିଁ। ଫଳରେ ରାଜନଗର ଓ ମହାକାଳପଡ଼ା ବ୍ଲକ ଅଞ୍ଚଳର ବ୍ରାହ୍ମଣସାହି, ଡେରା, ଡାଙ୍ଗମାଳ, ହାତିନା, ଗୁପ୍ତି, ସାତଭାୟା,



ଈଶ୍ୱରପୁର, କେରୁଆଁପାଳ, ତନ୍ତିଆପାଳ, ବଡିଘର ପ୍ରଭୃତି ଅଞ୍ଚଳର ଚାଷୀ ବହୁ କ୍ଷତି ସହୁଛନ୍ତି। ଏ ସମ୍ପର୍କରେ ରେଞ୍ଜର ନଳିନୀକାନ୍ତ ବେହେରାଙ୍କୁ ପଚାରିବାରେ ନଭେମ୍ବରରୁ ଫେବୃଆରୀ ମାସ ପର୍ଯ୍ୟନ୍ତ ଜଙ୍ଗଲୀ ବାର୍‌ହାଙ୍କ ପ୍ରଜନନ ସମୟ। ଏହି ସମୟରେ ପ୍ରଚୁର ଖାଦ୍ୟର ଆବଶ୍ୟକତା ରହିଥାଏ। ଏଥିସହ ଏହି ସମୟରେ ସେମାନଙ୍କର ଆକ୍ରମଣ ପ୍ରବୃତ୍ତି ବୃଦ୍ଧି ପାଇଥାଏ। ଜଙ୍ଗଲ ଆଖାପାଖ ଅଞ୍ଚଳରେ ପାଚିଲା ଧାନ ସହଜ ଲବ୍ଧ ଖାଦ୍ୟ ହୋଇଥିବାରୁ କ୍ଷେତକୁ ଚାଲି ଆସିଥାନ୍ତି। ବନ ବିଭାଗ ପକ୍ଷରୁ ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳରେ ସଚେତନତା ସୃଷ୍ଟି କରାଯାଉଛି। ଏଥିରେ ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ସହଯୋଗ ମିଳୁଛି। ଜଙ୍ଗଲର ଆଖପାଖ ଗ୍ରାମଗୁଡ଼ିକରେ ବନ ବିଭାଗ ପକ୍ଷରୁ ରାତ୍ର ଜଗୁଆଳ ବ୍ୟବସ୍ଥା ହୋଇଛି। ଗ୍ରାମ ନିକଟ ଜଙ୍ଗଲ ସୀମାରେ ତାରବାଡ଼ ହୋଇଛି। ସମସ୍ତ ବନାଞ୍ଚଳକୁ ତାରବାଡ଼ ଘେରାଇବା ସମ୍ଭବ ନୁହେଁ। ସରକାରଙ୍କ ଅନୁଦାନ, ନିର୍ଦ୍ଦେଶ ଓ ଭିତ୍ତିଭୂମି ଅନୁଯାୟୀ ତାରବାଡ଼ କରାଯାଉଛି। ରାତ୍ରରେ ଚାଷ କ୍ଷେତକୁ ସୁରକ୍ଷା ଦେବାକୁ ଯାଉଥିବା ଚାଷୀ ସାବଧାନତା ଅବଲମ୍ବନ କରନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି।

## ପୋଖରୀରୁ ମହିଳାଙ୍କ ମୃତଦେହ ଜବତ, ସ୍ୱାମୀ ଅଟକ

### ଭାଇ ଆଣିଲେ ହତ୍ୟା ଅଭିଯୋଗ

**ମାର୍ଶାଘାଇ,୨୯।୧୦ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)**

ମାର୍ଶାଘାଇ ଥାନା ଅନ୍ତର୍ଗତ ଯଦୁପୁର ଗ୍ରାମରେ ଜଣେ ବିବାହିତା ମହିଳାଙ୍କ ମୃତଦେହ ଗାଁ ପୋଖରୀରୁ ମଙ୍ଗଳବାର ଜବତ ହୋଇଛି। ଯଦୁପୁର ଗାଁର ବିଶ୍ୱଜିତ ବସନ୍ତିଆ ଓରଫ ବାପି ଏହି ଥାନା ଅନ୍ତର୍ଗତ ବାନ୍ଧକୁଦ ଗାଁରେ ୧୨ ବର୍ଷ ପୂର୍ବେ ଇତିଶ୍ରୀ ଓରଫ ରିଙ୍କିଙ୍କୁ ବିବାହ କରିଥିଲେ। ସେମାନଙ୍କର ୧୧ ବର୍ଷର ପିଲା ଅଛି। ୧୨ ଦିନ ପୂର୍ବେ ରିଙ୍କି ଏକ ହସ୍ପିଟାଲରେ ଗୋଟିଏ ଶିଶୁ ପୁତ୍ରକୁ ଜନ୍ମ ଦେଇଥିଲେ। ହସ୍ପିଟାଲରୁ ଡିସଚାର୍ଜ ହୋଇ ସୋମବାର ଯଦୁପୁର ଆସିଥିଲେ। ଭୋରରୁ ରିଙ୍କି ଘରେ ନ ଥିବା ଜଣାପଡ଼ିବା ପରେ ପରିବାର ଲୋକ ଖୋଜା ଖୋଜି କରିଥିଲେ। କିଛି ସମୟ ପରେ ଦଣ୍ଡା ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ମୃତା ରିଙ୍କିଙ୍କ ଭାଇ ଚନ୍ଦନ ମହାପାତ୍ର ମାର୍ଶାଘାଇ ଥାନାରେ ବିଶ୍ୱଜିତ ଓ ତାଙ୍କ ଭାଇ ମୋ ଭଉଣୀଙ୍କୁ ମାରି ପୋଖରୀକୁ ଫିଙ୍ଗି ଦେଇଥିବା ନେଇ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ବିଶ୍ୱଜିତଙ୍କୁ ଥାନାରେ ଅଟକ ରଖାଯାଇଛି। ଏନେଇ ଥାନାରେ ନଂ. ୨୦୩/୨୪ରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ କହିଛନ୍ତି।

## କୁମ୍ଭୀର, ବାର୍‌ହା ଉପଦ୍ରବ: ଡିଏଫ୍‌ଓଙ୍କୁ ଦାବିପତ୍ର

**ରାଜନଗର, ୨୯।୧୦(ଭାସ୍କର ରାଉତରାୟ)**



କେନ୍ଦ୍ରାପଡ଼ା ଜିଲାରେ କୁମ୍ଭୀର ଓ ବାର୍‌ହା ଉପଦ୍ରବ ବଢ଼ିବାରେ ଲାଗିଛି। ପ୍ରତିଦିନ କେଉଁଠି ନାଁ କେଉଁଠି ଏହି ଆକ୍ରମଣର ଖବର ସାମ୍ନାକୁ ଆସୁଛି। ବାର୍‌ହା ଜନବସତିକୁ ପଶି ଆସି ଫସଲକୁ ନଷ୍ଟ କରୁଛନ୍ତି। ଚାଷୀ ଫସଲକୁହରାଇ କ୍ଷତିସହୁଥିବା ବେଳେ ବନ ବିଭାଗ ଠିକ୍ ସେ ପଦକ୍ଷେପ ନେଉନାହିଁ। ମଙ୍ଗଳବାର ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଷ୍ଣୁ ଦାସ ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ଭେଟି ଦାବିପତ୍ର ଦେବା ସହ ଯୁଦ୍ଧକାଳୀନ ଭିତ୍ତିରେ ଏହାର ସମାଧାନ କରିବାକୁ ଦାବି କରିଛନ୍ତି। ଭିତରକନିକାର ବାହାର ଅଞ୍ଚଳ ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ଖରସ୍ରୋତା, ଚିତ୍ରୋତ୍ପଳା, ଗୋବରୀ ଆଦି ନଦୀରେ କୁମ୍ଭୀରମାନଙ୍କର ଗଣନା କରାଯାଇ ଗଣନା ରିପୋର୍ଟ ସାର୍ବଜନୀନ କରାଯାଉ। କୁମ୍ଭୀର ବାସସ୍ଥଳକୁ ଚିହ୍ନଟ କରାଯାଉ। ପ୍ରତି ନଦୀଘାଟରେ ନଷ୍ଟ ହୋଇଯାଇଥିବା ବାଥିଂ ଘାଟକୁ ମରାମତି ସହ ଲୋକଙ୍କ ଆବଶ୍ୟକତା ଥିବା ସ୍ଥାନରେ ବାଥିଂ ଘାଟ ନିର୍ମାଣ କରାଯାଉ। ଗୋବରୀ ଓ ଏହାର ଶାଖା ନଦୀ କୂଳରେ ଥିବା ଗାଁଗୁଡ଼ିକରେ ବାଥିଂ ଘାଟ ନିର୍ମାଣ କରାଯାଉ। ଗୋବରୀ ନଦୀର ବିଜୟନଗର, ସାହାବାଜପୁର, ଓର୍ଡ଼ଘାଟ, ଅଳାଇଲୋ ଆଦି ନଦୀ ସ୍ଥାନରେ ବାଥିଂ ଘାଟ ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ କରାଯାଉ। ସବୁ ସମୟରେ ବାର୍‌ହା ଜନବସତିକୁ ପଶି ଧାନ, ଆଳୁ, ସାରୁ ଓ ପନିପରିବା ଫସଲ ନଷ୍ଟ କରୁଛନ୍ତି। ବାର୍‌ହାମାନଙ୍କର ବାସସ୍ଥଳଗୁଡ଼ିକୁ ଚିହ୍ନଟ କରାଯାଇ ଜନବସତି ନିକଟରେ ଥିବା ବାର୍‌ହାମାନଙ୍କୁ ଧରି ଜଙ୍ଗଲ ଭିତରେ ଛଡ଼ାଯାଉ ଏବଂ ଚାଷୀମାନଙ୍କର ନଷ୍ଟ ହୋଇଥିବା ଫସଲର ଉପଯୁକ୍ତ କ୍ଷତିପୂରଣ ଦିଆଯାଉ। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦାସ ଏହି ଦାବିପତ୍ର ଦେବା ସହ ଯୁଦ୍ଧକାଳୀନ ଭିତ୍ତିରେ ଏହାକୁ କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି। ସେ ଏହି ଦାବିପତ୍ରକୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଏବଂ ରାଜସ୍ୱ ମନ୍ତ୍ରୀଙ୍କ ନିକଟକୁ ପଠାଇଛନ୍ତି। ଭାଜପା ନେତା ଦାସଙ୍କ ସହ ମିଳନ ଓଝା, କରୁଣାକର ସାହୁ, ରମେଶ ସାହାଣୀ, ଶଶିଭୂଷଣ ପଟ୍ଟନାୟକ, ଅକ୍ଷୟ ସାମଲ, ମୁକୁନ୍ଦ ମହାପାତ୍ର, ପ୍ରତାପ ପାଇଟାଳ, ଲକ୍ଷ୍ମୀକାନ୍ତ ସ୍ୱାଇଁ, ନିତ୍ୟାନନ୍ଦ ବାରିକ, ନୀଳମଣି ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ବର୍ଷାଜଳ ନିଷ୍କାସନ ପାଇଁ ବିଡିଓଙ୍କୁ ଅଭିଯୋଗ

**ରାଜକନିକା,୨୯।୧୦(ସଞ୍ଜୟ କୁମାର ଦାଶ)**

ବାତ୍ୟା ଦାନା ପ୍ରଭାବରେ ଲଗାଣ ବର୍ଷା ଯୋଗୁ ରାଜକନିକା ବ୍ଲକ ଗୋକର୍ଣ୍ଣେଶ୍ୱର ଗାଁରେ ୫ ଦିନ ହେବ ମୁଖ୍ୟ ରାସ୍ତାରେ ଲହଡ଼ି ଭାଙ୍ଗୁଛି ବର୍ଷାପାଣି। ଗାଁର ୬୦ ପରିବାରର ୩ ଶହ ଲୋକ ଏବେ ଜଳବନ୍ଦୀ ଅବସ୍ଥାରେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏ ନେଇ ମଙ୍ଗଳବାର ଗାଁର ଶତାଧିକ ମହିଳାପୁରୁଷ ରାଜକନିକା ବିଡିଓ ପୃଥ୍ୱୀରାଜ ପରିଡ଼ାଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଇଛନ୍ତି, ଜଳ ନିଷ୍କାସନ କୌଣସି ରାସ୍ତା ନାହିଁ। ପ୍ରତ୍ୟେକ ବର୍ଷ ବର୍ଷାଦିନ ଆରମ୍ଭରୁ ପାଖାପାଖି ୪ରୁ୫ ମାସ ଧରି ବର୍ଷାଜଳ ରାସ୍ତାରେ ଜମି ରହୁଛି। ବର୍ଷାଜଳ ନିଷ୍କାସନ ପାଇଁ ସ୍ଥାୟୀ ସମାଧାନର ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଏହି ରାସ୍ତା ଦେଇ ଦୈନନ୍ଦିନ ସ୍କୁଲ, କଲେଜକୁ ଛାତ୍ରୀଛାତ୍ର ଓ ଲୋକମାନେ ଯାତାୟାତ କରୁଛନ୍ତି। ପାଣି ନିଷ୍କାସନ ପାଇଁ କୌଣସି ବାଟ ନ ଥିବାରୁ ଏହା ପଚି ବିଭିନ୍ନ ପ୍ରକାରର ପୋକ ଯୋକ ହୋଇଗଲାଣି। ଫଳରେ ବିଭିନ୍ନ ପ୍ରକାରର ରୋଗ ବିଶେଷକରି ଚର୍ମ ରୋଗ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏହାର ସ୍ଥାୟୀ ସମାଧାନ କରିବାକୁ ପ୍ରମିଳା ଦାଶ, ହରପ୍ରିୟା ମହାନ୍ତି, ମମତାରାଣୀ ସାମଲ, ସୁମିତ୍ରା ନାଥ, ସୀତାରାଣୀ ମାଝି, ସରସ୍ୱତୀ ମାଝି, କମଳା ଦେବୀ, ଝୁମା ରାୟ, ବଶ୍ୱେଶ୍ୱର ମୁଦୁଲି, ଲକ୍ଷ୍ମୀଧର ରାଉତ, ଶରତ ଚନ୍ଦ୍ର ବାରିକ, କୀର୍ତ୍ତି ରାୟ, ରଶ୍ମିରଞ୍ଜନ ମହାନ୍ତି, ଲଛମନ ଦାଶ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି। ଖୁବ୍‌ଶୀଘ୍ର ତଦନ୍ତ କରି ବର୍ଷାଜଳର ସ୍ଥାୟୀ ନିଷ୍କାସନ ବ୍ୟବସ୍ଥା କରାଯିବ ବୋଲି ବିଡିଓ ପରିଡ଼ା କହିଥିବା ଅଭିଯୋଗ କାରୀମାନେ କହିଛନ୍ତି।



ଗ୍ରାମବାସୀ ବିଡିଓଙ୍କୁ ରାସ୍ତାରୁ ପାଣି ନିଷ୍କାସନ ପାଇଁ ଦାବି କରୁଛନ୍ତି।

## ମୁକାବିଲା ପାଇଁ ଜନସଚେତନତା ଆବଶ୍ୟକ



**କେନ୍ଦ୍ରାପଡ଼ା, ୨୯।୧୦ (ଜଗନ୍ନାଥ ଧଳ)**

**ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଦିବସ**

ଜନ ସଚେତନତା ଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟକୁ ସହଜରେ ମୁକାବିଲା କରିହେବ। ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର, ଜିଲା ପ୍ରଶାସନ ସର୍ବଦା ଚେଷ୍ଟା କରି ଆସିଛନ୍ତି ବୋଲି କେନ୍ଦ୍ରାପଡ଼ା ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଦିବସରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଜିଲା ପରିଷଦ ସଭାଗୃହରେ ମଙ୍ଗଳବାର ଅନୁଷ୍ଠିତ ସଭାରେ ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଏଥିରେ ଏଡିଏମ୍ ନିଲୁ ମହାପାତ୍ର, ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ସହକାରୀ ଉପଜିଲାପାଳ ଅଶୋକ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ କହିଥିଲେ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ କେନ୍ଦ୍ରାପଡ଼ା ଜିଲା ବାତ୍ୟାପ୍ରବଣ ବୋଲି ଚିହ୍ନଟ କରାଯାଇଛି। ଏଥିପାଇଁ ଜିଲାର ୨୦ ସ୍ଥାନରେ ସାଇରନ ଆଲର୍ଟ କେନ୍ଦ୍ର ସ୍ଥାପନ ସହ ବହୁମୁଖୀ ବନ୍ୟା, ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ ହୋଇଛି। ୧୯୯୯ ମସିହା ମହାବାତ୍ୟା ପରଠାରୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜିଲାବାସୀଙ୍କ ସର୍ବନିମ୍ନ ମୌଳିକ ଆବଶ୍ୟକତାକୁ ଗୁରୁତ୍ୱ ଦିଆଯାଇଛି। ମକ୍‌ଡ୍ରିଲ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି। ରାଜ୍ୟରେ ଓସଡମା, ଓଡ୍ରାଫ, ରେଡକ୍ରସ ଆଦିକୁ ମଜଭୁତ କରାଯାଇଛି। ଜିଲାର ଯୁବବର୍ଗ, ସ୍ୱେଚ୍ଛାସେବୀ ସଙ୍ଗଠନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଏହି ବିପର୍ଯ୍ୟୟ ସମୟରେ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ସତର୍କତାମୂଳକ କାର୍ଯ୍ୟ କଲେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିହେବ। ୧୯୯୯ ମହାବାତ୍ୟାର ବିନାଶ ଆମକୁ ବିପର୍ଯ୍ୟୟ ପରିଚାଳନାର ବିକାଶ ପାଇଁ ବାଧ୍ୟ କରିଛି। ବାତ୍ୟା, ବନ୍ୟା, ସୁନାମି ପ୍ରବଣ ଅଞ୍ଚଳ ଚିହ୍ନଟ କରାଯାଇ ପରିବେଶ ସନ୍ତୁଳନ ରକ୍ଷା ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରାଯାଉଛି। ଏହି ସଭାରେ ମହାବାତ୍ୟାରେ ମୃତ ଆତ୍ମାଙ୍କ ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ମହାବାତ୍ୟା ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ବଳିଆରସିଂଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ସାମିଲ ହୋଇଥିଲେ।

## ବେଲପାଳ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ହେଲାନି

**ରାଜନଗର, ୨୯।୧୦ (ଭାସ୍କର ରାଉତରାୟ)**

**ହାଇକୋର୍ଟଙ୍କ ଆଦେଶକୁ ଉପଜିଲାପାଳ ମାନିଲେନି ଅଭିଯୋଗ**

ରାଜନଗର ବ୍ଲକ ବେଲପାଳ ସରପଞ୍ଚ ତିଲୋତମା ବରାଳଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିଥିଲା। ବେଲପାଳ ପଞ୍ଚାୟତର ୧୧ଜଣ ୱାର୍ଡ ସଭ୍ୟାସଭ୍ୟଙ୍କ ମଧ୍ୟରୁ ୮ଜଣ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ସେମାନଙ୍କ ଅଭିଯୋଗ ମୁତାବକ, ଦୀର୍ଘ ଅଢ଼େଇବର୍ଷ ହେଲା ସରପଞ୍ଚ ପଞ୍ଚାୟତରେ ଅନୁପସ୍ଥିତ ରହିବା ଫଳରେ ସରକାରଙ୍କ ବିଭିନ୍ନ ଯୋଜନାରେ ଆସିଥିବା ଅର୍ଥ ପଡ଼ି ରହିଛି। ସରପଞ୍ଚଙ୍କ ସ୍ୱାମୀ କେତେଜଣ ଯୁବକମାନଙ୍କୁ ଆପ୍ୟାୟିତ କରି ଆମ ନିର୍ବାଚିତ ସଭ୍ୟାସଭ୍ୟମାନଙ୍କୁ ଗାଳିଗୁଲଜ କରୁଛନ୍ତି। ରେଜ୍ୟୁଲେଶନରେ ନ ପଢ଼ି ଦସ୍ତଖତ କରିବାକୁ ବାଧ୍ୟ କରୁଛନ୍ତି। ସରପଞ୍ଚ ଅନୁପସ୍ଥିତ ଯୋଗୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କିସ୍ତି ଓ ଏମ୍‌ଜିଏନ୍‌ଆରଇଜିଏସ୍ ଅର୍ଥ ଘର କରିସାରିଥିଲେ ମଧ୍ୟ ଲୋକେ ପାଉନାହାନ୍ତି। ପମ୍ପ ଡ୍ରାଇଭରଙ୍କୁ ଦୀର୍ଘ ମାସ ହେବ ଦରମା ନ ଦେବାରୁ ସେମାନେ ମନମୁଖୀ କାର୍ଯ୍ୟ କରୁଛନ୍ତି। ଫଳରେ ଗ୍ରାମବାସୀ ଠିକ୍ ସମୟରେ ପାଣି ପାଇପାରୁନାହାନ୍ତି। ସରପଞ୍ଚଙ୍କ ସ୍ୱାମୀଙ୍କ କଥା ଆମେ ଗ୍ରହଣ କରୁ ନ ଥିବାରୁ ଆମକୁ ଆମର ମାସିକ ଭତ୍ତା ଦେଉନାହାନ୍ତି। ସରପଞ୍ଚ କେନ୍ଦ୍ରାପଡ଼ାରେ ରହୁଛନ୍ତି। ତେଣୁ ତାଙ୍କୁ ଆଇନ ମୁତାବକ ବହିଷ୍କାର କରିବାକୁ ୱାର୍ଡସଭ୍ୟସଭ୍ୟମାନେ ଦାବି କରିଥିଲେ।

ବେଲପାଳ ପଞ୍ଚାୟତର ୮ଜଣ ୱାର୍ଡ ସଭ୍ୟାସଭ୍ୟ ସେପ୍ଟେମ୍ବର ୧୩ରେ ଉପଜିଲାପାଳଙ୍କ ନିକଟରେ ହାଜର ହୋଇ ଅନାସ୍ଥା ନେଇ ଲିଖିତ ଦାବି ରଖିଥିଲେ। ସେପ୍ଟେମ୍ବର ୨୭ରେ ୱାର୍ଡ ସଭ୍ୟାସଭ୍ୟଙ୍କ ଦସ୍ତଖତ ଯାଞ୍ଚ କରାଗଲା। ଯାଞ୍ଚ ପରେ ଅନାସ୍ଥା ଭୋଟ ପାଇଁ ନୋଟିସ କରା ନ ଯାଇ ୧୨ଦିନ ପରେ ଅକ୍ଟୋବର ୯ରେ ନୋଟିସ ମୁତାବକ ଅକ୍ଟୋବର ୨୯ରେ ଅନାସ୍ଥା ଭୋଟ ହେବ ବୋଲି କହାଗଲା। ଉପଜିଲାପାଳଙ୍କ ଏହି ନୋଟିସ ବିରୋଧରେ ଜିଲାପାଳଙ୍କ କୋର୍ଟରେ ଅପିଲ ନଂ. ୨/୨୦୨୪, ୩/୨୦୨୪, ୪/୨୦୨୪ରେ ସରପଞ୍ଚଙ୍କ ସମର୍ଥକ ବିକ୍ରମ ବାରିକ, ସରପଞ୍ଚଙ୍କ ଦେଢ଼ଶୁର ବିଜୟ ଲେଙ୍କା ଓ ସରପଞ୍ଚ ତିଲୋତମା ବରାଳ ଅପିଲ କଲେ। ଜିଲାପାଳ ଅକ୍ଟୋବର ୧୭ରେ ଉପଜିଲାପାଳ ଗ୍ରାମ ପଞ୍ଚାୟତ ଆକ୍ଟ ୧୯୬୪ ଧାରା ୨୪ (୨)(ସି) ରେ କରିଥିବା ନୋଟିସକୁ ଖାରଜ କଲେ ଏବଂ ସ୍ଥିତାବସ୍ଥା ବଜାୟ ରଖିବାର ରାୟ ଦେଲେ। ଅନାସ୍ଥା ପ୍ରସ୍ତାବ ଆଣିଥିବା ୱାର୍ଡ ସଭ୍ୟାସଭ୍ୟମାନେ ଉଚ୍ଚ ନ୍ୟାୟାଳୟରେ ଡବ୍ଲୁପିସି ନଂ. ୨୬୨୫୧/୨୪ରେ ମାମଲା ଦାଏର କଲେ। ୨୩ ଅକ୍ଟୋବରରେ ବିଚାରପତି ଜିଲାପାଳଙ୍କ ଅର୍ଡର ଉପରେ ରହିତାଦେଶ (ଷ୍ଟେ'ଅର୍ଡର) ଦେଲେ। ମାତ୍ର ଉପଜିଲାପାଳ ୨୨ଅକ୍ଟୋବରରେ ସମସ୍ତ ୱାର୍ଡ ସଭ୍ୟାସଭ୍ୟଙ୍କୁ ଜିଲାପାଳଙ୍କ ଅର୍ଡର ମୁତାବକ ନିଜେ କରିଥିବା ନୋଟିସକୁ ପ୍ରତ୍ୟାହାର କରିନେଇ ୨୯ ଅକ୍ଟୋବରରେ ଅନାସ୍ଥା ଭୋଟ ହେବ ନାହିଁ ବୋଲି ଚିଠି କଲେ। ହାଇକୋର୍ଟ ଜିଲାପାଳଙ୍କ ଆଦେଶ ଉପରେ ରହିତାଦେଶ ଜାରି କରିଥିଲେ। ହେଲେ ଜିଲା ପ୍ରଶାସନ ହାଇକୋର୍ଟଙ୍କ ଆଦେଶକୁ କାର୍ଯ୍ୟକାରୀ ନ କରିବାରୁ ପଞ୍ଚାୟତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଉପଜିଲାପାଳ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରି ନ ଥିବାରୁ ତାଙ୍କ ବିରୋଧରେ କୋର୍ଟ ଅବମାନନା ମାମଲା କରିବୁ ବୋଲି ନାଏବ ସରପଞ୍ଚ ନଳିନୀକାନ୍ତ କୁଣ୍ଡ କହିଛନ୍ତି।

## ଚୋରା କୋଇଲା ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ, ଚାଳକ ଗିରଫ

**ରାଜକନିକା,୨୯।୧୦(ସଞ୍ଜୟ କୁମାର ଦାଶ)**

ଦୈନିକ ଭଦ୍ରକ ଧାମରା ଅଞ୍ଚଳରୁ ୫୦ରୁ ଅଧିକ ପିକ୍‌ଅପ୍ ଭ୍ୟାନରେ କେନ୍ଦ୍ରାପଡ଼ା ଜିଲା ରାଜକନିକା ଦେଇ ଚୋରା କୋଇଲା ଚାଲାଣ ହେଉଛି। ସୋମବାର ସନ୍ଧ୍ୟା ୬ଟାରେ ଭଦ୍ରକ ଜିଲା ଚାନ୍ଦବାଲି ଅଞ୍ଚଳରୁ ଦ୍ରୁତଗତିରେ ଚୋରା କୋଇଲା ବୋଝେଇ ପିକଅପ୍ ଭ୍ୟାନ (ନଂ. ଓଡି ୦୨ ସିଏଫ ୫୭୮୪) ଆସୁଥିବା ବେଳେ ରାଜକନିକା ପୋଲିସ ପାଟ୍ରୋଲିଂ କରୁଥିଲା। ଦ୍ରୁତଗତିରେ ଗାଡ଼ିଟି ଆସୁଥିବାରୁ ଦେଖି ପୋଲିସ ସନ୍ଦେହ କରି କଟକ-ଚାନ୍ଦବାଲି ରାଜ୍ୟ ରାଜପଥ(ଏସଏଚ ୯ ଏ) ରାସ୍ତାର ଚନ୍ଦନ ପୋଖରୀ ଛକ ନିକଟରେ ଅଟକାଇ ଥିଲା। ଗାଡ଼ିରେ ଅଷ୍ଟ୍ରେଲିଆ ଚୋରା କୋଇଲା ଥିବାବେଳେ ଡ୍ରାଇଭର ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ଫଳରେ ପୋଲିସ ଗାଡ଼ି ସହ ୪୦ ବସ୍ତା ଅଷ୍ଟ୍ରେଲିଆ କୋଇଲା ଜବତ କରି ଥାନାକୁ ନେଇଥିଲା। ଏହି ଘଟଣାରେ ଚାଳକ ଭଦ୍ରକ ଜିଲା ପୀରହାଟ ଥାନା ଅଞ୍ଚଳର ବାମନବିନ୍ଧା ପୁରୁଣା ବଜାର ଅଞ୍ଚଳର ଦୀପକ କୁମାର ସେଠୀ ଓରଫ୍ ମୁନା (୧୯ )ଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଆଇଆଇସି ଦିଲୀପ୍ କୁମାର ଧଳ ସୂଚନା ଦେଇଛନ୍ତି। ଏ ନେଇ ଥାନା ନଂ. ୪୪୦/୨୪ରେ ମାମଲା ରୁଜୁ ହୋଇଛି। ତେବେ ଏହି ଅଷ୍ଟ୍ରେଲିଆ ଚୋରା କୋଇଲା ସାଧାରଣ କୋଇଲା ମୂଲ୍ୟଠାରୁ ବହୁ ଅଧିକ ବୋଲି ଜଣାପଡ଼ିଛି।



## ଲୋକନାଥପୁରରେ ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା



**ପଟ୍ଟାମୁଣ୍ଡାଇ,୨୯।୧୦(କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଲୋକନାଥପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଗୁଣ୍ଡୁପୁର ମା'ଛୁଆଳିଆ ପଞ୍ଚାୟତ ହାଇସ୍କୁଲ ପକ୍ଷରୁ ଲୋକନାଥପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ପ୍ରଧାନ ଶିକ୍ଷକ ସୁଭାଂଶୁ କୁମାର ଦାସଙ୍କ ପୌରୋହିତ୍ୟରେ ସୋମବାର ଜିଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଦୁର୍ନୀତି ନିବାରଣ ବିଭାଗ ଡିଏସ୍‌ପି ସନ୍ତକ ଜେନା ମୁଖ୍ୟଅତିଥି, ପଟ୍ଟାମୁଣ୍ଡାଇ ବ୍ଲକ ବିଆର୍‌ସିସି ଚନ୍ଦ୍ରଶେଖର ତ୍ରିପାଠୀ ମୁଖ୍ୟବକ୍ତା, ଗଙ୍ଗାରାମପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ କବି, ସାମାଜିକ କର୍ମୀ ସୁରେଶ ସାହୁ, ଗୁଣ୍ଡୁପୁର ମା' ଛୁଆଳିଆ ପଞ୍ଚାୟତ ହାଇସ୍କୁଲ ପ୍ରଧାନ ଶିକ୍ଷକ ଅକ୍ଷୟ ନନ୍ଦ, ସ୍କୁଲ ପରିଚାଳନା କମିଟି ସଭାପତି ସ୍ୱରୂପ ଜେନା, ନେତ୍ରମଣୀ ଖଟୁଆ ନିରାକାର ସ୍ୱାଇଁ, ଦିଲୀପ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମ୍ପ୍ରତି ଦୁର୍ନୀତି ସବୁ ସ୍ତରରେ ବ୍ୟାପି ଯାଇଥିବାରୁ ସାମାଜିକ ଅଧୋପତନ ଘଟିଛି। ଏହି ପରିପେକ୍ଷୀରେ ଦୁର୍ନୀତି ହଟାଇବା ପାଇଁ ସମସ୍ତେ ଲାଞ୍ଚ ନେବା ନାହିଁ କି ଦେବା ନାହିଁ ବୋଲି ଶପଥ ନେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଲୋକନାପୁର ସ୍କୁଲର ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସସ୍ମିତା ଦଳାଇ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ବିଦ୍ୟାଳୟସ୍ତରୀୟ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି, ମୁଖ୍ୟବକ୍ତା ଓ ସମ୍ମାନୀତ ଅତିଥି ପୁରସ୍କୃତ କରିଥିବାବେଳେ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବରିଷ୍ଠ ଶିକ୍ଷୟିତ୍ରୀ ଦୀପ୍ତିରେଖା ବେହେରା, ସସ୍ମିତା ଦଳାଇ, ରାଜେଶ କୁମାର ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା ଥିଲେ।

## ମୁହଁ ଖୋଲିଲେ ପୀଡ଼ିତା, ଜିଲାପାଳଙ୍କ ତଦନ୍ତ ଆରମ୍ଭ

**ଡେରାବିଶ,୨୯।୧୦ (ବେବର୍ତ୍ତା ଅଜୟ ଦାସ)**

- ସିଡିପିଓଙ୍କ ନିର୍ଯାତନା ଯୋଗୁ ଗର୍ଭସ୍ଥ ଶିଶୁର ମୃତ୍ୟୁ ଅଭିଯୋଗ ଘଟଣା
- ପୀଡ଼ିତାଙ୍କ ପରିବାର ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ

କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକ୍ ମହିଳା ଓ ଶିଶୁ ସମନ୍ୱିତ ବିଭାଗର ଜଣେ ଗର୍ଭବତୀ କିରାଣିଙ୍କୁ ସିଡିପିଓ ନିର୍ଯାତନା ଦେବାରୁ ତାଙ୍କ ଗର୍ଭସ୍ଥ ଶିଶୁର ମୃତ୍ୟୁ ହେବା ଅଭିଯୋଗ ଘଟଣା ଏବେ କେବଳ କେନ୍ଦ୍ରାପଡ଼ା ଜିଲା ନୁହେଁ, ସମଗ୍ର ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଅଭିଯୋଗ ପରେ ଏହି ଘଟଣାର ତଦନ୍ତ ଜିଲାପାଳ ଆରମ୍ଭ କରିଛନ୍ତି। ସିଡିପିଓ କିଭଳି ତାଙ୍କୁ ନିର୍ଯାତନା ଦେଲେ ଯାହା ଫଳରେ ତାଙ୍କର ୭ ମାସର ଗର୍ଭସ୍ଥ ଶିଶୁର ମୃତ୍ୟୁ ଘଟିଲା, ତାହାର କରୁଣ କାହାଣୀ ପୀଡ଼ିତା ତଥା କିରାଣି ବର୍ଷା ପ୍ରିୟଦର୍ଶିନୀ ମହାପାତ୍ର ବର୍ଣ୍ଣନା କରିଛନ୍ତି।

ପୀଡ଼ିତା ତାଙ୍କ ବୟାନରେ ୨୦୨୧ ମସିହାରୁ ଏହି ବିଭାଗରେ ଜଣେ କନିଷ୍ଠ କିରାଣି ଭାବେ ନିଯୁକ୍ତି ପାଇଥିଲେ। ଚାକିରି କରିବା ଦିନଠୁଁ ସିଡିପିଓ ସ୍ନେହଲତା ସାହୁ ସବୁ ସମୟରେ ତାଙ୍କୁ ବିଭିନ୍ନ



ବର୍ଷା ପ୍ରିୟଦର୍ଶିନୀ ମହାପାତ୍ର

ପ୍ରକାର ଚାପ ପକାଉଥିଲେ। ତେବେ ୩ ମାସ ହେବ ସିଡିପିଓ ସାହୁ ତାଙ୍କୁ ବିଭିନ୍ନ ସମୟରେ ବେଆଇନ କାମ କରିବାକୁ ବାଧ୍ୟକରିବା ସହ ତାଙ୍କ କୋଠରିରେ ଏକ ପ୍ରକାର ନଜରବନ୍ଦୀ ଭାବେ ରହିବାକୁ ବାଧ୍ୟ କରୁଥିଲେ ବୋଲି ପୀଡ଼ିତା କହିଛନ୍ତି। ଯେତେବେଳେ ଦେହ ଅସୁସ୍ଥ ହୁଏ ସିଡିପିଓଙ୍କୁ କହିଲେ ମଧ୍ୟ ଏ ଜାଗାରୁ କେଉଁ ଆଡ଼କୁ ଯାଇପାରିବୁ ନାହିଁ ବୋଲି କୁହନ୍ତି। ତୋତେ ଯାହା କାର୍ଯ୍ୟ ଦିଆଯାଇଛି ସେ କାର୍ଯ୍ୟ କେବଳ ଗୋଟିଏ ଜାଗାରେ ବସି କରିବୁ ବୋଲି ଧମକ ଦେଉଥିଲେ। ତେବେ ଗତ ୨୫ ତାରିଖରେ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ବେଳେ ମୋର ପେଟର ଯନ୍ତ୍ରଣା ବୃଦ୍ଧି ପାଇଥିଲା। ଏ ବିଷୟରେ ସିଡିପିଓଙ୍କୁ ବାରମ୍ବାର କହିଥିଲେ ମଧ୍ୟ ସେ ମୋ କଥାକୁ ଶୁଣି ନ ଥିଲେ। ପରିସ୍ଥିତି ଏପରି ହୋଇଥିଲା କେବଳ ମୋ ଚେୟାରରେ ବସି ଛଟପଟ ହେଉଥିବା ବେଳେ ସିଡିପିଓ ତାଙ୍କ ରୁମ୍‌ରେ ବସି ରହିଥିଲେ। ତେବେ କାର୍ଯ୍ୟାଳୟ କର୍ମଚାରୀଙ୍କଠାରୁ ଖବର ପାଇ ବାପା ଓ ଜଣେ ସମ୍ପର୍କୀୟ ଘଟଣାସ୍ଥଳକୁ ଆସିଥିଲେ। ବାପା ସିଡିପିଓଙ୍କୁ ଯେତେ ଅନୁରୋଧ କରିଥିଲେ ମଧ୍ୟ ସେ ବାପାଙ୍କୁ ଦୁର୍ବ୍ୟବହାର କରିଥିଲେ। ପରେ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେବା ପରେ ମୋର ଗର୍ଭସ୍ଥ ଶିଶୁ ମୃତ ବୋଲି ଡାକ୍ତର କହିଥିଲେ। ମୋ ପିଲାର ମୃତ୍ୟୁ ପାଇଁ ସିଡିପିଓ ସମ୍ପୂର୍ଣ୍ଣ ଦାୟୀ ବୋଲି ବର୍ଷା କହିଛନ୍ତି। ଏ ସମ୍ପର୍କରେ ପରିବାର ପକ୍ଷରୁ ହୋଇଥିବା ଅଭିଯୋଗ ଅନୁଯାୟୀ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ପୀଡ଼ିତାଙ୍କ ବାପା ରବୀନ୍ଦ୍ର ନାୟକଙ୍କଠାରୁ ସେଦିନର ଘଟଣା ସମ୍ପର୍କରେ ଜିଲାପାଳ ସମସ୍ତ ତଥ୍ୟ ସଂଗ୍ରହ କରିଛନ୍ତି। ଏହି ସ୍ପର୍ଶକାତର ଘଟଣା ସମ୍ପର୍କରେ ପୀଡ଼ିତାଙ୍କ ପରିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିକଟରେ ଅଭିଯୋଗ କରିଥିବା ବାପା ରବୀନ୍ଦ୍ର କହିଛନ୍ତି।

# ଭତ୍ତା ନ ମିଳିବାରୁ ହିତାଧିକାରୀଙ୍କ ଧାରଣା

■ ଥମୁନି ଭତ୍ତା ଅନିୟମିତତା ବିବାଦ
■ ସୁସ୍ଥ ସବଳ ଲୋକ ହାତେଇଛନ୍ତି ଭିନ୍ନକ୍ଷମ ଭତ୍ତା

ନୂଆଗାଁ,୨୯।୧୦(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଡେଙ୍କେଣା ପଞ୍ଚାୟତର ଭତ୍ତା ହିତାଧିକାରୀ ୩ ମାସ ହେଲା ଭତ୍ତା ନ ପାଇବାରୁ ମଙ୍ଗଳବାର ନୂଆଗାଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ସେମାନଙ୍କୁ ବିଡିଓ ବୁଝାଶୁଝା କରିବା ପରେ ଘଣ୍ଟାଏ ପରେ ଧାରଣାରୁ ଉଠିଥିଲେ ।

ନୂଆଗାଁ ବ୍ଲକରେ ଭତ୍ତା ଦୁର୍ନୀତି ଘଟଣା ପଦାକୁ ଆସିବା ପରେ ନୟାଗଡ଼ ଜିଲାରେ ଚର୍ଚ୍ଚାର ବିଷୟ ହୋଇଥିଲା । ବୟସ ନ ହୋଇଥିଲେ ମଧ୍ୟ କମ୍ ବୟସର ବ୍ୟକ୍ତି ଆଧାର କାର୍ଡରେ ନିଜର ବୟସ ବୃଦ୍ଧି କରିବା ସହ ଭତ୍ତା ପାଇଁ ଆବଶ୍ୟକୀୟ କାଗଜପତ୍ରରେ ଜାଲିଆତି କରିଥିଲେ । ପରେ ବ୍ଲକ ଓ ଜିଲାସ୍ତରୀୟ ଅଧିକାରୀ ଏବଂ କର୍ମଚାରୀଙ୍କୁ ହାତ କରି ଭତ୍ତା ପାଇବା ପାଇଁ ସକ୍ଷମ ହୋଇଥିଲେ । ଏ ବାବଦରେ ଗଣ ମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଏହାର ତଦନ୍ତ କରାଯାଇ କେତେଜଣ ବ୍ୟକ୍ତିଙ୍କ ନାମକୁ ତାଲିକାରୁ ବାଦ୍ ଦିଆଯାଇଥିଲା। କିନ୍ତୁ ବିଭାଗୀୟ ଅଧିକାରୀ ଏହି ଦୁର୍ନୀତିରେ ସଂପୃକ୍ତିଥିବାରୁ କର୍ମଚାରୀଙ୍କୁ ସୁରକ୍ଷା ଦେବା ପାଇଁ ଘଟଣାକୁ ଚାପି ଦିଆଯାଇଥିଲା । ଏବେ ସୁସ୍ଥ ସବଳ ଯୁବକମାନେ ଭିନ୍ନକ୍ଷମ ଭତ୍ତା ହାତେଇ ଦୀର୍ଘ ବର୍ଷ ହେଲା ସରକାରୀ ଅର୍ଥ ଲୁଟିବାରେ ଲାଗିଛନ୍ତି । କେତେଜଣ ଅର୍ଥ ଲୋଭି ଡାକ୍ତର ଓ ବିଭାଗୀୟ ଅସାଧୁ କର୍ମଚାରୀଙ୍କ ସହାୟତାରେ ଭିନ୍ନକ୍ଷମ ଭତ୍ତାରେ ଦୁର୍ନୀତି ହୋଇଛି । ଏପରି ଅଭିଯୋଗକୁ ଭିତ୍ତି କରି ଡେଙ୍କେଣା ପଞ୍ଚାୟତର ଭିନ୍ନକ୍ଷମ ହିତାଧିକାରୀଙ୍କ ଭତ୍ତା ୨ ମାସ ହେଲା ବନ୍ଦ କରାଯାଇଛି । ଏଥିରେ ଅସନ୍ତୋଷ ବ୍ୟକ୍ତ କରି ଉକ୍ତ ପଞ୍ଚାୟତର ପବନା ପଡ଼ିହାରୀ, ଅଭିମନ୍ୟୁ ସାହୁ , କୁଳମଣୀ ଜେନା , ବୃନ୍ଦାବନ ସ୍ୱାଇଁ , ଦୁରୁଜ ସାହୁ , ଶୈଳବାଳା ଦେଇ , ପଞ୍ଚୁ ଜେନା ସମେତ ୧୧ ଜଣ ହିତାଧିକାରୀ ଆସି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ଧାରଣାକାରୀଙ୍କ କହିବାନୁସାରେ ଅନେକ ସୁସ୍ଥ ସବଳ ଲୋକ ଭତ୍ତା ନେଉଥିବା କଥା ସତ । କିନ୍ତୁ ସେମାନଙ୍କ ଲାଗି ଆମେ ହଇରାଣ ହେଉଛୁ । ନୂଆଗାଁ ସାମାଜିକ ସୁରକ୍ଷା ଅଧିକାରୀ ସ୍ୱର୍ଣ୍ଣସାରିକା ଜେନାଙ୍କ କହିବାନୁସାରେ ସୁସ୍ଥ ସବଳ ଲୋକ ଭତ୍ତା ପାଉଥିବା ନେଇ ଉକ୍ତ ପଞ୍ଚାୟତର ଲୋକମାନେ ଅଭିଯୋଗ କରୁଛନ୍ତି । ଏହାର ତଦନ୍ତ ଚାଲିଛି । ତେଣୁ ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ଭିନ୍ନକ୍ଷମ ଭତ୍ତା ପାଉଥିବା ବ୍ୟକ୍ତିମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଗଲେ ଅନେକ ଅଯୋଗ୍ୟ ହିତାଧିକାରୀ ଧରା ପଡିବେ। ନୂଆଗାଁ ବିଡିଓ ବାସୁଦେବ ନାୟକ ଧାରଣାକାରୀଙ୍କ ନିକଟରେ ପହଞ୍ଚି ଦୁର୍ନୀତି ବିଷୟରେ ବୁଝାଇବା ସହ ତଦନ୍ତ କରି ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯିବ ବୋଲି ଆଶ୍ୱାସନା ଦେବା ପରେ ଧାରଣା ହଟିଥିଲା ।


ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ହିତାଧିକାରୀଙ୍କ ସହ ବିଡିଓ ଆଲୋଚନା କରୁଛନ୍ତି ।

## ଜଜ୍‌ଙ୍କୁ ଆକ୍ରମଣ, ୨ ଯୁବକ ଗିରଫ

ବୋଲଗଡ,୨୯।୧୦(ଦେବବ୍ରତ ହୋତା)

ଦଶପଲ୍ଲା ସିଭିଲ ଜଜ୍ ସୌମ୍ୟରଞ୍ଜନ ପୃଷ୍ଟିଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ ଏବଂ ସୁନାଚେନ ନେଇଯିବା ଅଭିଯୋଗରେ ବୋଲଗଡ଼ ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ବୋଲଗଡ଼ ଗ୍ରାମର ଅଜୟ କୁମାର ରଥ (୨୬) ଏବଂ ସିଦ୍ଧାର୍ଥ ବେହେରା(୨୩)। ଏମାନଙ୍କ ନିକଟରୁ ଗୋଟିଏ ସ୍କୁଟି ଓ ବୁଲେଟ ଜବତ ହୋଇଛି ବୋଲି ତଦନ୍ତକାରୀ ଅଧିକାରିଣୀ ଏସ୍ଆଇ ଲିଲି ପାଢ଼ୀ ସୂଚନା ଦେଇଛନ୍ତି । ଅଭିଯୋଗ ମୁତାବକ, ଦଶପଲ୍ଲା ଜଜ୍ ସୌମ୍ୟରଞ୍ଜନ ସୋମବାର ମଧ୍ୟାହ୍ନରେ କାରରେ ନୟାଗଡ଼ରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିଲେ। କାର ସମ୍ମୁଖରେ ଦୁଇଟି ଗାଡ଼ିରେ ଦୁଇଜଣ ଯୁବକ ମଝି ରାସ୍ତାରେ ଯାଉଥିଲେ। କାର ହର୍ଣ୍ଣ ବଜାଇଥିଲେ ମଧ୍ୟ ସାଇଡ୍ ନ ଦେବାରୁ ଜଜ୍ ସେମାନଙ୍କ ପାର୍ଶ୍ୱରେ ରାସ୍ତା ଅତିକ୍ରମ କରିଥିଲେ। ଏହାପରେ ଯୁବକଦ୍ୱୟ ବୋଲଗଡ଼ ରେଳ ଓଭରବ୍ରିଜ ନିକଟ ମିନିବ୍ୟାଙ୍କ ସମ୍ମୁଖରେ କାରକୁ ଅଟକାଇ ଜଜ୍‌ଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏପରିକି ଏକ ସୁନଚେନ ସହ ଲକେଟ ଛଡାଇ ନେଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇବା ସହ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା।

# ଦୁର୍ନୀତି ନିବାରଣ ପାଇଁ ସଚେତନତା



ଖଣ୍ଡପଡ଼ା,୨୯।୧୦(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କୁମ୍ଭରପଡା ପଞ୍ଚାୟତର ମିଶନ ଶକ୍ତି ଗୃହଠାରେ କୁମ୍ଭରପଡା ପଞ୍ଚାୟତସ୍ତରୀୟ ମହାସଂଘର ଏମନିକେ ସରିତା ସାହୁଙ୍କ ନେତୃତ୍ୱରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୪ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ କୁମ୍ଭାରପଡା ପଞ୍ଚାୟତର କାର୍ଯ୍ୟରତ ସମସ୍ତ ସିଆରପି, ଜିପିଏଲ୍ଏଫ୍‌ର ସଭାନେତ୍ରୀ, ସମ୍ପାଦିକା ଓ ସମସ୍ତ ଇସି ସଭ୍ୟାମାନେ ଉପସ୍ଥିତ ରହି ଦୁର୍ନୀତି ମୁକ୍ତ ଓଡ଼ିଶା ଗଠନ ପାଇଁ ଶପଥ ପାଠ କରିଥିଲେ ।

## ସଂକ୍ଷେପରେ

### ଭୋଜିଖାଇ ଯୁବକଙ୍କ ମୃତ୍ୟୁ

ଖଜୁରିପଡ଼ା,୨୯।୧୦( ବିଦୁର ବେହେରା)

ଶୁଦ୍ଧିକ୍ରିୟା ଭୋଜି ଖାଇ ଘରକୁ ଆସିବା ପରେ ଅସୁସ୍ଥ ହେବାରୁ ମେଡିକାଲରେ ଭର୍ତ୍ତି ହୋଇଥିବା ଜଣେ ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ ଖଜୁରିପଡ଼ା ଥାନା ଅନ୍ତର୍ଗତ ଚିଟ୍ରାପଙ୍ଗା ଗାଁର ସୁରେନ୍ଦ୍ର କହଁର (୫୦)। ସୁରେନ୍ଦ୍ର ସିତକା ପଙ୍ଗାଗାଁରେ ଏକ ଶୁଦ୍ଧିକ୍ରିୟାରେ ଭୋଜିଖାଇ ଘରକୁ ଫେରିବା ପରେ ତାଙ୍କର ବାନ୍ତି ହୋଇଥିଲା। ପରେ ସେ ଗୁରୁତର ହୋଇପଡ଼ିବାରୁ ପରିବାର ଲୋକେ ଚିକିତ୍ସା ପାଇଁ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସୁରେନ୍ଦ୍ରଙ୍କର ମୃତ୍ୟୁ ହୋଇଥିଲା । ଏ ନେଇ ତାଙ୍କ ପୁତୁରା ରତନ କହଁର ଖଜୁରିପଡ଼ା ଥାନାରେ ଏତଲା ଦେଇଛନ୍ତି। ପୋଲିସ ନଂ.୨୬/୨୪ରେ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି । ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ଚାପଧାରୀ ପ୍ରଧାନ କହିଛନ୍ତି।

### ନାଏବ ସରପଞ୍ଚଙ୍କୁ ସରପଞ୍ଚ ଦାୟିତ୍ୱ ସାନରାମଚନ୍ଦ୍ରପୁର ପଞ୍ଚାୟତ

ଗଞ୍ଜାମ,୨୯।୧୦(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ସାନରାମଚନ୍ଦ୍ରପୁର ପଞ୍ଚାୟତର ସରପଞ୍ଚ ମନୋଜ କୁମାର ବେହେରା ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ନିଜ ପଦବୀରୁ ଇସ୍ତଫା ଦେବା ପରେ ନାଏବ ସରପଞ୍ଚ ବିଷ୍ଣୁପ୍ରିୟା ନାହାକ ସରପଞ୍ଚ ଦାୟିତ୍ୱ ଗ୍ରହଣ କରିଛନ୍ତି। ସରପଞ୍ଚ ମନୋଜ ବେହେରା ଇସ୍ତଫା ଦେବା ପରେ ଛତ୍ରପୁର ଉପଜିଲାପାଳ ଚିଠି ନଂ ୮୯୮୨ରେ ନାଏବ ସରପଞ୍ଚ ଦାୟିତ୍ୱ ତୁଲାଇବାକୁ ଗତ ୧୬ ତାରିଖରେ ଚିଠି କରିଥିଲେ। ସେହିକ୍ରମରେ ମଙ୍ଗଳବାର ପଞ୍ଚାୟତ ପରିସରରେ ସମସ୍ତ ୱାର୍ଡ ସଭ୍ୟ ଏବଂ ପୂର୍ବତନ ସରପଞ୍ଚଙ୍କ ଉପସ୍ଥିତିରେ ଏକ ବୈଠକ କରାଯାଇ ନାଏବ ସରପଞ୍ଚ ବିଷ୍ଣୁପ୍ରିୟାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ବିଧିବଦ୍ଧ ଭାବେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଧନେଶ୍ୱର ଗୌଡ଼ଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି।

# ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ପୂର୍ବରୁ ବ୍ୟବସାୟୀଙ୍କ ସହ ଆଲୋଚନା

■ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଉଚ୍ଛେଦ ପ୍ରକ୍ରିୟା ସ୍ଥଗିତ
■ ବିଧାୟକଙ୍କ ଉପସ୍ଥିତିରେ ଆଉ ଥରେ ବସିବ ବୈଠକ

ଖଣ୍ଡପଡ଼ା,୨୯।୧୦(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ବିକାଶ ପ୍ରକଳ୍ପ ପାଇଁ ଉଚ୍ଛେଦ ଅଭିଯାନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏଥିପାଇଁ ଏକାଧିକ ବ୍ୟବସାୟୀଙ୍କ ସହ ବିଭାଗୀୟ ଅଧିକାରୀମାନେ ମଙ୍ଗଳବାର ଆଲୋଚନା କରିଛନ୍ତି । ସ୍ଥାନୀୟ ଜଳ ସଂପଦ ବିଭାଗ କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ଉଚ୍ଛେଦ ହେବାକୁ ଥିବା ବ୍ୟବସାୟୀମାନେ ସାମିଲ ହୋଇଥିଲେ।

ମହାନଦୀ ଦକ୍ଷିଣ ପାର୍ଶ୍ୱ ମାଳବନ୍ଧ ଉପରେ (ନୀଳମାଧବ ମନ୍ଦିର ପଶ୍ଚିମ ପାର୍ଶ୍ୱ ପାବଚ୍ଛଠାରୁ ଯାତ୍ରାପଦା ମାଛ ବଜାର ପର୍ଯ୍ୟନ୍ତ) ସ୍ଥାୟୀ ଏବଂ ଅସ୍ଥାୟୀ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ କରି ପରିବାର ପ୍ରତିପୋଷଣ କରୁଥିବା ୪୦ରୁ ଉର୍ଦ୍ଧ୍ୱ ବ୍ୟବସାୟୀ ଏହି ଉଚ୍ଛେଦ ପ୍ରକ୍ରିୟାରେ ସାମିଲ ହୋଇଥିବାରୁ ସେମାନଙ୍କୁ ଉଚ୍ଛେଦ କରିବାକୁ ରାଜସ୍ୱ ବିଭାଗରୁ ନୋଟିସ ଜାରି କରାଯାଇଛି । ମାତ୍ର ନୟାଗଡ଼ ଜିଲାପାଳ ଓ ଖଣ୍ଡପଡ଼ା ତହସିଲଦାରଙ୍କ ବଦଳି ହୋଇଯିବା ଯୋଗୁ ଉଚ୍ଛେଦ ପ୍ରକ୍ରିୟାରେ ବିଳମ୍ବ ଘଟିଥିବାରୁ ସମ୍ପୃକ୍ତ ବ୍ୟବସାୟୀମାନେ ଆଶା ଆଶଙ୍କାରେ ଗତି କରୁଛନ୍ତି । ଏହାକୁ ନେଇ ବିସ୍ଥାପିତ ହେବାକୁ ଥିବା ବ୍ୟବସାୟୀମାନେ ନୟାଗଡ଼ ଜିଲାପାଳ ଓ ଖଣ୍ଡପଡ଼ା ତହସିଲଦାରଙ୍କୁ ସାକ୍ଷାତ କରି ସେମାନଙ୍କ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ । ଇତିମଧ୍ୟରେ ମାଳବନ୍ଧ ସମ୍ପ୍ରସାରଣ କାର୍ଯ୍ୟରେ ନିଯୁକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମାଳବନ୍ଧ ଉପରୁ ଜବରଦଖଲ ହଟାଇବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରି ଆସୁଛନ୍ତି । ତେବେ ନୟାଗଡ଼ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଓ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ହସ୍ତକ୍ଷେପ ଫଳରେ ମଙ୍ଗଳବାର କଣ୍ଟିଲୋ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ପରିସରରେ ବିସ୍ଥାପିତ ହେବାକୁ ଥିବା ବ୍ୟବସାୟୀ ଓ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଇଂ.ପ୍ରୀତମ ଚେତନ ପୋଥାଳ, ସହକାରୀ ଯନ୍ତ୍ରୀ ଇଂ. ରାମ ମୋହନ ବେହେରା ଏବଂ ମାଳବନ୍ଧ କାର୍ଯ୍ୟରେ ନିୟୋଜିତ ଥିବା କାର୍ଯ୍ୟ ନିର୍ବାହୀ ସଂସ୍ଥାର ପ୍ରତିନିଧି ବାପିନା ସେନାପତିଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଆପୋସ ବୁଝାମଣା ମାଧ୍ୟମରେ ତୁରନ୍ତ କାର୍ଯ୍ୟ ସମ୍ପାଦନ କରିବାକୁ ବିସ୍ଥାପିତମାନେ ସହଯୋଗର ହାତ ବଢ଼ାଇଥିଲେ । ପୂର୍ବରୁ ଉଚ୍ଛେଦ ପ୍ରକ୍ରିୟାରେ ସାମିଲ ହୋଇଥିବା ୧୦ରୁ ଉର୍ଦ୍ଧ୍ୱ ପରିବାରଙ୍କୁ ଥଇଥାନ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବାରୁ ସମ୍ପୃକ୍ତ ବ୍ୟବସାୟୀମାନଙ୍କୁ ସହାୟତା ପ୍ରଦାନ କରାଯିବାକୁ ନିବେଦନ କରିଥିଲେ । ତେଣୁ ଆପୋସ ବୁଝାମଣା ମାଧ୍ୟମରେ ସେମାନଙ୍କୁ କ୍ଷତି ପୂରଣ ଦେବାକୁ ଦାବି ହୋଇଥିଲା ।

ଅପରପକ୍ଷରେ ମହାନଦୀ ଦକ୍ଷିଣ ପାର୍ଶ୍ୱ ବଜାରଠାରୁ ମନ୍ଦିର ପଶ୍ଚିମ ପାର୍ଶ୍ୱ ପର୍ଯ୍ୟନ୍ତ ମାଳବନ୍ଧକୁ ୧୨ ମିଟର ସମ୍ପ୍ରସାରଣ କରାଯିବାର ବ୍ୟବସ୍ଥା ଥିବାରୁ ବ୍ୟବସାୟ ପ୍ରତିଷ୍ଠାନଗୁଡିକୁ ଉଚ୍ଛେଦ କରା ନ ଯାଇ ବିକଳ୍ପ ବ୍ୟବସ୍ଥା କରିବାକୁ କଥା ଉଠିଥିଲା । ମାତ୍ର ଏହି ସମ୍ପ୍ରସାରଣ ପ୍ରକ୍ରିୟାରେ ମନ୍ଦିର ପଶ୍ଚିମ ପାର୍ଶ୍ୱଠାରୁ ବଜାର ଛକ ପର୍ଯ୍ୟନ୍ତ ପ୍ରାୟ ୧୭୦ ମିଟର ରାସ୍ତାକୁ ଆଲୋକୀକରଣ ଓ ସୌନ୍ଦର୍ଯ୍ୟକରଣ ପ୍ରକ୍ରିୟାରେ ବାଧା ସୃଷ୍ଟି ହେବ ବୋଲି ଆଲୋଚନା ହୋଇଥିଲା । ଏ ସମ୍ପର୍କରେ କୌଣସି ନିଷ୍ପତ୍ତି ଗ୍ରହଣ କରାଯାଇ ନ ଥିବା ବେଳେ ଆସନ୍ତା କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯିବ ନାହିଁ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ପୁଣିଥରେ ବିଧାୟକ ସ୍ୱାଇଁ, ବିଭାଗୀୟ ଅଧିକାରୀ ଓ ବ୍ୟବସାୟୀମାନଙ୍କ ସହ ଆଲୋଚନା କରାଯାଇ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି କଣ୍ଟିଲୋ ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଇଂ.ବେହେରାଙ୍କଠାରୁ ସୂଚନା ମିଳିଛି ।

ସୂଚନାଯୋଗ୍ୟ, ନୀଳମାଧବଜୀଉ ବିକାଶ ପ୍ରକଳ୍ପ କାର୍ଯ୍ୟର ପ୍ରଥମ ପର୍ଯ୍ୟାୟରେ ମନ୍ଦିର ପଶ୍ଚିମ ପାର୍ଶ୍ୱ ନିକଟରେ ଥିବା ୫ ବାସଗୃହକୁ ୨୦୨୩ ଜାନୁଆରୀ ୨୭ ତାରିଖରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜେସିବ ସାହାଯ୍ୟରେ ଉଚ୍ଛେଦ କରାଯାଇଥିଲା । ଚନ୍ଦନ ପୋଖରୀ ନିକଟରେ ଘର କରି ରହୁଥିବା ଲୋକମାନଙ୍କୁ ମଧ ତତ୍କାଳୀନ ଜିଲାପାଳ ପୋମା ଟୁଡୁଙ୍କ ପ୍ରୟାସ କ୍ରମେ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା ।


ବିଧାୟକଙ୍କ ଉପସ୍ଥିତିରେ ବ୍ୟବସାୟୀଙ୍କ ସହ ଆଲୋଚନା ଚାଲିଛି ।

# ରାଶନ ଦୋକାନରୁ ବିଭିନ୍ନ ସାମଗ୍ରୀ ଚୋରି

ଦଶପଲ୍ଲା,୨୯।୧୦(ପ୍ରକାଶ କୁମାର ପାଣି)



ସୋମବାର ରାତିରେ ଦଶପଲ୍ଲାଠାରୁ ୧୪ କିମି ଦୂର ଟାକରା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବୁଗୁଡ଼ା ଛକରେ ଥିବା ଅରୁଣ କୁମାର ଜେନାଙ୍କ ରାଶନ ଦୋକାନରୁ ନଗଦ ଟଙ୍କା ସହିତ ସିଗାରେଟ, ସାବୁନ, ଚକୋଲେଟ ସମେତ ପ୍ରାୟ ୫୦ ହଜାର ଟଙ୍କାର ବିଭିନ୍ନ ସାମଗ୍ରୀ ଚୋରି ହୋଇଯାଇଛି। ରାତି ୮ଟା ସମୟରେ ଅରୁଣ ଦୋକାନ ବନ୍ଦ କରି ଘରକୁ ଆସିଥିଲେ । ସକାଳୁ ଦୋକାନ ଖୋଲିବାକୁ ଯାଇ ଦେଖନ୍ତି କେହି ତାଲା କାଟି ବିଭିନ୍ନ ସାମଗ୍ରୀ ଚୋରି କରି ନେଇଛନ୍ତି। ଏପରି କି ଦୋକାନରେ ଥିବା ନଗଦ ଟଙ୍କା, ଖୁଚୁରା ପଇସା ସମେତ ଚକୋଲେଟ, ଦାମୀ ସିଗାରେଟ, ସାବୁନ, ଲାମିନେଶନ ମେଶିନ ଆଦି ଚୋରି ହୋଇଛି । ଏ ସଂକ୍ରାନ୍ତରେ ଦଶପଲ୍ଲା ଥାନାରେ ଅଭିଯୋଗ କରାଯାଇଛି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

# ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଆଲୋଚନାଚକ୍ର



ଅତିଥିମାନେ ସନ୍ଦର୍ଭ ଉନ୍ମୋଚିତ କରୁଛନ୍ତି ।

ଭଞ୍ଜନଗର,୨୯।୧୦(ବାବୁଲା ପ୍ରଧାନ): ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ମଙ୍ଗଳବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସ ଅଧ୍ୟକ୍ଷତା କରି ସନ୍ଦର୍ଭଟିକୁ ଉନ୍ମୋଚିତ କରିଥିଲେ। ଛାତ୍ରୀ ମମତା ନାଇକ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀରେ ଶ୍ରୀଜଗନ୍ନାଥ ପ୍ରଶସ୍ତି ସନ୍ଦର୍ଭଟିକୁ ପଠନ କରିଥିଲେ। ତାଙ୍କୁ ବିଭାଗୀୟ ଅଧାପକ ଦିଗନ୍ତ ଜେନା ସହଯୋଗ କରିଥିଲେ। ପ୍ରଶାସନିକ ଅଧିକାରୀ ବିଭାସ ଦାସ, ଅଧାପିକା ଦିପାଶ୍ରୀ ମହାପାତ୍ର,କଳ୍ପନା ଷଣ୍ଢ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧାପିକା ରୋଜାଲିନ ମହାରଣା ସଭା ସଂଯୋଜନା କରିଥିଲେ। ଛାତ୍ର ଚିନ୍ମୟ ପ୍ରସାଦ ପରିଡ଼ା ଧନ୍ୟବାଦ ଦେଇଥିଲେ।

# ସମସ୍ତେ ମିଳିମିଶି ବିପର୍ଯ୍ୟୟର ମୁକାବିଲା କରିପାରିବା: ବିଧାୟକ

ଫୁଲବାଣୀ, ୨୯।୧୦
(ରାକେଶ କୁମାର ରାଉତ)

ଫୁଲବାଣୀସ୍ଥିତ ଗାନ୍ଧୀସ୍ମୃତି ଭବନରେ ମଙ୍ଗଳବାର ଜିଲାସ୍ତରୀୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଏବଂ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ପାଳିତ ହୋଇଛି । ମୁଖ୍ୟଅତିଥି ଭାବେ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ ଯୋଗଦେଇ ୧୯୯୯ ମହାବାତ୍ୟା କଥା ମନେ ପକାଇଥିଲେ । ପୂର୍ବ ସୂଚନା ଓ ଲୋକବଳ କମ୍ ଥିବାରୁ ସେହି ବାତ୍ୟାରେ ବହୁ କ୍ଷୟକ୍ଷତି ଘଟିଥିଲା। ଏବେ ଲୋକଙ୍କୁ ବିପର୍ଯ୍ୟୟ ଘଟିବାର ବହୁ ପୂର୍ବରୁ ସୂଚନା ମିଳୁଛି । ବିପର୍ଯ୍ୟୟ ମୁକାବିଲା ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳ, ଓଡ୍ରାଫ ଟିମ୍ ରହିଛି । ଏବେ ବିପର୍ଯ୍ୟୟ ସମୟରେ ଭୟଭୀତ ନ ହେବାକୁ ସେ ପରାମର୍ଶ ଦେଇ ସମସ୍ତେ ମିଳିମିଶି ବିପର୍ଯ୍ୟୟର ମୁକାବିଲା କରିପାରିବା ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଅଶୋକ ଭୋଇ ଓ ରମେଶ ଚନ୍ଦ୍ର ଜେନା ଯୋଗଦେଇ ଯୁବ ଗୋଷ୍ଠୀ ବିପର୍ଯ୍ୟୟ ଉପରେ ସଚେତନ ହେବା ଏବଂ ପୂର୍ବ ପ୍ରସ୍ତୁତ ହୋଇ ମୁକାବିଲା କରିବା ନେଇ ଗୁରୁତ୍ୱାରୋପ କରିଥିଲେ । ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, କନ୍ଧମାଳ ଉପ ଜିଲପାଳ ଚିତ୍ତରଞ୍ଜନ ମହନ୍ତ ମଧ ବିପର୍ଯ୍ୟୟ ପରିଚାଳନା ଉପରେ ନିଜ ମତ ରଖିଥିଲେ । ଜିଲା ଜରୁରୀକାଳୀନ ଅଧିକାରୀ ରଞ୍ଜନ ମାଝୀ ବିପର୍ଯ୍ୟୟ ପ୍ରସ୍ତୁତି ଶପଥ ପାଠ କରାଇଥିଲେ । ସକାଳ ୭ଟାରେ ମିନି ମାରାଥନ ହୋଇଥିଲା। ବିଧାୟକ ମଲ୍ଲିକ, ଧାବିକା ଶ୍ରାବଣୀ ନନ୍ଦ, ଏସ୍‌ପି ହରିଶ ବିସି, ଡିଏସ୍‌ଓ ସମୀର ନାଏକ ଏହାର ଶୁଭାରମ୍ଭ କରିଥିଲେ ।

# ସ୍ୱାସ୍ଥ୍ୟ ସଚେତନତା ଶିବିର

କବିସୂର୍ଯ୍ୟନଗର,୨୯।୧୦(କୃପାସିନ୍ଧୁ ସ୍ୱାଇଁ): କବିସୂର୍ଯ୍ୟନଗର ନୂଆ ବେଡାସ୍ଥିତ ମା’ ଦନ୍ତ କ୍ଲିନିକଠାରେ ନିଃଶୁଳ୍କ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଡା. କଂଗ୍ରେସ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶତାଧିକ ଦନ୍ତ, ଚକ୍ଷୁ ରୋଗୀ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ ମାଗଣା ଚିକିତ୍ସା କରାଯିବା ସହ ସଚେତନ କରାଯାଇଛି । ବରିଷ୍ଠ ମହିଳା ସାମାଜିକ କର୍ମୀ ଇ. ମାହେଶ୍ୱରୀ ଦୋରା ଚିକିତ୍ସା ଲାଗି ଆନୁଷଙ୍ଗିକ ବ୍ୟବସ୍ଥା କରିଥିଲେ । ଡା. ବୀଣାଦେବୀ, ଡା. ମିଲନ, ସ୍ୱାସ୍ଥ୍ୟକର୍ମୀମାନେ ଚିକିତ୍ସାରେ ସହଯୋଗ କରିଥିଲେ।

# ମାଣ୍ଡିଆ, କୁଏରୀ, କାଙ୍ଗୁରେ ପ୍ରସ୍ତୁତ ଖାଦ୍ୟ ପ୍ରଦର୍ଶନ

ଦାରିଙ୍ଗବାଡି, ୨୯।୧୦ (ଅରୁଣ ସାହୁ)

ଦାରିଙ୍ଗବାଡି ବ୍ଲକ ଭ୍ରମରବାଡି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଛି। ଆଞ୍ଚଳିକ ରିସୋର୍ସ ପର୍ସନ ପ୍ରଫୁଲ୍ଲ ମହାପାତ୍ରଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ସମିତିସଭ୍ୟା ମିତା ପ୍ରଧାନ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶ୍ରୀ ଅନ୍ନ ଯୋଜନା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜିକା ସବିତା ସୁବୁଦ୍ଧି, ବ୍ଲକ ସହକାରୀ କୃଷି ଅଧିକାରୀ ଅସଲେଶା ରଥ, ଜିଲା ଅତିରିକ୍ତ ପ୍ରକଳ୍ପ ସଂଯୋଜକ ସୁରେଶ ମହାପାତ୍ର, ଶ୍ରୀ ଅନ୍ନ ଅଭିଯାନର ବ୍ଲକ ଅତିରିକ୍ତ ପ୍ରକଳ୍ପ ସଂଯୋଜକ ବିମଳ ନାୟକ, ପ୍ରଡ୍ୟୁସର ଗ୍ରୁପ ସିଇଓ ରୁପକାନ୍ତ ପ୍ରଧାନ, ପୂର୍ବତନ ସରପଞ୍ଚ ତିଲମା ପ୍ରଧାନ, ଗୋଷ୍ଠୀ ସ୍ୱାସ୍ଥ୍ୟକର୍ମୀ ସ୍ୱାଗତିକା ପ୍ରଧାନ, ଜାଗୃତିର ସଂଯୋଜକ ଦେବାନନ୍ଦ ଦାସ, ଧ୍ରୁବଚରଣ ନାୟକ ପ୍ରମୁଖ ଉପସ୍ଥିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି) ସଦସ୍ୟ ଓ ମେଳାରେ ଯୋଗଦେଇଥିବା ମହିଳାଙ୍କୁ ପାରମ୍ପରିକ ଚାଷ କ୍ଷୁଦ୍ରଦାନା ଶସ୍ୟ ଚାଷ କରିବାକୁ ପରାମର୍ଶ ଦେଇଥିଲେ। ଏହି ଦାନାରେ ବ୍ୟଞ୍ଜନ ରୂପେ ମାଣ୍ଡିଆ, କାଙ୍ଗୁ, କୁଏରୀରେ ଖିରି, ପିଠା, ପକୁଡ଼ି, ବରା, ପିଆଜି, ବିଭିନ୍ନ ପ୍ରକାର ମିଠା, ରୁଟି, ଚାଓମିନ, ପରଟା, ଇଡ୍‌ଲି, ପୁରି ଆଦି ପ୍ରସ୍ତୁତ କରି ଖାଇବାକୁ କହିଥିଲେ। ଏହି ଅବସରରେ ଏକାଧିକ ଏସ୍ଏଚ୍‌ଜି ପକ୍ଷରୁ କ୍ଷୁଦ୍ର ଦାନାରେ ବିଭିନ୍ନ ମିଠା, ଖିରି ସହ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ପ୍ରଦର୍ଶନ କରାଯାଇଥିଲା। ଜୈବିକ ପଦ୍ଧତିରେ ଅମଳ ବିଭିନ୍ନ ଫଳ, ଶସ୍ୟ, ପନିପରିବାର ପ୍ରଦର୍ଶନ ହୋଇଥିଲା। ଅଂଶଗ୍ରହଣ କରିଥିବା ୮ଟି ଏସ୍ଏଚ୍‌ଜି ମଧ୍ୟରୁ ମହାଲକ୍ଷ୍ମୀ ଏସ୍ଏଚ୍‌ଜି ପ୍ରଥମ ସ୍ଥାନ ଅଧିକାର କରିଥିଲା।


ଏସ୍ଏଚଜି ମହିଳାମାନେ ଖାଦ୍ୟ ମେଳାରେ ପ୍ରସ୍ତୁତ ଖାଦ୍ୟ ପ୍ରଦର୍ଶନ କରୁଛନ୍ତି ।

# ସଚେତନତା ଶୋଭାଯାତ୍ରା, ପଥ ଉତ୍ସବ

## ଭୋଟର ତାଲିକାର ସଂଶୋଧନ ଆରମ୍ଭ

ଛତ୍ରପୁର,୨୯।୧୦(ସନ୍ତୋଷ ପାଢ଼ୀ/ଦିଲ୍ଲିପ ସାମଲ)

ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଆସନ୍ତା ନଭେମ୍ବର ୨୯ ପର୍ଯ୍ୟନ୍ତ ଏହି କାର୍ଯ୍ୟ ଚାଲୁ ରହିବ । ପ୍ରତ୍ୟେକ ନାଗରିକ ଯେଉଁମାନଙ୍କୁ ୧୮ ବର୍ଷ ପୂରଣ ହୋଇଛି ବା ୧୮ ବର୍ଷ ହେବାକୁ ଯାଉଛି ସେମାନେ ଭୋଟର ତାଲିକାରେ ନିଜ ନାମ ପଞ୍ଜୀକରଣ କରିପାରିବେ। ଯେଉଁ ଭୋଟଦାତାମାନେ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ସ୍ଥାନାନ୍ତର ହେଉଛନ୍ତି ସେମାନେ ଭୋଟର ତାଲିକାକୁ ସଂଶୋଧନ କରାଇ ବର୍ତ୍ତମାନ ରହୁଥିବା ସ୍ଥାନରେ ନିଜ ନାମ ଅନ୍ତର୍ଭୁକ୍ତ କରାଇପାରିବେ। ଯେଉଁମାନଙ୍କର ନାମ ଭୋଟର ତାଲିକାରେ ରହିଛି, ମାତ୍ର ସେମାନେ ମୃତ, ସେମାନଙ୍କ ସମ୍ପର୍କୀୟ ତାଲିକାରୁ ନାମ ବାଦ କରାଇପାରିବେ। ଭୋଟର ତାଲିକାରେ ଭୁଲ୍ ତଥ୍ୟ ଥିଲେ ତାହା ସଂଶୋଧନ କରାଇ ନେବେ। ଭୋଟରମାନେ ନିଜ ଅଞ୍ଚଳର ବୁଥ୍‌ସ୍ତରୀୟ ଅଧିକାରୀ କିମ୍ବା ଅନ୍‌ଲାଇନ ମାଧ୍ୟମରେ ଭୋଟର ଆପ୍‌ରେ ସଂଶୋଧନ କରାଇ ନିଅନ୍ତୁ । ଭୋଟର ତାଲିକାଟି କିଭଳି ସମ୍ପୂର୍ଣ୍ଣ ସଂଶୋଧିତ ହେବ ସେଥି ସକାଶେ ମଙ୍ଗଳବାର ଛତ୍ରପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରା ବାହାରି ପୋଲିସ ପଡ଼ିଆ ନିକଟସ୍ଥ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲା। ସେଠାରେ ପଥ ଉତ୍ସବ ହୋଇଥିଲା। ଅତିରିକ୍ତ ଜିଲାପାଳ ଡ. ପ୍ରମୋଦ ପୃଷ୍ଟି ମୁଖ୍ୟଅତିଥି ଏବଂ ସୁଧାଂଶୁ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପଥ ଉତ୍ସବ ଅବସରରେ ହେଉଥିବା ୱାକାଥନକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅତିଥି ଉପସ୍ଥିତ ଲୋକଙ୍କୁ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। ସହକାରୀ ଉପ ଜିଲାପାଳ ପାର୍ଥ ସାରଥି ହାଁସଦା ପ୍ରାରମ୍ଭିକ ସୂଚନା ଦେଇ ଏହି ଉତ୍ସବ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର (ନିର୍ବାଚନ) ରାଜେଶ ଇକ୍କା ଏବଂ ଓମ୍ ପ୍ରକାଶ ପରିଡା ଭୋଟର ତାଲିକାର ସଂଶୋଧନ ସମ୍ପର୍କରେ ସୂଚନା ଦେଇଥିଲେ। ସହକାରୀ ଉପଜିଲାପାଳ ପୁଷ୍ପାଞ୍ଜଳି ପୁଷିକା ଧନ୍ୟବାଦ ଦେଇଥିଲେ। ରଙ୍ଗୋଲି ପ୍ରତିଯୋଗିତା ହୋଇଥିଲା। ରାଜେନ୍ଦ୍ର ମହାପାତ୍ରଙ୍କ ଦଳ ଯୋଡ଼ି ଶଙ୍ଖ ଓ ରଣପା ନୃତ୍ୟ ପରିବେଷଣ କରିଥିଲେ। ଛତ୍ରପୁର କଳା ବିକାଶ କେନ୍ଦ୍ର ଛାତ୍ରୀମାନେ ଓଡ଼ିଶୀ, ଡାଲଖାଇ ନୃତ୍ୟ ପରିବେଷଣ କରିଥିଲେ। ଛାତ୍ରୀ ଶାଳିନୀରାଣୀ ଦାସ, ଶାଳିନୀ ବିଶ୍ୱାଳ ଏବଂ ଜି. ଶ୍ରାବଣୀ ମଧ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।



ୱାକାଥନକୁ ପତାକା ଦେଖାଇ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ନିଖିଳ ଓଡ଼ିଶା ଠିକାଦାର ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଲନ ଭାଇ ସେବା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନୂତନ ଇ.ବସ୍ ଏବଂ ସ୍ୱୟଂଚାଳିତ ଟିକେଟ ଭେଣ୍ଡିଂ ମେସିନ ସେବାର ଶୁଭାରମ୍ଭ, ସ୍ଥାନ: ବିଏସ୍ଏଟିି, ବରମୁଣ୍ଡା, ସମୟ: ପୂର୍ବାହ୍ନ ୧୧ଟା।
- ଜ୍ଞାନପ୍ରଭା ମିଶନ ପକ୍ଷରୁ 'ଶକ୍ତି ରୂପେଣା ସଂସ୍ଥିତା' କାର୍ଯ୍ୟକ୍ରମ, ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ଅପରାହ୍ନ ୩ଟା ୪୦।
- 'ଦି ସର୍କାର'ର ଉନ୍ମୋଚନ, ସ୍ଥାନ: ହୋଟେଲ ଭିଭାନ୍ତା, ଡିଏନ୍ ରେଗାଲିଆ ମଲ୍, ପାତ୍ରପଡ଼ା, ସମୟ: ଅପରାହ୍ନ ୫ଟା।
- ୪୫ତମ ଶାରଳା ପୁରସ୍କାର ଉତ୍ସବ, ସ୍ଥାନ: ଦି କ୍ରାଉନ, ନୟାପଲ୍ଲୀ, ସମୟ: ସନ୍ଧ୍ୟା ୬ଟା ୩୦।
- ଗୁରୁ ଦେବପ୍ରସାଦ ଫାଉଣ୍ଡେଶନ ପକ୍ଷରୁ ୯ମ ଦେବପ୍ରସାଦ ଉତ୍ସବ ୨୦୨୪, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- କଳିଙ୍ଗ ନାଟ୍ୟ ସଂଘ, ଓଡ଼ିଶା ପକ୍ଷରୁ ନାଟ 'ନିଜ ନିଜ କୁରୁକ୍ଷେତ୍ର', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ୱାର୍ଲ୍ଡ ଷ୍ଟ୍ରୋକ୍ ଡେ ପାଳନ, ସ୍ଥାନ: ସୂର୍ଯ୍ୟାଂଶ ହୋଟେଲ, ସମୟ: ସନ୍ଧ୍ୟା ୭ଟା।

## କଟକ
- କଟକ ଭିଜିଲାନ୍ସ ଡିଭିଜନ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ପଦଯାତ୍ରାର ଶୁଭାରମ୍ଭ, ସ୍ଥାନ: ଯୋବ୍ରା ଆନିକଟ୍, ସମୟ: ସକାଳ ୭ଟା ୩୦।
- ଖଦି ଗ୍ରାମ୍ୟୋଦ୍ୟୋଗ ସଚେତନତା ଶିବିର, ସ୍ଥାନ: ରାମେଶ୍ୱର ମନ୍ଦିର ପ୍ରାଙ୍ଗଣ, ନୂଆପାଟଣା, ଟିଗିରିଆ, ସମୟ: ସକାଳ ୯ଟା।
- ବ୍ଲକ ବିଜୁ ଯୁବ, ଛାତ୍ର, ଓ ମହିଳା ଜନତା ଦଳ ତରଫରୁ ଜନସମ୍ପର୍କ ପଦଯାତ୍ରା, ସ୍ଥାନ: ପାଞ୍ଚଗାଁ ପଞ୍ଚାୟତ, ଶିବ ମନ୍ଦିର, ଟିଗିରିଆ,ସମୟ: ପୂର୍ବାହ୍ନ ୧୦ଟା।
- ରେଭେନ୍ସା ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗ ପକ୍ଷରୁ ପ୍ରଫେସର ଡି. ସି. ମିଶ୍ର ସ୍ମାରକୀ ବକ୍ତୃତା, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସରସ୍ଥିତ ସେଭେନ୍ ପିଲାର୍ସ ଅଫ୍ ୱିଜଡମ୍ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱର୍ଗଧାମ ସେବା ସମିତି ପକ୍ଷରୁ ନରକ ଚତୁର୍ଦ୍ଦଶୀରେ ସମୂହ ଦୀପ ଦାନ, ସ୍ଥାନ: ସ୍ୱର୍ଗଧାମ, ଖାନ୍‌ନଗର, ସମୟ: ସନ୍ଧ୍ୟା ୫ଟା ୫।
- ଓଡ଼ିଶା ଆୟୁର୍ବେଦ ସେବା ସଂସ୍ଥା ପକ୍ଷରୁ ରାଜ୍ୟସ୍ତରୀୟ ଧନ୍ୱନ୍ତରୀ ଜୟନ୍ତୀ, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।

## ପୁରୀ
- ନିରଞ୍ଜନ ମିଶନ ପକ୍ଷରୁ ସପ୍ତାହ ବ୍ୟାପି ଅଖଣ୍ଡଶାନ୍ତି ଆଧ୍ୟାତ୍ମିକ ଜ୍ଞାନଯଜ୍ଞ ଶିବିର, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ଓମ୍ଫେଡ ଛକ, ନିକଟ ନିମାପଡ଼ା, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର
- ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ପଦଯାତ୍ରା, ସ୍ଥାନ: ପବ୍ଲିକ ହାଇସ୍କୁଲ, ବାଲେଶ୍ୱର, ସମୟ: ସକାଳ ୭ଟା।
- ମୋ ଭାରତ ଓ ଦୀପାବଳୀ ସ୍ୱଚ୍ଛତା ଅଭିଯାନ, ସ୍ଥାନ: ହେଲ୍‌ଦୀ ଲାଇଫ୍ ଯୋଗ ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ସକାଳ ୮ଟା।
- ସରପଞ୍ଚଙ୍କ ପ୍ରଶିକ୍ଷଣ ଶିବିର, ସ୍ଥାନ: ଭୋଗରାଇ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ଭାରତ ବିକାଶ ପରିଷଦ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ, ସ୍ଥାନ: ଚରମ୍ପା, ଭଦ୍ରକ, ସମୟ: ସକାଳ ୮ଟା ୩୦।
- ଲକ୍ଷ୍ମୀନାରାୟଣ ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ନାୟକାଣିଡିହୀ ଥାନା ପରିସର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା ଯୁବ କାର୍ଯ୍ୟକାରିଣୀ ସଦସ୍ୟଙ୍କ ଜନ୍ମଦିନ ପାଳନ ଅବସରରେ ଗଛ ବଣ୍ଟନ, ସ୍ଥାନ: ହୋଟେଲ କୟାରଭ, ଚାନ୍ଦବାଲି, ସମୟ: ମଧ୍ୟାହ୍ନ ୧୨ଟା।
- ଜିଲା ସମାଜ ମଙ୍ଗଳ ବିଭାଗର ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ
- ବ୍ଲକସ୍ତରୀୟ ସୁରଭି ମହୋତ୍ସବ, ସ୍ଥାନ: ବିଆର୍‌ସିସି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ରାଇରଙ୍ଗପୁର,ସମୟ: ପୂର୍ବାହ୍ନ ୯ଟା।
- ନିଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ମହିଳା ଆଶ୍ରମ, ବଡ଼ସାହି ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ
- ପାରମ୍ପରିକ ଲୋକକଳା ମହୋତ୍ସବ, ସ୍ଥାନ: ଦାରିଙ୍ଗବାଡି ରାଜୀବ ଗାନ୍ଧୀ ସେବାକେନ୍ଦ୍ର,ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ହିଞ୍ଜିଳିକାଟୁ ବ୍ଲକ ସଭାଗୃହ,ସମୟ: ପୂର୍ବାହ୍ନ ୧୦ଟା।
- ଶ୍ୟାମାକାଳୀ ପୂଜା ଉପଲକ୍ଷେ କଳସ ଯାତ୍ରା,ସ୍ଥାନ: ବୁଗୁଡା ଗୋଲିଆ ଗ୍ରାମ,ସମୟ: ପୂର୍ବାହ୍ନ ୧୦ଟା ୧୫।
- ଆନ୍ତଃ କଲେଜ କବାଡ଼ି ଟୁର୍ଣ୍ଣାମେଣ୍ଟ ଉଦଯାପନ, ସ୍ଥାନ: ବୁଗୁଡା ପିପୁଲ୍ସ କଲେଜ,ସମୟ: ଅପରାହ୍ନ ୪ଟା।

## ଜଗତ୍‌ସିଂହପୁର
- କେଙ୍ଗନ କମ୍ପାନୀ ପକ୍ଷରୁ ନୂତନ ବିତରଣ କେନ୍ଦ୍ର ଲୋକାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ବିଜୟଚନ୍ଦ୍ରପୁର, ତାରିଣୀଗଡ଼ା, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଇଚ୍ଛାପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- କଣ୍ଟିଲୋ କ୍ରିକେଟ ପ୍ରିମିୟର ଲିଗ୍ ମ୍ୟାଚର ନବମ ଦିବସ ବିକାଶ ୱାରିୟରସ୍ ବନାମ ଦିପୁ କିଙ୍ଗ୍, ସ୍ଥାନ:କଣ୍ଟିଲୋ ପଲଟନ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- କଣ୍ଟିଲୋ କ୍ରିକେଟ ପ୍ରିମିୟର ଲିଗ୍ ମ୍ୟାଚର ନବମ ଦିବସ ଦି ରୟାଲ କିଙ୍ଗ୍ ବନାମ ରାଜା ସୁପର ଷ୍ଟ୍ରାଇକର, ସ୍ଥାନ:କଣ୍ଟିଲୋ ପଲଟନ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା। ରାମଚରିତ ମାନସ ପାରାୟଣରେ ପ୍ରବଚନର ଉଦ୍‌ଯାପନୀ ଉତ୍ସବ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ମନ୍ଦିର ସମ୍ମୁଖ, ସମୟ: ସନ୍ଧ୍ୟା ୭ଟା।
- ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପନୀ ଉତ୍ସବ, ସ୍ଥାନ:ଓଡ଼ଗାଁ ରଘୁନାଥ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରେସ ଇନଫରମେଶନ ବ୍ୟୁରୋ ଗଭରମେଣ୍ଟ ଅଫ୍ ଇଣ୍ଡିଆ ପକ୍ଷରୁ ଆଞ୍ଚଳିକ ମିଡିଆ ୱାର୍କସପ୍, ସ୍ଥାନ:ନୀଳମାଧବ କଲ୍ୟାଣ ମଣ୍ଡପ ଖଣ୍ଡପଡ଼ା ରୋଡ, ନୟାଗଡ଼ ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ, ସ୍ଥାନ:ନୟାଗଡ଼ ଜିଲାପାଳଙ୍କ ସଦ୍‌ଭାବନା କକ୍ଷ, ସମୟ: ମଧ୍ୟାହ୍ନ ସାଢ଼େ ୧୨ଟା।

## ନବରଙ୍ଗପୁର
- ବିଜେଡିର ପଦଯାତ୍ରା, ସ୍ଥାନ: ନବରଙ୍ଗପୁର ଚାଉଁରିଆଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ
- ବ୍ଲକସ୍ତରୀୟ ଆଦିବାସୀ ସାଂସ୍କୃତିକ ମୋହତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ଦଶମନ୍ତପୁର ବ୍ଲକ ସଭାକକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି
- ଶିଶୁ ମହୋତ୍ସବ ମହକ ଓ ଉତ୍ସାହ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ମାଲକାନଗିରି ମାଲ୍ୟବନ୍ତ ଛାତ୍ରାବାସ ପରିସର, ସମୟ: ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର
- ଯୋଗ କ୍ଲବ ପକ୍ଷରୁ ନିଃଶୁଳ୍କ ଯୋଗ ପ୍ରଶିକ୍ଷଣ ଶିବିର, ସ୍ଥାନ: ହାୱା ମଇଦାନ, ସମୟ : ସକାଳ ୬ଟା।
- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଫଟୋଚିତ୍ର ପ୍ରଦର୍ଶନୀ, ସ୍ଥାନ : ସିଏସବି ଜିଲା ସ୍କୁଲ ସ୍ଥିତ ମନମୋହନ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ : ସନ୍ଧ୍ୟା ୬ଟା।
- ହିନ୍ଦୁ ଚେତନା ବୈଠକ, ସ୍ଥାନ : ବାଲିବନ୍ଧା ମନ୍ଦିର ପ୍ରାଙ୍ଗଣ, ସମୟ : ଅପରାହ୍ନ ୪ଟା।

## ସୁବର୍ଣ୍ଣପୁର
- ତରଭା ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା, ସ୍ଥାନ: ବିନିକା ବ୍ଲକ ସମ୍ମୁଖ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ମା' ପୂର୍ଣ୍ଣମାସୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ, ସ୍ଥାନ:ବୁରୁଖମନ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି, ବୀରମହାରାଜପୁର, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ଶ୍ୟାମାକାଳୀ ପୂଜା ମହୋତ୍ସବ ଅବସରରେ କଳସାଧିବାସ, ସ୍ଥାନ: ସର୍ଗିବାହାଲ, ବରଗଡ଼, ସମୟ: ସକାଳ ୯ଟା।
- କାଳୀପୂଜା ଜୁଗାରଯାତ୍ରା ଅବସରରେ କଳସଯାତ୍ରା, ସ୍ଥାନ: କୁଟିପାଲି, ବରଗଡ଼, ସମୟ: ସକାଳ ୯ଟା।
- ଭାଗବତ ପାରାୟଣ, ସ୍ଥାନ: ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ଗାଇସିଲେଟ୍, ସମୟ: ପୂର୍ବାହ୍ନ ୯ଟା ୩୦।

## ଝାରସୁଗୁଡ଼ା
- ଦୀପାବଳି ଉପଲକ୍ଷେ ସ୍ୱତନ୍ତ୍ର ପୂଜାଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।
- ଆସନ୍ତା ଛଟ ପୂଜା ପାଇଁ ବିହାରୀ ସମାଜର ସ୍ୱତନ୍ତ୍ର ବୈଠକ, ସ୍ଥାନ: ସହରସ୍ଥିତ ବୁରୋମାଲ ଗ୍ରାମ ମଣ୍ଡପ, ସମୟ: ଅପରାହ୍ନ ୫ଟା।

## ରାଉରକେଲା
- ଜୟୀରାଜ ଗୁରୁଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ବେଦବ୍ୟାସ ସଂସ୍କୃତ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ରାଉରକେଲା କଲେଜ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଚାଷୀମାନଙ୍କୁ ନେଇ ଉପକରଣ ମାଧ୍ୟମରେ ଭର୍ମି କଲଚର ଓ ଭର୍ମି କମ୍ପୋଷ୍ଟ ଉତ୍ପାଦନ ସମ୍ପର୍କିତ ୪ ଦିନିଆ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଦୁର୍ନୀତି ନିବାରଣ ସପ୍ତାହ ପାଳନ, ସ୍ଥାନ: ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ସଂସ୍କୃତି ବୋଧ ଅଭିଯାନ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୪, ସ୍ଥାନ: ଆଞ୍ଚଳିକ ପରିବହନ ଅଧିକାରୀ ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ହଡମୁଣ୍ଡା, ସମୟ: ମଧ୍ୟାହ୍ନ ୧୨ଟା।
- ସଙ୍କୁଳସ୍ତରୀୟ ଆଚାର୍ଯ୍ୟ ବିକାଶ ଦିବସ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଦେବଗଡ଼, ସମୟ: ମଧ୍ୟାହ୍ନ ୧୨ଟା।
- ୨ଦିନିଆ ଫୁଟବଲ ଟୁର୍ନାମେଣ୍ଟ ଫାଇନାଲ, ସ୍ଥାନ: ବେଲୁଆମ ତିଲେଇବଣି ବ୍ଲକ, ସମୟ: ଅପରାହ୍ନ ୪ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି ମା' କନକ ଦୁର୍ଗା, ସମୟ: ସନ୍ଧ୍ୟା ୬ଟା ୩୦।

## ବୌଦ୍ଧ
- କଣ୍ଟାମାଳ ବ୍ଲକରେ ଦୁର୍ନୀତି ନିବାରଣ ସପ୍ତାହ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: କଣ୍ଟାମାଳ ବ୍ଲକ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

# ମନ୍ଦିର ସୁପରଭାଇଜରଙ୍କୁ କାରଣ ଦର୍ଶାଅ ନୋଟିସ

### ଶ୍ରୀଲିଙ୍ଗରାଜ ମନ୍ଦିରରେ ଶିଳ୍ପା ସେଟ୍ଟୀଙ୍କ ସହ ଫଟୋ ଭାଇରାଲ ପ୍ରସଙ୍ଗ

ପୁରୁଣା ଭୁବନେଶ୍ୱର,୨୯।୧୦(ସୁବାସ ଚନ୍ଦ୍ର ପ୍ରଧାନ) ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ପରିସରରେ ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ସହ ଫଟୋ ଭାଇରାଲ ପ୍ରସଙ୍ଗରେ ମଙ୍ଗଳବାର ମନ୍ଦିର ସୁପରଭାଇଜର ତଥା ମହାସୁଆର ସେବାୟତ ରାଜକିଶୋର ମହାପାତ୍ରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ୩ ଦିନ ମଧ୍ୟରେ ଉତ୍ତର ରଖିବାକୁ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ରୁଦ୍ରନାରାୟଣ ମହାନ୍ତି ନୋଟିସ କରିଛନ୍ତି। ପ୍ରକାଶ ଯେ, ସୋମବାର ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଭୁବନେଶ୍ୱର ଆସିଥିବା ଶିଳ୍ପା ଲିଙ୍ଗରାଜ ମନ୍ଦିରକୁ ଦର୍ଶନ କରିବାକୁ ଯାଇଥିଲେ। ତେବେ ସେ ମନ୍ଦିର ପରିସରରେ ଫଟୋ ଉଠାଇ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲେ। ଉକ୍ତ ଫଟୋରେ ଅଭିନେତ୍ରୀ ଶିଳ୍ପାଙ୍କ ସହ ସେବାୟତ ରାଜକିଶୋର କଥାବାର୍ତ୍ତା ହେଉଥିବା ଦେଖିବାକୁ ମିଳିଥିଲା। ଯାହାକି ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ତେବେ ମନ୍ଦିର ଭିତରକୁ ବିନା ଅନୁମତିରେ କ୍ୟାମେରା କିମ୍ବା ମୋବାଇଲ ଯିବା ଏବଂ ଫଟୋ ଉଠାଯିବା ନିଷେଧ ରହିଛି। ମନ୍ଦିର ଭିତରେ କିଏ ତାଙ୍କୁ ଫଟୋ ଉଠାଇବାକୁ ଅନୁମତି ଦେଲେ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସାଧାରଣ ଲୋକଙ୍କ ପାଇଁ ଗୋଟେ ନିୟମ ରହିଥିବାବେଳେ ଭିଭିଆଇପିଙ୍କ ପାଇଁ ଅଲଗା ନିୟମ କରାଯାଉଥିବାରୁ ଭକ୍ତଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ବିବାଦ ଦେଖାଦେବା ପରେ ଅଭିନେତ୍ରୀ ଶିଳ୍ପା ଉକ୍ତ ଫଟୋକୁ ସାମାଜିକ ଗଣମାଧ୍ୟମରୁ ହଟାଇଦେଇଥିବା ଜଣାପଡ଼ିଛି। ଅତୀତରେ ଜଣେ ବଲିଉଡ ଅଭିନେତ୍ରୀ ମଧ୍ୟ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଭୁବନେଶ୍ୱର ଆସିଥିବା ବେଳେ ଲିଙ୍ଗରାଜ ମନ୍ଦିର ପରିସରରେ ଫଟୋ ଉଠାଇଥିଲେ। ଯାହାକି ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ସେହିପରି ଅନେକ ସମୟରେ ପାଳିଆ ସେବାୟତମାନେ ମନ୍ଦିର ଚୂଡ଼ାରେ ସେଲ୍ଫି ନେବା ଏବଂ ବିଭିନ୍ନ ଜନପ୍ରତିନିଧିଙ୍କ ସହ ଫଟୋ ଉଠାଇ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିବା ନଜିର ରହିଛି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ରୁଦ୍ରନାରାୟଣ ମହାନ୍ତି କହିଛନ୍ତି, ଉକ୍ତ ଫଟୋରେ ଯିଏ ଥିଲେ ତାଙ୍କୁ ଚିହ୍ନଟ କରାଯାଇ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଘଟଣାର ତଦନ୍ତ କରାଯାଇ ସମ୍ପୃକ୍ତ ଥିବା ଭକ୍ତ ହୁଅନ୍ତୁ କିମ୍ବା ସେବାୟତ ସମସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ଏକାମ୍ର ବିଧାୟକ ବାବୁ ସିଂ କହିଛନ୍ତି, ମନ୍ଦିର ପରିସରରେ ଫଟୋ ଉଠାଇବା ଘଟଣାର ତଦନ୍ତ ହେବ। ଯିଏ ଦୋଷୀ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ପ୍ରଥମ ପୃଷ୍ଠାରୁ...

## ସର୍ତ୍ତରେ ଚାଲିବ...

ସିସିଟିଭି ଖରାପ ହୋଇଯାଏ ତେବେ ସମ୍ପୃକ୍ତ ବାର୍‌ମାଲିକ ସଙ୍ଗେସଙ୍ଗେ ନିଜ ଅଞ୍ଚଳର ଅବକାରୀ ଅଧିକାରୀ ଓ ଥାନାକୁ ଅବଗତ କରାଇବେ। ଯେପର୍ଯ୍ୟନ୍ତ ସିସିଟିଭି ଠିକ୍ ହୋଇ ନ ଥିବ ସେପର୍ଯ୍ୟନ୍ତ ନୃତ୍ୟଗୀତ କାର୍ଯ୍ୟକ୍ରମ ବନ୍ଦ ରହିବ।

ନୃତ୍ୟଗୀତ ପ୍ରଦର୍ଶନ କରୁଥିବା ମହିଳାଙ୍କ ରେକର୍ଡ ରଖିବା ପାଇଁ ଡ୍ୟାନ୍ସବାର୍‌ଗୁଡ଼ିକ ରେଜିଷ୍ଟର ପରିଚାଳନା କରିବେ। ଦରକାର ସମୟରେ ତାହାକୁ ପୋଲିସ କିମ୍ବା ଅବକାରୀ ଅଫିସରଙ୍କୁ ପ୍ରଦାନ କରିବେ। ଲାଇସେନ୍ସଧାରୀ ନିଜର ଲାଇସେନ୍ସକୁ ସ୍ପଷ୍ଟ ଭାବେ ସର୍ବସାଧାରଣଙ୍କ ନିମନ୍ତେ ପ୍ରଦର୍ଶିତ କରିବେ। ଲାଇସେନ୍ସଧାରୀ ବାର୍ ମାଲିକଙ୍କୁ ଡ୍ୟାନ୍ସ ବାର୍ ନିମନ୍ତେ ଆବେଦନ କରିବାବେଳେ ନୃତ୍ୟଗୀତ ପ୍ରଦର୍ଶନକାରୀଙ୍କ ଭୋଟର ପରିଚୟ ପତ୍ର ଅଥବା ଆଧାର କାର୍ଡ ଦେବାକୁ ହେବ। ଏଥିସହିତ ୬ମାସ ମଧ୍ୟରେ ଉଠାଯାଇଥିବା ଏକ ଫଟୋ ସହ ସେମାନଙ୍କର ନାମ, ସ୍ଥାୟୀ ଠିକଣା, ନାଗରିକତା ଓ ସ୍ଥାନୀୟ ଠିକଣା ମଧ୍ୟ ଦେବାକୁ ପଡ଼ିବ। ଆବେଦନକାରୀଙ୍କୁ ଏହି ନାମ ଓ ଠିକଣାଗୁଡ଼ିକର ସତ୍ୟତା ଯାଞ୍ଚ କରିବାକୁ ପଡ଼ିବ। ସେହିପରି ଡ୍ୟାନ୍ସ ବାର୍‌ରେ ନୃତ୍ୟ ଓ ଗୀତ ପ୍ରଦର୍ଶନ କରୁଥିବା ପ୍ରଦର୍ଶନକାରୀ(ପୁରୁଷ ଓ ମହିଳା)ଙ୍କ ପୋଷାକ ଶାଳୀନତା ଭିତରେ ରହିବ। ପ୍ରଦର୍ଶନକାରୀ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଉପଯୁକ୍ତ ଥିବା ନେଇ ଏକ ସମ୍ମତିପତ୍ର ଦେବେ, ଯାହାକୁ ବାର୍ ମାଲିକ ଅନୁମତି ନେବା ବେଳେ ଦାଖଲ କରିବେ। ପୂର୍ବରୁ ଅନୈତିକ କାର୍ଯ୍ୟରେ ଲିପ୍ତ ଅଭିଯୋଗରେ ଚାର୍ଜଶିଟ୍ ଥିବା ମହିଳାଙ୍କୁ ଏହି ନୃତ୍ୟଗୀତ ନିମନ୍ତେ ଅନୁମତି ମିଳିବ ନାହିଁ। ବାର୍ ପରିସରରେ ଯେଉଁ ଷ୍ଟେଜ୍‌ରେ ନୃତ୍ୟଗୀତ ପ୍ରଦର୍ଶନ ହେବ ତା'ର ଚାରିପଟେ ୩ ଫୁଟ ଉଚ୍ଚର ବାଡ଼ ରହିବ ଓ ଗ୍ରାହକଙ୍କଠୁ ଅତିକମ୍‌ରେ ୫ ଫୁଟ ଦୂରତା ରହିବ। ସେହି ଷ୍ଟେଜ୍ ସର୍ବନିମ୍ନ ୧୨୦ ବର୍ଗଫୁଟ ହେବା ଜରୁରୀ। ନୃତ୍ୟଗୀତ ପ୍ରଦର୍ଶନକାରୀଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ ଓ ଲକର ସୁବିଧା ରହିବା ନିହାତି ଆବଶ୍ୟକ। ବାର୍ ମାଲିକମାନେ ଏହି କର୍ମଚାରୀ ବା ପ୍ରଦର୍ଶନକାରୀଙ୍କୁ ଫଟୋଯୁକ୍ତ ଆଇକାର୍ଡ ପ୍ରଦାନ କରିବେ, ଯାହା ସେମାନେ ଡ୍ୟୁଟିବେଳେ ଉପଯୋଗ କରିପାରିବେ। ଡ୍ୟାନ୍ସ ବାର୍‌ରେ ନିୟୋଜିତ ମହିଳାମାନଙ୍କ ସୁରକ୍ଷା ଦୃଷ୍ଟିରୁ ସେମାନେ ରହୁଥିବା ସ୍ଥାନରୁ ଯିବାଆସିବା ପାଇଁ ମାଗଣା ପରିବହନ ସୁବିଧା ବାର୍ ମାଲିକଙ୍କୁ ଯୋଗାଇବାକୁ ପଡ଼ିବ। ବାର୍ ପରିସରରେ ନିୟୋଜିତ କୌଣସି ମହିଳା ଯେଭଳି ଯୌନ ଓ ଅନ୍ୟ ନିର୍ଯ୍ୟାତନାର ଶିକାର ନ ହେବେ ସେଥିପାଇଁ ବାର୍ ମାଲିକମାନେ ପର୍ଯ୍ୟାପ୍ତ ପରିମାଣରେ ସୁରକ୍ଷା ଉପାୟ କରିବେ। ସେହିପରି ନୃତ୍ୟଗୀତ ପ୍ରଦର୍ଶନ କରୁଥିବା ପୁରୁଷ କିମ୍ବା ମହିଳାଙ୍କୁ ଗ୍ରାହକମାନେ ସିଧାସଳଖ ଟଙ୍କା ଅବା କୌଣସି ପୁରସ୍କାର ଦେଇପାରିବେ ନାହିଁ। ଯଦି କେଉଁ ଗ୍ରାହକ ଦେବାକୁ ଇଚ୍ଛୁକ ଥିବେ ତା'ହେଲେ ସମ୍ପୃକ୍ତ ଡ୍ୟାନ୍ସ ବାର୍‌ର ପରିଚାଳକଙ୍କ ମାଧ୍ୟମରେ ତାହା ଦେଇପାରିବେ। ଡ୍ୟାନ୍ସ ବାର୍ ପରିସରରେ କାହାରିକୁ ସିଗାରେଟ୍ ଟାଣିବା ପାଇଁ ଅନୁମତି ମିଳିବ ନାହିଁ। ଆବେଦନକାରୀଙ୍କୁ ଉପଯୁକ୍ତ କର୍ତ୍ତୃପକ୍ଷଙ୍କଠୁ ଅଗ୍ନିଶମ ପ୍ରମାଣପତ୍ର ଆଣିବାକୁ ହେବ। ସେହିପରି ଡ୍ୟାନ୍ସ ବାର୍ ପରିସରରେ ଶବ୍ଦ ପ୍ରଦୂଷଣ ନିୟମ-୨୦୦୦ର ସର୍ତ୍ତାବଳୀ ମଧ୍ୟ ବାର୍ ମାଲିକମାନଙ୍କୁ ପାଳନ କରିବାକୁ ପଡ଼ିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

## ଓଡ଼ିଶାରେ ୩ ପ୍ରକଳ୍ପର...

ଦ୍ୱାରା ଭେଷଜ ପରୀକ୍ଷା ଓ ମାନ ନିୟନ୍ତ୍ରଣ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିବ। ସମୟ ବଞ୍ଚିବା ସହିତ ରାଜ୍ୟରେ ଉନ୍ନତମାନର ଔଷଧ ବିତରଣକୁ ପ୍ରୋତ୍ସାହନ ମିଳିବ। ଏହା ଓଡ଼ିଶା ସରକାରଙ୍କର ପ୍ରୟୋଗଶାଳା ଉପରେ ପରୀକ୍ଷଣର ଚାପକୁ ଦୂର କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ୭୦ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ଦେଶରେ ବୈପ୍ଳବିକ ପରିବର୍ତ୍ତନ ଆଣିଛନ୍ତି। ଆୟୁଷ୍ମାନ ଭାରତ ପୃଥିବୀର ସବୁଠାରୁ ବୃହତ୍ତମ ସ୍ୱାସ୍ଥ୍ୟ ବୀମା ଯୋଜନା। ଏହାଦ୍ୱାରା ପ୍ରାୟ ୫୦ କୋଟି ଗରିବ ଲୋକ ଉପକୃତ ହେଉଛନ୍ତି। ଓଡ଼ିଶାରେ ରାଜ୍ୟ ସରକାର ଖୁବ୍ ଶୀଘ୍ର 'ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା' କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଏଥିସହିତ ରାଜ୍ୟ ସରକାର ନିଜସ୍ୱ ସ୍ୱାସ୍ଥ୍ୟ ଯୋଜନା 'ଗୋପବନ୍ଧୁ ଜନ ଆରୋଗ୍ୟ' ଯୋଜନା ମଧ୍ୟ କାର୍ଯ୍ୟକାରୀ କରିବେ। ଏହି ୨ଟି ଯୋଜନା ସମନ୍ୱୟରେ ରାଜ୍ୟବାସୀ ଚିକିତ୍ସା ଚିନ୍ତାରୁ ମୁକ୍ତ ହେବେ। ଏଥିପାଇଁ ରାଜ୍ୟ ବଜେଟରେ ୩,୫୫୬ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି ବୋଲି ସେ କହିଛନ୍ତି।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଦେଶରେ ଟିକାକରଣ ବ୍ୟବସ୍ଥାର ସୁଦୃଢ଼ୀକରଣ ପାଇଁ ୟୁ-ଉଇନ ପୋର୍ଟାଲ, ଦେଶର ଦୁର୍ଗମ ଅଞ୍ଚଳକୁ ଉନ୍ନତ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ପାଇଁ ଡ୍ରୋନ୍ ସେବା ବ୍ୟବସ୍ଥା, ଆନୁଷଙ୍ଗିକ ସ୍ୱାସ୍ଥ୍ୟସେବା କ୍ଷେତ୍ରର ପ୍ରଫେସନାଲ୍‌ମାନଙ୍କ ପାଇଁ ଡିଜିଟାଲ ଇନିସିଏଟିଭ୍ ଏବଂ ଆହୁରି ଅନେକ ଯୋଜନାର ମଧ୍ୟ ଶୁଭାରମ୍ଭ କରିଥିବାରୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆମ ସରକାର ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଚଳିତ ବର୍ଷ ବଜେଟରେ ସ୍ୱାସ୍ଥ୍ୟସେବା କ୍ଷେତ୍ର ପାଇଁ ୨୧ ହଜାର କୋଟିରୁ ଅଧିକ ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏହା ପୂର୍ବ ବର୍ଷ ଅପେକ୍ଷା ୩୨ ପ୍ରତିଶତ ଅଧିକ।

ଆୟୁର୍ବେଦ ଓ ଯୋଗ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଯୋଗ ଦ୍ୱାରା ଶାରୀରିକ ଓ ମାନସିକ ସନ୍ତୁଳନ ରକ୍ଷା ହୋଇଥାଏ। ଯୋଗ କେବଳ ଆଶ୍ରମ ଓ ସାଧୁସନ୍ଥମାନଙ୍କ ମଧ୍ୟରେ ସୀମିତ ନୁହେଁ ,ଏହା ଆମ ଦୈନିକ ଜୀବନର ମଧ୍ୟ ଏକ ଅଂଶବିଶେଷ ହୋଇପାରିଛି। ସମଗ୍ର ବିଶ୍ୱର ଜନସାଧାରଣ ଯୋଗ ପ୍ରତି ସଚେତନ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଉଦ୍ୟମରେ ୨୦୧୫ ଜୁନ୍ ୨୧ ତାରିଖକୁ ଆନ୍ତର୍ଜାତିକ ଯୋଗ ଦିବସ ରୂପେ ପାଳନ କରାଯାଉଛି। ବିଶ୍ୱର ପ୍ରତ୍ୟେକ ଦେଶରେ ଯୋଗର ଅଭ୍ୟାସ କରାଯାଉଛି। କେନ୍ଦ୍ର ସରକାର ଏବଂ ଡବଲ ଇଞ୍ଜିନ ସରକାର ଆସିବା ପରେ ଓଡ଼ିଶା ସରକାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯେଉଁ କାର୍ଯ୍ୟ କରୁଛନ୍ତି ତାହା ଯୁଗାନ୍ତକାରୀ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଦୀପାବଳି ଓ ପବିତ୍ର କାଳୀପୂଜା ପାଇଁ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି, ପ୍ରଧାନମନ୍ତ୍ରୀ ଦେଶରେ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ସାର୍ବଜନୀନ କରିଛନ୍ତି। ଏହି ସେବାକୁ ସମସ୍ତଙ୍କ ପାଇଁ ସୁଲଭ ଓ ସହଜ କରିଛନ୍ତି। ପ୍ରତିବର୍ଷ ଆମ ଦେଶରେ ଲୋକଙ୍କୁ ସ୍ୱାସ୍ଥ୍ୟଜନିତ ଖର୍ଚ୍ଚରୁ ମୁକ୍ତ କରିଛନ୍ତି। ବିଧାୟକ ବାବୁ ସିଂ ଯୋଗଦେଇ ଆଗାମୀ ଦିନରେ ଓଡ଼ିଶା ନିଶ୍ଚିତ ରୂପେ ବିକଶିତ ରାଜ୍ୟ ହେବ ବୋଲି କହିଛନ୍ତି।

## ଘଷିରେ ହେବ...

ଶବଦାହ ସମୟରେ କାଠଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ପ୍ରକାରେ ସଜା ଯାଇଥାଏ। ଫଳରେ ଶବ ଠିକ୍ ଭାବରେ ଦାହ ହୋଇଥାଏ। ଘଷି ଗୁଡ଼ିକରେ ନିଆଁ ଲାଗିବା ପରେ ଭୁଶୁଡ଼ିଯିବ, ଫଳରେ ସେଠାରେ ଥିବା ଶବଦାହକ ଓ ସମ୍ପର୍କୀୟମାନେ ନିଆଁରେ ଆହତ ହେବେ। ତେଣୁ ଘଷିରେ ଦାହ କରିବା ପାଇଁ ଯେଉଁ ନିଷ୍ପତ୍ତି ହେଉଛି ତାହା ଠିକ୍ ନୁହେଁ।

ଅନ୍ୟଜଣେ ଶବଦାହକ ତଥା ସଂସ୍କାର ସେବକ କହିଛନ୍ତି, ଘଷି ଦ୍ୱାର ଶବଦାହ କଲେ ସମସ୍ୟା ଦେଖାଯିବା ସହ ଧୂଆଁ ପ୍ରବଳ ହେବ। କାଠରେ ଯେଉଁଭଳି ଧୂଆଁ ହେଉଛି ତାହାଠାରୁ ଘଷିରେ ଅଧିକ ଧୂଆଁ ହେବ। ଗୋଟିଏ ଗୋଟିଏ ଶବ କାଠରେ ମଧ୍ୟ ଠିକ୍ ଭାବରେ ଦାହ ହୋଇପାରୁ ନାହିଁ। ବହୁ କଷ୍ଟରେ ଦାହ କରିବାକୁ ପଡୁଛି। ଘଷି ହେଲେ ଆହୁରି ସମସ୍ୟା ହେବ, ଶବ ଠିକ୍ ଭାବରେ ଦାହ ହେବ ନାହିଁ। ସରକାରଙ୍କୁ ଅନୁରୋଧ ଯେଉଁ କାଠ ବ୍ୟବସ୍ଥା ରହିଛି ସେହି ବ୍ୟବସ୍ଥା ରହୁ।

ସ୍ୱର୍ଗଦ୍ୱାର ସେବା ସମିତି କମିଟି ସଦସ୍ୟ ସିଦ୍ଧାର୍ଥ ରାୟ କହିଛନ୍ତି, ପ୍ରତ୍ୟେକ ଦିନ ସ୍ୱର୍ଗଦ୍ୱାରକୁ ପ୍ରାୟ ୭୦ଟି ଶବଦାହ ହେବାକୁ ଆସିଥାଏ। ଶବଦାହରେ ପାଖାପାଖି ଦେଢ଼ରୁ ୨ ଟନ୍ କାଠର ଆବଶ୍ୟକତା ରହୁଛି। ଗଣମାଧ୍ୟମରେ ଶୁଣାଯାଉଛି, ଶବଦାହରେ ଘଷି ବ୍ୟବହାର କରିବା ନେଇ ସରକାର ଚିନ୍ତା କରୁଛନ୍ତି। ଏପରି ପ୍ରସ୍ତାବ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ଭାବେ କମିଟି ପାଖରେ ଏପର୍ଯ୍ୟନ୍ତ ପହଞ୍ଚିନି। ସରକାରଙ୍କ ପକ୍ଷରୁ ପ୍ରସ୍ତାବ ଆସିବା ପରେ ଏନେଇ ସମସ୍ତ ଦିଗକୁ ନେଇ ସମିତି ଆଲୋଚନା ଓ ବିଚାର କରାଯିବ।

ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ନରେଶ ଦାସ ମତବ୍ୟକ୍ତ କରିକହିଛନ୍ତି, ଶବଦାହ ନିମନ୍ତେ କାଠର ଆବଶ୍ୟକ କାହିଁ କେଉଁ ଆବହମାନକାଳରୁ ଚାଲି ଆସିଛି। କାଠରେ ଯେଉଁଭଳି ଭାବରେ ଶବ ଦାହ କରିହେବ ତାହା ଘଷିରେ କରିହେବ ନାହିଁ। କାରଣ ଘଷିରେ ଶବଦାହ କରାଗଲେ ଦାହ ସମୟରେ ଶବରୁ ବାହାରୁଥିବା ଜଳୀୟ ଅଂଶ ଘଷି ନିଆଁକୁ ଲିଭାଇଦେବ, ଫଳରେ ଦାହରେ ସମସ୍ୟା ଦେଖାଯିବ।

ଶ୍ରୀମନ୍ଦିର ବରିଷ୍ଠ ସେବକ ଗୌରହରୀ ପ୍ରଧାନ କହିଛନ୍ତି, ସରକାରଙ୍କ ପ୍ରସ୍ତାବ ସ୍ୱାଗତଯୋଗ୍ୟ। ଘଷିରେ ଶବଦାହ ନିମନ୍ତେ ଏକ କୁଇଣ୍ଟାଲ୍ କିମ୍ବା ତା'ଠାରୁ ଊର୍ଦ୍ଧ୍ୱ କାଠର ଆବଶ୍ୟକ ହୋଇଥାଏ। ଘଷି ବ୍ୟବହାର କରାଗଲେ ଗଛ କଟା କମ୍ ହୋଇପାରିବ। ଯଦି ଘଷିରେ ଶବଦାହ କରିବା ଶାସ୍ତ୍ର ସମ୍ମତ ରହିଛି ତେବେ ଯୋଜନା କାର୍ଯ୍ୟକାରୀ କରାଯାଉ। କିନ୍ତୁ ଏଥିପାଇଁ ଗୋଶାଳାର ଆବଶ୍ୟକତା ରହିଛି। ଯାହାକୁ ଯୋଜନା କରାଯାଉଛି ତାହା ଠିକ୍ ଭାବରେ କରାଯାଉ।

## ରୋଗୀଙ୍କୁ ଅଚେତ କରାଇ...

ସ୍ୱାମୀ ବାହାରେ ରହିଥିବାରୁ ସେ ସମ୍ପୂର୍ଣ୍ଣ ନିଃସହାୟ ହୋଇପଡ଼ିଥିଲେ। ସ୍ୱାମୀ ଘରକୁ ଫେରିବା ପରେ ପୀଡ଼ିତା ସବୁ କଥା ତାଙ୍କୁ ଜଣାଇଥିଲେ। ସ୍ୱାମୀ ତାଙ୍କୁ ସାନ୍ତ୍ୱନା ଦେବା ସହ ପୋଲିସରେ ଏତଲା ଦେବା ପାଇଁ ପ୍ରବର୍ତ୍ତାଇଥିଲେ। ଅଭିଯୋଗ ପାଇବା ପରେ ପୋଲିସ ଡାକ୍ତରଙ୍କୁ ଗିରଫ କରିଥିଲା। ତାଙ୍କୁ ଜିଲା ଅଦାଲତରେ ହାଜର କରାଇବା ପରେ ପୋଲିସ ୫ ଦିନିଆ ରିମାଣ୍ଡରେ ନେଇଛି। ମାଜିଷ୍ଟ୍ରେଟ୍‌ଙ୍କ ପାଖରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି।

## ଜେଲ୍‌ରେ ବିଚାରାଧୀନ...

ତାଙ୍କୁ ଜିଲା କାରାଗାରକୁ ପଠାଇ ଦିଆଯାଇଥିଲା। କାରାଗାରର ଉପର ମହଲାସ୍ଥିତ ୮ନମ୍ବର ୱାର୍ଡରେ ସେ ବିଚାରାଧୀନ ବନ୍ଦୀ ଭାବେ ଥିଲେ। ଅପରାହ୍ନ ୫ଟାରେ ସମସ୍ତ ବନ୍ଦୀଙ୍କୁ ଭୋଜନ ଦିଆଯାଇଥିଲା ଏବଂ ନୃପତ ମଧ୍ୟ ଭୋଜନ କରିଥିଲେ ବୋଲି ଭାରପ୍ରାପ୍ତ ଅଧୀକ୍ଷକ ସାମଲ କହିଛନ୍ତି। ତେବେ କାରାଗାରକୁ ଆସିବାର ଦିନକ ପରେ କାରାଗାର ମଧ୍ୟରେ ନୃପତଙ୍କ ମୃତ୍ୟୁ ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ମୃତକ ପରିବାର ଲୋକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କୃତ୍ତିକା ନକ୍ଷତ୍ର ସକାଳୁ ସ୍ୱାସ୍ଥ୍ୟ ଓ ପୂର୍ବ ଶତ୍ରୁତା ସମ୍ପର୍କୀୟ ଚିନ୍ତା କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବାରେ ଅସୁବିଧା ହେବ ନାହିଁ। କାମ ହାସଲରେ ଜଣେ ପୁରୁଣା ବନ୍ଧୁ ସାହାଯ୍ୟ କରିପାରନ୍ତି କିନ୍ତୁ କରଜକୁ କେନ୍ଦ୍ରକରି କଳହ ଲାଗିପାରେ। ସାଧାରଣ କଥାରେ ଭ୍ରାତୃ ସମ୍ପର୍କ, ବନ୍ଧୁପ୍ରୀତି, ଅର୍ଥପ୍ରାପ୍ତି , ଯାତ୍ରା ଓ ଆଲୋଚନା ବାଧାପ୍ରାପ୍ତ ହେବ।

**ବୃଷ** ଆପଣ ଅନ୍ୟମାନଙ୍କୁ ମନେଇ ନିଜ ଆଡ଼କୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ରୋହିଣୀ ନକ୍ଷତ୍ର କର୍ମକ୍ଷେତ୍ରରେ ଅପ୍ରିୟସତ୍ୟ କଥା ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ଭଲ ଲାଭ ପାଇବେ। ବକେୟା ଅର୍ଥ ଆଦାୟ ସକାଶେ ଅନ୍ୟର ସାହାଯ୍ୟ ନେବାର ସମ୍ଭାବନା ରହିଛି।

**ମିଥୁନ** ଆଜି ଯେମିତି ଆଶା କରୁଛନ୍ତି ସେମିତି ପାଇବାରେ ଅସୁବିଧା ରହିବ ନାହିଁ। ଆରଦ୍ରା ନକ୍ଷତ୍ର କର୍ମକ୍ଷେତ୍ରରେ ଅଟକି ରହିଥିବା କାମ ସକାଶେ ଅନୁତାପ କରିବାକୁ ପଡ଼ିପାରେ। ରାଜନୀତି, ପ୍ରଶାସନ, ସଭାସମିତି, ଲେଖାପଢ଼ା, ଯାତ୍ରା ପାଇଁ ଦିନଟି ଭଲ। ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**କର୍କଟ** କର୍ମକ୍ଷେତ୍ରରେ ସାଧାରଣ କଥାରୁ କଳହ କିମ୍ବା ମନାନ୍ତର ଘଟିବାର ଆଶଙ୍କା ଉତ୍ପନ୍ନ ହେବ। ଅଶ୍ଳେଷା ନକ୍ଷତ୍ରର ଭୁଲ୍ ବୁଝାମଣା ପାରିବାରିକ ସମସ୍ୟାକୁ ବଢ଼ାଇ ଦେଇପାରେ। ବନ୍ଧୁଙ୍କ ନିକଟରୁ କିଛି ପାଇବାର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଆନୁଷ୍ଠାନିକ କାମରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇବେ।

**ସିଂହ** ଯେତେ ଯାହା କଲେ ମଧ୍ୟ ଆତ୍ମୀୟ ଓ ପଡ଼ୋଶୀଙ୍କ ସହ ସମ୍ପର୍କ ଭଲ ରହିବ ନାହିଁ। ବିଳମ୍ବରେ କାମ ସମ୍ପନ୍ନ ହେବାରୁ ମନସ୍ତାପ କରିପାରନ୍ତି। ପୂର୍ବାଫାଲଗୁନୀ ନକ୍ଷତ୍ରର କର୍ମକ୍ଷେତ୍ରରେ ନୂତନ ଯୋଜନା କିମ୍ବା ଚୁକ୍ତିପତ୍ର ସ୍ୱାକ୍ଷରିତ ହେବ। ଆଶା କରୁଥିବା ଦିଗରୁ କିଛି ପାଇବା ପଛରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ ରହିବ।

**କନ୍ୟା** ଦିନଟି ବହୁତ ଭଲ, ମାତ୍ର କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ସାମାଜିକ କ୍ଷେତ୍ରରେ ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ ଓ ସାହାଯ୍ୟ ସହଯୋଗ ମିଳିବ। ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ଆଶଙ୍କା ରହିଛି। ଚିତ୍ରା ନକ୍ଷତ୍ର ଯାନବାହନ କିମ୍ବା ଯାନ୍ତ୍ରିକ ଜିନିଷ କ୍ରୟ କରିବା ସକାଶେ ପରିବାରରୁ ବରାଦ ପାଇପାରନ୍ତି।

**ତୁଳା** ଆଜି ସ୍ୱାତୀ ନକ୍ଷତ୍ରର ମନ ଚାହୁଁ ନ କାମ ସମୟ ଓ ପରିସ୍ଥିତିକୁ ନେଇ କରିବାକୁ ବାଧ୍ୟ ହେବେ। ଆଲୋଚନା ପରିସରରେ ସହକର୍ମୀ କିମ୍ବା ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ଅତ୍ୟଧିକ ପରିଶ୍ରମଜନିତ ସାମୟିକ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଲେଖାପଢ଼ା, ନିର୍ମାଣ, ଗବେଷଣାରୁ ପ୍ରଶଂସିତ ହେବେ।

**ବିଛା** ଅନୁରାଧା ନକ୍ଷତ୍ର କର୍ମକ୍ଷେତ୍ରରେ ବନ୍ଧୁଙ୍କ ଦ୍ୱାରା ଅର୍ଥ ଓ ସମ୍ମାନ ଲାଭ କରିବେ। ଅଟକି ରହିଥିବା କାମରେ ଅଳ୍ପ ସମୟ ଅପେକ୍ଷା କରନ୍ତୁ, ଦେଖିବେ ସବୁ ଠିକ୍ ହୋଇଯିବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସକାଳୁ ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ହୋଇଯିବାର ସୂଚନା ରହିଛି।

**ଧନୁ** ଆଜିର ପ୍ରତ୍ୟୁଷ ଯାତ୍ରାରେ ବନ୍ଧୁମିଳନ ସଙ୍ଗକୁ ମୂଲ୍ୟବାନ ଦ୍ରବ୍ୟ ପ୍ରାପ୍ତି ହୋଇପାରେ। ମୂଳା ନକ୍ଷତ୍ର ଜଣେ ବନ୍ଧୁଙ୍କ ସହ ମିଶି ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବା ଦ୍ୱାରା ସୁଫଳ ମିଳିବ। ଭ୍ରମଣ କ୍ଲାନ୍ତି ସହ ସ୍ୱାସ୍ଥ୍ୟହାନି ଘଟିପାରେ। ଭାବପ୍ରବଣତାର ବଶବର୍ତ୍ତୀ ହୋଇ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲାଭଳି କାମ କରିବା ଠିକ୍ ହେବ।

**ମକର** ଶ୍ରବଣା ନକ୍ଷତ୍ର କର୍ମକ୍ଷେତ୍ରରେ ଅପରିଚିତ ବ୍ୟକ୍ତି ଦ୍ୱାରା କାମ ହାସଲ କରିବେ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଯୁକ୍ତିତର୍କ କାରଣରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। କଳା, ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ଅନ୍ୟମାନଙ୍କର ସହଯୋଗ ଅଭାବରୁ ଅଫିସରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**କୁମ୍ଭ** ମାନସିକ ଅସ୍ଥିରତା ବୃଦ୍ଧି ପଛରେ ପାରିବାରିକ ଅଶାନ୍ତି ମୁଖ୍ୟ କାରଣ ହେବ। ପଡ଼ୋଶୀଙ୍କ ପାଇଁ ତ୍ୟାଗ ସ୍ୱୀକାର କଲେ ମଧ୍ୟ ସେମାନଙ୍କ ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ପାରିବାରିକ, ବ୍ୟବସାୟିକ, ନୂତନ ପ୍ରକଳ୍ପ, ସମ୍ପର୍କୀୟ ଯୋଜନାକୁ କାର୍ଯ୍ୟକାରୀ କରାଇବେ। ପୂର୍ବଭାଦ୍ର ନକ୍ଷତ୍ର ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ଅସୁବିଧା ଭୋଗିବେ।

**ମୀନ** ପାରିବାରିକ ଅଶାନ୍ତିର ସମାପ୍ତି ଘଟାଇବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଭାଇଙ୍କ ସ୍ୱାସ୍ଥ୍ୟ ଓ ସମ୍ପର୍କୀୟଙ୍କ ଅନୁଚିତ ଚିନ୍ତାଧାରା ମନକୁ ବ୍ୟଥିତ କରିପାରେ। ରେବତୀ ନକ୍ଷତ୍ର ବ୍ୟବସାୟ, ପରିବହନ, ନିର୍ମାଣ ଓ ସଭାସମିତିରେ ସଫଳତା ହାସଲ କରିବେ। ପରୋକ୍ଷ ଶତ୍ରୁତା ମନକୁ ବିଚଳିତ କରିପାରେ ତଥାପି ଅନ୍ୟମାନଙ୍କର ସେବାରେ ମନ ଦେଇ ଖୁସି ରହିବେ।

ଆଜି ଅକ୍ଟୋବର ୩୦ ତାରିଖ, ବିଶ୍ୱ ମିତବ୍ୟୟିତା (ସଞ୍ଚୟ)ଦିବସ, କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ ବୁଧବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢା ପରିକ୍ରମା, ରାଶି ନକ୍ଷତ୍ର-ହସ୍ତା/କନ୍ୟା, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ। ଦିବା ଘ. ୦୫.୫୦ମି. ଗତେ ଘ. ୦୮.୦୬ମି. ମଧ୍ୟେ, ଘ.୧୦.୨୨ମି. ଗତେ ଘ.୧୧.୩୦ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୩୦ମି. ଗତେ ଘ.୧୨.୫୫ମି. ମଧ୍ୟେ ରାହୁ କାଳ।

# ମୋ ଜଙ୍ଗଲ ଜମି ଯୋଜନା ପ୍ରଗତି ନୈରାଶ୍ୟଜନକ

ଯାଜପୁର,୨୯।୧୦(ହର୍ଷବର୍ଦ୍ଧନ ବେହେରା)

■ ସୁକିନ୍ଦା, ଦାନଗଦି ବ୍ଲକରେ ୧୭୬୬ରୁ ୧୩୮୫ ଘର ସମ୍ପୂର୍ଣ୍ଣ

■ ଯୋଜନାରେ ୯,୨୦୦ ପଟ୍ଟା ବଣ୍ଟନ

ଓଡ଼ିଶାରେ ୬୨ ପ୍ରକାରର ଜନଜାତି ବାସ କରନ୍ତି। ସେମାନଙ୍କ ମଧ୍ୟରୁ ୧୩ ପ୍ରକାରର ଜନଜାତିଙ୍କୁ ଆଦିମ ଜନଜାତି ଗୋଷ୍ଠୀ ଭାବେ ଶ୍ରେଣୀଭୁକ୍ତ କରାଯାଇଛି। ୨୦୧୧ ଜନଗଣନା ଅନୁଯାୟୀ, ଅନୁସୂଚିତ ଜନଜାତିଙ୍କ ଜନସଂଖ୍ୟା ଦୃଷ୍ଟିରୁ ଜାତୀୟସ୍ତରରେ ଓଡ଼ିଶାର ସ୍ଥାନ ତୃତୀୟ। ରାଜ୍ୟରେ ଜନଜାତିଙ୍କ ଜନସଂଖ୍ୟା ୯୫ ଲକ୍ଷ ୯୦ ହଜାର ୭୫୬ ରହିଥିବାବେଳେ ତାହା ସମୁଦାୟ ଜନସଂଖ୍ୟାର ୨୨.୮୫ ପ୍ରତିଶତ। ରାଜ୍ୟରେ ୫୩,୮୪୫ ଗ୍ରାମ ମଧ୍ୟରୁ ଜଙ୍ଗଲ ଅଧିକାର ଆଇନ ପରିସରରେ ପ୍ରାୟ ୩୨,୫୬୨ ଗ୍ରାମ ରହିଛି। ଏହାର କ୍ଷେତ୍ରଫଳ ପ୍ରାୟ ୩୫,୭୩୯ ବର୍ଗ କିଲୋମିଟର। ବର୍ତ୍ତମାନ ସୁଦ୍ଧା ୪.୫୬ ଲକ୍ଷ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ପଟ୍ଟା ପ୍ରଦାନ କରାଯାଇ ଦେଶରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟରେ ପରିଗଣିତ ହୋଇପାରିଛି। କିନ୍ତୁ ଏହି ଆଇନରେ ଅଧିକାରଗୁଡ଼ିକର ସ୍ୱୀକୃତି ଏବଂ ବିକାଶ ପ୍ରକ୍ରିୟା ଯେତିକି ହେବା କଥା ସେତିକି ହାସଲ କରାଯାଇ ପାରିନାହିଁ। ଲୋକେ ବସବାସ କରୁଥିବା ଜଙ୍ଗଲ ଜମିକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତନ କରିବା ଦିଗରେ ହୋଇଥିବା ପ୍ରଗତି ଉତ୍ସାହଜନକ ନୁହେଁ ବୋଲି ଖୋଦ୍ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ସ୍ୱୀକାର କରାଯାଇଛି। ଏନେଇ ତତ୍କାଳୀନ ବିଭାଗୀୟ ଶାସନ ସଚିବ ୧୮।୧୦।୨୦୨୩ରେ ସମସ୍ତ ଜିଲାପାଳଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଆଜି ବି ଯାଜପୁର ଜିଲାର ଦାନଗଦି ଓ ସୁକିନ୍ଦା ବ୍ଲକ ଅଞ୍ଚଳରେ ମାତ୍ର ୧୭୬୬ ଜଣ ଅନୁସୂଚିତ ଜନଜାତିଙ୍କୁ ଜଙ୍ଗଲ ଅଧିକାର ଆଇନରେ ଘର ଯୋଗାଇ ଦିଆଯାଇଛି। ସେଥିରୁ ୧୩୮୫ ଜଣ ଘର ସମ୍ପୂର୍ଣ୍ଣ କରିଥିବା ରିପୋର୍ଟରେ ଦର୍ଶାଯାଇଛି। ଏଭଳି ଭାବେ ଗୋଷ୍ଠୀ ଜଙ୍ଗଲ ଅଧିକାରକୁ ସ୍ୱୀକୃତି ଦେବା କ୍ଷେତ୍ରରେ ରାଜ୍ୟ ବହୁତ ପଛୁଆ ରହିଛି ବୋଲି ଦର୍ଶାଇ ବିଭାଗ ପକ୍ଷରୁ ପୁଣି ଏକ ମୋ ଜଙ୍ଗଲ ଜମି ଯୋଜନା ପ୍ରଣୟନ କରାଯାଇଛି।



ଯାଜପୁର ଜିଲାର ଦାନଗଦି, ସୁକିନ୍ଦା, କୋରେଇ ଓ ବଡ଼ଚଣା ତହସିଲ ଅଞ୍ଚଳରେ ୩୫୨ ଗ୍ରାମକୁ ଜଙ୍ଗଲ ସ୍ୱୀକୃତି ଆଇନରେ ପରିସରଭୁକ୍ତ କରାଯାଇଛି। କିନ୍ତୁ ଏହି ଆଇନରେ ବିକାଶ ପ୍ରକ୍ରିୟାର ସଫଳତା ଯେତିକି ସମ୍ଭାବନା ରହିଛି, ସେତିକି ହାସଲ କରାଯାଇ ପାରିନାହିଁ। ଜିଲାର ଦାନଗଦି, ସୁକିନ୍ଦା, କୋରେଇ ଓ ବଡ଼ଚଣା ବ୍ଲକ ଅଞ୍ଚଳରେ ପ୍ରାୟ ୯,୨୦୦ ପରିବାର ଏହି ଆଇନରେ ଜମି ପଟ୍ଟା ପାଇଥିବା ସୂଚନା ମିଳିଛି। ହେଲେ ସେଥିରୁ ମାତ୍ର ୧୭୬୬ ଜଣ ଘର ପାଇଛନ୍ତି। ଏହାବାଦ୍ ଗାନ୍ଧୀନଗର କୁଷ୍ଠ କଲୋନୀ ଭଳି ଅନେକ ବସତି ଅଞ୍ଚଳକୁ ସର୍ବେକ୍ଷଣ କରାଯାଇ ପାରିନାହିଁ। ଏହି ଆଇନ ମାଧ୍ୟମରେ ସୁକିନ୍ଦା ବ୍ଲକ ଗାଁସୋଳ ପଞ୍ଚାୟତ କୁସୁମୁଣ୍ଡିଆ ଗ୍ରାମରେ ୮୭ଟି ମାଙ୍କଡିଆ ସମ୍ପ୍ରଦାୟ ପରିବାରବର୍ଗଙ୍କୁ ଜମି ଯୋଗାଇ ଗୃହ ନିର୍ମାଣ ବାବଦକୁ ୨୦୨୧-୨୨ରେ ଡିଏମଏଫ୍ ପାଣ୍ଠିରୁ ୩ କୋଟି ୨୫ ଲକ୍ଷ ୧୮ ହଜାର ୩୯୨ ଟଙ୍କା ମଞ୍ଜୁର ହୋଇଛି। ହେଲେ ଏଯାଏ ସମ୍ପୃକ୍ତ ଆଦିବାସୀଙ୍କ ପକ୍କାଘରେ ରହିବା ସ୍ୱପ୍ନ ଅଧୁରା ରହିଛି। ତେଣୁ ଆଦିବାସୀମାନଙ୍କ ଜୀବିକା ଅର୍ଜନ ଭିତ୍ତିଭୂମିକୁ ସୁଦୃଢ଼ କରିବା ତଥା ସେମାନଙ୍କ ସାମଗ୍ରିକ ଅର୍ଥନୈତିକ ଅଭିବୃଦ୍ଧି ସାଧନ ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି ସରକାର ମୋ ଜଙ୍ଗଲ ଜମି ଯୋଜନା ପ୍ରଣୟନ କରିଛନ୍ତି। ଏଥିରେ ସମସ୍ତ ଯୋଗ୍ୟ ଦାବିଦାରମାନଙ୍କ ଜୀବିକା ଏବଂ ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ରହିଛି। ଏହିସବୁ ପ୍ରକ୍ରିୟା ୨୦୨୪ ମାର୍ଚ୍ଚ ସୁଦ୍ଧା ଶେଷ କରିବାକୁ ବିଭାଗୀୟ ନିର୍ଦ୍ଦେଶ ରହିଥିଲା। ଏଥିରେ ଜଙ୍ଗଲ ଅଧିକାର କମିଟି ଗଠନ, ସ୍ୱତନ୍ତ୍ର ଗ୍ରାମସଭା, ବ୍ୟକ୍ତିଗତ, ଗୋଷ୍ଠୀଗତ ଓ ସମ୍ବଳ ଅଧିକାର ଏବଂ ସେଗୁଡ଼ିକର ପ୍ରମାଣପତ୍ର ସଂଗ୍ରହ, ପଡ଼ୋଶୀ ଗ୍ରାମର ଜଙ୍ଗଲ ଅଧିକାର କମିଟିଗୁଡ଼ିକ ସହ ଯୁଗ୍ମ ବୈଠକ, ରାଜସ୍ୱ ଓ ଜଙ୍ଗଲ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ଦାବିଗୁଡ଼ିକର ମିଳିତ ଯାଞ୍ଚ ପ୍ରକ୍ରିୟା, ଚୂଡ଼ାନ୍ତ ଗ୍ରାମସଭା, ଉପଖଣ୍ଡସ୍ତରୀୟ ଜଙ୍ଗଲ ଅଧିକାର କମିଟିରେ ଦାବି ଦାଖଲ ଇତ୍ୟାଦି ରହିଛି। ହେଲେ ଏହି ପ୍ରକ୍ରିୟା ମଧ୍ୟ ନୈରାଶ୍ୟଜନକ ରହିଛି। ଏ ସଂକ୍ରାନ୍ତରେ ଯାଜପୁର ଜିଲା ମଙ୍ଗଳ ଅଧିକାର ଶରତ ଚନ୍ଦ୍ର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଜଙ୍ଗଲ ଜମି ଯୋଜନାର ସର୍ବେକ୍ଷଣ ଏବଂ ଚିହ୍ନଟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି। ସରକାରଙ୍କ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ କରିବାକୁ ଯୋଜନା ରହିଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅଜିତ୍



@ ଦିବାଶିଷ୍



@ ମୁକେଶ



@ ରଶ୍ମିରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପୂର୍ବ ପ୍ରସ୍ତୁତି ହେଲେ ବିପର୍ଯ୍ୟୟକୁ ସାମ୍ନା କରିପାରିବା




ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ ଅବସରରେ ଜିଲାପାଳ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ।

ଯାଜପୁର ଟାଉନ,୨୯।୧୦
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

**ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ**

ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ଜିଲାପାଳଙ୍କ ସମ୍ମିଳନୀ ଗୃହଠାରେ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ କହିଛନ୍ତି, ୧୯୯୯ ମହାବାତ୍ୟା ଅକ୍ଟୋବର ୨୯ଜନିତ କ୍ଷୟକ୍ଷତି ଯୋଗୁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ଏହାର ମୁକାବିଲା ପାଇଁ ଗାଇଡ ଲାଇନ୍ ପ୍ରସ୍ତୁତି କରିଛି। ଏବେ ବାତ୍ୟା 'ଦାନା' ର ପ୍ରଭାବକୁ ଆମେ ସଫଳ ଭାବେ ମୁକାବିଲା କରିପାରିଛୁ। ଏବେବି ସବୁ ଜାଗାରେ କ୍ଷୟକ୍ଷତି ଆକଳନ କରାଯାଉଛି। ଆମେ ଜାଣିପାରୁଛୁ, ଠିକ୍ ଭାବେ ପୂର୍ବ ପ୍ରସ୍ତୁତି ହେଲେ ଭଲ ଭାବରେ ବିପର୍ଯ୍ୟୟକୁ ସାମନା କରିପାରିବା। ଠିକ୍ ଭାବରେ ପ୍ରସ୍ତୁତି ନ ହେଲେ ଧନ ଜୀବନ କ୍ଷୟକ୍ଷତି ହୋଇଥାନ୍ତା। ଏବେ ଲୋକେ ବହୁ ସଚେତନ ହେଲେଣି। ବାତ୍ୟା ଭଳି ବନ୍ୟା, ଭୂମିକମ୍ପ, ରାସାୟନିକ ଦୁର୍ଘଟଣା, ପେଟ୍ରୋଲିୟମ ଓ ଗ୍ୟାସ ଦୁର୍ଘଟଣା ଇତ୍ୟାଦି ମୁକାବିଲା ନିମନ୍ତେ ମଧ୍ୟ ପ୍ରସ୍ତୁତି ଏବଂ ସଚେତନ ହେବାକୁ ପଡିବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି। ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ଗାନ୍ଧୀଛକ, ହାବେଳି ବଜାର, ବଡ଼ବଜାର ଜଗନ୍ନାଥ ମନ୍ଦିର ଦେଇ ସହର ପରିକ୍ରମା କରିଥିଲା। ଅତିରିକ୍ତ ଜିଲାପାଳ ଶୁଭେନ୍ଦ୍ର କୁମାର ସାମଲ ପତାକା ଦେଖାଇ ଏହି ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଜିଲା ଜରୁରୀ ଅଧିକାରୀ ଅଶୋକ କୁମାର ବେହେରା, ଜିଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଗୁଡ୍ଡୁ, ଜିଲା ଜରୁରୀ କାର୍ଯ୍ୟାଳୟର କର୍ମକର୍ତ୍ତା ଶୋଭାଯାତ୍ରା ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟସ୍ତରୀୟ ଓଡ଼ିଆ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଜିଲାପାଳ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସଭାରେ ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନା, ଜିଲାସ୍ତରୀୟ ଅଧିକାରୀ, ଅଗ୍ନିଶମ ଅଧିକାରୀ, ଡେପୁଟି କଲେକ୍ଟର, ଛାତ୍ରୀଛାତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ। ଜିଲା ଜରୁରୀ ଅଧିକାରୀ ଅଶୋକ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

# ଜିଲା କ୍ରିକେଟ ଆସୋସିଏଶନ ବିରୋଧରେ ଅଭିଯୋଗ

ଯାଜପୁର ଟାଉନ,୨୯।୧୦
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଜିଲା କ୍ରିକେଟ ଆସୋସିଏଶନର ମନମାନୀକୁ ନେଇ ଜିଲାର ବିଭିନ୍ନ ବ୍ଲକର ଶିଶୁ କ୍ରୀଡ଼ାବିତ ଓ ଅଭିଭାବକ ମଙ୍ଗଳବାର ଜିଲାପାଳଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି। ବିଞ୍ଝାରପୁର ବ୍ଲକ୍‌ର ନୱାଜିଦ ଖାନ, ଏହାନ ଖାନ, ବଡ଼ଚଣା ବ୍ଲକର ଅଭିଜିତ ସ୍ୱାଇଁ, ଯାଜପୁର ବ୍ଲକର ଶୁଭମ ଦାସ, ରସୁଲପୁର ବ୍ଲକର ଜୀସାନ ଅଜିମ ପ୍ରମୁଖ କ୍ରୀଡ଼ାବିତ ପହଞ୍ଚି ଜିଲାପାଳଙ୍କ ନିକଟରେ ଜିଲା କ୍ରିକେଟ ଆସୋସିଏସନ ଦ୍ୱାରା ହୋଇଥିବା ଅବିଚାର ଉପରେ ତଦନ୍ତ କରିବା ସହିତ ସେମାନଙ୍କ କ୍ରିକେଟ ଖେଳର ସୁରକ୍ଷା ଓ ବିକାଶ ନିମନ୍ତେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି।

ସୂଚନା ଅନୁଯାୟୀ, ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଓ ଜିଲା କ୍ରିକେଟ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ବିଦ୍ୟାଳୟସ୍ତରୀୟ କ୍ରିକେଟ ମ୍ୟାଚ୍‌ରେ ଉପରୋକ୍ତ ଶିଶୁ କ୍ରିକେଟର ଭଲପ୍ରଦର୍ଶନ କରି ତାଲିକାରେ ଶୀର୍ଷରେ ଥିଲେ। ମାତ୍ର ଉଦ୍ଦେଶ୍ୟମୂଳକ ଭାବରେ କିଛି ତାଲିକାର ନିମ୍ନ ନମ୍ବରରେ ଥିବା ଖେଳାଳିଙ୍କୁ ପ୍ରାଧାନ୍ୟ ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ ଜିସାନ ଅଜିମଙ୍କୁ ଟ୍ରାଏଲକୁ ଡକାଯାଇ ନ ଥିବାବେଳେ ଏହାନ ଖାନଙ୍କୁ ଟିମ୍‌ରେ ସାମିଲ କରାଯାଇ ନ ଥିଲା। ସେହିପରି କିଛି ଶିଶୁ କ୍ରୀଡ଼ାବିତଙ୍କୁ ଅତ୍ୟଧିକ ପ୍ରାଧାନ୍ୟ ଦେବା ସହ ସେମାନଙ୍କୁ ସମସ୍ତ ମ୍ୟାଚ୍ ଖେଳାଯାଇଥିଲା। ଓସିଏ ୩୦ଜଣିଆ ତାଲିକାରେ ନ ଥିବା ଖେଳାଳି ୫ଟି ମ୍ୟାଚ୍ ଖେଳିବା ଘଟଣା ଜିଲା କ୍ରିକେଟ ଆସୋସିଏସନର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚ୍ୟ ସୃଷ୍ଟି କରିଛି। ଜିଲା ଟିମରେ ଜଣେ ୧୦ ବର୍ଷରୁ କମ୍ ବୟସ ଶିଶୁ କ୍ରୀଡ଼ାବିତଙ୍କୁ ସାମିଲ କରିବା ଘଟଣାକୁ ଅଭିଭାବକ ସହଜରେ ଗ୍ରହଣ କରିପାରିନାହାନ୍ତି। ସେହିପରି ନବାଜିଦ ଖାନଙ୍କୁ ଷୋହଳ ବର୍ଷରୁ କମ ବୟସ ଜିଲାସ୍ତରୀୟ କ୍ରିକେଟ ଟିମ ଅଧିନାୟକ ଭାବରେ ଚୟନ କରି ଗୋଟିଏ ମ୍ୟାଚ୍ ପରେ ନ ଖେଳାଇବା ଫଳରେ ସେ ମାନସିକ ଚାପରେ ରହିଛନ୍ତି ବୋଲି ନବାଜିଦ ଖାନଙ୍କ ପିତା କହିଛନ୍ତି। ତେଣୁ ଜିଲା କ୍ରିକେଟ ଆସୋସିଏଶନ ଏଭଳି ମନୋଭାବକୁ ସାଧାରଣରେ ନାପସନ୍ଦ କରାଯାଉଛି। ଏହି ଘଟଣାରେ ଅଭିଭାବକ ଓସିଏ ଓମବୁଡ୍ସମ୍ୟାନର ଦ୍ୱାରସ୍ଥ ହୋଇଥିବାବେଳେ ଶିଶୁମାନେ ଓଡ଼ିଶା ମାନବାଧିକାର କମିସନଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଛନ୍ତି। ଏନେଇ ଜିଲା କ୍ରିକେଟ ଆସୋସିଏଶନର ପ୍ରତିକ୍ରିୟା ମିଳି ପାରିନାହିଁ।

# ପାଣିକୋଇଲି ମହୋତ୍ସବ ପ୍ରସ୍ତୁତି ବୈଠକ



ପାଣିକୋଇଲି,୨୯।୧୦(ବିକାଶ ମଲ୍ଲିକ):

କୋରେଇ ବ୍ଲକ ଅନ୍ତର୍ଗତ ପାଣିକୋଇଲି ଓ ପଥରପଦା ପଞ୍ଚାୟତକୁ ନେଇ ଆୟୋଜିତ ହେବାକୁ ଥିବା ୪ର୍ଥ ପାଣିକୋଇଲି ମହୋତ୍ସବ ନିମନ୍ତେ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ମା' ତାରିଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟି ସମ୍ପାଦକ ତାରିଣୀ ପ୍ରସାଦ ରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସଭାପତି ରାକେଶ କୁମାର ସାହୁ ମହୋତ୍ସବର ପ୍ରସ୍ତୁତି ନେଇ ବିବରଣୀ ପ୍ରଦାନ କରିଥିଲେ। ଚଳିତ ବର୍ଷ ମହୋତ୍ସବକୁ କିପରି ଆଡ଼ମ୍ବର ପୂର୍ଣ୍ଣ ଓ ଶାନ୍ତି ଶୃଙ୍ଖଳାର ସହିତ ଆୟୋଜନ କରାଯିବ ସେ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ସର୍ବଶ୍ରୀ ସୂର୍ଯ୍ୟମଣି ପଣ୍ଡା, ଅବଦୁଲ ସଏଦ ଖାଁ, ପ୍ରେମେଶ ମହାକୁଡ଼, ରାଜକିଶୋର ମଲିକ, ବିଜନ କୁମାର ଧଳ, ଜହର ଅଲ୍ଲି ଖାଁ, ଦିଲୀପ ପରିଡ଼ା, ପ୍ରଫୁଲ୍ଲ କୁମାର ଦାଶ, ବିକାଶ ମଲ୍ଲିକ, ମାନସ ରାୟ, ଅକ୍ଷୟ କୁମାର ବାରିକ, ରୁଦ୍ର ନାରାୟଣ ବେହେରା, ସୁକାନ୍ତ ସାହୁ, ଅକ୍ଷୟ କୁମାର ସାହୁ ଓ ପ୍ରମୋଦ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ନଭେମ୍ବର ୪ରେ ଦ୍ୱିତୀୟ ବୈଠକ ଆୟୋଜନ ହେବ ବୋଲି ବୈଠକରେ ସ୍ଥିରୀକୃତ ହୋଇଥିବାବେଳେ ସଦସ୍ୟ ତାରିଣୀ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ବିରଜା ଜ୍ୟୋତିର ବାର୍ଷିକୋତ୍ସବ

ଯାଜପୁର ଟାଉନ,୨୯।୧୦
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଭାରତୀୟ ଶକ୍ତି ତତ୍ତ୍ୱ ଓ ଐତିହ୍ୟର ପ୍ରଥମ ଶଙ୍ଖନାଦ ବିରଜାଙ୍କୁ ଆଧାରକରି ଏହି ଯାଜପୁରରେ ହୋଇଥିଲା ବୋଲି ମଙ୍ଗଳବାର ବିରଜା ଜ୍ୟୋତିର ବାର୍ଷିକୋତ୍ସବରେ ଯୋଗଦେଇ ବିଶିଷ୍ଟ ଅତିଥି ମତପ୍ରକାଶ କରିଛନ୍ତି। ଏହି ସମାରୋହରେ ବିଶିଷ୍ଟ ଅତିଥିରୂପେ ଡ. ବିଜୟ କୁମାର ସାମଲ, ଡ. ଦୁଷ୍ମନ୍ତ ନାୟକ, ଗଦାଧର ରାଉତ, ପଣ୍ଡିତ ଭୂପତି ଭୂଷଣ ମିଶ୍ର ଓ କହ୍ନାଇ ଚରଣ ମହାନ୍ତି ପ୍ରମୁଖ ଯୋଗଦେଇ ଭାରତବର୍ଷର ଶକ୍ତି ଉପାସନା କ୍ଷେତ୍ରରେ ଦ୍ୱିଭୁଜା ବିରଜାଙ୍କ ଅନବଦ୍ୟ ମହିମା ସମ୍ପର୍କରେ ଆଲୋକପାତ କରିଥିଲେ। ସେ ହିଁ ଓଡ଼ିଶାର ଏକମାତ୍ର ପ୍ରାଚୀନ ଶକ୍ତିପୀଠର ଅଧିଶ୍ୱରୀ ବୋଲି ସେମାନେ ମତପ୍ରକାଶ କରିଥିଲେ। ଆଲୋଚକଭାବେ ଡ. ବିନୋଦ ନାୟକ, ଡ. ଦେବପ୍ରସାଦ ସାମଲ, ପଣ୍ଡିତ ଅଜୟ କୁମାର ନନ୍ଦ, କୃଷ୍ଣଚନ୍ଦ୍ର ମିଶ୍ର, ତପନ ମହାରଣ୍ୟ ଶର୍ମା, ପଣ୍ଡିତ ବସନ୍ତ କୁମାର ପତି, ନବକିଶୋର ଦାସ, କ୍ଷୀରୋଦ ଚନ୍ଦ୍ର ପାଠୀ, ଆନନ୍ଦ ଚନ୍ଦ୍ର ସାହୁ, ନୃସିଂହ ଚରଣ ଜେନା ଓ ଅଭିମନ୍ୟୁ ମିଶ୍ର ପ୍ରମୁଖ ଯୋଗଦେଇ ବିରଜା ଜ୍ୟୋତିରେ ବିରଜା ତତ୍ତ୍ୱ ଓ ତଥ୍ୟ ପ୍ରସାରରେ ନିରନ୍ତର ଉଦ୍ୟମ ସମ୍ପର୍କରେ ନିଜର ମତ ରଖିଥିଲେ। ଯାଜପୁରର ବିଶିଷ୍ଟ ଶିକ୍ଷାବିତ୍ ଶ୍ରୀବିଶ୍ୱମ୍ଭର ମିଶ୍ରଙ୍କୁ 'ବିରଜାଜ୍ୟୋତି' ପକ୍ଷରୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ସଭା ଆରମ୍ଭରେ ଗଦାଧର କୁଣ୍ଡୁ ଅତିଥି ପରିଚୟ ଓ ସ୍ୱାଗତ ସୂଚନା ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଅଧ୍ୟାପକ ଦାମୋଦର ବେହେରା ସଂଯୋଜନା କରିଥିଲେ। ବୃନ୍ଦାବନ ମିଶ୍ର ଓ ରାମକୃଷ୍ଣ ବେହୁରିଆ ସଭାମଞ୍ଚ ପରିଚାଳନା କରିଥିଲେ। ସମାରୋହରେ ବହୁ ବିରଜା ସଂସ୍କୃତି ପ୍ରେମୀ, ଗବେଷକ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ। ଯାଜପୁରର ବିରଜା ସଂସ୍କୃତି ଆଧାରିତ ଗବେଷଣା ଧର୍ମୀ ଷାଣ୍ମାସିକ ପତ୍ରିକା 'ବିରଜା ଜ୍ୟୋତି'ର ୪୫ତମ ପୂଜାସଂଖ୍ୟା ଉନ୍ମୋଚନ ଓ ସମ୍ବର୍ଦ୍ଧନା ସମାରୋହ ପ୍ରାକ୍ତନ ପ୍ରଧାନଶିକ୍ଷକ ରବି ପ୍ରସାଦ ସାମଲଙ୍କ ଅଧ୍ୟକ୍ଷତାରେ ପୂର୍ଣ୍ଣାନନ୍ଦ ସ୍ମାରକ ପାଠାଗାରରେ ଅନୁଷ୍ଠିତ ହୋଇଥିଲା। ଏହାକୁ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ବନବିହାରୀ ମହାପାତ୍ର ଉଦ୍‌ଘାଟନ କରି କହିଥିଲେ, ବିରଜାଙ୍କୁ ବାଦ୍ ଦେଇ ଯାଜପୁରର ପରିଚୟ ପୂର୍ଣ୍ଣାଙ୍ଗ ନୁହେଁ। ପ୍ରାରମ୍ଭରେ 'ବିରଜା ଜ୍ୟୋତି'ର ସମ୍ପାଦକ ଡ.ଜ୍ଞାନରଞ୍ଜନ ପତି ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହିତ ବିରଜାଙ୍କ ମହିମା ପ୍ରଚାରରେ 'ବିରଜାଜ୍ୟୋତି'ର ୨୪ବର୍ଷର ପ୍ରତିବଦ୍ଧତା ବିଷୟରେ କହିଥିଲେ। ପ୍ରମୋଦ କୁମାର ଦ୍ୱିବେଦୀ ଧନ୍ୟବାଦ ଦେଇଥିଲେ।



ବିରଜା ଜ୍ୟୋତିର ବାର୍ଷିକ ଉତ୍ସବରେ ଅତିଥି ଜଣେ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

# ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ ଆବଶ୍ୟକ

**ଦୁର୍ନୀତି ନିବାରଣ ବିଭାଗ, ଏନ୍‌ସିସିର ସଚେତନତା ରାଲି**

ଯାଜପୁରରୋଡ୍,୨୯।୧୦(ପବିତ୍ର ରଞ୍ଜନ ମହାନ୍ତି):

ଯାଜପୁର ଜିଲା ଭିଜିଲାନ୍ସ ବିଭାଗ ଓ ବ୍ୟାସନଗର ମହାବିଦ୍ୟାଳୟ ଏନ୍‌ସିସି ବିଭାଗ ମିଳିତ ସହଯୋଗରେ ଦୁର୍ନୀତି ନିବାରଣ ସପ୍ତାହ ସଚେତନତା ରାଲି ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ଏହି ରାଲିକୁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଏନ୍‌ସିସି ଅଫିସର ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିବା ସହିତ ଦୁର୍ନୀତି ନ କରିବା ପାଇଁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ସମାଜର ପ୍ରତ୍ୟେକ ନାଗରିକ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିବା ଆବଶ୍ୟକ ବୋଲି ଜିଲା ଭିଜିଲାନ୍ସ ଡିଏସପି ସୁଶୀଲ କୁମାର ଏକ୍କା ତାଙ୍କ ବକ୍ତବ୍ୟରେ କହିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ହିମାଂଶୁ ଶେଖର ଦ୍ୱିବେଦୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଦୁର୍ନୀତିର ମୂଳୋତ୍ପାଟନ ପାଇଁ ସମସ୍ତେ ବଜ୍ରଶପଥ ନେବା ଆବଶ୍ୟକ ବୋଲି କହିଥିଲେ। ରାଲିରେ ୧୫୦ ଏନସିସି କ୍ୟାଡେଟ, ୫୦ ଏନଏସଏସ ଭଲ୍ୟୁଣ୍ଟର ଓ ୧୦୦ ସାଧାରଣ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ସଚେତନତା ରାଲି ବ୍ୟାସନଗର ମହାବିଦ୍ୟାଳୟରୁ ବାହାରି ଚୋରଦା ଛକ, ମଣିଶ୍ରୀ ପାଥୋଲାବ, ଦୁର୍ଗା ମନ୍ଦିର, ସବ୍‌ରେଜିଷ୍ଟ୍ରାର ଅଫିସ ଓ ଧବଳଗିରି ଛକ ଦେଇ ପୁନଶ୍ଚ ବ୍ୟାସନଗର ମହାବିଦ୍ୟାଳୟରେ ପହଞ୍ଚିଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଦୁର୍ନୀତି ନିବାରଣ ବିଭାଗ ନିରୀକ୍ଷକ ସୁଲୋଚନା ନାୟକ, ଏଏସ୍‌ଆଇ ଶ୍ରୀକାନ୍ତ କୁମାର ନାୟକ, ସିଟିଓ ଶଶିକାନ୍ତ ଲେଙ୍କା ଓ ଲିପ୍ସା ପ୍ରିୟଦର୍ଶିନୀ ନାୟକ ପ୍ରମୁଖ ସହଯୋଗ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ରହି ଦୁର୍ନୀତି ନିବାରଣ ପାଇଁ ଶପଥ ନେବା ସହିତ ରାଲିରେ ଅଂଶଗ୍ରହଣ କରିଥିଲେ।



ଦୁର୍ନୀତି ରୋକିବା ପାଇଁ ଶପଥପାଠ କରାଯାଉଛି ।

# ତହସିଲଦାରଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ

**ନାଉଗାଁ,୨୯।୧୦(ସୁଧା ବେହୁରା)**

ନାଉଗାଁ ତହସିଲ କାର୍ଯ୍ୟାଳୟରେ ତହସିଲଦାରଙ୍କୁ କାର୍ଯ୍ୟାଳୟରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏନେଇ ତହସିଲଦାର ସୁବାଶିଷ ପରିଡ଼ା ବଛାଲୋ ପଞ୍ଚାୟତ କୁଣ୍ଡିଗ୍ରାମର ଆଲୋକ ଲେଙ୍କାଙ୍କ ବିରୋଧରେ ସୋମବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଆଲୋକଙ୍କ ବାପା ପ୍ରମୋଦ କୁମାର ଲେଙ୍କା ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ମୁତାବକ, ଘରର ଜମିବାଡି ସଂକ୍ରାନ୍ତରେ ଆଲୋକ ୨୫ ଅକ୍ଟୋବରରେ ତହସିଲ କାର୍ଯ୍ୟାଳୟକୁ ଯାଇଥିଲେ। ଏହି ସମୟରେ ଆଲୋକଙ୍କ ସହ ତହସିଲଦାର ପରିଡ଼ା ଖରାପ ବ୍ୟବହାର କରିଥିଲେ। ଏସଂକ୍ରାନ୍ତରେ ଆଲୋକ ୨୮ ଅକ୍ଟୋବର ୨୦୨୪ରେ ବ୍ଲକରେ ହୋଇଥିବା ଜନଶୁଣାଣିରେ ଅଭିଯୋଗ କରିଥିଲେ। ଏନେଇ ଆଲୋକଙ୍କୁ କାର୍ଯ୍ୟାଳୟକୁ ଡାକି ତହସିଲଦାର ପରିଡ଼ା କେଶ ସମାଧାନ ପାଇଁ ଧମକ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏହି ଘଟଣାର ତଦନ୍ତ ଜାରି ରହିଥିବା ଥାନାଧିକାରୀ ସଂଘମିତ୍ରା ନାୟକ ପ୍ରକାଶ କରିଛନ୍ତି।

**ଥାନାରେ ଲିଖିତ ଅଭିଯୋଗ**

# ସଚେତନତା ହିଁ ସତର୍କତାର ଚାବିକାଠି: ମନ୍ତ୍ରୀ ସମ୍ପଦ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

## ଜିଲାସ୍ତରୀୟ ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି

■ ୪ ଗାଁକୁ ସୁନାମି ପ୍ରସ୍ତୁତ ଗ୍ରାମ ଭାବେ ସମ୍ମାନିତ କଲେ ମୁଖ୍ୟମନ୍ତ୍ରୀ

**ଜଗତ୍‌ସିଂହପୁର, ୨୯।୧୦ (ପ୍ରମୋଦ କୁମାର ନାୟକ)**

୧୯୯୯ ମହାବାତ୍ୟା ଆମକୁ ଅନେକ କିଛି ଶିକ୍ଷା ଦେଇଛି। ବିଶେଷକରି ଆଗକୁ ବିପର୍ଯ୍ୟୟ ଆସିଲେ ତାର ମୁକାବିଲା ନେଇ ଧର୍ଯ୍ୟ ଓ ସାହାସ ରଖିବା ଜରୁରି ବୋଲି ବାର୍ତ୍ତା ଦେଇଛି। ତଥାପି ଅନେକ ଖାମଖିଆଲ ମନୋଭାବ ପୋଷଣ କରୁଛନ୍ତି। ସଚେତନତା ହିଁ ସତର୍କତାର ଚାବିକାଠି। ତେଣୁ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି। ମଙ୍ଗଳବାର ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଓଡିଶା ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦଚନ୍ଦ୍ର ସ୍ୱାଇଁ ଏହା କହିଥିଲେ। ସେ କହିଥିଲେ, ଓଡ଼ିଶା ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଦେଶର ପ୍ରମୁଖ ରାଜ୍ୟ ଭାବରେ ପରିଚିତ। ନିକଟରେ ଯାଇଥିବା ବାତ୍ୟା 'ଦାନା'ର ସଫଳ ମୁକାବିଲା ନେଇ ଜିଲାପାଳ ତଥା ଜିଲା ପ୍ରଶାସନର ପରିଚାଳନାକୁ ସେ ଧନ୍ୟବାଦ ଜଣାଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ସତର୍କ, ସଜାଗ ଏବଂ ସାହସ ହିଁ ସମସ୍ତ ବିପର୍ଯ୍ୟୟର ସମାଧାନ ବୋଲି କହିଥିଲେ। ଓଡିଶା ସରକାରଙ୍କ ଜିରୋ କାଜୁଆଲିଟି ସହ ଜିରୋ ଟଲେରାନ୍ସ ନୀତି ରାଜ୍ୟବାସୀଙ୍କୁ ଭରସା ଯୋଗାଉଛି। ବାତ୍ୟା ଦାନାର ପ୍ରଭାବ ଜିଲା ପାଇଁ କମ୍ ଥିଲେ ମଧ୍ୟ ସମସ୍ତ ବିଭାଗ ଯଥା ଓଡ୍ରାଫ୍, ଆପଦ ମିତ୍ର, ଅଗ୍ନିଶମ, ସ୍ୱେଚ୍ଛାସେବୀ ଆଦି ସଙ୍ଗଠନର ସଦସ୍ୟମାନେ ପୂର୍ଣ୍ଣ ମାତ୍ରାରେ ସଜାଗ ରହି କାମ କରିଥିବାରୁ ସେ ଧନ୍ୟବାଦ ଜଣାଇଥିଲେ। ଜିଲାପାଳ ଜେ. ସୋନାଲ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ବିପର୍ଯ୍ୟୟର ମୁକାବିଲା ପ୍ରତ୍ୟେକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି କହିଥିଲେ। ପଡୋଶୀ ରାଜ୍ୟଗୁଡିକରେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଏକ ଉଦାହରଣ ପାଲଟିଛି। ଜଗତସିଂହପୁର ଜିଲା ଏହି କ୍ଷେତ୍ରରେ ତାର ଦକ୍ଷତା ପ୍ରତିପାଦିତ କରିଛି ବାଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ବିଭୂ ତରାଇ, ଜଗତ୍‌ସିଂହପୁର ପୌରାଧକ୍ଷା ଅର୍ଚ୍ଚନା ସିଂହ ମହାବାତ୍ୟାର କରାଳ ରୂପକୁ ମନେପକାଇ ସତର୍କ ରହିବା ଉପରେ ଗୁରୁତ୍ୱ ଦେଇଥିଲେ। ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ ସ୍ୱାଗତ ଭାଷଣ ଓ ଜିଲା ଜରୁରି ବିଭାଗ ଅଧିକାରୀ ସନ୍ଧ୍ୟାଞ୍ଜଳି ମାଝି ଧନ୍ୟବାଦ ଦେଇଥିଲେ। ଶେଷରେ ସିଭିଲ ଡିଫେନ୍ସ ଟିମର ସଦସ୍ୟମାନେ ଆପଦକାଳୀନ ଜରୁରୀ ସେବା ସମ୍ବନ୍ଧରେ ଲାଇଭ ଡେମୋ ଦେଖାଇଥିଲେ। ଶିକ୍ଷାବିତ୍ ସୁଭାଷ ଚନ୍ଦ୍ର ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ରାଉତ, ପାରାଦୀପ ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା, ଓଡ୍ରାଫ ଟିମ୍‌ର ସଦସ୍ୟ, ଆପଦମିତ୍ର, ସିଭିଲ ଡିଫେନ୍ସର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ୧୯୯୯ ମହାବାତ୍ୟାରେ ପ୍ରାଣ ହରାଇଥିବା ଅମୂଲ୍ୟ ଜୀବନମାନଙ୍କୁ ସମ୍ମାନ ଜଣାଇ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସକାଳେ ସର୍କିଟ ହାଉସ ନିକଟରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆ ପର୍ଯ୍ୟନ୍ତ ଏକ ସଚେତନତା ମାରାଥନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାକୁ ମନ୍ତ୍ରୀ ସ୍ୱାଇଁ, ବିଧାୟକ ଦାସ, ଜିଲାପାଳ, ପୌରାଧକ୍ଷା ସିଂହ ଓ ଏମ୍‌ପି ତରାଇ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଅପରାହ୍ନରେ ରାଜ୍ୟସ୍ତରୀୟ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଭାସି ମାଧ୍ୟମରେ ସମସ୍ତ ଜିଲା ସହ ଯୋଡ଼ିହୋଇ ଆଗୁଆ ପଦକ୍ଷେପ ପାଇଁ ପ୍ରାକ ସତର୍କ ସୂଚନା ଏବର୍ଷର ଥିମ୍ ବୋଲି କହିଥିଲେ। ମହାବାତ୍ୟାର ୨୫ ବର୍ଷ ପୂର୍ତ୍ତି ପରେ ଓଡ଼ିଶା ଆଜି ବିପର୍ଯ୍ୟୟ ପ୍ରସ୍ତୁତିରେ ଆଗୁଆ ବୋଲି ସେ କହିଥିଲେ। ଏହିପରିପ୍ରେକ୍ଷୀରେ ଜଗତ୍‌ସିଂହପୁର ଜିଲାର ୪ଟି ଗ୍ରାମକୁ ସୁନାମି ରେଡି ବା ସୁନାମୀ ପ୍ରସ୍ତୁତ ଗ୍ରାମ ଭାବେ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ। ସେଗୁଡିକ ହେଲା ବାଲିକୁଦା ବ୍ଲକ ବଡମୁଣ୍ଡଳି ପଞ୍ଚାୟତର ବାଘେଇପୁର, ମରିଚପୁର ପଞ୍ଚାୟତର ଧନୁହରବେଲାରୀ, ଏରସମା ବ୍ଲକ ପଦମପୁର ପଞ୍ଚାୟତର ସାହାଡାବେଦୀ ଓ ଗଡକୁଜଙ୍ଗ ପଞ୍ଚାୟତର ଭୂୟାଁପାଳ। ସନ୍ଧ୍ୟାରେ ମହାବାତ୍ୟାରେ ମୃତ୍ୟୁବରଣ କରିଥିବା ଅମର ଆତ୍ମାମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସ୍ମୃତି ସ୍ତମ୍ଭ ନିକଟରେ ସମୂହ ଦୀପଦାନ କରାଯାଇଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅଜିତ୍


@ ଦିବାଶିଷ


@ ମୁକେଶ


@ ରଶ୍ମିରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପିଲେଟ୍ ବଦଳରେ ଟ୍ରକ୍‌ରୁ ମିଳିଲା ଲୁହା ପଥର ଗୁଣ୍ଡ



**ଗାଡ଼ି ସହ ପଣ୍ୟଜବତ**

**ପାରାଦୀପ,୨୯।୧୦(ଶରତ ରାଉତ)**

ପାରାଦୀପ ମେରାଇନ ଥାନା ଅନ୍ତର୍ଗତ ନେହେରୁ ବଙ୍ଗଳା ୧ ନଂ. ଗେଟ ପାଖରେ ଥିବା ଏକ ଘରୋଇ କମ୍ପାନୀ ପ୍ଲଟ ମଧ୍ୟରେ ଚଞ୍ଚକତା ହୋଇଛି। ଏକ ଟ୍ରକ୍ ମଧ୍ୟରେ କେନ୍ଦୁଝର ଜିଲାରୁ ଆସିଥିବା ପିଲେଟ ପଣ୍ୟ ମଧ୍ୟରେ ଅଧା ଲୁହାପଥର ଗୁଣ୍ଡ ଥିବା ଦେଖିବାକୁ ମିଳିଛି। ଏନେଇ ବିବାଦ ସୃଷ୍ଟି ହୋଇଥିଲା। ପରେ ମେରାଇନ ପୋଲିସ ପହଞ୍ଚି ସମ୍ପୃକ୍ତ ଟ୍ରକ୍ (ଓଡି-୦୫-ଏଏସ୍-୧୬୫୫)କୁ ଜବତ କରିଛି। ସେଥିରେ ଥିବା ପଣ୍ୟ ଜବତ କରାଯାଇଛି। ଏ ନେଇ ମେରାଇନ ଥାନାରେ ମାମଲା (ନଂ.୨୪/୨୪)ମାମଲା ରୁଜୁ ହୋଇଛି। ଉକ୍ତ ଗାଡ଼ି ଏକ କମ୍ପାନୀରୁ ପଣ୍ୟ ନେଇ ଆସିଥିବା ଜଣାପଡ଼ିଛି।

# ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ପାଇଁ ପଦଯାତ୍ରା, ପଥୋତ୍ସବ




**ଜଗତ୍‌ସିଂହପୁର, ୨୯।୧୦ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ଜିଲା ପ୍ରଶାସନ ଆନୁକୂଲ୍ୟରେ ପୂର୍ବାହ୍ନ ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ଅଭିଯାନ-୨୦୨୫ ପରିପ୍ରେକ୍ଷୀରେ ନୂତନ ଭୋଟରମାନଙ୍କୁ ସଚେତନ କରିବା ନିମନ୍ତେ ପଦଯାତ୍ରା ଓ ପଥଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପଡ଼ିଆରେ ଆୟୋଜିତ ପଥଉତ୍ସବକୁ ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ରାଉତ ଓ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ନୂତନ ଭୋଟରମାନଙ୍କୁ ସ୍ୱାଗତ କରାଯାଇଥିଲା। ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ-୨୦୨୫ କାର୍ଯ୍ୟକ୍ରମ ୨୯ ଅକ୍ଟୋବର ୨୦୨୪ ରୁ ଆରମ୍ଭ ହୋଇ ୨୮ ନଭେମ୍ବର ୨୦୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲାର ୪ଟି ନିର୍ବାଚନ ମଣ୍ଡଳୀର ୧୦୫୧ଟି ବୁଥ୍‌ରେ ଏନେଇ ଚିଠା ଭୋଟର ତାଲିକା ପ୍ରକାଶ ପାଇଛି। ଭୋଟରମାନେ ଭୋଟର ହେଲ୍ପ ଲାଇନ ଆପ୍ ଜରିଆରେ ଓ ବିଏଲ୍‌ଓମାନଙ୍କ ସହାୟତାରେ ପଞ୍ଜିକରଣ କରିପାରିବେ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସକାଳ ୭ଟା ୩୦ରେ ଇଣ୍ଡୋର୍ ଷ୍ଟାଡିୟମଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପଡ଼ିଆ ପର୍ଯ୍ୟନ୍ତ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଥିଲା। ଏହି ପଦଯାତ୍ରାକୁ ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ରାଉତ ଓ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଭୋଟରମାନଙ୍କୁ ଆକୃଷ୍ଟ କରିବା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିର୍ବାଚନ ସମ୍ବନ୍ଧୀତ ଆକର୍ଷଣୀୟ ରଙ୍ଗୋଲି ପ୍ରଦର୍ଶିତ ହୋଇଥିଲା। ପରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବିଭାଗର ଅଧିକାରୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ସ୍କାଉଟ, ଗାଇଡ,ଶିକ୍ଷକ, ଶିକ୍ଷୟିତ୍ରୀ, ସ୍ୱେଚ୍ଛା ସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଆଶା ଓ ଅଙ୍ଗନବାଡି କର୍ମୀ, ମିଶନ ଶକ୍ତି ମହିଳା, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀମାନଙ୍କୁ ସମ୍ମାନିତ କରାଯାଇଥିଲା। ରଙ୍ଗୋଲି ପ୍ରଦର୍ଶନ କରିଥିବା ଏସ୍‌ଏଚ୍‌ଜି ସଦସ୍ୟାମାନଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ଡେପୁଟି କଲେକ୍ଟର ଭରତ କୁମାର ପରିଡ଼ା, ଡେପୁଟି କଲେକ୍ଟର ହରପ୍ରିୟା ପୃଷ୍ଟି, ସହକାରୀ ଜିଲାପାଳ କଳ୍ପିତା କୁମାରୀ ଜେନା, ସହକାରୀ ଜିଲାପାଳ, ରାଜେଶ ସାହୁ ଓ ଜିଲା ସଂସ୍କୃତି ଅଧିକାରୀ ଦିଲୀପ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜଗନ୍ନାଥ ମଠରେ ମହନ୍ତ ପଦକୁ ନେଇ ବିବାଦ

**ବାଲିକୁଦା,୨୯।୧୦(ତାପସ ସ୍ୱାଇଁ)**

ବାଲିକୁଦା ବ୍ଲକ ତଣ୍ଡିକୁଳ ପଞ୍ଚାୟତ ଅନ୍ତର୍ଗତ ବସନ୍ତପୁର ଗ୍ରାମସ୍ଥିତ ଥିବା ଜଗନ୍ନାଥ ମଠରେ ଦୀକ୍ଷା ନେବାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଗ୍ରାମର ଗୋଟିଏ ଗୋଷ୍ଠୀ ଏହାକୁ ବିରୋଧ କରୁଛନ୍ତି। ଏଠାରେ ପୂର୍ବରୁ ମହନ୍ତଥିବା ଅଶୋକ ଦାସଙ୍କ ଅକାଳ ବିୟୋଗ ପରେ ଗାଁ ଲୋକଙ୍କ ସହମତିରେ ଗାଦିରେ ପାଣି ଓ ଠାକୁରଙ୍କ ନୀତିକାନ୍ତି ସମ୍ଭାଳିବା ପାଇଁ ମିଳନ ସାହୁଙ୍କୁ ମହନ୍ତଭାବେ ଅଭିଷିକ୍ତ କରାଯିବାକୁ ନେଇ ବିବାଦ ଉପୁଜିଛି। ଏହି ମଠର ଗୁରୁପୀଠ କୁହାଯାଉଥିବା ପୁରୀରର ବଡ଼ ଓଡ଼ିଆ ମଠର ମହାରାଜ ବଂଶୀଧର ଦାସଙ୍କ ନିକଟରେ ଏ ସଂକ୍ରାନ୍ତରେ କୌଣସି ସୂଚନା ନ ଥିବା ଜଣାପଡ଼ିବା ବିବାଦ ଅଧିକ ଜଟିଳ ହୋଇଛି। ଏନେଇ ଗାଁର ବାବୁଲୁ ବିଶ୍ୱାଳ, ବିଚିତ୍ରାନ୍ଦ ବିଶ୍ୱାଳ, ଶରତ ମହାନ୍ତି, ରାଜକିଶୋର ପରିଡ଼ା, ଦେବୀଦତ୍ତ ପରିଡ଼ା ପ୍ରମୁଖ ମଙ୍ଗଳବାର ଖବରଦାତା ସମ୍ମିଳନୀ କରି ମହନ୍ତ ଚୟନ ନିଷ୍ପତିକୁ ବିରୋଧ କରିଛନ୍ତି। ପରମ୍ପରା ଅନୁଯାୟୀ ନିର୍ଦ୍ଦିଷ୍ଟ ବିଧିବ୍ୟବସ୍ଥା ଅନୁସାରେ ମଠର ମହନ୍ତ ଅଭିଷିକ୍ତ କାର୍ଯ୍ୟ କରା ନଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଅପରପକ୍ଷେ ଗୁରୁପୀଠକୁ ନ ଜଣାଇ ଏବଂ ଗୁରୁପୀଠର କର୍ମୀଙ୍କ ବିନା ଉପସ୍ଥିତିରେ ମହନ୍ତ ଦୀକ୍ଷା ଗ୍ରହଣ ବେଆଇନ ବୋଲି ଗୁରୁପୀଠର ମହନ୍ତ ମହାରାଜ ଦାସ କହିଛନ୍ତି। ଜଗନ୍ନାଥ ମଠ ମହନ୍ତ ଅଶୋକ ଦାସଙ୍କ ୨୦୨୨ଜୁନ୍ ୯ରେ ପରଲୋକ ଘଟିଥିଲା । ସେତେବେଳେ ମଠରେ ଗାଦି ଓ ଠାକୁରଙ୍କ ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପାଦନ ପାଇଁ ଜୁଲାଇ ୨୭ରେ ଗାଁ ଲୋକେ ମିଳନଙ୍କୁ ଚୟନ କରିଥିଲେ। ଏନେଇ ବିବାଦ ଉପୁଜିଥିଲା।

# ୧୯, ୨୦ ନଂ. ୱାର୍ଡକୁ ବରାଗୋଳ ପଞ୍ଚାୟତରେ ମିଶ୍ରଣ ଦାବି

**ରଘୁନାଥପୁର,୨୯।୧୦(ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ବ୍ଲକ ତଥା ତହସିଲ ଅନ୍ତର୍ଗତ ଜଗନାଥପୁର ପଞ୍ଚାୟତ ଗୋଠିଣା ଗ୍ରାମର ୧୯ ଓ ୨୦ ନଂ ୱାର୍ଡକୁ ସ୍ଥାନୀୟ ବରାଗୋଳ ପଞ୍ଚାୟତରେ ମିଶ୍ରଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ, ତହସିଲଦାର, ଆରଡ଼ିସି ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ଗୋଠିଣା ରାଜସ୍ୱ ଗ୍ରାମର ୧ ଓ ୨ ନଂ.ୱାର୍ଡ ବରାଗୋଳ ପଞ୍ଚାୟତରେ ମିଶି ରହିଥିବାବେଳେ ଉକ୍ତ ଗ୍ରାମର ୧୯ ଓ ୨୦ ନଂ. ୱାର୍ଡ ଜଗନାଥପୁର ପଞ୍ଚାୟତରେ ମିଶି ରହିଛି। ୧୯ ଓ ୨୦ ନଂ ୱାର୍ଡ ବରାଗୋଳ ପଞ୍ଚାୟତ କାର୍ଯ୍ୟାଳୟଠାରୁ ମାତ୍ର ୧ କିମି ଦୂରତ୍ୱ ହୋଇଥିବା ବେଳେ ଜଗନାଥପୁର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ୬ କି.ମି. ଦୁରତ୍ୱରେ ରହିଛି। ଫଳରେ ଲୋକେ ଯେକୌଣସି କାର୍ଯ୍ୟ କରିବାକୁ ୬ କି.ମି. ଯାଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ 'ଦାନା' ବାତ୍ୟା ବେଳେ ଲୋକେ ବରାଗୋଳ ପଞ୍ଚାୟତ ଶଙ୍କର ସରକାରୀ ବିଦ୍ୟାଳୟରେ ରହିଥିବାବେଳେ ସମସ୍ତ ବ୍ୟବସ୍ଥା ବରାଗୋଳ ପଞ୍ଚାୟତ ଜରିଆରେ ହୋଇଥିଲା। ମାତ୍ର ଜଗନାଥପୁର ପଞ୍ଚାୟତ ଏଠାକାର ଲୋକଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରିଥିଲେ। ସେହିପରି ଗତ ୭ ବର୍ଷ ତଳୁ ଅଙ୍ଗନୱାଡି ଗୃହ ପାଇଁ ଅନୁଦାନ ଆସିଥିବାବେଳେ ଅଦ୍ୟାବଧି ସ୍ଥାନ ଅଭାବ ଦର୍ଶାଇ ଜଗନାଥପୁର ପଞ୍ଚାୟତ ଏହାକୁ ନିର୍ମାଣ କରିବାରେ ପଛଘୁଞ୍ଚା ଦେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏଣୁ ଉକ୍ତ ୧୯ ଓ ୨୦ ନଂ. ୱାର୍ଡକୁ ସ୍ଥାନୀୟ ବରାଗୋଳ ପଞ୍ଚାୟତରେ ମିଶାଇବା ପାଇଁ ପ୍ରତାପ କିଶୋର ନାୟକ, କୀର୍ତ୍ତିଚନ୍ଦ୍ର ସ୍ୱାଇଁ, ବିଶ୍ୱନାଥ ରାଉତ, ୱାର୍ଡସଭ୍ୟା ଉର୍ମିଳା ମହାପାତ୍ର, ଲୋଭାବତୀ ନାୟକ, ମିନାକ୍ଷୀ ବାରିକ, ଧନେଶ୍ୱର ମହାପାତ୍ର, ସୁବାସ ନାୟକ, ବିଚିତ୍ରନନ୍ଦ ସ୍ୱାଇଁ, ନଗେନ ସ୍ୱାଇଁ, ସୁକାନ୍ତ କୁମାର ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି।

# ପୂର୍ବତନ ତିର୍ତ୍ତୋଲ ବ୍ଲକ କଂଗ୍ରେସ ସଭାପତି ନିଲମ୍ବିତ

**ଜଗତ୍‌ସିଂହପୁର, ୨୯।୧୦ (ପ୍ରମୋଦ କୁମାର ନାୟକ)**

ପୂର୍ବତନ ତିର୍ତ୍ତୋଲ ବ୍ଲକ କଂଗ୍ରେସ ସଭାପତି ନିହାର ରଞ୍ଜନ ନାୟକ ଦଳରୁ ନିଲମ୍ବିତ ହୋଇଛନ୍ତି। ଦଳ ବିରୋଧି କାର୍ଯ୍ୟ, ବିଶୃଙ୍ଖଳିତ ଆଚରଣ ଓ ସ୍ଥାନୀୟ ନେତାଙ୍କୁ ଅସହଯୋଗ କାରଣରୁ ଦଳ ଜିଲା ସଭାପତି ନଟବର ବାରିକ ମଙ୍ଗଳବାର ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଅକ୍ଟୋବର ୧ରେ ନାୟକଙ୍କୁ ଜିଲା କଂଗ୍ରେସ ସଭାପତି ବାରିକ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ନୋଟିସର ଉତ୍ତର ୧୫ ଦିନ ଭିତରେ ଦେବାକୁ ସମୟ ଦିଆଯାଇଥିଲା। କିନ୍ତୁ ଧାର୍ଯ୍ୟ ସମୟ ମଧ୍ୟରେ ନାୟକ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ତେଣୁ ଦଳ ପକ୍ଷରୁ ତାଙ୍କ ବିରୋଧରେ ଏଭଳି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣାଯାଇଛି। ସୂଚନାଯୋଗ୍ୟ ଯେ, ୨୦୨୪ ସାଧାରଣ ନିର୍ବାଚନ ସମୟରେ ନାୟକ ବ୍ଲକ କଂଗ୍ରେସ ସଭାପତି ଥାଇ ମଧ୍ୟ ସାଧାରଣରେ ଦଳ ଏବଂ ପ୍ରାର୍ଥୀମାନଙ୍କ ବିରୋଧରେ ବୟାନ ରଖିଥିଲେ। କେବଳ ଏତିକି ନୁହେଁ ନିର୍ବାଚନ ପରେ ମଧ୍ୟ ଦଳ ବିରୋଧୀ କାର୍ଯ୍ୟ କରିଥିଲେ। ବିଭିନ୍ନ ପଞ୍ଚାୟତର କଂଗ୍ରେସ କର୍ମୀଙ୍କୁ ଅନ୍ୟ ଦଳରେ ଯୋଗ ଦେବାକୁ ପ୍ରବର୍ତ୍ତାଇଥିଲେ। କଂଗ୍ରେସ ନେତୃମଣ୍ଡଳୀ ତାଙ୍କୁ ବାରମ୍ବାର ବୁଝାଇବା ସତ୍ତ୍ୱେ କିଛି ଲାଭ ହୋଇ ନ ଥିଲା। ବିଶେଷକରି ସର୍ବସମ୍ମୁଖରେ ବିଶୃଙ୍ଖଳିତ ଆଚରଣ କରିବା ନାୟକଙ୍କ ପାଇଁ କାଳ ହୋଇଥିବା କୁହାଯାଇଛି। ଦଳ ବିରୋଧୀ ଏବଂ ବିଶୃଙ୍ଖଳିତ କାର୍ଯ୍ୟ ପାଇଁ କଂଗ୍ରେସ ଦଳର ଶୂନ୍ୟ ସହନଶୀଳତା ନୀତିକୁ ଅବଲମ୍ବନ କରି ଜିଲା ସଭାପତି ଅନିର୍ଦ୍ଦିଷ୍ଟ କାଳ ପାଇଁ ନାୟକଙ୍କୁ ଦଳରୁ ନିଲମ୍ବନ କରିଥିବା ଜଣାଯାଇଛି।

# ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ଗଣଦୌଡ଼



ବନ୍ଦର ଅଧକ୍ଷ ପି.ଏଲ୍. ହାରାନ୍ଧ ପତାକା ଦେଖାଇ ଗଣ ଦୌଡ଼କୁ ଶୁଭାରମ୍ଭ କରୁଛନ୍ତି।

**ପାରାଦୀପ,୨୯।୧୦(ଶରତ ରାଉତ)**

ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ମଙ୍ଗଳବାର ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ଗଣଦୌଡ଼ କାର୍ଯ୍ୟକ୍ରମ କରାଯାଇଥିଲା। ବନ୍ଦର ପ୍ରଶାସନିକ ଭବନରେ ଆୟୋଜିତ ଏହି ଦୌଡକୁ ଅଧକ୍ଷ ପି.ଏଲ.ହାରାନ୍ଧ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ବନ୍ଦର କର୍ମଚାରୀ, ସିଆଇଏସ୍‌ଏଫ୍ ଜବାନ, ଓଡ଼ିଶା ମେରିଟାଇମ ଏକାଡେମୀ ଛାତ୍ର, କଲେଜ ଛାତ୍ରୀଛାତ୍ର,ଗୋପବନ୍ଧୁ କ୍ରୀଡା ସଂସଦ ଖେଳାଳି ଆଦି ସାମିଲ ହୋଇଥିଲେ। ଏହି ଦୌଡ ବନ୍ଦରାଞ୍ଚଳର ବିଭିନ୍ନ ସ୍ଥାନରେ ବୁଲି ଷ୍ଟାଡିୟମରେ ଶେଷ ହୋଇଥିଲା। ଲୌହ ପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୪୮ତମ ଜୟନ୍ତୀ (୩୧ ଅକ୍ଟୋବର)ଅବବ୍ୟହିତ ପୂର୍ବରୁ ଏହା କରାଯାଇଛି। ଅଧକ୍ଷ ହାରାନ୍ଧ ଗଣଦୌଡ ଜରିଆରେ ସୁସ୍ଥତା ରହିବ ବୋଲି କହିଥିଲେ।

# ବେଆଇନ ଗୃହ ଭାଙ୍ଗିଲା ତହସିଲ ପ୍ରଶାସନ

**ବାଲିକୁଦା,୨୯।୧୦(ତାପସ ସ୍ୱାଇଁ)**

ଅପଣ୍ଡରା ଆରଆଇ ସର୍କଲ ଅଧୀନ ଓଷକଣା ପଞ୍ଚାୟତର ପାଣିତିରାଠାରେ ସରକାରୀ ଜାଗାରେ ନିର୍ମାଣ କରାଯାଇଥିବା ଏକ କୋଠା ଘରକୁ ବାଲିକୁଦା ତହସିଲ ପ୍ରଶାସନ ପକ୍ଷରୁ ମଙ୍ଗଳବାର ଭାଙ୍ଗି ଦିଆଯାଇଛି । ଏହି ଘରକୁ ଗାଁର କେତେଜଣ ବ୍ୟକ୍ତି ନିର୍ମାଣ କରିଥିବା ବେଳେ ସ୍ଥାନୀୟ ପିଲା ଏହାକୁ କ୍ଲବ ଭାବେ ବ୍ୟବହାର କରୁଥିଲେ । ଏନେଇ ଉଚ୍ଚ ନ୍ୟାୟଳୟରେ ମାମଲା କରାଯାଇ ଜବରଦଖଲ ଉଚ୍ଛେଦ ପାଇଁ ନିବେଦନ କରାଯାଇଥିଲା । ଅଦାଲତ ଏହାର ବିଚାର କରି ସରକାରୀ ଜାଗା ଜବରଦଖଲ ମୁକ୍ତ କରିବାକୁ ବାଲିକୁଦା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଅନୁସାରେ ପ୍ରଶାସନ ପକ୍ଷରୁ ଜେସିବି ଜରିଆରେ ଉକ୍ତ ଗୃହ ଭାଙ୍ଗି ଦିଆଯାଇଛି। ଏହି ସମୟରେ ତହସିଲଦାର ଆଲୋକ ରଞ୍ଜନ ସେଠୀ, ଅତିରିକ୍ତ ତହସିଲଦାର ବିରଜା ପ୍ରସାଦ ରାୟ, ବାଲିକୁଦା ଥାନାଧିକାରୀ ପ୍ରିୟବ୍ରତ ରାଉତଙ୍କ ସମେତ ସ୍ଥାନୀୟ ଆରଆଇ ଦୀପ୍ତିରଞ୍ଜନ ମହାରଣା, ବରିଷ୍ଠ କିରାଣି ମୁକୁନ୍ଦ ସ୍ୱାଇଁ, ରଶ୍ମିରଞ୍ଜନ ସେଠୀ, ଜି.ବି ରାକେଶ କୁମାର, ଅରୁଣ ଦଳାଇ, ରଘୁବୀର ସିଂ, ପ୍ରଦୀପ୍ତ ଦାସ, ରାକେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତି ରକ୍ଷା କରିବା ପାଇଁ ଦୁଇ ସେକ୍ସନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା ।



**ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ**

# କାଉନସିଲ୍ ବୈଠକରେ ୬୬ ପେଭର ବ୍ଲକ ରାସ୍ତାର ତାତି

- ବିଲ୍ କରିବା ପାଇଁ ନିର୍ବାହୀ ଅଧିକାରୀଙ୍କୁ ଘେରିଲେ ବିଧାୟକ ଓ କାଉନସିଲର
- ବିବାଦୀୟ ରାସ୍ତାକୁ ବିଲ୍ କରିବାକୁ ଅସହାୟ ପ୍ରକାଶ କଲେ ନିର୍ବାହୀ ଅଧିକାରୀ
- ଜିଲାପାଳଙ୍କ ସହ ଆଲୋଚନା ପାଇଁ ଗଠିତ ହେଲା ୨ ଜଣିଆ କମିଟି

ନୟାଗଡ଼,୨୯।୧୦(ଲୋକନାଥ ମିଶ୍ର)

ମଙ୍ଗଳବାର ନୟାଗଡ଼ ମ୍ୟୁନିସିପାଲିଟିର କାଉନସିଲ ବୈଠକ ହୋହାଲା, ପାଟିତୁଣ୍ଡ, ଯୁକ୍ତିତର୍କ, ଉଦ୍‌ବେଗରେ ଅନୁଷ୍ଠିତ ହୋଇଯାଇଛି । ମ୍ୟୁନିସିପାଲିଟିର ଅଧ୍ୟକ୍ଷା ନିରୁପମା ଖଟେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୟାଗଡ଼ ବିଧାୟକ ଅରୁଣ ସାହୁ ଯୋଗ ଦେଇଥିଲେ । ତେବେ ମଙ୍ଗଳବାର ବୈଠକରେ ୬୬ ରାସ୍ତାର ବିଲ୍ କରିବା ଉପରେ ସରଗରମ ଆଲୋଚନା ହୋଇଥିଲା । ସଂପୃକ୍ତ ରାସ୍ତାଗୁଡ଼ିକର ବିଲ୍ କରିବା ପାଇଁ ବିଧାୟକ, କାଉନସିଲର ଓ ଚେୟାରମ୍ୟାନ ଅଡି ବସିଥିବାବେଳେ ବିବାଦୀୟ ରାସ୍ତା କହି ବିଲ୍ କରିପାରିବେ ନାହିଁ ବୋଲି ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ ନିଜର ଅସହାୟତା ପ୍ରକାଶ କରିଥିଲେ । ଏପରି କି ବଦଳି କରିଦେଲେ ବି ବିଲ୍ କରି ପାରିବେ ନାହିଁ ବୋଲି ଦର୍ଶାଇଥିଲେ । ତେବେ ୬୬ ରାସ୍ତାର ବିଲ୍ କରିବା ପାଇଁ ଜିଲାପାଳଙ୍କ ସହ ଆଲୋଚନା ପାଇଁ ଏକ ୨ଜଣିଆ କମିଟି ଗଠନ କରାଯାଇଛି । ଏଥିରେ ମ୍ୟୁନିସିପାଲିଟିର ଅଧ୍ୟକ୍ଷ ଓ ନିର୍ବାହୀ ଅଧିକାରୀ ଅଛନ୍ତି । ଜିଲାପାଳଙ୍କ ସହ ଆଲୋଚନା କରି ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଛି । ଅନ୍ୟପକ୍ଷେ ୬୬ ରାସ୍ତାର ବିଲ୍ ପାଇବା ପାଇଁ ଗତ ୨୩ ତାରିଖରେ ଠିକାଦାରମାନେ ନୟାଗଡ଼ ମ୍ୟୁନିସିପାଲିଟିରେ ତାଲା ପକାଇଥିଲେ। ଠିକେଦାରଙ୍କ ଆନ୍ଦୋଳନ ଯୋଗୁ ମ୍ୟୁନିସିପାଲିଟିର କାଉନସିଲ ବୈଠକ ହୋଇପାରି ନ ଥିଲା । ଅନୁମତି ନ ନେଇ ଠିକାଦାର କିପରି ଆନ୍ଦୋଳନ କଲେ ସେନେଇ ମଧ୍ୟ ଗୃହରେ କାଉନସିଲର ପ୍ରଶ୍ନ ଉଠାଇ ଅସନ୍ତୋଷ ବ୍ୟକ୍ତ କରିଥିଲେ । ସେହିଭଳି ସହରୀ ମିଶନ ପରିଚାଳକଙ୍କୁ ନଭେମ୍ବର ୧ ତାରିଖରୁ ଅଫିସକୁ ଆସିବାକୁ ମନା କରିବାକୁ ନିର୍ବାହୀ ଅଧିକାରୀଙ୍କୁ କାଉନସିଲ ବୈଠକରେ ପରାମର୍ଶ ଦିଆଯାଇଛି ।

ଆଉଟସୋର୍ସିଂରେ ନିଯୁକ୍ତି ପାଇଥିବା ନୟାଗଡ଼ ମ୍ୟୁନିସିପାଲିଟିର ସିଟି ମିଶନ ମ୍ୟାନେଜର ଓ ସହଯୋଗୀ କର୍ମଚାରୀଙ୍କ ସମେତ ମୁକ୍ତା ଯୋଜନାର ପ୍ରକଳ୍ପ ସଂଯୋଜକ, କାର୍ଯ୍ୟକ୍ରମ ବିଶେଷଜ୍ଞ, ଆକାଉଣ୍ଟାଣ୍ଟ ଏକ୍ସପର୍ଟଙ୍କର ୩ ବର୍ଷିଆ ଅବଧି ସେପ୍ଟେମ୍ବର ୩୦ରେ ଶେଷ ହୋଇଛି । ଆଉଟସୋର୍ସିଂ ସଂସ୍ଥାର ନବୀକରଣ ହୋଇ ନ ଥିବାବେଳେ ନୂଆ ଆଉଟସୋର୍ସିଂ ସଂସ୍ଥାକୁ ଦାୟିତ୍ୱ ଦିଆଯାଇ ନଥିବାରୁ ଅସୁବିଧା ଦେଖା ଦେଇଛି । ଏଥିରୁ କେତେଜଣ କର୍ମଚାରୀ ଆସୁଥିବାବେଳେ ଆଉ କେତେଜଣ ଆସୁ ନାହାନ୍ତି । ମଙ୍ଗଳବାର ମ୍ୟୁନିସିପାଲିଟି ବୈଠକ ଚାଲୁଥିବାବେଳେ ଠିକାଦରମାନେ ବୈଠକକୁ ଯାଇଥିଲେ। ସେମାନେ ବିଲ୍ ପାଇ ନ ଥିବା ନେଇ ନିଜର କ୍ଷୋଭ ପ୍ରକାଶ କଲେ । ଏପରି କି ଆଲୋଚନାରେ ଭାଗ ନେଲେ ।

**ଠିକାଦାରଙ୍କ ବିଲ୍ ପାଇବାର ଆଶା ମଉଳିଲା:** ୬୬ ରାସ୍ତାର ବିଲ୍ ନେଇ ମ୍ୟୁନିସିପାଲିଟି ବୈଠକରେ ନିଷ୍ପତ୍ତି ହୋଇ ପାରି ନ ଥିବାବେଳେ ଜିଲାପାଳ ଏ ଦିଗରେ କ'ଣ ପଦକ୍ଷେପ ନେଉଛନ୍ତି ସେନେଇ ସମସ୍ତଙ୍କ ନଜର ରହିଛି । ପୁଣି ନଭେମ୍ବର ୧ରେ ମ୍ୟୁନିସିପାଲିଟି ବୈଠକ ହେବାର ରହିଛି । ଏଭଳିସ୍ଥଳେ କେତେଜଣ ବିଶେଷଜ୍ଞଙ୍କର ମତ ଅନୁସାରେ ୬୬ ବିବାଦୀୟ ରାସ୍ତାର ବିଲ୍ କରାଇବା ସୁବିଧା ନୁହେଁ । ସଂପୃକ୍ତ ରାସ୍ତା ବିବାଦ ମଧ୍ୟରେ ଛନ୍ଦି ହୋଇଯାଇଥିବାରୁ କେବଳ କୋର୍ଟ ହିଁ ଏହାର ସମାଧାନ ପନ୍ଥା ବାହାର କରିବ । ତେବେ ୬୬ ବିବାଦୀୟ ରାସ୍ତାରୁ କେତୋଟି ରାସ୍ତାକୁ ଛାଡିଦେଲେ ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ରାସ୍ତାର ବିଲ୍ ହୋଇ ପାରି ନାହିଁ । ରାସ୍ତା ବିଲ୍ ନ ହୋଇ ପାରିବାରୁ ନୟାଗଡ଼ ମ୍ୟୁନିସିପାଲିଟିରେ ଏକ ପ୍ରକାର ଶୀତଳଯୁଦ୍ଧ ଆରମ୍ଭ ହୋଇଯାଇଛି । ଯାହାକୁ ନେଇ ନୟାଗଡ଼ ରାଜନୀତି ଚଳଚଞ୍ଚଳ ହୋଇଛି ।

ସୂଚନା ଅନୁଯାୟୀ, ୧୦।୧୦। ୨୦୨୩ରେ ୬୬ଟି ରାସ୍ତାରେ ପେଭର ବ୍ଲକ ପକାଇ ରାସ୍ତା ନିର୍ମାଣ ପାଇଁ ନୟାଗଡ଼ ମ୍ୟୁନସିପାଲିଟି ପକ୍ଷରୁ ଟେଣ୍ଡର ବାହାରିଥିଲା । ଟେଣ୍ଡର ପରେ ଅନେକ ଠିକାଦାର ଟେଣ୍ଡର ପକାଇଥିଲେ । ଏଥିରୁ ୨୦ରୁ ୨୫ ଜଣ ଠିକାଦାର ଟେଣ୍ଡର ପାଇ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ରାସ୍ତା କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବାକୁ ମ୍ୟୁନିସିପାଲିଟି ପକ୍ଷରୁ ନିର୍ଦ୍ଦେଶ ମିଳିଥିଲା । ଏହାରି ଭିତରେ ଟେଣ୍ଡର କରିଥିବା ନିର୍ବାହୀ ଅଧିକାରୀଙ୍କ ବଦଳି ହୋଇଥିଲା । ସ୍ନେହଲତା ଆଚାର୍ଯ୍ୟ ନୂଆ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ । ରାସ୍ତାର ବିଲ୍ କରିବା ସମୟରେ ରାସ୍ତା ଗୁଡିକ ବିବାଦୀୟ ରହିଥିବା ଜଣାପଡିଥିଲା । ଏନେଇ ହାଇକୋର୍ଟରେ ମାମଲା ହୋଇଥିବାବେଳେ କେତେଜଣ ଲୋକ ରାସ୍ତା ନେଇ ଆରଟିଆଇରେ ତଥ୍ୟ ମାଗିଥିଲେ । ଆଉ କେତେଜଣ ବେଆଇନ ରାସ୍ତା ଉପରେ ଫେରାଦ୍ ହୋଇ ପ୍ରତିବାଦ କରିଥିଲେ । ଘରୋଇ ଜମିକୁ ସରକାରୀ ଦର୍ଶାଇ ଟେଣ୍ଡର କରାଯାଇଥିବାରୁ ବିଲ୍ ହୋଇ ପାରୁ ନ ଥିବା ଜଣାପଡିଥିଲା ।

# ସେଲ୍ଫି କର୍ନର ଧରିତ୍ରୀ

## ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଅଜିତ୍


@ ଦିବାଶିଷ୍ୟ


@ ମୁକେଶ


@ ରଶ୍ମିରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିପର୍ଯ୍ୟୟ ପ୍ରସ୍ତୁତି ଦିବସରେ ୭ଜଣ ସମ୍ବର୍ଦ୍ଧିତ

ନୟାଗଡ଼,୨୯।୧୦(ଲୋକନାଥ ମିଶ୍ର)

ଜିଲାପାଳଙ୍କ ସଦ୍‌ଭାବନା କକ୍ଷରେ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ମଙ୍ଗଳବାର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ବିପର୍ଯ୍ୟୟର ଆଗୁଆ ପଦକ୍ଷେପ ପାଇଁ ପ୍ରାକ୍ ସତର୍କ ସୂଚନା ଉପରେ ଆଲୋଚନା ହୋଇଥିଲା । ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଆୟୋଜିତ ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଅତିରିକ୍ତ ଜିଲାପାଳ ଦିଲ୍ଲୀପ କୁମାର ବଳ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ଦେବଦତ୍ତ ପଣ୍ଡା, ଉପଜିଲାପାଳ କର୍ଣ୍ଣଦେବ ସମାଦାର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ, ଜିଲା କ୍ରୀଡା ଅଧିକାରୀ ସୁଜାତା ସାହୁ ପ୍ରମୁଖ ଯୋଗ ଦେଇ ବିପର୍ଯ୍ୟୟ ବେଳେ ସହଯୋଗ ଜାରି ରଖିବାକୁ ଶପଥ ପାଠ କରିଥିଲେ । ଏଥିରେ ସହକାରୀ ଅଗ୍ନିଶମ ଅଧିକାରୀ ପ୍ରସନ୍ନ କୁମାର ବେହେରା, ଗଣିଆ ବ୍ଲକ ଡିଷ୍ଟିଟ ମ୍ୟାନେଜମେଣ୍ଟ ନୋଡାଲ ଅଫିସର ଅନୀଲ କୁମାର ସେଠ, ଭାପୁର ବ୍ଲକ ମାଧପୁର ଏମ୍‌ଏଫ୍‌ଏସ୍ ସେକ୍ରେଟାରୀ ତ୍ରିନାଥ କୁମାର ସାହୁ, ରେଡ଼କ୍ରସ ଭଲ୍ୟୁଣ୍ଟାରୀ ଫୋରମର ବିଭୂତି ଭୂଷଣ ପଟ୍ଟନାୟକ, ସାମାଜିକ କର୍ମୀ ବିଜୟ ପଟ୍ଟନାୟକ ସମେତ ୭ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟପକ୍ଷେ ନୟାଗଡ଼ ଅଗ୍ନିଶମ ବିଭାଗ ପକ୍ଷରୁ ବିପର୍ଯ୍ୟୟ ସମୟର ଉଦ୍ଧାର କାର୍ଯ୍ୟ, ନିଆଁ ଲାଗିଲେ କିପରି ଲିଭାଇବେ ତା'ଉପରେ କଳା କୌଶଳ ପ୍ରଦର୍ଶନ କରାଯାଇଥିଲା ।


ବିପର୍ଯ୍ୟୟ ପ୍ରସ୍ତୁତି ଦିବସରେ ଜଣେ ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ପ୍ରକାଶ ପାଇଲା ଇଲୋକ୍ଟ୍ରିକାଲ ରୋଲ ଡ୍ରାଫ୍ଟ


ଉପଜିଲାପାଳ କର୍ଣ୍ଣଦେବ ସମାଦାର ସୂଚନା ପ୍ରଦାନ କରୁଛନ୍ତି।

- ଭତ୍ତା ପାଇବାକୁ ବୟସ ବୃଦ୍ଧି ପାଇଁ ବଢ଼ୁଛି ଆବେଦନ
- ଯୋଗ୍ୟତା ପ୍ରମାଣ ପତ୍ର, ଡାକ୍ତରୀ ସାର୍ଟିଫିକେଟ ନ ଦେଲେ ବଢ଼ିବନି ବୟସ
- ଅଭିଯୋଗ କଲେ କଟିବ ୨ ସ୍ଥାନର ଭୋଟର

ନୟାଗଡ଼,୨୯।୧୦(ଲୋକନାଥ ମିଶ୍ର)

ମଙ୍ଗଳବାର ପ୍ରକାଶ ପାଇଲା ଇଲେକ୍ଟ୍ରିକାଲ ରୋଲ ଡ୍ରାଫ୍ଟ । ଏନେଇ ଉପଜିଲାପାଳ କର୍ଣ୍ଣଦେବ ସମାଦାର, ଡେପୁଟି କଲେକ୍ଟର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଯୋଗ ଦେଇ ଭୋଟର ତାଲିକାରେ ନାମ ସାମିଲ ଓ ସଂଶୋଧନ ପାଇ ନଭେମ୍ବର ୨, ୧୦, ୧୬ ଓ ୨୪ରେ ୪ଟି ସ୍ୱତନ୍ତ୍ର କ୍ୟାମ୍ପେନ କରାଯିବ ବୋଲି କହିଥିଲେ। ବୁଥ୍ ଲେଭୁଲ ଅଫିସରମାନେ ଏହି କାର୍ଯ୍ୟ ସ୍ୱତନ୍ତ୍ର କ୍ୟାମ୍ପେନରେ ପୂର୍ବାହ୍ନ ୧୦ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ କରିବେ। ତେବେ ବୁଥ୍ ଲେଭୁଲ୍ ଅଫିସର ସ୍ୱତନ୍ତ୍ର କ୍ୟାମ୍ପେନରେ ଅଧିକାଂଶ ସମୟ ଅନୁପସ୍ଥିତ ରହୁଥିବା ଅଭିଯୋଗ ଉଠିଥିଲା। ଏନେଇ ବିଡିଓମାନଙ୍କୁ ଚିଠି କରିବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟପକ୍ଷେ ଯେଉଁ ଭୋଟରମାନଙ୍କର ନାଁ ଏକାଧିକବାର ଅଛି ସେନେଇ ଅଭିଯୋଗ ମିଳିଲେ ସେମାନଙ୍କୁ ପାଖକୁ ୭ରୁ ୮ ଦିନିଆ ନୋଟିସ୍ ଯିବ। କେବଳ ଗୋଟିଏ ରଖି ଅନ୍ୟଗୁଡିକ କଟାଯିବ । ଆଦେଶକୁ ଅଣଦେଖା କଲେ ଆଇନ ଅନୁସାରେ ପଦକ୍ଷେପ ନିଆଯିବ । ଜିଲାରେ କେତେଜଣ ଭୋଟର ପୌରାଞ୍ଚଳ ଓ ପଞ୍ଚାୟତରେ ଭୋଟ ଦେଉଛନ୍ତି । ଏମାନଙ୍କ ନାମରେ ଅଭିଯୋଗ ଆସିଲେ ସୁଫଳ ମିଳୁ ନାହିଁ ବୋଲି ଅଭିଯୋଗ ଉଠିଥିଲା। ଏଭଳିସ୍ଥଳେ ଅଭିଯୋଗ ଆଣିଲେ ତଦନ୍ତ କରାଯାଇ ଫେକ୍ ଭୋଟରଙ୍କ ନାମ କଟାଯିବବୋଲି ଉପଜିଲାପାଳ କହିଛନ୍ତି । ସେହିପରି ଗୋଟିଏ ଘରେ ରହୁଥିବା ବାପା, ମା, ଭାଇ,ଭଉଣୀ ଆଦି ପରିବାରର ସଦସ୍ୟଙ୍କର ଭିନ୍ନ ଭିନ୍ନ ୱାର୍ଡରେ ନାମ ଭୋଟର ତାଲିକାରେ ଅଛି, ଯାହାକି ଭୋଟ ଦେବାରେ ଅସୁବିଧା ହେଉଛି । ଏନେଇ ପଦକ୍ଷେପ ନେବାକୁ ବୈଠକରେ କୁହାଯାଇଛି । ଫାଇନାଲ ଭୋଟର ତାଲିକା ଜାନୁଆରୀ ୬ରେ ପ୍ରକାଶ ପାଇବ । ସେହିଭଳି ଭତ୍ତା ପାଇବା ପାଇଁ ଭୋଟର ତାଲିକାରେ ବୟସ ବୃଦ୍ଧି ପାଇଁ ବାରମ୍ବାର ଆବେଦନ କରାଯାଉଛି । ବହୁ ଲୋକଙ୍କର ବୟସ ହୋଇ ନ ଥିଲେହେଁ ବୟସ ବଢ଼ାଇ ଭତ୍ତା କରିବାକୁ ପ୍ରାୟସ କରୁଛନ୍ତି, ଯାହାକି ସମସ୍ୟା ଡାକି ଆଣୁଛି । ଏଣୁ ବୟସ ବଢ଼ିବାକୁ ହେଲେ ଯୋଗ୍ୟତାର ପ୍ରମାଣ ପତ୍ର ଦରକାର । ପାଠ ନ ପଢ଼ିଥିଲେ ଡାକ୍ତର ସାର୍ଟିଫିକେଟ ଦରକାର। ନଚେତ୍ ବୟସ ବୃଦ୍ଧି କରାଯିବା ସମ୍ଭବ ନୁହେଁ ବୋଲି ଉପଜିଲାପାଳ କହିଛନ୍ତି ।

# ରୟାଲ କିଙ୍ଗସ, ଥଣ୍ଡର ବାଲୁଙ୍କେଶ୍ୱର ବିଜୟୀ

## ପ୍ରିମିୟର ଲିଗ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ଖଣ୍ଡପଡ଼ା,୨୯।୧୦(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ସାଇକୃପା କେପିଏଲ କମିଟି ପକ୍ଷରୁ ଗତ ୨୦ ତାରିଖରୁ ସ୍ଥାନୀୟ ପଲଟନ ପଡିଆରେ ଚାଲିଥିବା ୪ର୍ଥ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଥିଲା ୮ମ ଦିବସ । ଇସାନ ରୟାଲ୍ସ ଓ ଦି ରୟାଲ କିଙ୍ଗସ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ମୁକାବିଲା ହୋଇଥିଲା । ତେବେ ଏହି ଖେଳରେ ରୟାଲ କିଙ୍ଗସ ୧୫ ରନରେ ଇସାନ ରୟାଲସକୁ ହରାଇ ବିଜୟୀ ହୋଇଛି । ପ୍ରଥମେ ଇସାନ ରୟାଲସ ବ୍ୟାଟିଂ ଆରମ୍ଭ କରି ୧୦ ଓଭରରେ ୬ ଉଇକେଟ ବିନିମୟରେ ୧୧୬ ରନ ସଂଗ୍ରହ କରିଥିଲା। ଜବାବରେ ରୟାଲ କିଙ୍ଗସ ୧୦ ଓଭରରେ ୭ଉଇକେଟ ହରାଇ ୧୦୨ ରନ କରିବାକୁ ସକ୍ଷମ ହୋଇଥିଲା । ବିଜୟୀ ଦଳର କୁନା ପରିଡ଼ା ୧୮ ବଲରେ ୪୮ ରନ ସଂଗ୍ରହ କରି ଆଜିର ଖେଳରେ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ । ଖେଳକୁ ବାବୁ ସାହୁ ଓ ବୁନୁ ପରିଚାଳନା କରିଥିଲେ।

ଅପରାହ୍ନରେ ଆୟୋଜିତ ୨ୟ ପର୍ଯ୍ୟାୟ ଖେଳରେ ଥଣ୍ଡର ବାଲୁଙ୍କେଶ୍ୱର ସହ ଶତପଥୀ ଲାୟନ୍ସ ମୁକାବିଲା ହୋଇଥିଲା । ଥଣ୍ଡର ବାଲୁଙ୍କେଶ୍ୱର ଦଳ ବିଜୟୀ ହୋଇଛି । ପ୍ରଥମେ ଥଣ୍ଡର ଦଳ ବ୍ୟାଟିଂ ଆରମ୍ଭ କରି ୯.୩ ଓଭରରେ ୧୦ ଉଇକେଟ ହରାଇ ୮୦ ରନ ସଂଗ୍ରହ କରିଥିଲା । ଜବାବରେ ଶତପଥୀ ଲାୟନସ ଦଳ ୧୦ ଓଭରରେ ୯ ଉଇକେଟ ବିନିମୟରେ ମାତ୍ର ୭୦ ରନ ସଂଗ୍ରହ କରିଥିଲା । ଏହି ଖେଳକୁ ଶୁଭ୍ରାଂଶୁ ମହାରଣା ଓ ଟିକୁ ପରିଚାଳନା କରିଥିଲେ । ଅତିଥି ଭାବେ ସାମାଜିକ କର୍ମୀ ପ୍ରମୋଦ କୁମାର ଧଳ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ସ୍କୋରର ଭାବେ ଗୌରାଙ୍ଗ ସେଠୀ ଦାୟିତ୍ୱ ତୁଲାଇଥିବା ବେଳେ ଶ୍ରୀନିବାସ ଦଳେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବୁଧବାର ବିକାଶ ୱାରିୟର ଓ ଦୀପୁ କିଙ୍ଗସ ଏବଂ ୨ୟ ପର୍ଯ୍ୟାୟରେ ଦି ରୟାଲ କିଙ୍ଗସ ଓ ରାଜା ସୁପର ଷ୍ଟ୍ରାଇକର ମଧ୍ୟରେ ମୁକାବିଲା ହେବ ବୋଲି ପରିଚାଳକ ସରୋଜ କୁମାର ମହାରଣାଙ୍କଠାରୁ ପ୍ରକାଶ ।



ପ୍ରିମିୟର ଲିଗ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଅଷ୍ଟମ ଦିବସ ମ୍ୟାଚ୍‌ରେ ମଞ୍ଚାସୀନ ଅତିଥି।

# ରନ୍ଧାଖାଦ୍ୟ ପାଇଁ ଦିଆ ଯାଉଥିବା ଅର୍ଥ ବୃଦ୍ଧି ଦାବି ତେଜିଲା

## ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

ନୟାଗଡ଼,୨୯।୧୦(ଲୋକନାଥ ମିଶ୍ର)

ଅଙ୍ଗନୱାଡି କେନ୍ଦ୍ରରେ ରନ୍ଧାଖାଦ୍ୟ ପାଇଁ ସରକାର ଯୋଗାଉଥିବା ଅର୍ଥରାଶି ପର୍ଯ୍ୟାପ୍ତ ହେଉ ନ ଥିବାରୁ ଏହାର ବୃଦ୍ଧି ପାଇଁ ଦାବି ଉଠିଛି । ଏନେଇ ଭାରତୀୟ ବିକାଶ ପରିଷଦର ନୟାଗଡ଼ ଜିଲା ଶାଖା ପକ୍ଷରୁ ମଙ୍ଗଳବାର ଅତିରିକ୍ତ ଜିଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ମହିଳା ଶିଶୁ ବିକାଶ ପ୍ରମୁଖ ଶାସନ ସଚିବ, ଜିଲାପାଳ, ଉପଜିଲାପାଳଙ୍କୁ ସ୍ମାରକପତ୍ର ଦେଇଛନ୍ତି । ରନ୍ଧାଖାଦ୍ୟ ପ୍ରାପ୍ୟ ବୃଦ୍ଧି ନ ହେଲେ ଭାରତୀୟ ବିକାଶ ପରିଷଦ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେବ ବୋଲି ଚେତାବନୀ ଦେଇଛି । ରାଜ୍ୟରେ ଦରଦ୍ରାମ ବୃଦ୍ଧି ଚିନ୍ତାର କାରଣ ପାଲଟିଥିବାବେଳେ ସରକାର ଅଣ୍ଡା ପାଇଁ ୫ଟଙ୍କା ପ୍ରଦାନ କରୁଛନ୍ତି । ବଜାରରେ ଅଣ୍ଡା ଦର ଗୋଟା ପିଛା ୧୦ ଟଙ୍କା ଥିବାବେଳେ ୫ଟଙ୍କାରେ ଅଣ୍ଡା ଯୋଗାଇବା ସମ୍ଭବ ହେଉ ନ ଥିବା ଦର୍ଶା ଯାଇଛି । ଖାଇବା ତେଲ ପାଇଁ ସରକାର ୭୪ ଟଙ୍କା ଦେଉଥିବାବେଳେ ବଜାରରେ ତେଲ ଦର ୧୪୦ ଟଙ୍କା ଏବଂ ଡାଲି କିଲୋ ପ୍ରତି ୬୪ ଟଙ୍କା ଦେଉଥିବାବେଳେ ବଜାରରେ ୧୭୦ରେ ବିକ୍ରି ହେଉଛି । ରାଜ୍ୟ ଉପ ସଭାପତି ନିରଞ୍ଜନ ଦାସ, ଲିଳିବାଳା ନାୟକ, ରଞ୍ଜୁବାଳା ମହାରଣା, ହାରମଣି ଜେନାଙ୍କ ନେତୃତ୍ୱରେ ସ୍ମାରକପତ୍ର ପ୍ରଦାନ କରାଯାଇଛି ।

# ନୂଆଗାଁରେ ଦୁର୍ନୀତି ନିବାରଣ ସଚେତନତା

ନୂଆଗାଁ,୨୯।୧୦ ( ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ପରିସରରେ ଥିବା ସଭାଗୃହରେ ମଙ୍ଗଳବାର ନୟାଗଡ଼ ଜିଲା ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତିର ବାର୍ତ୍ତା ସମସ୍ତଙ୍କୁ ଦିଆଯାଇଥିଲା। ସରକାର ଲୋକଙ୍କ ପାଇଁ କାର୍ଯ୍ୟ କରୁଥିବା ନେଇ କହୁଥିବା ବେଳେ ତାହା ଆଜି ପର୍ଯ୍ୟନ୍ତ ବାସ୍ତବରେ ରୂପାନ୍ତରିତ ହୋଇପାରିନାହିଁ। ସରକାରୀ କର୍ମଚାରୀମାନେ ନିଜ ନିଜର ମାନସିକତାରେ ପରିବର୍ତ୍ତନ କଲେ ଯାଇ ଦୁର୍ନୀତିକୁ ହଟାଯାଇ ପାରିବ ବୋଲି ମଞ୍ଚାସୀନ ଅତିଥି ମନ୍ତବ୍ୟ ଦେଇଥିଲେ। ତେଣୁ ଦୁର୍ନୀତି ଅପେକ୍ଷା ଲୋକଙ୍କ କାମକୁ ଗୁରୁତ୍ୱ ଦେବା ପାଇଁ ସରକାରୀ କର୍ମଚାରୀମାନଙ୍କୁ କୁହାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲା ଭିଜିଲାନ୍ସ ଡିଏସ୍‌ପି ପ୍ରତ୍ୟୁଷ କୁମାର ମହାପାତ୍ର, ନୂଆଗାଁ ବିଡିଓ ବାସୁଦେବ ନାୟକ, ଅତିରିକ୍ତ ତହସିଲଦାର କବିରାଜ ସେଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ପଣ୍ଡା, ଜିପିଡିଓ ଲାଲବାହାଦୂର ରଞ୍ଜିତଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ଜୁଆଖେଳର ଜବତ ଟଙ୍କାକୁ ନେଇ ଉଠିଲା ପ୍ରଶ୍ନ

## ସନ୍ଦେହରେ ଚାନ୍ଦପୁର ଥାନା ପୋଲିସ

ନୟାଗଡ଼/ରଣପୁର, ୨୯।୧୦ (ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ପୋଲିସ ଜିଲାର ଚାନ୍ଦପୁର ଥାନା ପୋଲିସ ଗତ ଶନିବାର ଅପରାହ୍ନରେ ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ମା'ଉଗ୍ରତାରା ମନ୍ଦିର ନିକଟସ୍ଥ କାଜୁ ଜଙ୍ଗଲରେ ଚଢ଼ାଉ କରି ଗଞ୍ଜାମ ଓ ପୁରୀ ଜିଲାର ୯ ଜୁଆଡ଼ିଙ୍କ ସହ ୫ ହଳ ତାଷ ପତା, ୬ ମୋବାଇଲ ଓ ପଶା ଗୋଟି ଜବତ କରିଥିଲା । ସେହିପରି ୫୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜବତ କରିଥିଲା ବୋଲି ନୟାଗଡ଼ ଓ ଖୋର୍ଦ୍ଧା ଜିଲାର ସୀମାନ୍ତ ଅଞ୍ଚଳରେ ଚର୍ଚ୍ଚା ହେଉଛି । ତେବେ ପୋଲିସ ଓ ଫୋର୍ସ ମିଳିତ ଭାବେ ସାଧା ପୋଷାକରେ ଚଢ଼ାଉ କରିଥିଲେ । ଚଢ଼ାଉ ପରେ ପୋଲିସ ୫୧ ହଜାର ୩ ଶହ ଟଙ୍କା ଜବତ କରିଥିବା ଦେଖାଇବା ସହ ଏକ ମାମଲା(ନଂ.୧୯୭/୨୪) ରୁଜୁ କରି ୪ଜୁଆଡିଙ୍କୁ ରଣପୁର କୋର୍ଟ ଚାଲାଣ କରିଥିଲା । ତେବେ ପ୍ରଶ୍ନ ଉଠୁଛି ପୋଲିସ ୯ଜଣଙ୍କୁ ଗିରଫ କରିଥିବାବେଳେ ୫ଜଣଙ୍କୁ ୪୧ ଦଫାରେ ବେଲ ଦେଲା କାହିଁକି । ପୁଣି ଘଟଣାସ୍ଥଳରେ ୧୦ରୁ ୧୨ କାର, ବାଇକ୍ ଥିବାବେଳେ ପୋଲିସ ସେଗୁଡିକୁ ଜବତ କରିବାରେ ଆଗ୍ରହ ଦେଖାଇ ନ ଥିଲା । ସେହିପରି ଖୋର୍ଦ୍ଧା ଜିଲାରୁ ଜୁଆଡିଙ୍କୁ ଗିରଫ କରିଥିବାବେଳେ ନୟାଗଡ଼ ଜିଲାର ସୀମାନ୍ତ ଅଞ୍ଚଳ ଦେଖାଇଛି , ଯାହାକି ତଦନ୍ତ ସାପେକ୍ଷ। ଏନେଇ ଆଇଆଇସି ଦାୟିତ୍ୱରେ ଥିବା ଭାରପ୍ରାପ୍ତ ଥାନା ସବଇନ୍ସପେକ୍ଟର ବିନୟ କୁମାର ବେହେରାଙ୍କ ମୋବାଇଲ ଫୋନ୍(ନଂ.୯୪୩୯୯୦୯୦୭୫)କୁ ଯୋଗାଯୋଗ କରାଯାଇଥିଲା । ହେଲେ ଫୋନ ସୁଇଚ୍ ଅଫ୍ ଯୋଗୁ ମତାମତ ମିଳିପାରିନାହିଁ । ଶରଣକୁଳ ଏସ୍‌ଡିପିଓ ସୁଧାକର ସାହୁ କୁହନ୍ତି, ଚାନ୍ଦପୁର ଥାନା ପକ୍ଷରୁ ନୟାଗଡ଼ ଓ ଖୋର୍ଦ୍ଧା ଜିଲାର ସୀମାନ୍ତ ଅଞ୍ଚଳରେ ଚଢ଼ାଉ କରାଯାଇ ଜୁଆଡିଙ୍କୁ ଗିରଫ , ଜୁଆ ଉପକରଣ ଓ ୫୧ ହଜାର ୩୦୦ ଶହ ଟଙ୍କା ଜବତ କରାଯାଇଥିବା ଭାରପ୍ରାପ୍ତ ଥାନା ସବଇନ୍ସପେକ୍ଟର କହିଥିଲେ । ପରେ ଜୁଆଡିଙ୍କୁ କୋର୍ଟ ଚାଲାଣ କରାଯାଇଛି । ତେବେ ୫୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଜବତ ହୋଇଥିବା ସୂଚନା ନାହିଁ । ଏଭଳି ଅଭିଯୋଗ ଉଠିବାରୁ ଘଟଣାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି ।


ଗିରଫ ୪ ଜୁଆଡ଼ି, ଜବତ ଟଙ୍କା, ମୋବାଇଲ ଏବଂ ତାସ।

## ସଂକ୍ଷେପରେ

### ବସ୍ ଦୁର୍ଘଟଣାରେ ୧୨ ମୃତ

**ଜୟପୁର,୨୯।୧୦**

ରାଜସ୍ଥାନର ସିକର ଜିଲା ଅନ୍ତର୍ଗତ ଲକ୍ଷ୍ମଣଗଡ଼ରେ ମଙ୍ଗଳବାର ଅପରାହ୍ନରେ ଏକ ବସ୍ କଲ୍‌ଭର୍ଟକୁ ଧକ୍କା ଦେବାରୁ ୧୨ ଯାତ୍ରୀଙ୍କ ମୃତ୍ୟୁ ଘଟିବା ସହ ୩୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ବସ୍‌ଟି ସାଲାସାରରୁ ଯାଉଥିଲା। ଆହତମାନଙ୍କୁ ଲକ୍ଷ୍ମଣଗଡ଼ର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବସ୍‌ରେ ଅତ୍ୟଧିକ ଭିଡ଼ ଥିବାବେଳେ ଏହା ଦ୍ରୁତ ବେଗରେ ଯାଉଥିବାରୁ ଦୁର୍ଘଟଣାଗ୍ରସ୍ତ ହେଲା ବୋଲି କୁହାଯାଉଛି।

### ସଲମାନ ଓ ଜିସାନ୍‌ଙ୍କୁ ହତ୍ୟା ଧମକ ଦେଇଥିବା ଅଭିଯୁକ୍ତ ଗିରଫ



**ନୋଏଡା, ୨୯।୧୦**

ବଲିଉଡ୍ ଅଭିନେତା ସଲମାନ ଖାନ୍ ଏବଂ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି(ଏନ୍‌ସିପି) ନେତା ଜିସାନ ସିଦ୍ଦିକିଙ୍କୁ ହତ୍ୟା ଧମକ ଦେଇଥିବା ଅଭିଯୁକ୍ତ(୨୦)ଙ୍କୁ ମଙ୍ଗଳବାର ଉତ୍ତରପ୍ରଦେଶର ନୋଏଡାରୁ ମୁମ୍ବାଇ ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ଗତ ଶୁକ୍ରବାର ପ୍ରଥମେ ବିଧାୟକ ଜିସାନ୍‌ଙ୍କ ହେଲ୍‌ପଲାଇନ୍ ନମ୍ବରକୁ ଧମକ୍‌ଭରା ମେସେଜ ପଠାଇଥିଲେ। ପରେ ସେ ଜିସାନଙ୍କ ପୂର୍ବ ବାନ୍ଦ୍ରାସ୍ଥିତ ଜନସମ୍ପର୍କ କାର୍ଯ୍ୟାଳୟକୁ ଏକ ଭଏସ୍ କଲ୍ କରିଥିଲେ। ଉକ୍ତ କଲ୍‌ରେ ସେ ସଲମାନ ଏବଂ ଜିସାନ୍‌ଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲେ ବୋଲି ମୁମ୍ବାଇ ପୋଲିସର ଜଣେ ଅଧିକାରୀ କହିଛନ୍ତି। ମାମଲାର ଅଧିକ ତଦନ୍ତ ପାଇଁ ଅଭିଯୁକ୍ତଙ୍କୁ ମୁମ୍ବାଇ ଅଣାଯାଉଥିବା ସେ କହିଛନ୍ତି।

# ଗାଜାରେ ଇସ୍ରାଏଲ୍‌ର ବୋମାମାଡ଼: ୧୦୯ ମୃତ



ଇସ୍ରାଏଲୀ ସେନାର ବୋମାମାଡ଼ରେ ଉତ୍ତର ଗାଜାର ବେଇଟ୍ ଲାହିୟା ସହରରେ ଥିବା ଏକ ୫ ମହଲା ବିଲ୍ଡିଂ ଧ୍ୱଂସ ହୋଇଯାଇଛି।

**ଦେଇର ଅଲ୍-ବଲାହ,୨୯।୧୦**

ଉତ୍ତର ଗାଜାର ବେଇଟ୍ ଲାହିୟା ସହରରେ ଥିବା ଏକ ୫ ମହଲା ବିଲ୍ଡିଂ ଉପରେ ଇସ୍ରାଏଲୀ ସେନା ମଙ୍ଗଳବାର ବୋମାମାଡ଼ କରିବାରୁ ଅନ୍ୟୂନ ୧୦୯ ଜଣ ପାଲେଷ୍ଟିନୀୟ ନିହତ ହେବା ସହ ଅନେକେ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ମହିଳା ଓ ଛୋଟ ପିଲା। ବିସ୍ଥାପିତ ପାଲେଷ୍ଟିନୀୟମାନେ ଉକ୍ତ ବିଲ୍ଡିଂରେ ଆଶ୍ରୟ ନେଇଥିଲେ ବୋଲି ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ମୃତକଙ୍କ ମଧ୍ୟରେ ଜଣେ ମାଆ ଏବଂ ତାଙ୍କର ୫ ପିଲା ରହିଥିବାବେଳେ ଅନ୍ୟ ଜଣେ ମହିଳା ଓ ତାଙ୍କର ୬ ପିଲା ମଧ୍ୟ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ଏହାକୁ ମିଶାଇ ଗାଜାରେ ଯୁଦ୍ଧଜନିତ ମୃତ୍ୟୁସଂଖ୍ୟା ୪୩ ହଜାର ଟପିଛି। ଏଥିସହିତ ଯୁଦ୍ଧରେ ମୋଟ ୧,୦୧,୨୨୩ ଜଣ ଆହତ ହେଲେଣି। ଗତ ଶୁକ୍ରବାର ଇସ୍ରାଏଲୀ ସୈନ୍ୟ ଉତ୍ତର ଗାଜାର କମଲ ଅଡୱାନ ହସ୍ପିଟାଲରେ ଚଢ଼ାଉ କରି ଶତାଧିକ ପାଲେଷ୍ଟିନୀୟଙ୍କୁ ଗିରଫ କରିଥିଲେ। ସେମାନେ ସନ୍ଦିଗ୍ଧ ହମାସ୍ ଆତଙ୍କବାଦୀ ଏବଂ ହସ୍ପିଟାଲରେ ଛଦ୍ମବେଶରେ ଆତ୍ମଗୋପନ କରିଥିଲେ ବୋଲି ଇସ୍ରାଏଲ୍ କହିଥିଲା। ଗତବର୍ଷ ଅକ୍ଟୋବରରେ ହମାସ୍ ଆତଙ୍କବାଦୀମାନେ ଇସ୍ରାଏଲ୍ ଉପରେ ଅତର୍କିତ ଆକ୍ରମଣ କରି ୧,୨୦୦ ଲୋକଙ୍କୁ ହତ୍ୟା କରିବା ସହ ୨୫୦ ଜଣଙ୍କୁ ପଣବନ୍ଦୀ କରିନେଇଥିଲା। ଏହାରର ଜବାବରେ ବର୍ଷେରୁ ଊର୍ଦ୍ଧ୍ୱ ହେଲା ଇସ୍ରାଏଲ୍ ଗାଜା ଉପରେ ଆକ୍ରମଣ ଜାରି ରଖିଛି।

### ନାଇମ୍ କାସିମ୍ ହେଜ୍‌ବୋଲ୍ଲା ମୁଖ୍ୟ ନିର୍ବାଚିତ

**ବେରୁଟ୍,୨୯।୧୦**

ଲେବାନନ୍‌ର ହେଜ୍‌ବୋଲ୍ଲା ଆତଙ୍କବାଦୀ ସଂଗଠନର ଉପନେତା ଥିବା ଶେଖ୍ ନାଇମ୍ କାସିମ୍‌ଙ୍କୁ ଏହାର ନୂଆ ନେତା ନିର୍ବାଚନ କରାଯାଇଛି। ସେପ୍ଟେମ୍ବର ୨୭ରେ ଇସ୍ରାଏଲୀ ସେନାର ଏୟାରଷ୍ଟ୍ରାଇକ୍‌ରେ ହେଜ୍‌ବୋଲ୍ଲା ମୁଖ୍ୟ ହାସନ ନସ୍‌ରଲ୍ଲାଙ୍କ ମୃତ୍ୟୁ ଘଟିଥିଲା। ଏହାର ୪ ସପ୍ତାହ ପରେ କାସିମ୍‌ଙ୍କୁ ନୂଆ ନେତା ବଛାଯାଇଛି। ୧୯୯୧ରେ କାସିମ୍ ପ୍ରଥମ ଥର ପାଇଁ ହେଜ୍‌ବୋଲ୍ଲାର ଉପନେତା ନିର୍ବାଚିତ ହୋଇଥିଲେ। ସେ ଆତଙ୍କବାଦୀ ସଂଗଠନର ଉପସାଧାରଣ ସମ୍ପାଦକ ଏବଂ ସେକେଣ୍ଡ-ଇନ୍-କମାଣ୍ଡ ରହିଥିଲେ। ହେଜ୍‌ବୋଲ୍ଲାର ଶୁରା କାଉନ୍‌ସିଲ ୭୧ ବର୍ଷୀୟ କାସିମ୍‌ଙ୍କୁ ନେତା ନିର୍ବାଚନ କରିଛି।



ଶେଖ୍ ନାଇମ୍ କାସିମ୍

# ଭାରତ-ଚାଇନା ସେନା ପ୍ରତ୍ୟାହାର ପ୍ରାୟତଃ ଶେଷ

**ନୂଆଦିଲ୍ଲୀ,୨୯।୧୦**

ପୂର୍ବ ଲଦାଖର ଡେପ୍‌ସାଙ୍ଗ ଏବଂ ଡେମ୍‌ଚୋକ୍ ଅଞ୍ଚଳରୁ ଭାରତ ଓ ଚାଇନା ସୈନ୍ୟ ପ୍ରତ୍ୟାହାର ପ୍ରକ୍ରିୟା ପ୍ରାୟତଃ ଶେଷ ହୋଇଥିବା ପ୍ରତିରକ୍ଷା ସୂତ୍ରରୁ ଜଣାପଡ଼ିଛି। ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ଅନ୍ତର୍ଗତ ସମ୍ବେଦନଶୀଳ ଅଞ୍ଚଳରୁ ସବୁ ସେନା ପ୍ରତ୍ୟାହାର ହୋଇଛନ୍ତି କି ନାହିଁ ଏବଂ ସାମରିକ ଭିତ୍ତିଭୂମି ଭଙ୍ଗାଯାଇଛି କି ନାହିଁ, ଉଭୟ ଦେଶର ସୈନ୍ୟବାହିନୀ ମିଳିତ ଭାବେ ତାହାର ଯାଞ୍ଚ କରୁଛନ୍ତି। ତେବେ ଗଲ୍‌ୱାନ ଅଞ୍ଚଳ ସମେତ ୪ ବଫର ଜୋନ୍ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ଆଲୋଚନା ହୋଇନାହିଁ। ଡେମ୍‌ଚୋକ୍ ଏବଂ ଡେପ୍‌ସାଙ୍ଗରେ ପାଟ୍ରୋଲିଂ ଆରମ୍ଭ ହେବା ପରେ ଉକ୍ତ ଅଞ୍ଚଳରେ ପାଟ୍ରୋଲିଂ କରାଯିବା ନେଇ କମାଣ୍ଡରସ୍ତରୀୟ ବୈଠକରେ ନିଷ୍ପତ୍ତି ନିଆଯିବ। ଲଦାଖ ଅନ୍ତର୍ଗତ ଏଲ୍‌ଏସିରେ ଖୁବ୍‌ଶୀଘ୍ର ପାଟ୍ରୋଲିଂ ଆରମ୍ଭ ହେବା ସହ ସୀମାରେ ୨୦୨୦ ଏପ୍ରିଲ ପୂର୍ବ ସ୍ଥିତି ଫେରିବ ବୋଲି ଦୁଇଦିନ ପୂର୍ବରୁ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଥିଲେ।

ସୂଚନାଯୋଗ୍ୟ, ୨୦୨୦ ମେ' ମାସରେ ପୂର୍ବ ଲଦାଖ ଅନ୍ତର୍ଗତ ଏଲ୍‌ଏସିରେ ଭାରତ ଓ ଚାଇନା ସୈନ୍ୟ ମୁହାଁମୁହିଁ ହୋଇଥିଲେ। ଜୁନ୍‌ରେ ଗଲ୍‌ୱାନ୍ ଉପତ୍ୟକାରେ ଉଭୟ ପକ୍ଷ ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ହୋଇ କେତେକ ସୈନ୍ୟ ମୃତାହତ ହୋଇଥିଲେ। ଏହି ଘଟଣା ପରେ ଭାରତ ଓ ଚାଇନା ମଧ୍ୟରେ ତିକ୍ତତା ବୃଦ୍ଧି ପାଇଥିଲା। ଏକାଧିକ ପର୍ଯ୍ୟାୟ ଆଲୋଚନା ପରେ ଏଲ୍‌ଏସିରେ ପାଟ୍ରୋଲିଂ ପାଇଁ ଚାଇନା ସହ ବୁଝାମଣା ହୋଇଥିଲା।

### ବୋମା ଧମକ ଦେଉଥିବା ସନ୍ଦିଗ୍ଧଙ୍କ ପରିଚୟ ମିଳିଲା

**ନାଗପୁର, ୨୯।୧୦**

ଗତ ୧୩ ଦିନ ମଧ୍ୟରେ ଭାରତର ୩୦୦ରୁ ଅଧିକ ବିମାନକୁ ବୋମା ଧମକ ମିଳଥିଲା। ଏହାର ତଦନ୍ତ କରୁଥିବା ନାଗପୁର ପୋଲିସକୁ ମଙ୍ଗଳବାର ବୋମା ଧମକ ପଛର ସନ୍ଦିଗ୍ଧଙ୍କ ପରିଚୟ ମିଳିଛି। ଧମକ ଦେଉଥିବା ମହାରାଷ୍ଟ୍ରର ଗୋଦିଆଁ ନିବାସୀ ଜଗଦୀଶ ଉଇକେ(୩୫) ଫେରାର ଥିବାବେଳେ ପୋଲିସ ତାଙ୍କୁ ଧରିବାକୁ ପ୍ରୟାସ ଜାରି ରଖିଛି। ୨୦୨୧ରେ ସେ ଏକ ମାମଲାରେ ଗିରଫ ହୋଇଥିଲେ।

# ନୋଏଡ଼ାରେ ଡ୍ରଗ୍‌ସ ଫ୍ୟାକ୍ଟ୍ରି

**ନୂଆଦିଲ୍ଲୀ,୨୯।୧୦(ପି.ଟି.)**

■୯୫ କେ.ଜି. ବେଆଇନ ନିଶାଦ୍ରବ୍ୟ ଜବତ

■ତିହାର ଜେଲ ୱାର୍ଡେନ ଗିରଫ

ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍) ଅନ୍ତର୍ଗତ ନୋଏଡ଼ାରୁ ଡ୍ରଗ୍ସ ଉତ୍ପାଦନ ଫ୍ୟାକ୍ଟ୍ରି ଠାବ ହୋଇଛି। ମେକ୍ସିକୋ ଡ୍ରଗ୍ କାର୍ଟେଲ ସହ ଉକ୍ତ ମେଥ୍ ଲାବ୍‌ର ସମ୍ପର୍କ ରହିଛି। ଗତ ୨୫ ତାରିଖରେ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଏବଂ ଦିଲ୍ଲୀ ପୋଲିସ୍‌ର ସ୍ପେଶାଲ ସେଲ୍‌ର ମିଳିତ ଚଢ଼ାଉ ବେଳେ ନୋଏଡ଼ାର ଗୌତମବୁଦ୍ଧ ନଗର ଜିଲା ଅନ୍ତର୍ଗତ କସ୍‌ନା ଶିଳ୍ପାଞ୍ଚଳରୁ ମେଥାମ୍‌ଫେଟାମାଇନ୍ ଉତ୍ପାଦନ ଲାବ୍ ଠାବ ହୋଇଛି। ସେଠାରୁ ୯୫ କେ.ଜି. ମେଥାମ୍‌ଫେଟାମାଇନ୍ ଜବତ ହୋଇଛି। ଏହି ବେଆଇନ ନିଶା ଉତ୍ପାଦନରେ ସମ୍ପୃକ୍ତ ତିହାର ଜେଲ୍‌ର ୱାର୍ଡେନ୍ ଏବଂ ଜଣେ ମେକ୍ସିକୋ ନାଗରିକଙ୍କ ସମେତ ୫ ଜଣଙ୍କୁ ଗିରଫ କରାଯାଇଛି। ଚଢ଼ାଉ ବେଳେ ଉକ୍ତ ଫ୍ୟାକ୍ଟ୍ରି ପରିସରରୁ ଦିଲ୍ଲୀ ଜଣେ ବ୍ୟବସାୟୀ ଧରାପଡ଼ିଥିଲେ। ଉକ୍ତ ବ୍ୟବସାୟୀ ଏବଂ ୱାର୍ଡେନ୍ ବେଆଇନ କାରଖାନା ବସାଇଥିବା କୁହାଯାଇଛି। ସେମାନେ ଡ୍ରଗ୍ସ ତିଆରି ପାଇଁ ବିଭିନ୍ନ ସୂତ୍ରରୁ ଆବଶ୍ୟକ ରାସାୟନିକ ସାମଗ୍ରୀ କିଣିବା ସହ ଉପକରଣ ବାହାରୁ ଆମଦାନି କରିଥିଲେ ବୋଲି ଏନ୍‌ସିବି ଉପମହାନିର୍ଦ୍ଦେଶକ (ଅପରେଶନ୍ସ) ଜ୍ଞାନେଶ୍ୱର ସିଂ କହିଛନ୍ତି। ଡ୍ରଗ୍ ଉତ୍ପାଦନରେ ମୁମ୍ବାଇର ଜଣେ ରସାୟନବିଦ୍ ସମ୍ପୃକ୍ତ। ଦିଲ୍ଲୀରେ ରହିଥିବା ମେକ୍ସିକୋର ଡ୍ରଗ୍ କାର୍ଟେଲ ସଦସ୍ୟ ଡ୍ରଗ୍‌ର ମାନ ପରୀକ୍ଷା କରୁଥିଲେ। ଗିରଫ ଅଭିଯୁକ୍ତମାନଙ୍କୁ ସ୍ୱତନ୍ତ୍ର ନାର୍କୋଟିକ ଡ୍ରଗ୍ସ ଆଣ୍ଡ ସାଇକୋଟ୍ରପିକ୍ ସବ୍‌ଷ୍ଟାନ୍ସ (ଏନ୍‌ଡିପିଏସ୍) ଅଧିନିୟମ କୋର୍ଟରେ ୨୭ ତାରଖରେ ହାଜର କରାଯାଇଥିଲା। ଏନ୍‌ସିବି ସେମାନଙ୍କୁ ୩ ଦିନ ପାଇଁ ହାଜତକୁ ନେଇଛି। ଉକ୍ତ ସିଣ୍ଡିକେଟ୍ ସହ ଘନିଷ୍ଠ ଭାବେ ସମ୍ପୃକ୍ତ ଥିବା ଦିଲ୍ଲୀ ବ୍ୟବସାୟୀଙ୍କୁ ରାଜୌରୀ ଗାର୍ଡେନ ଅଞ୍ଚଳରୁ ଗିରଫ କରାଯାଇଥିଲା।

# ମନ୍ଦିରରେ ବାଣ ବିସ୍ଫୋରଣ, ୧୫୪ ଆହତ

**ଥିରୁଭାନନ୍ତପୁରମ, ୨୯।୧୦**

ଦୀପାବଳି ପୂର୍ବରୁ କେରଳର କାସରଗୋଡ଼ ଜିଲା ନିଲେଶ୍ୱରମ ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ବାଣ ବିସ୍ଫୋରଣ ଘଟିଛି। ସ୍ଥାନୀୟ ଅଞ୍ଜୁତାମ୍ବଲମ୍ ବିରାରକାବୁ ମନ୍ଦିରରେ ବାର୍ଷିକ କଳିୟାଟ୍ଟମ ଉତ୍ସବରେ ବାଣ ଫୁଟାଯାଉଥିବା ବେଳେ ନିକଟରେ ଥିବା ବାଣ ଭଣ୍ଡାରରେ ନିଆଁ ଲାଗିଯାଇଥିଲା। ଫଳରେ ମନ୍ଦିର ପରିସରରେ ଭୟଙ୍କର ବିସ୍ଫୋରଣ ଘଟିଥିଲା। ଏଥିରେ ୧୫୪ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୮ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଆହତଙ୍କ ମଧ୍ୟରେ ମହିଳା ଏବଂ ଶିଶୁ ମଧ୍ୟ ରହିଛନ୍ତି। ଆହତମାନଙ୍କୁ ସ୍ଥାନୀୟ କାସରଗୋଡ଼, କନ୍ନୁର, ମଙ୍ଗଲୁରୁ ଆଦି ସହରର ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ପୋଲିସର ତଦନ୍ତ ଜାରି ରହିଛି। ବିନା ଅନୁମତିରେ ବାଣ ଫୁଟାଇ ଗାଇଡ୍‌ଲାଇନ ଉଲ୍ଲଂଘନ କରିଥିବାରୁ ମନ୍ଦିର ପ୍ରଶାସନର ୮ ସଦସ୍ୟଙ୍କ ବିରୋଧରେ ଜାମିନବିହୀନ ଧାରା ଅଧୀନରେ ପୋଲିସ ମାମଲା ରୁଜୁ କରିଛି।



କେରଳର କାସରଗୋଡ଼ ଜିଲା ନିଲେଶ୍ୱରମ୍‌ସ୍ଥିତ ଅଞ୍ଜୁତାମ୍ବଲମ୍ ବିରାରକାବୁ ମନ୍ଦିରରେ ବାର୍ଷିକ କଳିୟାଟ୍ଟମ ଉତ୍ସବ ଚାଲୁଥିବାବେଳେ ଭୟଙ୍କର ବାଣ ବିସ୍ଫୋରଣ ଘଟିଛି।

# ବରିଷ୍ଠ ନାଗରିକଙ୍କ ପାଇଁ ଆୟୁଷ୍ମାନ ଭାରତ ଶୁଭାରମ୍ଭ

**ଯୋଜନା କାର୍ଯ୍ୟକାରୀ କରୁ ନ ଥିବା ଦିଲ୍ଲୀ, ପଶ୍ଚିମବଙ୍ଗ ସରକାରଙ୍କୁ ମୋଦିଙ୍କ ସମାଲୋଚନା**

**ନୂଆଦିଲ୍ଲୀ,୨୯।୧୦(ପି.ଟି.)**

ଦେଶରେ ସ୍ୱାସ୍ଥ୍ୟସେବା ଏବଂ ଭିତ୍ତିଭୂମିର ପ୍ରସାର ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ୯ମ ଆୟୁର୍ବେଦ ଦିବସ ଅବସରରେ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆୟୁର୍ବେଦ (ଏଆଇଆଇଏ)ଠାରେ ୧୨,୮୫୦ କୋଟି ଟଙ୍କା ମୂଲ୍ୟର ଅନେକ ସ୍ୱାସ୍ଥ୍ୟସେବା ପ୍ରକଳ୍ପ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ୭୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ବରିଷ୍ଠ ନାଗରିକଙ୍କ ପାଇଁ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟବୀମା ଯୋଜନାକୁ ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି। ଦେଶବ୍ୟାପୀ ଏମ୍ସ ଏବଂ ଇଏସ୍‌ଆଇସି ହସ୍ପିଟାଲଗୁଡ଼ିକରେ ଅତ୍ୟାଧୁନିକ ସୁବିଧା ଆରମ୍ଭ ହୋଇଛି।




ନୂଆଦିଲ୍ଲୀର ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆୟୁର୍ବେଦଠାରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଜଣେ ହିତାଧିକାରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ରାଜନୈତିକ ସ୍ୱାର୍ଥ ପାଇଁ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ କରୁ ନ ଥିବା ଦିଲ୍ଲୀ ଏବଂ ପଶ୍ଚିମବଙ୍ଗ ସରକାରଙ୍କ ଉପରେ ପ୍ରଧାନମନ୍ତ୍ରୀ ବର୍ଷିଛନ୍ତି। ପରିବର୍ଦ୍ଧିତ ସ୍ୱାସ୍ଥ୍ୟବୀମା କାର୍ଯ୍ୟକ୍ରମରୁ ଏହି ୨ ରାଜ୍ୟର ବରିଷ୍ଠ ନାଗରିକମାନେ ମାଗଣା ଚିକିତ୍ସା ସୁବିଧା ପାଇପାରୁ ନ ଥିବାରୁ ମର୍ମାହତ ବୋଲି ମୋଦି କହିଛନ୍ତି।

# ଦେଶରେ ଏକାଧିପତ୍ୟ ବଞ୍ଚାଅ ସିଣ୍ଡିକେଟ୍ ଚାଲିଛି: ରାହୁଲ

**ନୂଆଦିଲ୍ଲୀ,୨୯।୧୦(ପି.ଟି.)**

**ଆଦାନୀ ଗ୍ରୁପ୍, ନିୟାମକ ସଂସ୍ଥା, ଭାଜପା ମଧ୍ୟରେ ବିପଜ୍ଜନକ ସମ୍ବନ୍ଧ ଅଭିଯୋଗ**

ପୁଞ୍ଜିବଜାର ନିୟନ୍ତ୍ରକ ସେବିର ଅଧ୍ୟକ୍ଷା ମାଧବୀ ପୁରୀ ବୁଚ୍‌ଙ୍କ ବିରୋଧରେ କଂଗ୍ରେସ ମଙ୍ଗଳବାର ସାନି ବ୍ୟକ୍ତିଗତ ସ୍ୱାର୍ଥ ଅଭିଯୋଗ ଆଣିଛି। ଦେଶରେ ଏକ 'ଏକାଧିକାର ବଚାଓ ସିଣ୍ଡିକେଟ୍' କାର୍ଯ୍ୟ କରୁଛି, ଯାହାର କେନ୍ଦ୍ରରେ ଆଦାନୀ ଗ୍ରୁପ୍, ନିୟାମକ ସଂସ୍ଥା ଏବଂ ଭାଜପା ମଧ୍ୟରେ 'ବିପଜ୍ଜନକ ସମ୍ବନ୍ଧ' ରହିଥିବା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେବିର ପବିତ୍ରତାକୁ ନଷ୍ଟ କରିଦେଇଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଅଭିଯୋଗ କରିଛନ୍ତି। ଫଳରେ ଦେଶର କୋଟି କୋଟି କ୍ଷୁଦ୍ର ଏବଂ ମଧ୍ୟମବର୍ଗ ନିବେଶକଙ୍କ କଷ୍ଟୋପାର୍ଜିତ ସଞ୍ଚୟ ବିପଦରେ ପଡ଼ିଥିବା ସେ କହିଛନ୍ତି।



ରାହୁଲ ଗାନ୍ଧୀ

ପ୍ରଧାନମନ୍ତ୍ରୀ ତାଙ୍କ ଦ୍ୱାରା ନିଯୁକ୍ତ କରିଥିବା ଅଧ୍ୟକ୍ଷାଙ୍କ ସମୟରେ ସେବିରେ ସୃଷ୍ଟି ହୋଇଥିବା ଦୁର୍ନୀତିକୁ ଘୋଡ଼ାଇପାରିବେ ନାହିଁ। ମାଧବୀଙ୍କ ବିରୋଧରେ ଗୋଟିଏ ପରେ ଗୋଟିଏ ଦୁର୍ନୀତିର ପର୍ଦ୍ଦାଫାଶ ହେବାରେ ଲାଗିଥିବାରୁ ତାଙ୍କ ପଦବୀରେ ଅସ୍ଥିରତା ସୃଷ୍ଟି ହୋଇଛି। ଏହି ସିଣ୍ଡିକେଟ୍‌ର ପ୍ରତ୍ୟେକ ଦିଗକୁ ତଦନ୍ତ କରିବା ପାଇଁ ଉପଯୁକ୍ତ ଜେପିସିର ଆବଶ୍ୟକତା ରହିଥିବା ଖାର୍ଗେ ଏକ୍ସ'ରେ ଲେଖିଛନ୍ତି।

କଂଗ୍ରେସର ଅଭିଯୋଗ ଅନୁଯାୟୀ, ମାଧବୀ ତାଙ୍କ ସମ୍ପତ୍ତିକୁ ଏକ କମ୍ପାନୀକୁ ଭଡ଼ା ଲଗାଇଛନ୍ତି। ଉକ୍ତ କମ୍ପାନୀ ସହ ସମ୍ପୃକ୍ତ ବ୍ୟକ୍ତିଙ୍କର ଷ୍ଟକ୍ ବଜାର ନିୟନ୍ତ୍ରକଙ୍କ ତଦନ୍ତାଧୀନ ଥିବା ଇଣ୍ଡିଆବୁଲ୍ ଗ୍ରୁପ୍ ସହ ସମ୍ପର୍କ ରହିଛି। ସାନି ଅଭିଯୋଗ ଉପରେ ମାଧବୀ ବୁଚ୍ କିମ୍ବା ଆଦାନୀ ଗ୍ରୁପ୍ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ। କୌଣସି ଭୁଲ୍ କାର୍ଯ୍ୟ ହୋଇଥିବା ଅଭିଯୋଗକୁ ପୂର୍ବରୁ ସେବି ମୁଖ୍ୟ ଏବଂ ଆଦାନୀ ଗ୍ରୁପ୍ ଖଣ୍ଡନ କରିଥିଲେ। ପ୍ରେଡିବଲ୍ ହେଲ୍‌ଥ ପ୍ରାଇଭେଟ୍ ଲିଃ ସହ ମାଧବୀ ସମ୍ପୃକ୍ତ। ସେ ସେବିର ପୂର୍ଣ୍ଣକାଳୀନ ସଦସ୍ୟ ହେବା ସତ୍ତ୍ୱେ ଉକ୍ତ କମ୍ପାନୀରେ ତାଙ୍କର ଶେୟାର ରହିଥିବା ବିରୋଧୀ ଦଳ ଅଭିଯୋଗ କରିଛି।

ଏଆଇସିସି ମୁଖ୍ୟାଳୟରେ କଂଗ୍ରେସର ମିଡିଆ ଓ ପ୍ରଚାର ବିଭାଗ ମୁଖ୍ୟ ପୱନ ଖେରା କହିଛନ୍ତି, ୨୦୨୨ ଅକ୍ଟୋବର ୧୦ରେ ଅନନ୍ତ ନାରାୟଣ ସେବିର ପୂର୍ଣ୍ଣକାଳୀନ ସଦସ୍ୟ ହୋଇଥିଲେ। ସେ ମଧ୍ୟ ମୁମ୍ବାଇରେ ଥିବା ତାଙ୍କ ସମ୍ପତ୍ତିକୁ ଜଣେ ଷ୍ଟକ୍‌ବ୍ରୋକରଙ୍କୁ ଭଡ଼ା ଦେଇ ୬୪.୮ ଲକ୍ଷ ଟଙ୍କା ଭଡ଼ା ପାଇଛନ୍ତି। ଆଇଏମ୍‌ସି ଇଣ୍ଡିଆ ସିକ୍ୟୁରିଟିଜ୍ ନାମକ ବ୍ରୋକ୍‌ରେଜ୍ ଫାର୍ମ ଉକ୍ତ ବ୍ୟକ୍ତିଙ୍କୁ ନିଯୁକ୍ତି ଦେଇଛି। ଆଦାନୀ ଡିଫେନ୍ସ ୱେବ୍‌ସାଇଟ୍ କିପରି ବିଦେଶୀ ନିର୍ମିତ ଅସ୍ତ୍ରର ବ୍ରାଣ୍ଡ ପରିବର୍ତ୍ତନ କରି ଲାଭ ଉଠାଉଛି, ଏକ ଭିଡିଓ ଜରିଆରେ କଂଗ୍ରେସ ଏହାର ପର୍ଦ୍ଦାଫାଶ କରିଛି।

## ଫୁର୍‌ସତ୍

# ଜୀବନରେ ସଞ୍ଚୟ ଜରୁରୀ

**ବିଶ୍ୱ ସଞ୍ଚୟ ଦିବସ**

ଆଜି ସାରା ବିଶ୍ୱରେ ବିଶ୍ୱ ସଞ୍ଚୟ ଦିବସ ପାଳନ କରାଯାଉଛି। ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ସଞ୍ଚୟ ବିଷୟରେ ଅବଗତ କରାଇବା। ଆଜିକାଲି ଲୋକଙ୍କ ଖର୍ଚ୍ଚ ବୃଦ୍ଧି ପାଇଛି। ଆଧୁନିକତା ହେତୁ ଲୋକମାନେ ଇଚ୍ଛା ନ ଥାଇ ମଧ୍ୟ ଅତ୍ୟଧିକ ଖର୍ଚ୍ଚ କରନ୍ତି। ଏହା ଅର୍ଥନୈତିକ ପରିସ୍ଥିତିରେ ଅସନ୍ତୁଳନ ସୃଷ୍ଟି କରେ। ଏଥିପାଇଁ ଅନାବଶ୍ୟକ ଟଙ୍କା ଖର୍ଚ୍ଚ କରିବା ଉଚିତ୍ ନୁହେଁ। ଆଜିର ସଞ୍ଚୟ ଆସନ୍ତାକାଲିର ଭବିଷ୍ୟତକୁ ସହଜରେ ପରିଣତ କରେ। ଏହି ଦୃଷ୍ଟିକୋଣରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ବିଶ୍ୱ ସଞ୍ଚୟ ଦିବସ ପାଳନ କରାଯାଏ।

ଅକ୍ଟୋବର ୩୦, ୧୯୨୪ରେ ଅନ୍ତର୍ଜାତୀୟ ସଞ୍ଚୟ ବ୍ୟାଙ୍କ ଇଟାଲୀର ମିଲାନ ସହରରେ ଆୟୋଜିତ କଂଗ୍ରେସ ଅଧିବେଶନରେ ବିଶ୍ୱ ସଞ୍ଚୟ ଦିବସ ପାଳନ କରିବାକୁ ପଦକ୍ଷେପ ନେଇଥିଲା।



ସେହି ଦିନଠାରୁ ଏହା ପ୍ରତିବର୍ଷ ପାଳନ କରାଯାଉଥିଲା। କିଛି ବର୍ଷ ପରେ, ବିଶ୍ୱର ଅନ୍ୟାନ୍ୟ ଦେଶ ମଧ୍ୟ ବିଶ୍ୱ ସଞ୍ଚୟ ଦିବସ ପାଳନ କରିବା ନିଷ୍ପତ୍ତିକୁ ଗ୍ରହଣ କରିଥିଲେ।

# 'ସିଟାଡେଲ ହନିବନି' ଟ୍ରେଲର ୨ ରିଲିଜ୍

**ମୁମ୍ବାଇ**

ଅଭିନେତା ବରୁଣ ଧାୱନ ଓ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁଙ୍କ 'ସିଟାଡେଲ ହନିବନି' ୱେବ ସିରିଜ୍ ଆସନ୍ତା ନଭେମ୍ବର ୭ରେ ଓଟିଟି ପ୍ଲାଟ୍‌ଫର୍ମ ଆମାଜନ ପ୍ରାଇମରେ ଷ୍ଟ୍ରିମିଂ ହେବାକୁ ଯାଉଛି। ତେବେ ଏହି ସିରିଜ୍‌ର ଦ୍ୱିତୀୟ ଟ୍ରେଲରକୁ ମଙ୍ଗଳବାର ଜାରି କରାଯାଇଛି। ଉକ୍ତ ଟ୍ରେଲରକୁ ବରୁଣ ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଶେୟାର କରିବା ସହ ଏଥିରେ ସାମନ୍ଥାଙ୍କୁ ଟ୍ୟାଗ୍ କରିଛନ୍ତି। ଏହି ସିରିଜର ପ୍ରଥମ ଟ୍ରେଲର ଗତ ୧୫ରେ ରିଲିଜ୍ ହୋଇଥିଲା।

ଟ୍ରେଲରରେ ବରୁଣଙ୍କ ଶୈଳୀ ଏବଂ ଲୁକ୍ ବହୁତ ଭିନ୍ନ ରହିଛି। ଟ୍ରେଲର ଆରମ୍ଭରୁ ବରୁଣଙ୍କ ଧମାକାଦାର ଏଣ୍ଟ୍ରି ରହିଥିବାବେଳେ ସେ ବାଇକ୍ ଷ୍ଟଣ୍ଟ କରୁଥିବା ନଜରକୁ ଆସିଛନ୍ତି। ତେବେ 'ସିଟାଡେଲ ହନିବନି' ୱେବ ସିରିଜ୍‌ର ଏହି ଦ୍ୱିତୀୟ ଟ୍ରେଲରରେ ଉଭୟ ବରୁଣ ଓ ସାମନ୍ଥାଙ୍କର ବହୁ ଆକ୍‌ସନ ଦୃଶ୍ୟ ରହିଛି। ଟ୍ରେଲରରେ ବରୁଣ ଓ ସାମନ୍ଥାଙ୍କର ଅଭିନୟକୁ ଦୁହିଁଙ୍କ ପ୍ରଶଂସକ ଢେର ପସନ୍ଦ କରିଛନ୍ତି।

ଖୁବ୍‌ଶୀଘ୍ର ବରୁଣ ତାଙ୍କ ବାପା ତଥା ପ୍ରସିଦ୍ଧ ଫିଲ୍ମ ନିର୍ଦ୍ଦେଶକ ଡେଭିଡ ଧାୱନଙ୍କ ସହ ଏକ ରୋମାଣ୍ଟିକ୍ ଫିଲ୍ମ କରିବାକୁ ଯାଉଛନ୍ତି। ଏହି ଚଳଚ୍ଚିତ୍ରର ନାମ 'ହେ ଜୱାନି ତୋ ଇସ୍କ ହୋନା ହେ' ରହିଛି। ଏଥିରେ ବରୁଣଙ୍କ ସହ ଅଭିନେତ୍ରୀ ପୂଜା ହେଗ୍‌ଡେ ନଜରକୁ ଆସିବେ। ଅନ୍ୟପକ୍ଷେ ସାମନ୍ଥାଙ୍କୁ ଖୁବ୍‌ଶୀଘ୍ର ତେଲୁଗୁ ଫିଲ୍ମ 'ବନ୍‌ଗରମ'ରେ ଦେଖିବାକୁ ମିଳିବ।



ସାମନ୍ଥା ରୁଥ୍ ପ୍ରଭୁ

# ୧୩ ହଜାର କି.ମି. ସାଇକେଲ ଚଳାଇ ରୋନାଲ୍‌ଡୋଙ୍କୁ ଭେଟିଲେ ପ୍ରଶଂସକ

**ରିୟାଧ୍**

ପ୍ରସିଦ୍ଧ ଫୁଟ୍‌ବଲର ତଥା କିମ୍ବଦନ୍ତୀ କ୍ରୀଡ଼ାବିତ କ୍ରିଷ୍ଟିଆନୋ ରୋନାଲ୍‌ଡୋଙ୍କର ବିଶ୍ୱବ୍ୟାପୀ ପ୍ରଶଂସକ ରହିଛନ୍ତି। ସମ୍ପ୍ରତି ତାଙ୍କୁ ଭେଟିବା ପାଇଁ ଜଣେ ପ୍ରଶଂସକ ସାଇକେଲ ଯୋଗେ ୧୩ ହଜାର କିଲୋମିଟର ଯାତ୍ରା କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛନ୍ତି। ରୋନାଲ୍‌ଡୋଙ୍କର ଗୋଙ୍ଗ୍(୨୪) ନାମକ ଚାଇନାର ଏହି ପ୍ରଶଂସକ ସାଇକେଲ ଯୋଗେ ଚାଇନାରୁ ସାଉଦି ଆରବ ଯାତ୍ରା କରିଥିଲେ। ସେ ନିଜର ଆଦର୍ଶ ଫୁଟ୍‌ବଲରଙ୍କୁ ଭେଟିବାକୁ ସାଇକେଲରେ ୧୩ ହଜାର କି.ମି.ର ଦୂରତ୍ୱ ଅତିକ୍ରମ କରିଥିଲେ। ଏଥିପାଇଁ ତାଙ୍କୁ ପ୍ରାୟ ୭ ମାସ ସମୟ ଲାଗିଥିଲା। ଗୋଙ୍ଗ୍ ଗତ ମାର୍ଚ୍ଚ ୧୮ରେ ନିଜର ଯାତ୍ରା ଆରମ୍ଭ କରିଥିବାବେଳେ ସେ ସୋମବାର ସାଉଦି ଆରବର ଅଲ୍ ନାସର ଫୁଟ୍‌ବଲ୍ କ୍ଲବ ସମ୍ମୁଖରେ ରୋନାଲ୍‌ଡୋଙ୍କୁ ଭେଟିବାର ସୁଯୋଗ ପାଇଥିଲେ। ଏହି ଅବସରରେ ରୋନାଲ୍‌ଡୋ ଗୋଙ୍ଗ୍‌ଙ୍କୁ ନିଜର ଜର୍ସି ଓ ଅଟୋଗ୍ରାଫ୍ ଉପହାରରେ ଦେଇଥିଲେ। ଏହି ସାକ୍ଷାତ୍ ପରେ ସେ ବହୁତ ଖୁସି ଅଛନ୍ତି ବୋଲି ଗୋଙ୍ଗ୍ କହିଛନ୍ତି।



# ଆପଣଙ୍କ ବିଧାୟକଙ୍କୁ ଜାଣନ୍ତୁ

## ବିଭୂତି ଭୂଷଣ ଜେନା-ଗୋପାଳପୁର (ଗଞ୍ଜାମ)



ବ୍ରହ୍ମପୁର ଲୋକ ସଭା କ୍ଷେତ୍ର ଅଧୀନ ଗୋପାଳପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ୨୦୨୪ ନିର୍ବାଚନରେ ଭାଜପା ଟିକେଟରେ ବିଭୂତି ଭୂଷଣ ଜେନା ପ୍ରଥମ ଥର ପାଇଁ ବିଧାୟକ ହୋଇ ମନ୍ତ୍ରୀ ହୋଇଛନ୍ତି। ସେ ବିଜେଡିର ପୁରୁଖା ନେତା ତଥା ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କୁ ୯,୦୬୨ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି।

ଗୋପାଳପୁର ନିର୍ବାଚନମଣ୍ଡଳୀ ରଙ୍ଗେଇଲୁଣ୍ଡା ବ୍ଲକ ଗୋଳନ୍ଥରାରେ ୧୯୬୭ ମେ ୨୭ରେ ବିଭୂତିଙ୍କ ଜନ୍ମ। ପିତା ସ୍ୱର୍ଗତ ଅଧିକାରୀ ନିତ୍ୟାନନ୍ଦ ଜେନା ଓ ମାତା କେତକୀ ଜେନାଙ୍କ ସେ ତୃତୀୟ ସନ୍ତାନ। ଗାଁର ଦଣ୍ଡାସି ପ୍ରଧାନ ପ୍ରାଥମିକ ସ୍କୁଲରେ ପ୍ରାଥମିକ ଶିକ୍ଷା ଓ ବିଶ୍ୱନାଥ ହାଇ ଆଣ୍ଡ୍ ଟେକ୍ନିକାଲ ସ୍କୁଲରୁ ମାଟ୍ରିକ୍ ପାସ୍ କରିଥିଲେ। ପରେ ଗଞ୍ଜାମ କଲେଜରୁ ବିଜ୍ଞାନରେ ଇଣ୍ଟର ମିଡିଏଟ୍ ଡିଗ୍ରୀ ହାସଲ କରିଥିଲେ। ପିତା ଜଣେ ଚାଷୀ ଥିଲେ। ନିମ୍ନମଧ୍ୟବିତ୍ତ ପରିବାରରେ ବଢ଼ିଥିଲେ। ଗାଁରେ ଅନେକ ଗୋଷ୍ଠୀଗତ କାର୍ଯ୍ୟ କରିବା, ପ୍ରୌଢ଼ ଶିକ୍ଷା ଦେବା, ଛୋଟ ପିଲାଙ୍କୁ ଟ୍ୟୁଶନ କରିବା ସମୟରୁ ହିଁ ତାଙ୍କ ମନରେ ଜନସେବା ପ୍ରତି ଆଗ୍ରହ ଜନ୍ମିଥିଲା। କଲେଜ ଶିକ୍ଷା ଚାଲିଥିବା ସମୟରେ ସେ 'ପଲ୍ଲୀ ପାଠାଗାର'ର ସମ୍ପାଦକ ହୋଇଥିଲେ। ୧୯୯୨ରେ ଗାଁ ଲୋକଙ୍କ ସମର୍ଥନରେ ଗୋଳନ୍ଥରା ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ନିର୍ବାଚନ ଲଢ଼ି ହାରିଯାଇଥିଲେ। ପରେ ୧୯୯୭ରେ ସେ ସରପଞ୍ଚ ନିର୍ବାଚିତ ହୋଇଥିଲେ। ୨୦୦୨ରେ ଜିଲା ପରିଷଦ ସଭ୍ୟ ଭାବେ ୫୩ ନଂ. ଜୋନ୍‌ରୁ ବିଜୟୀ ହୋଇଥିଲେ। ତା'ପରେ ୨୦୦୯ରେ ଭାଜପା ଟିକେଟରେ ବିଧାୟକ ନିର୍ବାଚନ ଲଢ଼ିଥିଲେ। ବିଜେଡିରୁ ଲଢ଼ିଥିବା ପ୍ରଦୀପ କୁମାର ପାଣିଗ୍ରାହୀଙ୍କଠାରୁ ସେ ପରାସ୍ତ ହୋଇଥିଲେ। ୨୦୧୪ରେ ପୁଣି ପ୍ରଦୀପଙ୍କ ସହିତ ନିର୍ବାଚନ ଟକ୍କର ହୋଇଥିଲା। ସେଥିରେ ବି ପରାଜୟ ବରଣ କରିଥିଲେ। ୨୦୧୯ରେ ପୁଣି ଭାଜପା ଟିକେଟରେ ଲଢ଼ିଥିଲେ ମଧ୍ୟ ପ୍ରଦୀପଙ୍କଠାରୁ ଅତି କମ୍ ଭୋଟରେ ହାରିଯାଇଥିଲେ। ୨୦୨୪ ନିର୍ବାଚନରେ ଭାଜପା ଟିକେଟରେ ଲଢ଼ି ବିଜେଡିର ପୁରୁଖା ନେତା ବିକ୍ରମ କୁମାର ପଣ୍ଡାଙ୍କୁ ପରାସ୍ତ କରି ବିଧାୟକ ହୋଇଛନ୍ତି।

**ବିଧାୟକ କହନ୍ତି:**

ଲୋକଙ୍କ ସମର୍ଥନରେ ସବୁ ସମ୍ଭବ ହୋଇଛି । ଏବେ ସେ ରାଜ୍ୟ ସରକାରରେ ଶିଳ୍ପ, ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ହୋଇଛନ୍ତି। ନିଜ ଲକ୍ଷ୍ୟ ସମ୍ପର୍କରେ କହନ୍ତି, ପ୍ରଥମରୁ ଜନସେବାରେ ନିଜକୁ ନିୟୋଜିତ କରିଥିଲେ। ନିର୍ବାଚନ ହାରିବା, ଜିତିବା ପଛ, ଲୋକସେବା ଆଗ। ଏବେ ବି ଏହା ଜାରି ରହିଛି। ବର୍ତ୍ତମାନ ମନ୍ତ୍ରୀ ପଦ ମିଳିଛି। ସୁଚାରୁ ରୂପେ ଦାୟିତ୍ୱ ସମ୍ପାଦନ କରି ଆସୁଛି। ଅଞ୍ଚଳର ବିକାଶ ସହିତ ରାଜ୍ୟର ବିକାଶ କରିବା ଲକ୍ଷ୍ୟ ରହିଛି। ଆଗାମୀ ଦିନରେ ଓଡ଼ିଶା କିଭଳି ସୁନାର ଓଡ଼ିଶା ହେବ ତାକୁ ନେଇ ଦଳୀୟ ଯୋଜନା ଜାରି ରହିଛି।

**ରିପୋର୍ଟ: ଅଶୋକ କୁମାର ସାହୁ, ବ୍ରହ୍ମପୁର**

# ଗୋଟିଏ ହୁଇସିଲ୍‌ରେ ବିଜେଡି ଭାଙ୍ଗିଯିବ: ଜୟନାରାୟଣ

- ଆଜି ନିର୍ବାଚନ ହେଲେ ବିଜେଡି ୧୪୦ ଆସନରେ ଜିତିବ: ପ୍ରମିଳା
- ଆଗକୁ ଆହୁରି ନେତା ବିଜେଡି ଛାଡ଼ି ଭାଜପାରେ ମିଶିବେ: କୃଷ୍ଣ ପାତ୍ର

ଭୁବନେଶ୍ୱର,୨୯।୧୦(ସୁନିତ୍ ମିଶ୍ର)



ଜୟନାରାୟଣ ମିଶ୍ର



ପ୍ରମିଳା ମଲ୍ଲିକ

ରାଜ୍ୟରେ କେଉଁ ଦଳ ୧ ନମ୍ବର ହୋଇ ରହିଛି ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ପ୍ରସଙ୍ଗରେ ବିଜେଡି-ଭାଜପା ନେତା ମୁହାଁମୁହିଁ ହୋଇଛନ୍ତି। ବର୍ତ୍ତମାନ ନିର୍ବାଚନ ହେଲେ ବିଜେଡି ରାଜ୍ୟରେ ୧୪୦ ଆସନ ଜିତିବ ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିବା ପରେ ଏହି ପ୍ରସଙ୍ଗରେ ଭାଜପା ମୁହଁ ଖୋଲିଛି। ପ୍ରମିଳାଙ୍କୁ ଖୋଲା ଚ୍ୟାଲେଞ୍ଜ ଦେଇ ଭାଜପାର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ୧୪୦ ତ ଅଲଗା କଥା, ୪୦ ସିଟ୍‌ରେ ଜିତିକି ଦେଖାନ୍ତୁ। ବିଜେଡି ଆଗାମୀ ଦିନରେ ରହିବ କି ନାହିଁ ସେକଥା ଚିନ୍ତା କରନ୍ତୁ। ତାଙ୍କର ୨ ସାଂସଦ ଆସିଲେଣି। ଜିଲାସ୍ତରରେ ଗଣ୍ଡଗୋଳ ଲାଗି ରହିଛି। ବିଜେଡିକୁ କିଭଳି ସମ୍ଭାଳି ରଖିବେ ସେକଥା ଚିନ୍ତା କରନ୍ତୁ। ଆଜି ଗୋଟିଏ ହୁଇସିଲ୍ ମାରିଲେ ବିଜେଡି ଭାଙ୍ଗିଯିବ ବୋଲି ଜୟନାରାୟଣ କହିଛନ୍ତି।

ପ୍ରମିଳାଙ୍କ ମନ୍ତବ୍ୟକୁ ନେଇ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ଓଡ଼ିଶାରେ ଗୋଟିଏ ଦଳ ରହିବ। ରାଜ୍ୟରେ ଆଉ ବିଜେଡିର ସ୍ଥାନ ନାହିଁ। ଧୀରେ ଧୀରେ ବିଜେଡି ନେତା ଓ କର୍ମୀ ଦଳ ଛାଡ଼ିବା ଆରମ୍ଭ କରିଛନ୍ତି। ଆଗକୁ ଆହୁରି ଅନେକ ନେତା ବିଜେଡି ଛାଡ଼ି ଭାଜପାରେ ମିଶିବେ ବୋଲି ମନ୍ତ୍ରୀ ପାତ୍ର କହିଛନ୍ତି। ପ୍ରମିଳା ଗଣମାଧ୍ୟମ ଆଗରେ କହିଥିଲେ, ବିଜେଡି ଆଜି ମଧ୍ୟ ରାଜ୍ୟରେ ୧ ନମ୍ବର ଦଳ। ବର୍ତ୍ତମାନ ନିର୍ବାଚନ ହେଲେ ବିଜେଡି ୧୪୦ ଆସନରେ ଜିତିବ। ତାଙ୍କ ଦଳରେ କେହି ବିକ୍ଷୋଦ୍‌ଗାର କରୁନାହାନ୍ତି। ପ୍ରସନ୍ନ ପାଟଶାଣୀ କେବେଠାରୁ ଭାଜପାକୁ ପଳାଇଲେଣି। ଭାଜପା ଆଗେ ତାଙ୍କ ଅବସ୍ଥା ସମ୍ଭାଳନ୍ତୁ ବୋଲି ପ୍ରମିଳା କହିଛନ୍ତି।

# ସରକାରୀ କାର୍ଯ୍ୟକ୍ରମରେ ଭାଜପା ପ୍ରଚାର ଗୀତ

## ଭୋଟର ସଚେତନତା ପଥ ଉତ୍ସବ

ପଦ୍ମପୁର,୨୯।୧୦(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡରେ ଭୋଟର ସଚେତନତା ଅବସରରେ ମଙ୍ଗଳବାର ପଥ ଉତ୍ସବ ଅନୁଷ୍ଠିତ ହୋଇଥିଲା। ତେବେ ଏଭଳି ଏକ କାର୍ଯ୍ୟକ୍ରମରେ ପରିବେଷିତ ସମ୍ବଲପୁରୀ ଦଳଗତ ନୃତ୍ୟରେ ଭାଜପାର ଦଳୀୟ ଚିହ୍ନ ସହିତ ଦଳର ପ୍ରଚାର ଆଧାରିତ ଗୀତ ବାଜିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଅବଶ୍ୟ ଗୀତ ବାଜିବାର କିଛି ସମୟ ପରେ ତାକୁ ବନ୍ଦ କରି ଦିଆଯାଇଥିଲା। ଏ ସମ୍ପର୍କରେ ମତାମତ ନେବା ପାଇଁ ପଦ୍ମପୁର ଅତିରିକ୍ତ ଜିଲାପାଳ କୁନାଲ ମୋତିରାମ ଚୌହାନଙ୍କୁ ତାଙ୍କ ମୋବାଇଲ ନମ୍ବର ୮୬୬୯୦୧୧୮୫୨ରେ ଯୋଗାଯୋଗ କରିବାରୁ ସେ ଫୋନ୍ ଉଠାଇ ନ ଥିଲେ।

ଏହି କାର୍ଯ୍ୟକ୍ରମ ଅବସରରେ ସକାଳ ୭ଟାରେ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ମଧ୍ୟରେ ରଙ୍ଗୋଲି କାର୍ଯ୍ୟକ୍ରମ ହୋଇଥିଲା। ଭୋଟର ସଚେତନତା ଶୋଭାଯାତ୍ରାରେ ବିଭିନ୍ନ ସ୍କୁଲ, କଲେଜର ଛାତ୍ରୀଛାତ୍ର, ଅନୁଷ୍ଠାନର କର୍ମକର୍ତ୍ତା, ଅଙ୍ଗନୱାଡି କର୍ମୀ, ବିଭିନ୍ନ କାର୍ଯ୍ୟାଳୟର କର୍ମଚାରୀ ଏବଂ ଜନସାଧାରଣ ସାମିଲ ହୋଇଥିଲେ। ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଭେଡ଼ଁରିଆ ଛକରେ କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ଦଳଗତ ନୃତ୍ୟ, ସଙ୍ଗୀତ, ପଥପ୍ରାନ୍ତ ନାଟକ ସହିତ ନିର୍ବାଚନ ସମ୍ପର୍କୀତ କୁଇଜ ପ୍ରତିଯୋଗିତା ହୋଇଥିଲା। ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଦଳଗତ ନୃତ୍ୟ, ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହା ପୂର୍ବରୁ ସ୍ଲୋଗାନ, ରିଲ୍ସ, ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପଦ୍ମପୁର ଅତିରିକ୍ତ ଜିଲାପାଳ କୁନାଲ ମୋତିରାମ ଚୌହାନ, ଉପଜିଲାପାଳ ସ୍ନେହା ଅରୁଗୁଲା, ସହକାରୀ ଉପଜିଲାପାଳ ସନ୍ତୋଷ କୁମାର ପତି, ନିତୁଶ୍ରୀ ମେହେର ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ଥାନା ଘେରାଉ କରି ଭାଜପାର ବିକ୍ଷୋଭ



ଭାଜପା ପକ୍ଷରୁ ପାଲଲହଡ଼ା ଥାନା ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ପାଲଲହଡ଼ା,୨୯।୧୦ (ଦିବ୍ୟଜ୍ୟୋତି ଦାଶ)

## ଉଦ୍‌ଘାଟନ ପୂର୍ବରୁ ଫଳକ ଭଙ୍ଗା ଏବଂ କର୍ମୀଙ୍କୁ ମାଡ଼ ଘଟଣାର ପ୍ରତିବାଦ

ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ତଥା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ ରବିବାର ପାଲଲହଡ଼ା ଗସ୍ତରେ ଆସି ବିଭିନ୍ନ ଉନ୍ନୟନ କାର୍ଯ୍ୟର ଉଦ୍‌ଘାଟନ କରିବା ପୂର୍ବରୁ ପାଲଲହଡ଼ା ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାଏକ କେତେକ ଉଦ୍‌ଘାଟନ ପ୍ରକଳ୍ପର ଫଳକ ଭାଙ୍ଗି ଦେଇଥିଲେ। ଏହି ସମୟରେ କେତେଜଣ ବିଜେଡି କର୍ମୀ ସେଠାରେ ଉପସ୍ଥିତ ଭାଜପା କର୍ମୀଙ୍କୁ ମାଡ଼ ମାରିଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଥିଲା। ଉଭୟ ଘଟଣାରେ ପୋଲିସ ଦୋଷୀଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ କରି ମଙ୍ଗଳବାର ଭାଜପା ପକ୍ଷରୁ ପାଲଲହଡ଼ା ଥାନା ଘେରାଉ କରାଯିବା ସହିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସୋମବାର ଏ ନେଇ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ଦୋଷୀଙ୍କୁ ୨୪ ଘଣ୍ଟା ମଧ୍ୟରେ ଗିରଫ କରା ନ ଗଲେ ଥାନା ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ମାତ୍ର ପୋଲିସ କାହାରିକୁ ଗିରଫ କରିପାରି ନ ଥିବାରୁ ଚେତାବନୀ ଅନୁସାରେ ଭାଜପା ଯୁବମୋର୍ଚ୍ଚାର ଶତାଧିକ କର୍ମୀ ଥାନା ଘେରାଉ କରି ପୋଲିସ ବିରୋଧରେ ସ୍ଲୋଗାନ ଦେବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ଅଭିଯୁକ୍ତଙ୍କ ଗିରଫ ପାଇଁ ଅଡି ବସିଥିଲେ। ଏହା ନ ହେଲେ ପୋଲିସର ଅବହେଳା ପାଇଁ ଆଗକୁ ପାଲଲହଡ଼ା ବନ୍ଦ କରାଯିବ ବୋଲି ଚେତାବନୀ ଦେଇଥିଲେ। ଏହି ବିକ୍ଷୋଭ ବେଳେ ଭାଜପା ମଣ୍ଡଳ ସଭାପତି ପଞ୍ଚାନନ ସାହୁ, ପ୍ରଭାରୀ ଆଶିଷ ସାମଲ, ଅର୍ଜୁନ ମାଝୀ, ବରିଷ୍ଠ ନେତା ମନୋଜ କୁମାର ସାହୁ, ଯୁବମୋର୍ଚ୍ଚା ସଭାପତି ହିମାଂଶୁ ନହରା, ଶଶିକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

# ମିଥ୍ୟା ମାମଲା ପାଇଁ ଚାପ: ବିଜେଡି

ପାଲଲହଡ଼ା,୨୯।୧୦ (ଦିବ୍ୟଜ୍ୟୋତି ଦାଶ)



ଖବରଦାତା ସମ୍ମିଳନୀରେ ବିଜେଡି କର୍ମକର୍ତ୍ତାମାନେ।

ମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ ପୂର୍ବରୁ ଉନ୍ନୟନ କାର୍ଯ୍ୟର ଫଳକ ଭାଙ୍ଗିବା ଓ ଭାଜପା କର୍ମୀଙ୍କୁ ବିଜେଡି କର୍ମୀ ମାଡ଼ ମାରିଥିବା ଅଭିଯୋଗ କରି ମଙ୍ଗଳବାର ଭାଜପା ପକ୍ଷରୁ ପାଲଲହଡ଼ା ଥାନା ଘେରାଉ କରାଯାଇଥିବା ବେଳେ ବିଜେଡି ଏହାକୁ ସମାଲୋଚନା କରିଛି। ବିଜେଡି କର୍ମୀଙ୍କ ବିରୋଧରେ ମିଥ୍ୟା ମାମଲା ପାଇଁ ଭାଜପା ପୋଲିସ ଉପରେ ଚାପ ସୃଷ୍ଟି କରିବାକୁ ଏପରି କରୁଥିବା ବିଜେଡି ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ କୁହାଯାଇଛି। ପଞ୍ଚାୟତ ଭବନଠାରେ ଅନୁଷ୍ଠିତ ବିଜେଡିର ଏହି ଖବରଦାତା ସମ୍ମିଳନୀରେ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାଏକ କହିଛନ୍ତି, ତାଙ୍କୁ ଜାଣିଶୁଣି ଭାଜପା ବିଧାୟକ ଅପମାନିତ କରିବାକୁ ରବିବାର ଫଳକ ଉଦ୍‌ଘାଟନ କରିବା ପାଇଁ ଆସିଥିଲେ। ସେଦିନ ଗଜଲକ୍ଷ୍ମୀ ପୂଜାର ବିସର୍ଜନ ଥିବାରୁ କୋଉଠି କ'ଣ ଗଣ୍ଡଗୋଳ ହେଇଥିବ, ସେଥିରେ ବିଜେଡି କର୍ମୀଙ୍କ କୌଣସି ହାତ ନାହିଁ। ପୂର୍ବତନ ବିଧାୟକ ମୁକେଶ ପାଲଙ୍କୁ ଅଯଥାରେ ବଦନାମ କରିବା ପାଇଁ ଭାଜପା ଅପଚେଷ୍ଟା ଚଳାଇଛି। ବିଜେଡି କର୍ମୀମାନଙ୍କୁ ମିଥ୍ୟା ମାମଲାରେ ଫସାଇବା ପାଇଁ ପୋଲିସ ଉପରେ ଚାପ ସୃଷ୍ଟି କରାଯାଉଛି। ଯଦି ଏଥିରୁ ଭାଜପା ନେତାମାନେ କ୍ଷାନ୍ତ ନ ରୁହନ୍ତି ତେବେ ବିଜେଡି ରାସ୍ତାକୁ ଓହ୍ଲାଇବ ବୋଲି ବିଜେଡି ଜିଲା ଉପସଭାପତି ନରେନ୍ଦ୍ର ଭୁକ୍ତା କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସଂଗ୍ରାମ ମିଶ୍ର, ଲକ୍ଷ୍ମୀଧର ବିଶ୍ୱାଳ, ବ୍ଲକ ବିଜେଡି ସଭାପତି ଗଙ୍ଗାଧର ଜିତ ଏବଂ ପୂର୍ବତନ ବ୍ଲକ ଅଧ୍ୟକ୍ଷ ନବକିଶୋର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ୩ ପ୍ରସ୍ତାବ ଉପରେ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀକାନ୍ତଙ୍କ ଚିଠି

ଭୁବନେଶ୍ୱର,୨୯।୧୦(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମଙ୍ଗଳବାର ଚିଠି ଲେଖି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା କଂଗ୍ରେସ ନେତା ଶ୍ରୀକାନ୍ତ ଜେନା ୩ଟି ପ୍ରସ୍ତାବ ଦେଇ ସେଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଶ୍ରୀକାନ୍ତ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ୧୯୨୧ରେ ମହାତ୍ମା ଗାନ୍ଧୀ ତାଙ୍କ ପ୍ରଥମ ଓଡ଼ିଶା ଗସ୍ତରୁ ଫେରି ବମ୍ବେଠାରେ ଓଡ଼ିଶାର ଗରିବୀ ସମ୍ପର୍କରେ ଉଲ୍ଲେଖକରି ଅତ୍ୟନ୍ତ ଦୁଃଖ ପ୍ରକାଶ କରିଥିଲେ। ସମ୍ପଦଭରା ଓଡ଼ିଶାର ଗରିବୀ ତାଙ୍କୁ ବ୍ୟଥିତ କରିଥିଲା । ୧୦୦ ବର୍ଷ ପରେ ବି ଆଜି ଓଡ଼ିଶା ଦେଶରେ ସବୁଠୁ ପଛୁଆ ରାଜ୍ୟ ଭାବେ ପରିଗଣିତ। ପ୍ରଚୁର ଖଣିଜ ସମ୍ପଦ କିଛି ମୁଷ୍ଟିମେୟ ଶିଳ୍ପପତିଙ୍କ ଲୁଟ୍‌ରେ ପରିଣତ ହୋଇଛି। ମଦ ପ୍ରଚଳନରେ ଅନ୍ୟ ରାଜ୍ୟ ତୁଳନାରେ ଆମେ ବହୁ ଆଗରେ । ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ପଛୁଆ ବର୍ଗ ଏବଂ ସଂଖ୍ୟାଲଘୁ ଯେଉଁମାନଙ୍କ ସଂଖ୍ୟା ରାଜ୍ୟରେ ୯୪% ସେମାନଙ୍କୁ ତାଙ୍କର ସାମ୍ବିଧାନିକ ଅଧିକାର, ସଂରକ୍ଷଣ ଓ ଅନ୍ୟାନ୍ୟ ସୁବିଧାରୁ ବଞ୍ଚିତ କରାଯାଇଛି। ଅନ୍ୟ ରାଜ୍ୟ ଭଳି ଏଠାରେ ସମସ୍ତ ଚାଷୀଙ୍କ ପାଇଁ ୧୦ ହର୍ସ ପାୱାର ପର୍ଯ୍ୟନ୍ତ ମାଗଣା ବିଜୁଳି ଯୋଗାଣ ଓ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ସମସ୍ତ ଘରୋଇ ଉପଭୋକ୍ତାଙ୍କୁ ଦିଆଯାଉ। ରାଜ୍ୟକୁ ସମ୍ପୂର୍ଣ୍ଣ 'ମଦମୁକ୍ତ' କରାଯାଉ । 'ମଦରୁ ମୁକ୍ତି ଗରିବୀରୁ ମୁକ୍ତି' । ସାମାଜିକ ନ୍ୟାୟ ପ୍ରତିଷ୍ଠା ପାଇଁ ରାଜ୍ୟର ୯୪ % ଲୋକଙ୍କୁ ତାଙ୍କର ସାମ୍ବିଧାନିକ ଅଧିକାର (ଶିକ୍ଷା ଓ ଚାକିରିରେ ସଂରକ୍ଷଣ) ଦେବା ସଙ୍ଗେ ସଙ୍ଗେ 'ଜାତିଭିତ୍ତିକ ଜନଗଣନା' ରାଜ୍ୟରେ ତୁରନ୍ତ ଆରମ୍ଭ ହେଉ ବୋଲି ସେ ଅନୁରୋଧ କରିଛନ୍ତି।

# ସରପଞ୍ଚଙ୍କ ବିରୋଧରେ ୱାର୍ଡସଭ୍ୟଙ୍କ ଅନାସ୍ଥା ପ୍ରସ୍ତାବ

ଭବାନୀପାଟଣା,୨୯।୧୦ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତର ସରପଞ୍ଚ ବୈଦେହୀ ମାଝିଙ୍କ ନାଁରେ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି ସ୍ଥାନୀୟ ୱାର୍ଡ ସଭ୍ୟାସଭ୍ୟ। ସରପଞ୍ଚ ପଞ୍ଚାୟତ ଆଇନର ଖୋଲାଖୋଲି ଉଲ୍ଲଂଘନ କରିବା ସହିତ ବିଭିନ୍ନ ଆର୍ଥିକ ଅନିୟମିତତା, ଦୁର୍ନୀତିରେ ସମ୍ପୃକ୍ତ ରହିବା, ତାଙ୍କ ସ୍ୱାମୀ ପଞ୍ଚାୟତ କାର୍ଯ୍ୟରେ ହସ୍ତକ୍ଷେପ କରିବା, ଉନ୍ନୟନମୂଳକ କାର୍ଯ୍ୟରେ ଅବହେଳା, ୱାର୍ଡ ସଭ୍ୟାସଭ୍ୟଙ୍କୁ ଅଣଦେଖା କରିବା, ମାସିକ ବୈଠକ ଡାକିବାରେ ଅବହେଳା କରିବା ଆଦି ଅଭିଯୋଗ ଆଣିଛନ୍ତି। ଏସବୁ ଅଭିଯୋଗ ନେଇ ସ୍ଥାନୀୟ ନାଏବ ସରପଞ୍ଚ ସଞ୍ଜୀବ କୁମାର ପଣ୍ଡାଙ୍କ ନେତୃତ୍ୱରେ ୧୦ରୁ ଅଧିକ ୱାର୍ଡ ସଭ୍ୟାସଭ୍ୟ କଳାହାଣ୍ଡି ଜିଲାପାଳ ସଚିନ ପାୱାର ପ୍ରକାଶ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡ଼ା, ଜିଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଲାଞ୍ଜିଗଡ ବିଡିଓ ଶଶାଙ୍କ ପାତ୍ରଙ୍କୁ ଦାବିପତ୍ର ଦେବା ସହିତ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ଅନୁରୋଧ କରିଛନ୍ତି। ତେବେ ସରପଞ୍ଚ ମାଝି ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ତାଙ୍କୁ ବଦ୍‌ନାମ କରିବା ପାଇଁ ଏପରି ଷଡ଼ଯନ୍ତ୍ର କରାଯାଉଛି ବୋଲି କହିଛନ୍ତି।




ଉପଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ୱାର୍ଡ ସଭ୍ୟାସଭ୍ୟ।

# ଭାଜପାରେ ମିଶିଲେ ଗଁଦିଆ ବ୍ଲକ ଅଧ୍ୟକ୍ଷା

## ବିଜେଡିରୁ ନିଲମ୍ବିତ ହୋଇଥିଲେ

ଢେଙ୍କାନାଳ,୨୯।୧୦(ରତନ ନାୟାର)




ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ ରାଜ୍ୟ ଭାଜପା କାର୍ଯ୍ୟାଳୟରେ ସଭାପତି ମନମୋହନ ସାମଲ ଓ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଉପସ୍ଥିତିରେ ସାମିଲ୍ ହୋଇଛନ୍ତି।

ଢେଙ୍କାନାଳ ଜିଲା ଗଁଦିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ଖଟୁଆଙ୍କୁ ମଙ୍ଗଳବାର ଦଳବିରୋଧୀ କାର୍ଯ୍ୟ ପାଇଁ ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକ ନିଲମ୍ବନ କରିଛନ୍ତି। ନିଲମ୍ବନ ପରେ ରୀନାରାଣୀ ଭୁବନେଶ୍ୱରଠାରେ ଭାଜପାରେ ଯୋଗଦେଇଛନ୍ତି। ସେ ନିଜର ସମର୍ଥକମାନଙ୍କ ସହ ଭାଜପାରେ ଯୋଗଦେଇଛନ୍ତି। ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଓ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଉପସ୍ଥିତିରେ ରୀନାରାଣୀ ନିଜ ସମର୍ଥକଙ୍କ ସହ ଭାଜପାରେ ଯୋଗ ଦେଇଛନ୍ତି। ଏହି ଅବସରରେ ଢେଙ୍କାନାଳ ଜିଲାର ବରିଷ୍ଠ ଭାଜପା ନେତା ରାମଚନ୍ଦ୍ର ପାତ୍ର ମଧ୍ୟ ଉପସ୍ଥିତ ଥିଲେ। ରୀନାରାଣୀ କହିଛନ୍ତି, ବିଜେଡିର ଗଁଦିଆ ବ୍ଲକ ଅଧ୍ୟକ୍ଷା ଭାବେ ମୁଁ ମନ୍ତ୍ରୀଙ୍କୁ ବିରୋଧ କରିବା ପାଇଁ ଗଁଦିଆରେ ଏକମାତ୍ର ଲୋକ ଥିଲି। କିନ୍ତୁ ବିଜେଡିରେ ଯିଏ ଆମ ମୁରବି, ସିଏ ଆମ ସାଥି ଦେଲେନାହିଁ। ମୁଁ ଜଣେ ମହିଳା ହୋଇ ବହୁ ସଂଘର୍ଷ କରିଛି। ବହୁ ସମସ୍ୟା ଭିତରେ ଗତି କରିଛି। ଯିଏ ମୁରବି ଥିଲେ ସେ ଦିନେହେଲେ ବ୍ଲକ କାର୍ଯ୍ୟାଳୟକୁ ଆସିଲେ ନାହିଁ। ଏଭଳି ବହୁ କଥା ଅଛି। ତେଣୁ ବର୍ତ୍ତମାନ ମନ୍ତ୍ରୀଙ୍କ ନେତୃତ୍ୱରେ ଆମେ ୭ଜଣ ସମିତିସଭ୍ୟ ଏବଂ ଆଉ କିଛି ସରପଞ୍ଚ ଭାଜପାରେ ଯୋଗଦେଇଛୁ। ବିଜେଡିର ବରିଷ୍ଠ ନେତା ତଥା ଢେଙ୍କାନାଳର ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ କହିଛନ୍ତି, ରାଜନୀତି ପରିପ୍ରେକ୍ଷୀରେ ବହୁତ ନେତା ଆସିଛନ୍ତି, ଯାଇଛନ୍ତି। ଗତ ନିର୍ବାଚନରେ ଲୋକେ ଆମକୁ ପୂର୍ଣ୍ଣ ସମର୍ଥନ ଦେଇ ନ ଥିଲେ ମଧ୍ୟ ଆମର ସଂଗଠନ ଜାରି ରହିଛି। ରୀନାରାଣୀ ଦୀର୍ଘ ୧୫ଦିନ ହେଲାଣି ଭାଜପା ସହ ଯୋଗାଯୋଗରେ ଥିଲେ। ଜାଣିବା ପରେ ଆମେ ବହୁତ ବୁଝାଇଥିଲୁ। ସେ ନିଜ ସ୍ୱାର୍ଥ ପାଇଁ ଦଳ ଛାଡ଼ିଛନ୍ତି। ଗଁଦିଆ ବ୍ଲକ ଜନସାଧାରଣ ଆମ ସହ ଅଛନ୍ତି। ବିଜେଡି ଅଛି, ରହିବ। ଯାହାର ସଂଗଠନ ନ ଥାଏ, ସେ ଅନ୍ୟ ଦଳର ନେତାଙ୍କୁ ଖୋଜେ। କିଏ ଡରିକି ଯାଉଛି ତ କିଏ ନିଜର ବ୍ୟବସାୟ ପାଇଁ ଯାଉଥିବ। ୨୦୨୦ରୁ ୨୦୨୪ ମଧ୍ୟରେ ମୋ ରାଜନୀତି କ୍ୟାରିୟରରେ ମୁଁ ଗଁଦିଆ ବ୍ଲକ ଅଞ୍ଚଳ ପାଇଁ ଯେତିକି ସମୟ ଦେଇଛି, ଏତେ ସମୟ ଆଉ କେଉଁଠି ଦେଇନାହିଁ। ଆଗାମୀ ପଞ୍ଚାୟତ ନିର୍ବାଚନରେ ଏହାର କୌଣସି ଫରକ ପଡିବ ନାହିଁ। ତାଙ୍କର ଦଳବିରୋଧୀ କାର୍ଯ୍ୟ ଜାଣିବା ପରେ ରାଜ୍ୟ ବିଜେଡି ସଭାପତି ତାଙ୍କୁ ଦଳରୁ ନିଲମ୍ବିତ କରିଛନ୍ତି ବୋଲି ପୂର୍ବତନ ବିଧାୟକ କହିଛନ୍ତି।

# ବାତ୍ୟା ପ୍ରଭାବରେ ବଟର ନୋଜ୍ ଡଲ୍‌ଫିନ ମୃତ


ଜମ୍ବୁ ସଂରକ୍ଷିତ ଅଞ୍ଚଳ ଗୋବରୀ ନଦୀ ମାଉଥ ଚଟକା ହ୍ରଦରେ ମୃତ ଡଲଫିନ।

■ ଜମ୍ବୁ ଗୋବରୀ ମାଉଥ ଚଟକା ହ୍ରଦରେ ଲାଗିଲା
■ ବ୍ୟବଚ୍ଛେଦ ପରେ ପୋତାଗଲା

ମହାକାଳପଡ଼ା, ୨୯।୧୦ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ଦାନା ପ୍ରଭାବରେ ଉଚ୍ଚ ଜୁଆର ମାଡ଼ି ଆସିଥିଲା। ଏହି ଉଚ୍ଚ ଜୁଆରରେ ଏକ ବିରଳ ବଟର ନୋଜ୍ ପ୍ରଜାତିର ଡଲଫିନ କୂଳକୁ ଆସିଥିଲା। ସାମୁଦ୍ରିକ ଜୁଆର ଛାଡ଼ି ଯିବା ପରେ ସୋମବାର କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଜମ୍ବୁ ଗୋବରୀ ମାଉଥ ସମୁଦ୍ର ମୁହାଣ ସନ୍ନିକଟ ଚଟକା ହ୍ରଦରେ ଡଲଫିନ ମୃତ ଅବସ୍ଥାରେ ପଡ଼ି ରହିଥିଲା। ଖବରପାଇ ବନ ବିଭାଗ କର୍ମଚାରୀ ମଙ୍ଗଳବାର ପହଞ୍ଚି ଉଦ୍ଧାର କରିଥିଲେ। ପରେ ମହାକାଳପଡ଼ା ପ୍ରାଣୀ ଚିକିତ୍ସକ ଟିମ୍ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ କରି ନିକଟରେ ମାଟି ଖୋଳି ପୋତି ଦେଇଛନ୍ତି। ମୃତ୍ୟୁର କାରଣ ଅଦ୍ୟାବଧି ସ୍ପଷ୍ଟ ହୋଇନି ବୋଲି ପ୍ରାଣୀ ଚିକିତ୍ସକ ଟିମ୍ କହିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ବାତ୍ୟା ପ୍ରଭାବ, ଟ୍ରଲର ମାଡ଼ ହେଉ କି ଜାଲରେ ଛନ୍ଦି ହୋଇ ମୃତ୍ୟୁ ହୋଇଛି ନା ଅନ୍ୟ କ'ଣ କାରଣ ରହିଛି ଜଣାପଡ଼ିବ। ମୃତ ମାଈ ଡଲଫିନର ଲମ୍ବ ୮ ଫୁଟ, ୨ ଇଞ୍ଚ ରହିଛି। ଅପରପକ୍ଷରେ ଚିଲିକା ପରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ଶୀତଦିନେ ବିଭିନ୍ନ ବିରଳ ପ୍ରଜାତିର ଡଲଫିନ କ୍ରୀଡ଼ା କରୁଥିବା ଦେଖିବାକୁ ମିଳେ। ବିଶେଷ କରି ବିରଳ ପ୍ରଜାତିର ଡଲଫିନଙ୍କ ମଧ୍ୟରେ ଇରାବାଡ଼ି, ବଟର ନୋଜ, ହମ୍‌ବ୍ୟାକ, ସ୍ପିନର, ଗାଙ୍ଗେଟିକ ଆଦି ପ୍ରଜାତିର ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ଜଳକ୍ରୀଡ଼ା କରୁଥିବା ଦୃଶ୍ୟ ଦେଖିବାକୁ ମିଳିଥାଏ। ଏ ସଂକ୍ରାନ୍ତରେ ମହାକାଳପଡ଼ା ପ୍ରାଣୀ ଚିକିତ୍ସକ ଡା. ଅମରେଶ ସ୍ୱାଇଁଙ୍କୁ ପଚାରିବାରେ ମୃତ ଡଲଫିନର ବ୍ୟବଚ୍ଛେଦ ହୋଇଛି। ଖୁବ୍‌ଶୀଘ୍ର ରିପୋର୍ଟ ପ୍ରକାଶ ପାଇବ ବୋଲି ସେ କହିଛନ୍ତି।

# ରାଜ୍ୟ ଅଣ୍ଡର-୧୭ ଭଲିବଲ ଟିମ୍‌ରେ ଇତିଶ୍ରୀ

**ମାର୍ଶାଘାଇ, ୨୯।୧୦(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ):** ମାର୍ଶାଘାଇ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟର ଯୁକ୍ତ ୨ ଛାତ୍ରୀ ଇତିଶ୍ରୀ ପରିଡ଼ା ଅଣ୍ଡର ୧୭ବର୍ଷ ଜାତୀୟ ସ୍କୁଲ ଭଲିବଲ ଖେଳିବା ପାଇଁ ଓଡ଼ିଶା ଟିମ ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତା ନଭେମ୍ବର ୬ରୁ ୧୦ ତାରିଖ ପର୍ଯ୍ୟନ୍ତ ଉତ୍ତରପ୍ରଦେଶର ବରେଲୀଠାରେ ଅନୁଷ୍ଠିତ ହେବ। ଇତିଶ୍ରୀ ରାଜ୍ୟ ସ୍କୁଲ ଟିମ୍‌ରେ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟ ଅଧକ୍ଷା ଜ୍ୟୋତ୍ସ୍ନାମୟୀ ମହାପାତ୍ରଙ୍କ ସମେତ ଅଧାପିକାଅଧାପକ ଓ ସହପାଠିନୀମାନେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।




# କେନ୍ଦ୍ରାପଡ଼ା ବିଡିଓଙ୍କ କାର୍ଯ୍ୟାଳୟକୁ ଅଣ୍ଡାମାଡ଼

କେନ୍ଦ୍ରାପଡ଼ା, ୨୯।୧୦ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ବିଡିଓଙ୍କ କାର୍ଯ୍ୟାଳୟ ଉପରେ ମଙ୍ଗଳବାର ମଧ୍ୟାହ୍ନରେ ଅଣ୍ଡାମାଡ଼ ହୋଇଛି। ଏ ନେଇ ବିଡିଓ ବନ୍ଦନା ଖଟୁଆ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ତେବେ ଏହି ଅଣ୍ଡାମାଡ଼ ବିଡିଓଙ୍କ କାର୍ଯ୍ୟରେ କେତେକ ଅସନ୍ତୁଷ୍ଟ ବ୍ୟକ୍ତି କରିଥିବା ଆଲୋଚନା ହେଉଛି। ୨ ଦିନ ପୂର୍ବେ ବିଡିଓ ଖଟୁଆଙ୍କ ବଦଳି ହୋଇଛି। ତାଙ୍କର କାର୍ଯ୍ୟକାଳ ମଧ୍ୟରେ ଉନ୍ନୟନ ଅର୍ଥ ହେରଫେର ହୋଇ ଆସୁଥିବା ନେଇ ଚର୍ଚ୍ଚା ହୋଇଥିଲା। ଉପରିସ୍ଥ ପଦାଧିକାରୀଙ୍କୁ ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ବିଡିଓ ଖଟୁଆଙ୍କ ବଦଳି ଅର୍ଡର ବାହାରିଥିବା ଯୋଗୁ ଅସନ୍ତୁଷ୍ଟ ବ୍ୟକ୍ତି ଏପରି କାର୍ଯ୍ୟ କରିଥିବା ଆଲୋଚନା ହେଉଛି। ଅପରପକ୍ଷରେ ଟାଉନ ଥାନାଧିକାରୀ ଦିଲୀପ ସାହୁଙ୍କୁ ପଚାରିବାରେ ତଦନ୍ତ ସମୟରେ କାର୍ଯ୍ୟାଳୟ ପ୍ରକୋଷ୍ଠ ସମ୍ମୁଖରେ ଭଙ୍ଗା ଅଣ୍ଡା ପଡ଼ିଥିଲା। ଅଭିଯୋଗକୁ ଭିତ୍ତିକରି ଏହି ଘଟଣାର ପ୍ରାଥମିକ ତଦନ୍ତ ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି।

# ବିଜେଡିରୁ ଇସ୍ତଫା ଦେଲେ ସୁନନ୍ଦା


ସୁନନ୍ଦା ଦାସ

ଭୁବନେଶ୍ୱର, ୨୯।୧୦ (ଅନିଲ ଦାସ)

ବରୀର ପୂର୍ବତନ ବିଧାୟକ ସୁନନ୍ଦା ଦାସ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କର ଇସ୍ତଫା ପତ୍ର ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଛନ୍ତି। ଦଳରେ ତାଙ୍କୁ ଅଣଦେଖା କରାଯାଇଥିବା ସେ ଗତ କିଛି ମାସ ଧରି ଅଭିଯୋଗ କରି ଆସୁଥିଲେ। ସୁନନ୍ଦା ଦାସ ୨୦୧୯ରୁ ୨୦୨୪ ପର୍ଯ୍ୟନ୍ତ ବରୀରୁ ବିଧାୟକ ହୋଇଥିଲେ। ତେବେ ୨୦୨୪ ନିର୍ବାଚନରେ ତାଙ୍କୁ ବିଜେଡି ଟିକେଟ ଦେଇ ନ ଥିଲା। ଏହାକୁ ନେଇ ସେ ଅସନ୍ତୁଷ୍ଟ ଥିଲେ। ତାଙ୍କ ବଦଳରେ ଭାଜପା ଛାଡ଼ି ବିଜେଡିରେ ଯୋଗ ଦେଇଥିବା ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ଦଳ ଟିକେଟ ଦେଇଥିଲା। ବିଶ୍ୱରଞ୍ଜନ ବରୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି।


## OFFICE OF THE DIVISIONAL FOREST OFFICER, REDHAKHOL FOREST DIVISION

Mob-9437054951, e-mail id - dfo.redhakhol@odisha.gov.in
Tender No. 02/2024-25. Date.25.10.2024

**NOTICE INVITING TENDER**

No. MM-216:- Sealed tenders are invited from intending Contractors/ Firms having valid Contactor Licence of Class- C & D GSTIN and PAN for construction of One Forester Quarter and One Forest Guard quarter having plinth area of 870 Sq.ft. & 653 Sq.ft. respectively (as per the plan prescribed) in the sites specified of Redhakhol Forest Division under CAMPA APO 2024-25.

The application forms of tender containing General Bid information and terms and conditions for construction works with plan & estimate will be available from 29.10.2024 in the O/o of the Divisional Forest Officer, Redhakhol Forest Division on showing the transaction details for deposit of Rs. 6000/- (Rupees six thousand) only for each construction, towards Tender paper Cost in SBI A/C No. 11739037258, IFSC code SBIN0002105 (Redhakhol Branch) in favour of Divisional Forest Officer, Redhakhol Forest Division or through Demand Draft in favour of Divisional Forest Officer, Redhakhol Forest Division payable at Redhakhol, which is non-refundable.

The tender documents in a sealed cover duly filled along with deposit slip of Rs. 6000/- should reach in the Office of the Divisional Forest Officer, Redhakhol Forest Division, by Registered Post or in person till 5.00 P.M of dt. 19.11.2024 and will be opened by the Divisional Committee, O/o the Divisional Forest Officer, Redhakhol Forest Division at 11.00 AM on dt. 21.11.2024 in the presence of the contractors or their authorized agents. The result will be published on 22.11.2024 & if two or more valid renderers are in equal quoted rate then transparent lottery will be held at 4.00 PM of the same day.

Sd./- Divisional Forest Officer, Redhakhol Forest Division
OIPR-08146/11/0004/2425

## GOVERNMENT OF ODISHA OFFICE OF THE CHIEF CONSTRUCTION ENGINEER KEONJHAR (R&B) CIRCLE, KEONJHAR

No. 4972/Date. 25.10.2024 NO.B-527

**ORDER**

The tender for the work "Improvement such as Widening and Strengthening of Sundargarh - Lephripada road from 1/200 Km to 2/300 Km in the District of Sundargarh for the year 2024-25" invited vide Bid Identification No. CCEKC - 16/2024-25 is hereby cancelled due to being single tender in first time tender call as per Works Department Office Memorandum No. 16 date 01.01.2015.

Sd./- Chief Construction Engineer Keonjhar (R&B) Circle, Keonjhar
OIPR-34033/11/0046/2425

## ZILLA SWASTHYA SAMITI, KORAPUT (DISTRICT PROGRAMME MANAGEMENT UNIT) NATIONAL HEALTH MISSION

E-mail: nhmkpt@gmail.com; Phone:06852-252340
No. 2407/DPMU/NHM/KPT Dt. 25/10/24

**Tender Call Notice**

No. E-448:- Sealed tenders are invited from registered suppliers/agencies for Procurement of Phaco Emulsification Machine. Details regarding the item, terms & conditions and formats for submission of tender may be downloaded from the website: **https://koraput.odisha.gov.in**. The tenders should reach the office of the undersigned by 25.11.2024 till 5.00 P.M. The tender will be opened at 11.00 A.M. on 27.11.2024. The undersigned reserves the right to reject any or all the tenders without assigning any reason thereof.

Sd./- CDM & PHO-cum- District Mission Director, Koraput
OIPR-10077/11/0011/2425

## GOVERNMENT OF ODISHA OFFICE OF THE SUPERINTENDING ENGINEER-CUM-DEPUTY ELECTRICAL INSPECTOR KHURDA & NAYAGARH, AT- POWER HOUSE SQUARE, UNIT-V, BHUBANESWAR

Email Id-deikhurda-od@gov.in,Tel. No- 0674 2950341

**Quotation/Tender Call Notice**

NO. ESTT-57/2024/01/ Dated 28th Oct. 2024

No. AA-19:- Sealed tenders are invited from interested reputed Travel Agencies/Tour Operators or private individuals for providing one (01) TUV 300/ Ertiga/Bolero/Sumo Gold vehicle on monthly hire basis for Office of the **SE-Cum-Deputy Electrical Inspector, Khurda & Nayagarh,** for a period of two years. The tenderer should have valid and active GST registration. The tenders will be received in sealed cover up to 16.11.2024, 3.00 PM in the office of the undersigned by Regd. Post or hand delivered with due acknowledgement within the above period. The authority will not be responsible for postal delay on what so ever account. The tenders shall be opened on 16.11.2024 at 4.00 PM in the presence of tenderers or their authorized representatives, if any. The tender document can be obtained from the office of the undersigned, on payment of Rs. 100/- (Rupees one hundred) only during office hour on working days up to 16.11.2024 by 1.00 PM or can be downloaded from our website **www.eicelectricityodisha.nic.in/**. If the tender document is downloaded from our website, a Demand Draft of Rs. 100/- (Rupees one hundred) only drawn in favour of **Superintending Engineer-Cum-Deputy Electrical Inspector, Khurda & Nayagarh**, drawn on any Nationalized Bank, payable at Bhubaneswar, needs to be attached with the tender document. For further details visit the website **www.eicelectricityodisha.nic.in** or contact the office of the undersigned. The undersigned reserves the right to reject the tenders without assigning any reason thereof.

Sd./- Superintending Engineer-Cum-DEI Khurdha & Nayagarh
OIPR-04081/11/0001/2425

## GOVERNMENT OF ODISHA HOUSING & URBAN DEVELOPMENT DEPARTMENT OFFICE OF THE NOTIFIED AREA COUNCIL, PADAMPUR

At-Padampur, PO-Rajborasambar,Dist-Bargarh, Pin-768036
Ph.No.06683-223436, E-mail:nac.padampur@gmail.com
No.1838/NAC Dt.25.10.24

**National Competitive Bidding through e-Procurement**
**Bid Identification No.NAC-PDP-03/2024-25**

No.C-852: The Executive Officer, N.A.C. Padampur on behalf of NAC invites Percentage bid through e-procurement in single cover system according to norm of e-Procurement system in online mode.

| | | |
|---|---|---|
| 1. | Nature of Work | : Civil Work |
| 2. | No. of Works | : 06 (Six Nos.) |
| 3. | Estimate Cost | : Rs.3,78,434/- to Rs.51,37,814/- |
| 4. | Class of Contractor | : 'B" or "C" or "D" Class |
| 5. | Date & Time of availability of Bid documents in the portal | : **1.00 PM on dt.30.10.2024 upto 05.00 PM on dt.06.11.2024** |
| 6. | Last date & time for receipt of Bids in the portal | : **06.11.2024 at 05.00 PM** |
| 7. | Original Bids document received | : Before **05.00 PM on Dt.07.11.2024** |
| 8. | Bid Opening Date | : **Dt.08.11.2024 at 11.00 AM** |

The bidders have to participate in online bidding only. Further details can be seen from the website https://www.tendersodisha.gov.in

Sd./- Executive Officer N.A.C., Padampur
OIPR-13118/11/0006/2425

## GOVT. OF ODISHA OFFICE OF THE DIVISIONAL FOREST OFFICER ANGUL DIVISION, ANGUL

No.MM-215

e-Procurement Notice, Angul Forest Division
**Bid Identification No.- 04 OF 2024-25**
e-mail ID - dfoangul@gmail.com

| | | |
|---|---|---|
| 1 | Number of Works | : 05 (Five) number of works |
| 2 | Approximate estimated cost | : 18.71 to 24.58 lakhs |
| 3 | Period of completion | : 03 (Three) Calendar months |
| 4 | Date & Time of availability of bid document in the portal | : Dt. 29.10.2024 at 10.00 A.M. |
| 5 | Last date / Time for receipt of bid in the portal | : Dt. 13.11.2024 upto 5.00 P.M. |
| 6 | Date of opening Bid | : Dt. 14.11.2024 at 11.00 A.M. |
| 7 | Name and address of the Office Inviting Bid | : Divisional Forest Officer, Angul Division, Angul |
| 8 | The bidders have to participate in ONLINE bidding only | |

Further details can be seen from the e-procurement portal https:/ tendersodisha.gov.in.

Sd./- Divisional Forest Officer, Angul Division, Angul
OIPR-08027/11/0019/2425

## GOVERNMENT OF ODISHA OFFICE OF THE SUPERINTENDING ENGINEER G.P.H. DIVISION NO.II, SAMBALPUR-768001

e-mail: gphdivn.2@gmail.com
No.C-844: Letter No.15430, Dt.25.10.2024
NATIONAL COMPETITIVE BIDDING THROUGH e-Procurement Identification No.01/G.P.H.D./SBP/2024-25, Dt.25.10.2024

| | | |
|---|---|---|
| 01 | Nos. of Work | : 03 Nos. |
| 02 | Tendered amount in Rs. | : Rs.1475889/-, Rs.2116229/- & Rs.790350/- |
| 03 | Period of Completion | : 90 Days |
| 04 | Date & Time of availability of bid document in the Portal | : From 10.00 Hrs. of 30.10.2024 to 17.00 Hrs. of 11.11.2024 |
| 05 | Last date/time of receipt of bids in the Portal | : 17.00 Hrs. of 11.11.2024 |
| 06 | Date & Time of opening of Bids | : 11.00 Hrs. of 12.11.2024 |
| 07 | Name and Address of the Officer Inviting Bid | : Superintending Engineer, G.P.H. Division No-II, Sambalpur, Pin- 768001 |

Further details can be seen from the website www.tendersodisha.gov.in

Sd./- Executive Engineer P.H. Division No.II, Sambalpur
OIPR-13006/11/0001/2425

## OFFICE OF THE MUKHIGUDA HIRMC

At/PO - Jaipatna, Dist - Kalahandi - 766018
Tender Call Notice No. 755 dt. 25.10.2024 No.H-28

| Sl No. | Item | Details |
|---|---|---|
| 1 | The Sub-Collector, Dharamgarh-cum-Chairman, Mukhiguda HIRMC invite percentage rate bids in ONLINE MODE only for work as details below : | |
| 2 | Nature of the Work | Construction of Infrastructures |
| 3 | No. of Work | 2 Nos. Bids |
| 4 | Bid Cost | Rs. 4k & 10k/- (online transfer) |
| 5 | Class of Contractor | 'B', 'C' & 'D' |
| 6 | Availability of BID documents in the Website | 29.10.2024 11.00 A.M. |
| 7 | Last date/time of receipt of bids in the Portal | 13.11.2024 upto 5 P.M. |
| 8 | Date of Opening of Bid | 14.11.2024 at 11 A.M. |
| 9 | The bidders has to participate in online bidding only. Further details can be available in the website https://tendersodisha.gov.in. Any addendum/corrigendum/cancellation of the Tender etc. can also be seen in the website. | |

Sd./- Sub-Collector, Dharamgarh-Cum-Chairman, Mukhiguda HIRMC
OIPR-24404/11/0006/2425

## GOVERNMENT OF ODISHA OFFICE OF THE SUPERINTENDING ENGINEER, SUNDARGARH (R&B) DIVISION, SUNDARGARH

E-mail ID : pwd_sng@yahoo.co.in
**"e" - Procurement Notice**
Bid Identification No. - SE-R&B-SNG-27 OF 2024-25
Letter No. 5991 Date : 15.10.2024 No.B-456

| | | |
|---|---|---|
| 1 | The Superintending Engineer, Sundargarh (R&B) Division on behalf of Governor of Odisha inviting percentage rate bid in double cover system on On-LINE mode from eligible contractors with valid licenses for execution of **Building works including EI & PH Works** as detailed in DTCN. | |
| 2 | Nature of Work | : **Building works including EI & PH Works** |
| 3 | No. of Works | : **11 (Eleven) Nos.** |
| 4 | Tender Cost | : **Rs. 10,000/-** |
| 5 | Class of Contractor | : **B** |
| 6 | Availability of bid document in the website | : **From 10:00 A.M. Date : 30.10.2024 to 05:00 P.M. Date : 11.11.2024** |
| 7 | Date of opening of Bid | : **11:00 A.M. on Dt. 12.11.2024** |
| 8 | The bidders have to participate in ON-LINE bidding only. Further details can be seen from the website (https://tendersodisha.gov.in). Any addendum/corrigendum/cancellation of tender can also be seen in the said website only. | |

Sd./- Additional Chief Engineer Sundargarh (R&B) Division
OIPR-34043/11/0024/2425

## PANCHAYAT SAMITI OFFICE, ATHAMALLIK
ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଆଠମଲ୍ଲିକ

E-mail: ori-athamalik@nic.in
PANCHAYAT SAMITI OFFICE, ATHMALLIK
TENDER CALL NOTICE No:-ATHB-01/2024-25

**No.i-261:**The Block Development Officer, Athmallik on behalf of the Governor of Orissa invites Percentage rate bid in single cover system for the works for 16 (Sixteen) Nos. of Model AWC Centers @ Rs.17,29,275/- per each project from the Class C & D contractors, registered with the State Government and contractors of equivalent Grade/Class registered with Central Government/ MES/ Railway, to be eventually drawn up in PWD P-I form. The proof of registration from the appropriate authority shall be enclosed alongwith the bid. If successful, the bidder who has not registered under State Government has to register under the State PWD in appropriate class of eligibility before signing the agreement. Bidders may submit bids for any or all the works. The Detail Tender Call Notice can be viewed & downloaded from the District website i.e. www.angul.nic.in and in the office of the undersigned during office hour.
1.Sale of Tender Paper: Dt.06.11.2024 to Dt.14.11.2024 (Upto 1 PM) except on Sunday & holidays during office hours.
2. Last date of receipt of Tender Paper: Upto 5.00 PM of dt.16.11.2024 (through Speed Post or Registered Post only)
3. Date of Opening of Tender Paper: 11.30 A.M. on dt.20.11.2024 (in the office of the undersigned)

Sd./- Block Development Officer Athmallik
OIPR-19091/11/0002/2425

## GOVERNMENT OF ODISHA OFFICE OF THE CHIEF CONSTRUCTION ENGINEER, SOUTHERN (R&B) CIRCLE, BERHAMPUR

No.B-516
Phone:0680-2281582, e-mail:ccescbam@gmail.com
**INVITATIONS FOR BIDS (IFB) [e-Procurement]**
Bid Identification No.CCE,S.C.(R&B)-BAM-10/2024-25
No.3670// Dated 24.10.2024

1) The Chief Construction Engineer, Southern (R&B) Circle, Berhampur on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Road & Bridge works as detailed in the table below.
2) Nature of Work: Road & Bridge works
3) No. of Work : 05 Nos.
4) Tender Cost : Rs.10,000/- (Online)
5) Class of Contractor: "B" Class, "A" Class & "Special" Class
6) Availability of Bid document in the website: From 29.10.2024, 10.00 AM to 12.11.2024 5.30 PM.
7) Date of Opening of Bid : 13.11.2024 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersodisha.gov.in.
9) Any addendum/ Corrigendum/Cancellation of tender can also be seen in the said website only.

Sd./ (Ashis Kumar Nayak) Chief Construction Engineer (I/C) Southern (R&B) Circle, Berhampur
OIPR-34103/11/0012/2425

## OFFICE OF THE EXECUTIVE ENGINEER NATIONAL HIGHWAY DIVISION, SAMBALPUR

Email - eenhsbp@yahoo.co.in
Identification No.IFB-04/EE-NH-SBP of 2024-25
Letter No. 2938 Date : 25.10.2024 No.b-12

| | | |
|---|---|---|
| 1 | The Executive Engineer, NH Division, Sambalpur on behalf of the Governor of Odisha invites percentage rate bids to be received in ONLINE MODE only for roads works | |
| 2 | Name of Work | : S/R to NH-153(B) such as laying 40mm thick BC & 25mm thick Mastic at 1 No. Major Bridge at Ch.54/880 Km & 4 nos. Minor Bridges at Ch.33/375, 37/000, 51/305, 53/658 Km including provision of road RPM, signages, thermoplastic paint & Metal Beam Crash Barrier for the year 2024-25 |
| 3 | Class of Contractor | : "B" Class |
| 4 | Value of Work | : Approx. 68.97 Lakhs. |
| 5 | Tender Cost | : Rs. 10,000/- |
| 6 | Availability of Bid document in the Web site | : From 10:00 Hrs. of 30.10.2024 to 17:00 Hrs. of 14.11.2024 |
| 7 | Date of Opening of Bid | : 11.00 Hrs. on 18.11.2024 |
| 8 | Other details can be seen in the Bidding documents from the website https://www.tendersodisha.gov.in | |

Sd./- Superintending Engineer NH Division, Sambalpur
OIPR-34021/11/0004/2425

## OFFICE OF THE SUPERINTENDING ENGINEER GOVERNMENT OF ODISHA "e" Procurement Notice

No.B-524
E-mail Id:eepwdcuttack2@gmail.com, Tel/Fax No.(0671)-2973399
**e-Procurement Notice for Building Work**
Bid Identification No.S.E. CTC (R&B)-II-07 of 2024-25

| | | |
|---|---|---|
| 1. | Name of the Work | : 04 Nos. of Building Works |
| 2. | Estimated Cost | : Rs.55,27,662/- to Rs.72,79,038/- |
| 3. | Period of Completion | : 6 (Six) Calendar Months |
| 4. | Date & Time of sale & receipt of bid document | : From 28.10.2024 to 5 PM of 07.11.2024 |
| 5. | Last date/time of receipt of bids | : 5 PM of 07.11.2024 |
| 6. | Date & Time of Opening of Bids | : 11 AM of 08.11.2024 |
| 7. | Name and address of the Officer Inviting Bid | : Superintending Engineer, Cuttack (R&B) Division-II,Cuttack |

Further details can be seen from the e-Procurement portal https://www.tendersorissa.gov.in.
Any addendum/ corrigendum/ cancellation of tender can also be seen in the said website.

Sd./- Superintending Engineer Cuttack (R&B) Division No.II
OIPR-34137/11/0005/2425

See Career Appointment on every Wednesday & Saturday

**ଶେୟାର ବଜାରରେ ଉତ୍ସାହ**

ମୁମ୍ବାଇ: କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇ ପାରିଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ପ୍ରାୟ ୩୬୩.୯୯ ପଏଣ୍ଟ ବଢ଼ି ୮୦,୩୬୯.୦୩ ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ ରେ ମଧ ୧୨୭.୭୦ ପଏଣ୍ଟ ବୃଦ୍ଧି ଘଟି ୨୪,୪୬୬.୮୫ ଅଙ୍କରେ କାରବାର ଶେଷ ହୋଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


କ୍ରୀଷ୍ଣା ପରିବାରବର୍ଗ


ରାଜ ନନ୍ଦିନୀ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ରେକର୍ଡ ପରିମାଣର କାରବାର


ଧନ୍‌ତରେସ ଉପଲକ୍ଷେ ଭୁବନେଶ୍ୱର ମାଲାବାର ଶୋ'ରୁମ୍‌ରେ ପ୍ରବଳ ଜନଗହଳି।

- ଆକର୍ଷଣୀୟ ଅଫରରେ ଗ୍ରାହକ ଆକୃଷ୍ଟ
- ଦରବୃଦ୍ଧି ସତ୍ତ୍ୱେ ବ୍ୟବସାୟରେ ଉତ୍ସାହ
- ପ୍ରଥମ ଦିନରେ ପ୍ରାୟ ୧୦୦ କୋଟି

ଭୁବନେଶ୍ୱର,୨୯।୧୦
(ଅଭୟ ଦାଶ)

ପ୍ରତିବର୍ଷ ଭଳି ଚଳିତ ବର୍ଷ ଧନ୍‌ତେରସ୍ ଅବସରରେ ଓଡ଼ିଶା ସୁନା ବଜାର ରେକର୍ଡ ପରିମାଣର କାରବାର କରିଛି। ଏପରିକି ଦରବୃଦ୍ଧି ସତ୍ତ୍ୱେ ବ୍ୟବସାୟରେ ଉତ୍ସାହ ଉଭୟ ଭୁବନେଶ୍ୱର ଏବଂ ଓଡ଼ିଶାର ପ୍ରମୁଖ ବଜାରଗୁଡ଼ିକରେ ଦେଖିବାକୁ ମିଳିଥିଲା। ଅପରପକ୍ଷରେ ଘରୋଇ ପାଞ୍ଜି ଗଣନା ଅନୁଯାୟୀ ଚଳିତ ବର୍ଷ ଓଡ଼ିଶାରେ ଧନ୍‌ତେରସ୍ କ୍ରମାଗତ ୨ ଦିନ ଧରି ପାଳନ ହେଉଛି। ଏହି ୨ ଦିନ ଯାକ ଓଡ଼ିଶା ବଜାରର ବ୍ୟବସାୟୀମାନେ ବ୍ୟାପକ ପ୍ରସ୍ତୁତ କରିଛନ୍ତି। ଫଳରେ ଧନ୍‌ତେରସ୍‌ର ପ୍ରଥମ ଦିନର କାରବାର ପ୍ରାୟ ୧୦୦କୋଟି ଛୁଇଁଥିବା ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକ ପକ୍ଷରୁ ଆକଳନ କରାଯାଇଛି।

ସେହିଭଳି ଆଗକୁ ଦୀପାବଳି ଓ ଛଟ୍ ଭଳି ପର୍ବପର୍ବାଣି ସାଙ୍ଗକୁ ବାହାଘର ଥିବାରୁ ଗ୍ରାହକ ଏକ ସଙ୍ଗେ କ୍ରୟ କରୁଥିବା ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକ ପକ୍ଷରୁ ସୂଚନା ଦିଆଯାଇଛି। କାରଣ କ୍ରମାଗତ ଭାବେ ଦରବୃଦ୍ଧି ଘଟୁଥିବାବେଳେ ଘରୋଇ ବଜାରର ୨୪ କ୍ୟାରେଟ ସୁନା ଦର ପ୍ରତି ୧୦ଗ୍ରାମ ପିଛା ୮୦,୪୫୦ ଟଙ୍କାରେ କାରବାର ହେଉଛି। ଏପରିକି ୨୨ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୭୩,୫୦୦ ଟଙ୍କା ଥିଲାବେଳେ ୧୮ ଗ୍ରାମ ଓ ଅନ୍ୟ ମୂଲ୍ୟବାନ୍ ଧାତୁର ମୂଲ୍ୟ ପ୍ରାୟ ୪୦ରୁ ୫୦ ହଜାର ଟଙ୍କା ଏବଂ ରୁପା ଦର କେଜି ପ୍ରତି ୧,୦୭,୦୦୦ ଟଙ୍କାରେ କାରବାର ହେଉଛି।

ସେହିପରି ଭାରତୀୟ ପରମ୍ପରା ଓ ସଂସ୍କୃତି ଅନୁଯାୟୀ ଧନ୍‌ତେରସ୍ ଅବସରରେ ମୂଲ୍ୟବାନ୍ ଧାତୁ କ୍ରୟ ବିଧି ଥିଲାବେଳେ ସବୁ ବର୍ଗର ଲୋକ ସେମାନଙ୍କର ସକ୍ଷମ ଅନୁଯାୟୀ ଅଳ୍ପ ବହୁତ ମୂଲ୍ୟରେ ସୁନା ଓ ମୂଲ୍ୟବାନ୍ ଧାତୁ କିଣିଛନ୍ତି। ଏପରିକି ଧନ୍‌ତେରସ୍ ଉପଲକ୍ଷେ କାରବାର ବୃଦ୍ଧି ପାଇଁ ବ୍ୟବସାୟୀମାନେ ଆକର୍ଷଣୀୟ ରିହାତି, ଅଫର ଓ ଉପହାର ଜରିଆରେ ଗ୍ରାହକଙ୍କୁ ବହୁ ପରିମାଣରେ ଆକୃଷ୍ଟ କରିବାରେ ସକ୍ଷମ ହୋଇଛନ୍ତି।

ଉଲ୍ଲେଖଯୋଗ୍ୟ, ମଙ୍ଗଳବାର ନୂଆଦିଲ୍ଲୀରେ ମଧ ୨୪କ୍ୟାରେଟ ସୁନା ଦର ପ୍ରତି ୧୦ଗ୍ରାମ ପିଛା ୭୯,୯୬୩ ଟଙ୍କା ଥିଲାବେଳେ ୨୨କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୭୩,୩୧୦ଟଙ୍କା ରହିଛି। ଏପରିକି ୧୮ ଗ୍ରାମ ସୁନା ମୂଲ୍ୟ ଓ ଅନ୍ୟାନ୍ୟ ମୂଲ୍ୟବାନ୍ ଧାତୁର ମୂଲ୍ୟ ପ୍ରାୟ ୩୫ ରୁ ୪୫ ହଜାର ଟଙ୍କା ଥିଲାବେଳେ ରୁପା ଦର କେଜି ପ୍ରତି ୧,୦୧,୦୦୦ ଟଙ୍କାରେ କାରବାର ହେଉଛି।

ସୂଚନାଯୋଗ୍ୟ, ଓଡ଼ିଶା ବଜାରରେ ଖିମ୍‌ଜୀ ଜୁଏଲର୍ସ, ଅରୁନ୍ଧତୀ, କଲ୍ୟାଣ, ଲାଲ୍‌ଚାନ୍ଦ, ତନିସ୍କ, ମାଲାବାର ଭଳି ପ୍ରମୁଖ ରିଟେଲ ଚେନ୍ ସାଙ୍ଗକୁ ପି ସି ଚନ୍ଦ୍ରା, ଜୟଆଲୁକ୍କାସ,ମଧୁକୁଞ୍ଜ, ଟିବିଜେଡ୍, ନାରାୟଣୀ, ରୀତା, ହିନ୍ଦୁସ୍ଥାନ ଏବଂ ରାଧାଗୋବିନ୍ଦ ରାୟ ଗ୍ରାଣ୍ଡସନ ଜୁଏଲର୍ସ ଭଳି ଅଳଙ୍କାର ପ୍ରତିଷ୍ଠାନରେ ଗ୍ରାହକଙ୍କ ଭିଡ଼ ବେଶ୍ ଉତ୍ସାହଜନକ ରହିଥିଲା।


ଧନ୍‌ତରେସ ଉପଲକ୍ଷେ କଟକ ତନିସ୍କ ଶୋ'ରୁମ୍‌ରେ ଗ୍ରାହକଙ୍କ ଭିଡ଼।

# ନିଯୁକ୍ତି କ୍ଷେତ୍ରରେ ନୂଆ ସମ୍ଭାବନା 'ପିସିଆର୍'

ନୂଆଦିଲ୍ଲୀ,୨୯।୧୦

ଦେଶର ପ୍ରମୁଖ ଘରୋଇ ସଂସ୍ଥା ଷ୍ଟାର୍ଟଅପ୍ ପ୍ଲାଟ୍‌ଫର୍ମ 'ପିନ୍ କୋଡ୍ ରିକ୍ୱାୟରମେଣ୍ଟ (ପିସିଆର୍)' ନିଯୁକ୍ତି କ୍ଷେତ୍ରରେ ନୂଆ ସମ୍ଭାବନା ସୃଷ୍ଟି କରିଛି। ଏପରିକି ଦେଶର କର୍ପୋରେଟ୍ ନିଯୁକ୍ତି କ୍ଷେତ୍ରରେ ପିସିଆର୍ ଏକ ଗେମ୍‌ଚେଞ୍ଜର ଭାବେ ଉଭା ହୋଇଛି। ଏପରିକି 'ନିୟର ମି ଜବ୍‌ସ'ଭାବେ ପରିଚିତ ଏହି ଅଭିନବ ଦୃଷ୍ଟିକୋଣ କମ୍ପାନୀ ଓ ନିଯୁକ୍ତିଦାତାମାନେ କିଭଳି ସ୍ଥାନୀୟ ପ୍ରତିଭାମାନଙ୍କ ଉପରେ ଗୁରୁତ୍ୱ ଦେଇ ସେମାନଙ୍କ ସହ ସଂଯୋଜିତ ହେଉଛନ୍ତି ତାହାକୁ ପ୍ଲାଟ୍‌ଫର୍ମ ନୂଆ ରୂପ ଦେଉଛି।

ପିସିଆର୍ ହେଉଛି ଏକ ରଣନୀତି ଯାହା ପ୍ରାର୍ଥୀମାନଙ୍କୁ ସେମାନଙ୍କର ଭୌଗୋଳିକ ସ୍ଥାନ ଉପରେ ଆଧାରକରି ବିଶେଷକରି ସେମାନଙ୍କ ବାସସ୍ଥାନର ପିନ୍‌କୋଡ୍ ଅଞ୍ଚଳ ମଧ୍ୟରେ ନିଯୁକ୍ତି ସୁଯୋଗ ସହ ସଂଯୋଗ କରିଥାଏ। ଭାରତର ଏକ ଅଗ୍ରଣୀ ନିଯୁକ୍ତି ସଂସ୍ଥା ଆଡ୍ ଆଷ୍ଟ୍ରା କନ୍‌ସଲ୍‌ଟାଣ୍ଟ୍‌ସର ପ୍ରତିଷ୍ଠାତା ତଥା ଏମ୍‌ଡି ନିରୁପମା ଭି.ଜି.ଙ୍କ କହିବା ଅନୁଯାୟୀ, ପିସିଆର୍ ଏକ ବ୍ୟବହାରିକ ସମାଧାନ ଭାବେ ଉଭାହୋଇଛି, ଯାହା ଯୋଗ୍ୟ ପ୍ରାର୍ଥୀମାନଙ୍କୁ ଯେକୌଣସି କ୍ଷେତ୍ରରେ ନିଜ ଘର ନିକଟରେ ଚାକିରି ସନ୍ଧାନ କରିବା ପାଇଁ ସକ୍ଷମ କରୁଛି। ସେହିଭଳି ଆମେ ଏହାର ସମ୍ଭାବନାକୁ ଶୀଘ୍ର ଚିହ୍ନଟ କରିଥିଲୁ ଏବଂ ଉଭୟ ପ୍ରାର୍ଥୀ ଓ ନିଯୁକ୍ତିଦାତାଙ୍କୁ ଉତ୍ତମ ସେବା ପ୍ରଦାନ କରିବା ପାଇଁ ଏହାକୁ ଆମର ନିଯୁକ୍ତି ଅଭ୍ୟାସରେ ଏକୀକୃତ କରାଯାଇଛି। ନିରୁପମା ଆହୁରି ମଧ କହିଛନ୍ତି, ସ୍ଥାନୀୟ ପ୍ରତିଭାଙ୍କ ଉପରେ ଗୁରୁତ୍ୱ ଦେଇ ପିସିଆର୍ ସହରାଞ୍ଚଳକୁ ସ୍ଥାନାନ୍ତର ହେବାର ଆବଶ୍ୟକତାକୁ ହ୍ରାସ କରିବା ସହିତ ନିଯୁକ୍ତି ସନ୍ଧାନକାରୀଙ୍କୁ ଏକ ଉତ୍ତମ କାର୍ଯ୍ୟ ଜୀବନ ସନ୍ତୁଳନ ପ୍ରଦାନ କରୁଛି।




## ପଞ୍ଚମ ଜନ୍ମଦିନ ଶୁଭେଚ୍ଛା



କ୍ରିଷ୍ଣା, ଆଜି ତୋର ସ୍ୱନକ୍ଷତ୍ର ଅବସରରେ ପ୍ରଭୁ ମା' ବୀରଜାଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ।

**ଶୁଭେଚ୍ଛା ସହ**
ବାପା-ଜୀତେନ୍ଦ୍ର ନାୟକ, ମା-ରଶ୍ମିତା ନାୟକ, ଦିଦି-ଲିନୁ ନାୟକ, ଜେଜେବାପା-ବେଣୁଧର ନାୟକ, ଜେଜେ ମା-ସୀତା ନାୟକ, ସାଇ, ଲିଟୁ, ବେବୀ, ଆଶା, ସୁକାନ୍ତି ଏବଂ ନାୟକ ପରିବାର ବର୍ଗ।

**କ୍ରିଷ୍ଣା ନାୟକ (ଗୁଗୁଲୁ)**
**ବନ୍ଧିଲୋ, ସୁକିନ୍ଦା, ଯାଜପୁର**
ଧ-୧୭୯୮

## ଜନ୍ମଦିନ ଶୁଭେଚ୍ଛା



ଆମ ରାଜ ନନ୍ଦିନୀ 'ଲାବନ୍ୟା'ର ପ୍ରଥମ ଜନ୍ମ ଦିନର ଶୁଭ ମୁହୂର୍ତ୍ତରେ ବଡ଼ଠାକୁର ମହାବାହୁ ତାଙ୍କୁ ଦୀର୍ଘାୟୁ କରି ଗଢ଼ି ତୋଳନ୍ତୁ ଏତିକି ପ୍ରାର୍ଥନା ବିଭୁଙ୍କ ପଦାର ବିନ୍ଦରେ।
ଶୁଭେଚ୍ଛା ସହ– ଜେଜେ: ପ୍ରଫୁଲ୍ଲ, ବିଜୟ, ଅଜୟ, ସଞ୍ଜୟ, ବିପିନ୍, ଜେଜେମା': ପ୍ରଜ୍ଞାଭାରତୀ, ତଅପୋଇ, ବାପା: ଲକ୍ଷ୍ମୀଧର, ଲକ୍ଷ୍ମଣ, ସୁଧାଂଶୁ, ସୁଶାନ୍ତ, ବିଦ୍ୟାଧର, ପାର୍ଥସାରଥୀ, ବୋଉ: ବିଜୟାଲକ୍ଷ୍ମୀ, ଲକ୍ଷ୍ମୀ, ବନିତା, ଉର୍ମିଳା, ମାମୁ: ବୀର କିଶୋର, ବିନୋଦ।
ଧ-୧୭୯୯

# ଆଲୁମିନିୟମ ଶିଳ୍ପର ଅଭିବୃଦ୍ଧିକୁ ଗୁରୁତ୍ୱ

**୬ବର୍ଷ ମଧ୍ୟରେ ୩ ଲକ୍ଷ କୋଟି ବିନିଯୋଗ ଆବଶ୍ୟକ**

ନୂଆଦିଲ୍ଲୀ,୨୯।୧୦

ଦେଶର ପ୍ରମୁଖ ଶିଳ୍ପ ସଙ୍ଗଠନ ତଥା ଆଲୁମିନିୟମ ଆସୋସିଏସନ ଅଫ୍ ଇଣ୍ଡିଆ(ଏଏଆଇ)ର ପ୍ରସ୍ତାବ ଅନୁଯାୟୀ ଆଲୁମିନିୟମ ଉଦ୍ୟୋଗ ଘରୋଇ ବଜାର ପ୍ରବେଶକୁ ସୁରକ୍ଷା ଓ ସଦ୍ୟ ନିବେଶକୁ ଆକର୍ଷିତକରିବା ଲାଗି ସର୍ଜ ଇମ୍ପୋର୍ଟ ବିପକ୍ଷରେ ସୁରକ୍ଷା ଚାହୁଁଛି। ଏପରିକି ଆଗାମୀ ୬ ବର୍ଷ ମଧ୍ୟରେ ୩ଲକ୍ଷ କୋଟି ବିନିଯୋଗ ଆବଶ୍ୟକ ରହିଛି। ସେହିଭଳି ଆଲୁମିନିୟମ ଆମଦାନୀ ଉପରେ ଅତ୍ୟଧିକ ଶୁଳ୍କ ଲଗାଯାଇ ଘରୋଇ ଉଦ୍ୟୋଗୀଙ୍କୁ ସୁରକ୍ଷା ଦେବା ସହିତ ଅତ୍ୟାବଶ୍ୟକ କଞ୍ଚାମାଲ ଉପରେ ବିଦ୍ୟମାନ ଶୁଳ୍କ ଯଥାର୍ଥ ହେବା ଉଚିତ ବୋଲି କୁହାଯାଇଛି।

ଉଲ୍ଲେଖଯୋଗ୍ୟ, ଭାରତର ସର୍ବୋଚ୍ଚ ଆଲୁମିନିୟମ ଉତ୍ପାଦକମାନଙ୍କୁ ପ୍ରତିନିଧିତ୍ୱ କରୁଥିବା ସଂସ୍ଥା ତଥା ଭାରତ ସରକାରଙ୍କ ବାଣିଜ୍ୟ ମନ୍ତ୍ରଣାଳୟ ଅଧୀନରେ ଥିବା ଡିପାର୍ଟମେଣ୍ଟ ଫର୍ ପ୍ରୋମୋଶନ ଅଫ୍ ଇଣ୍ଡଷ୍ଟ୍ରି ଆଣ୍ଡ ଇଣ୍ଟରନାଲ ଟ୍ରେଡ୍ (ଡିପିଆଇଆଇଟି) ଜରିଆରେ ଏଏଆଇ ଏହାର ପୂର୍ବ ବଜେଟ ପ୍ରତିନିଧିତ୍ୱ ଦାଖଲ କରିଛି। ଏପରିକି ଏହା ଦେଶର ଆଲୁମିନିୟମ ଅଭିବୃଦ୍ଧି ଉପରେ ନିରନ୍ତର ଗୁରୁତ୍ୱ ଦେଇଥାଏ। ବିଶେଷକରି ୨୦୪୭ ସୁଦ୍ଧା ଦେଶ ଏକ ବିକଶିତ ଭାରତର ପରିକଳ୍ପନାକୁ ସାକାର କରିବା ଲାଗି ପ୍ରୟାସୀ ଥିଲାବେଳେ ଏହାଦ୍ୱାରା ଆମେରିକା, ମାଲେସିଆ ଓ ଇଣ୍ଡୋନେସିଆ ପରି ଅନେକ ଦେଶ ଆଲୁମିନିୟମକୁ ଏକ ରଣନୀତିକ କ୍ଷେତ୍ର ଭାବେ ବିବେଚନା କରିଛନ୍ତି।

ସେହିଭଳି ଶିଳ୍ପ ଆକଳନ ଅନୁସାରେ ବିଶ୍ୱର ହାରାହାରି ୧୨ କିଲୋଗ୍ରାମ ତୁଳନାରେ ଭାରତର ମୁଣ୍ଡ ପିଛା ଆଲୁମିନିୟମ ବାର୍ଷିକ ୩ କିଲୋ ରହିଛି। ଏପରିକି ୨୦୩୦ ସୁଦ୍ଧା ଆଲୁମିନିୟମର ୧୦ ଏମ୍‌ଟିପିଏରେ ପହଞ୍ଚିବାକୁ ଥିବା ଘରୋଇ ଚାହିଦା ସତ୍ତ୍ୱେ ଏହି କ୍ଷେତ୍ର ନୂଆ ପୁଞ୍ଜି ନିବେଶକୁ ଆକର୍ଷିତ କରିବାର ପ୍ରମୁଖ ଆହ୍ୱାନର ସମ୍ମୁଖୀନ ହୋଇଛି। ଏହି ଆଶା କରାଯାଉଥିବା ଚାହିଦା ପୂରଣ ଲାଗି ଆଗାମୀ ୬ବର୍ଷ ମଧ୍ୟରେ ୩ ଲକ୍ଷ କୋଟି ବିନିଯୋଗ ଆବଶ୍ୟକ ରହିଛି। ଏହା ହେଲେ ଦେଶରେ ଏକ ବ୍ୟାପକ ନିଯୁକ୍ତି ସୃଷ୍ଟି ମଧ ହୋଇପାରିବ।

ଏ ନେଇ ଶିଳ୍ପ ସଦସ୍ୟମାନେ ଉଲ୍ଲେଖ କରିଛନ୍ତି, ଘରୋଇ ବଜାରରେ ଆମଦାନୀ ପ୍ରବାହ ଓ ପୁଞ୍ଜି ବିନିଯୋଗ କରିବାରେ ଏକ ପ୍ରତିବନ୍ଧକ ରହିଛି, ଯେତେବେଳେ କି ଭାରତରେ ଆଲୁମିନିୟମ ହବ୍ ଉତ୍ପନ୍ନ ହେବା ପାଇଁ ସବୁ ପ୍ରକାର ଉପାଦାନ ଉପଲବ୍ଧ ଅଛି। ତେଣୁ ସରକାର ଏଥିପ୍ରତି ଗୁରୁତ୍ୱ ଦେବା ଉଚିତ ବୋଲି ଶିଳ୍ପ ସଦସ୍ୟମାନେ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି।

ତେଣୁ ଏଏଆଇ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛି, ଦେଶର ଆତ୍ମନିର୍ଭରଶୀଳତାକୁ ସହାୟକ ହେବା ଓ ପ୍ରାଥମିକ/ଡାଉନଷ୍ଟ୍ରିମ୍ ଉତ୍ପାଦ ଉପରେ ଆମଦାନୀ ଶୁଳ୍କକୁ ବିଦ୍ୟମାନ ୭.୫% ରୁ ୧୦%କୁ ବୃଦ୍ଧି କରାଗଲେ ଦେଶ ନୂଆ ପୁଞ୍ଜି ବିନିଯୋଗକୁ ଆକର୍ଷିତ କରିବ। ଅପରପକ୍ଷରେ ଶସ୍ତା ଆମଦାନୀକୁ ନିୟନ୍ତ୍ରଣ କରିବା ଲାଗି ଆବଶ୍ୟକ ବ୍ୟବସ୍ଥା ରହିବା ଉଚିତ ରହିଛି।

ବିଶ୍ୱର ପ୍ରତିଦ୍ୱନ୍ଦ୍ୱିତାକୁ ସୁନିଶ୍ଚିତ କରିବା ଲାଗି ଏହା ଜରୁରୀ ଯେ ନୀତିଗୁଡ଼ିକ ଏକ ସ୍ଥାୟୀ ପରିବେଶ ପ୍ରତିପୋଷଣ କରିବା ସହ ଘରୋଇ ଶିଳ୍ପ ଲାଗି ଅଭିବୃଦ୍ଧି ଘଟାଇବା ସହ ବିଶ୍ୱ ବଜାରରେ ଏକ ଅଗ୍ରଣୀ ଭାବେ ସ୍ଥାନିତ କରିବ। ବର୍ତ୍ତମାନ ଶିଳ୍ପ ଏହାର ଉତ୍ପାଦନ ମୂଲ୍ୟର ୧୭% ଟିକସ, ଶୁଳ୍କ ବହନ କରୁଛି। ଏହାକୁ ହ୍ରାସ କରିବା ଲାଗି ଏଏଆଇ ପ୍ରସ୍ତାବ ଦେଇଛି।

ଘରୋଇ ଆଲୁମିନିୟମ ଉଦ୍ୟୋଗର କ୍ଷମତା ବିନିଯୋଗରେ ୮ଲକ୍ଷରୁ ଅଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହୋଇଥିଲା ଏବଂ ଦୁର୍ଗମ ଅଞ୍ଚଳରେ ବିଶେଷକରି ଡାଉନଷ୍ଟ୍ରିମ କ୍ଷେତ୍ରରେ ୪୦୦୦ରୁ ଅଧିକ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶରେ ସହାୟକ ହୋଇଥିଲା।

# ବାଇକ୍ ରାଲି ଜରିଆରେ ସଚେତନତା

**ବିଏମ୍‌ସିର ନୂତନ ଅଭିଯାନ**

ଭୁବନେଶ୍ୱର,୨୯।୧୦



ବାଲ୍‌କୋ ମେଡିକାଲ ସେଣ୍ଟର (ବିଏମ୍‌ସି)ର ନୂତନ ଅଭିଯାନ 'ଶ୍ରମ ଛୋଡ଼ୋ, ଗାଣ୍ଠୋପେ ବୋଲୋ' ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ଅଭିଯାନର ଅଂଶ ଭାବେ ସ୍ତନ କର୍କଟ ରୋଗ ଉପରେ ଏକ ବାଇକ୍ ରାଲିର ଆୟୋଜନ କରାଯାଇଥିଲା।

ଉଲ୍ଲେଖଯୋଗ୍ୟ, ସର୍ବଭାରତୀୟ ସ୍ତରରେ ଅକ୍ଟୋବରକୁ ସ୍ତନ କର୍କଟ ସଚେତନତା ମାସ ଭାବେ ପାଳନ କରାଯାଇଥାଏ। ଏପରିକି ଏହି ରୋଗର ଲକ୍ଷଣ ଓ ରୋଗ ବିଷୟରେ ଉପଯୁକ୍ତ ଚିକିତ୍ସା ଲାଗି ଲୋକମାନଙ୍କୁ ଶିକ୍ଷା ଦେବା ନିମନ୍ତେ ଏହି କାର୍ଯ୍ୟକ୍ରମ ଉତ୍ସର୍ଗୀକୃତ ହୋଇଥାଏ।

ସେହିଭଳି ଛତିଶଗଡ଼ର ରାୟପୁର ମେରାଇନ ଡ୍ରାଇଭଠାରେ ମନ୍ତ୍ରୀ ଶ୍ୟାମ ବିହାରୀ ଜୟସ୍ୱାଲ ଏହି ରାଲିକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏପରିକି ସେ ତାଙ୍କ ଭାଷଣରେ ସଚେତନତାର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତକରି ସ୍ତନ କର୍କଟ ରୋଗର ଗୁରୁତ୍ୱ ଓ ଏହାର ଠିକ୍ ନିରୂପଣ ତଥା ଚିକିତ୍ସା ବିଷୟରେ ଲୋକମାନଙ୍କୁ ଉଦ୍‌ବୋଧନ ଦେଇଥିଲେ।

ବିଏମ୍‌ସିର ଏମ୍‌ଡି ଡା. ଭାବନା ସିରୋହି କହିଥିଲେ, ଭାରତରେ ୧୦ ଜଣ ମହିଳାଙ୍କ ମଧ୍ୟରୁ ଜଣକଠାରେ ସ୍ତନ କର୍କଟ ହେବା ସମ୍ଭାବନା ରହିଛି। ଏଥିପାଇଁ ଜୀବନଶୈଳୀ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ରୋଗକୁ ଯଥା ସମୟରେ ଚିହ୍ନଟକରି ଉପଯୁକ୍ତ ଚିକିତ୍ସା ଓ ଯତ୍ନ ଦ୍ୱାରା ଆରୋଗ୍ୟ କରାଯାଇପାରିବ। ରୋଗକୁ ଶୀଘ୍ର ଚିହ୍ନଟ ଓ ଚିକିତ୍ସା ଗରୁତ୍ୱପୂର୍ଣ୍ଣ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ।

ସେହିପରି ନଭା ରାୟପୁର ଅଟଳନଗର ବିକାଶ ପ୍ରାଧିକରଣ ଓ ନ୍ୟାଶନାଲ ଥର୍ମାଲ ପାୱାର କର୍ପୋରେଶନ ଦ୍ୱାରା ସମର୍ଥିତ ଏହି ରାଲିରେ ସକ୍ରିୟ ସ୍ୱାସ୍ଥ୍ୟ ପଦକ୍ଷେପ ଉପରେ ଆଲୋକପାତ କରାଯାଇଥିଲା ଏବଂ ସ୍ତନ କର୍କଟର ଲକ୍ଷଣ, ଯାଞ୍ଚ ଓ ଚିକିତ୍ସା ବିକଳ୍ପ ଉପରେ ଧ୍ୟାନ ଦେବାକୁ କୁହାଯାଇଥିଲା। ଏଥିରେ ୧୦ଟି ବାଇକର୍ ଗୋଷ୍ଠୀ, ଭାରତୀୟ ସେବା, ସିଆର୍‌ପିଏଫ୍, କର୍ପୋରେଟ ଓ ଗୋଷ୍ଠୀ ସଦସ୍ୟ ୨୫୦ରୁ ଅଧିକ ଲୋକ ଯୋଗ ଦେଇଥିଲେ।

ପରିଶେଷରେ ବାଲ୍‌କୋ ମେଡିକାଲଠାରେ ସ୍ତନକର୍କଟଦ୍ୱାରା ପ୍ରଭାବିତ ବ୍ୟକ୍ତିଙ୍କ ସମ୍ମାନାର୍ଥେ ଏକ ପ୍ରତୀକାତ୍ମକ ବୃକ୍ଷରୋପଣ ଅଭିଯାନ କରାଯାଇଥିଲା।


# Classified Everyday 0674-2580101, 2549949


MATRIMONIAL


REAL ESTATE

**BRIDE WANTED**

Wanted homely bride from Karan/ Khandayat caste for Karan groom D.O.B.- 14.11.86, Height- 5'10", B.Sc. with M.B.A. own house with Medicine Business near S.C.B. Medical College, Cuttack. No Dowry. Contact- 7978668288. D-1761

Wanted bride from Karan caste for Groom D.O.B.- 11.07.1991, Height-5'11", Qualification M.C.A. Working in Senior Clerk in Central Bank of India at Cuttack. Contact- 8339940420. D-1762

**GROOM WANTED**

ବୟସ 28 କୌଣସି ଚାକିରି କରୁ ନ ଥିବା ସୁନ୍ଦରୀ ସୁଶୀଳ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 8984431927. D-1772

**SALE**

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 8328857872, 8895816302. D-1797

Duplex sale at Bhubaneswar and apartment Kalinganagar DAV School- 9777433701. D-76202

ମାତ୍ର ତିନି ଲକ୍ଷରେ ଓଡ଼ିଶାର ସର୍ବାଧିକ ଲାଭଦାୟକ ପ୍ଲଟ୍ (Investment Plot). Contact: 8917622925. D-1526

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437054765, 9853035888. D-1796

ନଖରା ଗ୍ରାଣ୍ଡବଜାର ବିଶ୍ୱାଳପଡ଼ାରେ ଘରବାଡ଼ି ଜମି ପାଚେରି ସହିତ ମିଳୁଛି। ଯୋଗାଯୋଗ- 8847830306, 8984999772. D-71077

କଟକ–ଭୁବନେଶ୍ୱର ମଧ୍ୟଭାଗରେ **Sum Hospital-2** ନିକଟସ୍ଥ **Grand Bazar (NH-16)** ସମ୍ମୁଖରୁ ଅଳ୍ପଦୂରତାରେ **30ft.** ରାସ୍ତା ଥାଇ ଘରବାରି ପ୍ଲଟ୍ କିଣନ୍ତୁ। **9658562429.** D-76201

**LOST**

I Kabita Nayak, W/o Ashok Kumar Behera, Masterpada, Phulbani, Kandhamal declare that the original gift deed executed in my favoure by Ashok kumar Behera vide 11442300695 dt.02.12.2023 is lost somewhere which is reported at Phulbani tow PS vide diary No.- 009/21.10.2024. I am using certified copy of the same which is not pledged for mortgage in any bank or financial institution for loan purpose.
Sd./- Kabita Nayak
D-1800

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit No.- 2056 dtd. 10.06.2024. I Ms Ranjulata Sahoo(60yrs), W/o- Banamali Sahoo, Vill- Asurali, P.s.- Dhusuri, Dist.- Bhadrak. I have an LIC Policy bearing No.- 586247222 where is my name is Sanjukta Sahoo. By this Affidavit I declare that Ranjulata Sahoo and Sanjukta Sahoo W/o- Banamali Sahoo same and one person. D-1801

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

## ଫୁଲ ଚାଷ



**ଗୋ**ଲାପ ଫୁଲଗଛର ପୁରୁଣା ଡାଳସବୁ କାଟି ଦିଅନ୍ତୁ। କଟା ଅଗରେ ବୋର୍ଡୋପେଷ୍ଟ ଲଗାନ୍ତୁ। ୧୦୦ ଗ୍ରାମ୍ ତୁତିଆ ଓ ୧୦୦ ଗ୍ରାମ୍ ଶିପ ଚୂନକୁ ୧ ଲିଟର ପାଣିରେ ମଣ୍ଡ ପ୍ରସ୍ତୁତକରି ଲଗାନ୍ତୁ । ଗଛରେ ନୂଆପତ୍ର ବାହାରିଲେ ଗଛ ପ୍ରତି ୧୦ ଗ୍ରାମ୍ ଯବକ୍ଷାରଜାନ, ୧୦ ଗ୍ରାମ୍ ଫସ୍‌ଫରସ୍ ଓ ୧୫ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ । ବର୍ଷା ଯୋଗୁ ଗେଣ୍ଡୁଫୁଲ ଗଛ ଲଗାଇ ନ ଥିଲେ ବର୍ତ୍ତମାନ ଲଗାନ୍ତୁ । ସିରାକୋଲ୍, ଆଫ୍ରିକାନ୍ ଡ୍ୱାର୍ଫ ଜ୍ୟାଣ୍ଟ ଅରେଞ୍ଜ୍, ଆଫ୍ରିକାନ୍ ଡ୍ୱାର୍ଫ ଜ୍ୟାଣ୍ଟ ୟେଲୋ, ପୁଷା ବାସନ୍ତୀ ଆଦି ଉନ୍ନତ କିସମ ବ୍ୟବହାର କରନ୍ତୁ। ଗ୍ଲାଡିଓଲି କନ୍ଦାକୁ ଓଦା ବାଲିରେ ଗଜାକରି ଲଗାନ୍ତୁ । କନ୍ଦା ଲଗାଇବା ପୂର୍ବରୁ ବିଶୋଧନ କରନ୍ତୁ । ଫ୍ରେଣ୍ଡଶିପ୍, ଫ୍ରେଣ୍ଡଶିପ୍ ହ୍ୱାଇଟ୍, ପିଟର ପିୟର୍‌ସ, ରେଡ୍ ବିଉଟି, ନୋଭାଲକ୍ସ, ହରମାଜେଷ୍ଟି, ବ୍ଲାକ୍ ଜ୍ୟାକ୍, ଚେରିବ୍ଲସମ୍, ଅର୍ଚ୍ଚନା, ବିନ୍ଦିଆ, ଧନ୍ୱନ୍ତରୀ, ଦର୍ଶନ ଆଦି ଉନ୍ନତ ଅଧିକ ଅମଳକ୍ଷମ ଗ୍ଲାଡିଓଲି ବିହନ ସଂଗ୍ରହ କରନ୍ତୁ ।

## ସୂର୍ଯ୍ୟମୁଖୀ ଚାଷ



**ନ**ଭେମ୍ବର ୧୫ ତାରିଖ ମଧ୍ୟରେ ମଞ୍ଜିବୁଣା କାମ ଶେଷ କରନ୍ତୁ । ମୋର୍‌ଡେନ୍, ସୂର୍ଯ୍ୟ, ସନ୍‌ରାଇଜ୍ ଏବଂ ସଙ୍କର କିସମ ଯଥା – କେ.ବି.ଏସ୍.ଏଚ୍.–୧, କେ.ବି.ଏସ୍.ଏଚ୍.–୪୪, ପି.ଏ.ସି.–୩୬, ଏମ୍.ଏସ୍.ଏଫ୍.ଏଚ୍.–୮, ଜ୍ୱାଳାମୁଖୀ ଆଦି ଉନ୍ନତ କିସମର ସୂର୍ଯ୍ୟମୁଖୀ ବିହନ ବ୍ୟବହାର କରନ୍ତୁ । ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ୧୦ କି.ଗ୍ରା. ଏବଂ ସଙ୍କର କିସମ ପାଇଁ ୫ କି.ଗ୍ରା. ବିହନ ବ୍ୟବହାର କରନ୍ତୁ । ବୁଣିବା ପୂର୍ବରୁ ୧ କି.ଗ୍ରା. ବିହନ ପ୍ରତି ୩ ଗ୍ରାମ୍ କାପ୍‌ଟାନ୍/ଥିରାମ୍ ଗୋଳାଇ ବିଶୋଧନକରି ବୁଣନ୍ତୁ । ଉନ୍ନତ କିସମ ପାଇଁ ଧାଡ଼ିକୁ ଧାଡ଼ି ୪୫ ସେ.ମି., ଗଛକୁ ଗଛ ୩୦ ସେ.ମି. ଏବଂ ସଙ୍କର କିସମ ପାଇଁ ଧାଡ଼ିକୁ ଧାଡ଼ି ୬୦ ସେ.ମି., ଗଛକୁ ଗଛ ୩୦ ସେ.ମି. ବ୍ୟବଧାନ ରଖନ୍ତୁ । ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ମୂଳସାର ୩୦:୪୦:୩୦ ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ଏବଂ ସଙ୍କର କିସମ ପାଇଁ ୬୦:୮୦:୬୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ସାର ବ୍ୟବହାର କରନ୍ତୁ ।

# ମଧ୍ୟମ କିସମ ଧାନ ଅମଳ ସମୟରେ...

**ମ**ଧ୍ୟମ କିସମ ଧାନ କେଣ୍ଡାରେ ଶତକଡ଼ା ୮୫ ଭାଗ ଧାନ ପାଚିଥିଲେ ତାହାକୁ କାଟି ଅମଳ କରନ୍ତୁ । ଧାନ କାଟିବାର ଏକ ସପ୍ତାହ ପୂର୍ବରୁ ଜମିରୁ ପାଣି କାଟି ଦିଅନ୍ତୁ । ବିଳମ୍ବ କିସମ ଧାନ ଫୁଲ ଉଡ଼ାଇବା ଅବସ୍ଥାରେ ଥିଲେ ଜମିରେ ୫ ସେ.ମି. ଠିଆପାଣି ବାନ୍ଧି ରଖନ୍ତୁ । ଧାନ କ୍ଷୀର ଢୋକିଲାବେଳେ ଗନ୍ଧିପୋକର ଆକ୍ରମଣରୁ ରକ୍ଷାକରିବା ପାଇଁ ଆବଶ୍ୟକ ଫସଲ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରନ୍ତୁ । ଉତ୍କୃଷ୍ଟ ବିହନ କରିବା ପାଇଁ ମିଶାଧାନ ଓ ବାଲୁଙ୍ଗା ଗଛକୁ ବାଛି ବାହାର କରିଦିଅନ୍ତୁ । ଧାନ ଅମଳ ପରେ ଧାନକୁ ୨–୩ଟି ଟାଣଖରାରେ ଶୁଖାଇ ସାଇତି ରଖନ୍ତୁ । ଅମାରର ୧୦୦ ବର୍ଗଫୁଟ ଜାଗା ପାଇଁ ୨୫୦ ଗ୍ରାମ୍ ହିସାବରେ ଶତକଡ଼ା ୫ ଭାଗ ମାଲାଥିଅନ ଗୁଣ୍ଡ ଅମାରର ଚଟାଣ, କାନ୍ଥ ଓ ଛାତରେ ପ୍ରୟୋଗକଲେ ପୋକ ଲାଗିବ ନାହିଁ । ସାପ୍ତାହିକ ରୋଗ ପୋକ ସର୍ବେକ୍ଷଣକରି ଆର୍ଥିକ ନିୟନ୍ତ୍ରଣ ସୀମାକୁ ଦୃଷ୍ଟିରେ ରଖି ଆବଶ୍ୟକ ମତେ ରାସାୟନିକ ସଂରକ୍ଷଣ ବ୍ୟବସ୍ଥା ଗ୍ରହଣ କରନ୍ତୁ । **ଡାଲି ଜାତୀୟ ଫସଲ :** ମାଟିର ବତର ଦେଖି ମୁଗ/ବିରି ଫସଲ ପାଇଁ ଜମି ଚାଷ କରନ୍ତୁ । ଧାନ କାଟିବାର ୭ ଦିନ ପୂର୍ବରୁ ମଧ୍ୟମ ଓ ଖାଲ ଜମିରେ ବତର ଥିବା ଅବସ୍ଥାରେ ଏକର ପ୍ରତି ଅନୁମୋଦିତ ବିହନ ପରିମାଣର ଶତକଡ଼ା ୨୫ ଭାଗ ଅଧିକ ମୁଗ/ବିରି/ମଟର/ବୁଟ ଆଦି ବିହନ ଛଟାବୁଣା କରନ୍ତୁ । ବୁଣିବା ପୂର୍ବଦିନ ଏକର ପ୍ରତି ୪୦ କି.ଗ୍ରା. ଡିଏପି



## ନଭେମ୍ବର ମାସର କୃଷି ସୂଚନା

ଏବଂ ୧୩ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍ ସାର ପ୍ରୟୋଗ କରନ୍ତୁ । **ମୁଗ କିସମ :** ଟାର୍ମ–୧, ଟାର୍ମ–୨, ଜ୍ୟୋତି, କାମଦେବ, ଧଉଳି, ଦୁର୍ଗା, ସୁଜାତା, ଆଇପିଏମ୍ ୨–୧୪, ଆଇପିଏମ୍ ୨–୩ । **ବିରି କିସମ :** ପିୟୁ ୩୦, ଟିୟୁ ୯୪–୨, ସାରଳା, ପ୍ରସାଦ, ପି.ୟୁ.–୧୯, ଉଜାଲା, ମହୁରୀ, ଶଶୀ । **ବୁଟ :** ଶ୍ୱେଥା, ଭାରତୀ, ବିହାର, ଜେଜି–୬୨, ସି–୨୩୫, ଆଇସିସି–୪, ରାଧେ, ଆନେଗିରି, ଜେଜି–୧୪, ଏଚ୍–୨୦୮ । **ମଟର କିସମ :** ରଚନା, ଏଚ୍‌ୟୁଡିପି–୧୫, ଜେପି–୮୮୫, ଉତ୍ତରା, ଡିଡିଆର୍–୨୭, ଅପର୍ଣ୍ଣା, ଆଦର୍ଶ । ବିହନ ବିଶୋଧନ କରିବାର ୭ ଦିନ ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଓ ଫସ୍‌ଫୋବ୍ୟାକ୍ଟ୍ରିନ୍ ଗୋଳାଇ ଛାଇରେ ଶୁଖାଇ ବୁଣନ୍ତୁ । ବିହନ ବୁଣିବା ପୂର୍ବରୁ ହେକ୍ଟର ପ୍ରତି ୨୦:୪୦:୨୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ଜମିରେ ପ୍ରୟୋଗ କରନ୍ତୁ। ପାଉଁଶିଆ ରୋଗ ସଲ୍‌ଫେକ୍ସ ୪ ଗ୍ରାମ୍ ପ୍ରତି ଲିଟର ପାଣିରେ ଗୋଳାଇ ସଞ୍ଚନ କରାଯାଏ। ୧୦ ଦିନ ପରେ ଦରକାର ଅନୁଯାୟୀ ସିଞ୍ଚନ କରନ୍ତୁ। ଜଉପୋକ ୧୫ ଲିଟର ପାଣିରେ ୫ ମି.ଲି. ଇମିଡାକ୍ଲୋପ୍ରିଡ୍ ସିଞ୍ଚନ କରନ୍ତୁ। ଛୁଇଁବିନ୍ଧା ପୋକ ଦମନ ପାଇଁ କାର୍ବୋସଲ୍‌ଫାନ୍ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଗୋଳାଇ ସିଞ୍ଚନ କରନ୍ତୁ। ଦରକାର ହେଲେ ୧୫–୨୦ ଦିନ ପରେ ପୁଣି ସିଞ୍ଚନ କରାଯିବା ଉଚିତ।

**ଆଖୁ :** ଉନ୍ନତ କିସମର ଆଖୁ ବିହନ ଯଥା – ସବିତା, ନୀଳମାଧବ, ନୟନା, ବିଶ୍ୱାମିତ୍ର, ଉତ୍ତରା ଭବାନୀ, ରଘୁନାଥ, ନୀଳଚକ୍ର, ଚର୍ଚ୍ଚିକା ଆଦି ସଂଗ୍ରହ କରନ୍ତୁ । ଜମିରେ ପାଣି ରହୁଥିଲେ ନିଷ୍କାସନ ବ୍ୟବସ୍ଥା ଗ୍ରହଣ କରନ୍ତୁ । ପତ୍ରଡିଆଁ/ଧଳାମାଛି ଆକ୍ରମଣ ଦେଖାଗଲେ ୩ ଲିଟର ପାଣିରେ ୧ ଗ୍ରାମ୍ ଥାୟାମେଥୋକ୍ସାମ୍ ଗୋଳାଇ ସିଞ୍ଚନ କରନ୍ତୁ । ନାଲି ଶଢ଼ାରୋଗ ଆକ୍ରମଣକଲେ କାର୍ବେଣ୍ଡାଜିମ୍ (୧୨%) ସହିତ ମାଙ୍କୋଜେବ୍ (୬୩%) ଡବ୍ଲ୍ୟୁପି ମିଶ୍ରିତ ଫିମ୍ପିନାଶକ ୨ ଗ୍ରାମ୍‌କୁ ୧ ଲିଟର ପାଣିରେ ଗୋଳାଇ ଆକ୍ରାନ୍ତ ଗଛର ମୂଳ ମାଟିକୁ ଭିଜାନ୍ତୁ ।

**କପା :** ଚିତ୍ରିତ ବକରା/ପାଟଳ ବକରା ପୋକ ଲାଗିଲେ ୨.୫ ମି.ଲି. ଟ୍ରାଇଆଜୋଫସ୍ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ତା' ପରେ କୀଟ ଆକ୍ରମଣ ନ କମିଲେ ଇନ୍‌ଡକ୍ସାକାର୍ବ ପ୍ରତି ୨ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରେ। ସକାଳ ୮ଟା ପରେ (କାକର ଶୁଖିଲା ପରେ) କପା ତୋଳନ୍ତୁ । ପ୍ରଥମ ଥର ଏବଂ ପ୍ରତିଥର ତୋଳାଯାଇଥିବା କପାକୁ ଅଲଗା ରଖି ଶୁଖାଇ ସଫାକରି ଶୁଖିଲା ପ୍ଲାଷ୍ଟିକ୍ ବସ୍ତାରେ ସାଇତି ରଖନ୍ତୁ ।

**ପନିପରିବା ଫସଲ**

**ଆଳୁ :** କୁଫ୍ରି ଜ୍ୟୋତି, କୁଫ୍ରି ସୂର୍ଯ୍ୟ, କୁଫ୍ରି ଖ୍ୟାତି, ଚିପ୍‌ସୋନା–୩, କୁଫ୍ରି ବାଦ୍‌ଶାହା, କୁଫ୍ରି ଅଶୋକା, କୁଫ୍ରି ଲାଲିମା, କୁଫ୍ରି ସିନ୍ଦୁରୀ କିସମ ୨–୩ ଆଖି ବିଶିଷ୍ଟ ୨୦–୨୫ ଗ୍ରାମ୍ ଓଜନ କଟା କିମ୍ବା ୨.୫ ସେ.ମି. ବ୍ୟାସ ବିଶିଷ୍ଟ ଗୋଟା ଆଳୁ ହେକ୍ଟର ପ୍ରତି ୨୦ କୁଇଣ୍ଟାଲ ବିହନ ବ୍ୟବହାର କରନ୍ତୁ । ୦.୩% ମାନ୍‌କୋଜେବ୍‌ରେ ବିହନ ଆଳୁକୁ ବିଶୋଧନକରି ମୂଳସାର ହେକ୍ଟର ପ୍ରତି ୯୦:୮୦:୧୦୦ କି.ଗ୍ରା. ଯବକ୍ଷାଜାନ, ଫସ୍‌ଫରସ୍ ଓ ପଟାସ୍ ସାର ପ୍ରୟୋଗକରି ୪୫–୬୦ ସେ.ମି. x ୧୫–୨୦ ସେ.ମି. ବ୍ୟବଧାନରେ ଲଗାନ୍ତୁ ।

**ପଶୁପାଳନ :** ଗୋରୁ ଗୁହାଳକୁ ସର୍ବଦା ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ । ପଶୁମାନଙ୍କୁ କୃମିନାଶକ ଔଷଧ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ଖୁଆନ୍ତୁ । ପଶୁମାନଙ୍କୁ ପରିଷ୍କାର କୂଅ ଓ ନଳକୂଅ ପାଣି ପିଇବାକୁ ଦିଅନ୍ତୁ । ପଶୁମାନେ ରୋଗାକ୍ରାନ୍ତ ହେଲେ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶକରି ଔଷଧ ଦିଅନ୍ତୁ । ଫାଟୁଆ ରୋଗର ପ୍ରତିଷେଧକ ଟିକାକରଣ ପାଇଁ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

**ମାଛଚାଷ :** ବର୍ଷାରେ ମାଛ ପୋଖରୀ ହୁଡ଼ା ଭାଙ୍ଗିଯାଇଥିଲେ ତୁରନ୍ତ ମରାମତି କରନ୍ତୁ । ୧ ହେକ୍ଟର ବିଶିଷ୍ଟ ମାଛପୋଖରୀର ୧୨,୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ଓ ୩ କି.ଗ୍ରା. ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ସମୁଦାୟ ଦୈନିକ ୭ କି.ଗ୍ରା. ୫୦୦ ଗ୍ରାମ୍ ଦାନା ଖାଇବାକୁ ଦିଅନ୍ତୁ। ପୋଖରୀର ନିମ୍ନ ସ୍ତରରେ ଥିବା ମିରିକାଳୀ ଓ ବିଲାତି ରୋହି ଉପରସ୍ତରକୁ ଉଠିଲେ ଓ ପୋଖରୀ ତଳମାଟିରୁ ଦୁର୍ଗନ୍ଧ ବାହାରୁଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୫୦ କି.ଗ୍ରା. ଜିଓଲାଇଟ୍ ବ୍ୟବହାର କରନ୍ତୁ । ଶୀତଦିନ ପ୍ରାରମ୍ଭରୁ ପୋଖରୀରେ ୪୦ କି.ଗ୍ରା. ଚୂନ ସହିତ ୪ କି.ଗ୍ରା. ହଳଦୀଗୁଣ୍ଡ ମିଶାଇ ଦୁଇଟି କିସ୍ତିରେ ୧ମାସ ଅନ୍ତରରେ ପକାଇଲେ ମାଛମାନଙ୍କୁ ରୋଗ ହୋଇ ନ ଥାଏ ।

–କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର–୩

## ଫଳ ଚାଷ

**ବ**ଗିଚାକୁ ବର୍ଷା ପରେ ଭଲଭାବରେ ଚାଷ କରନ୍ତୁ । ଫଳବଗିଚା ସଫାକରି ଅନୁମୋଦିତ ପ୍ରଣାଳୀରେ ଖତ, ରାସାୟନିକ ସାର ଓ ଅଣୁସାର ବର୍ଷା ଛାଡ଼ିବା ପୂର୍ବରୁ ଗଛରେ ଦିଅନ୍ତୁ । ଆବଶ୍ୟକ ଅନୁଯାୟୀ ଜଳସେଚନ କରନ୍ତୁ । ପୁରୁଣା ଗଛକୁ କାଟଛାଣ୍ଟ କରନ୍ତୁ ଏବଂ ମାଆ ଗଛରୁ ବାହାରୁଥିବା କୁଆଁକୁ କାଟି ଦିଅନ୍ତୁ। ରୋଗପୋକ ନିୟନ୍ତ୍ରଣ କରନ୍ତୁ ଏବଂ ଉଇ ଆକ୍ରମଣ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। ଗଛ ମୂଳକୁ ଛାଦିକରଣ କରନ୍ତୁ। ବର୍ତ୍ତମାନ କଦଳୀ ଗଛ ଲଗାଇପାରିବେ। ଏଥିପାଇଁ ଗ୍ରାଣ୍ଡ୍ ନୈନ୍, ପାଟକପୁରା, ଡି.ସି. ପ୍ରଭୃତି କିସମ ନେଇପାରିବେ। ଆମ୍ବଗଛରେ ବଉଳ ଆସିବା ପାଇଁ ଜଳସେଚନ ବନ୍ଦ ରଖନ୍ତୁ ।



## ଅଳ୍ପରେ...



**ବାଇଗଣ :** ବାଇଗଣ ଫସଲରେ କାଣ୍ଡବିନ୍ଧା/ଫଳବିନ୍ଧା ପୋକ ଆକ୍ରମଣ ହେଲେ ୫ ମି.ଲି. ଫ୍ଲୁବେଣ୍ଡିଆମାଇଡ୍‌କୁ ୧୫ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ କିମ୍ବା ଇମାମେକ୍ଟିନ୍ ବେନ୍‌ଜୋଏଟ୍ ୫ ଗ୍ରାମ୍ / ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ୍ତୁ । ଆକ୍ରାନ୍ତ ଡାଳ ବା ଫଳକୁ ମାଟିରେ ପୋତି ଦିଅନ୍ତୁ । ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ।



**ଫୁଲକୋବି :** ଫୁଲକୋବି ଫସଲରେ ଶଁବାଳୁଆ ପୋକ ଲାଗିଲେ ୧ ମି.ଲି. ନୋଭାଲ୍ୟୁରନ୍‌କୁ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ଯଦି ଫୁଲକଢ଼ ପାକଳ ହୋଇଆସିଥିବ, ତେବେ ମାଲାଥିଅନ୍ ୧ ଲିଟର ପାଣିରେ ୧.୫ ମି.ଲି. ଗୋଳାଇ ସିଞ୍ଚନ କରନ୍ତୁ । ମୂଳା ଫସଲରେ ଫ୍ଲି ବିଟିଲ୍ ଲାଗିଥିଲେ ତା'ର ଦମନ ପାଇଁ ୧ ଲିଟର ପାଣିରେ ୨ ମି.ଲି. କ୍ଲୋରୋପାଇରିଫସ୍ ମିଶାଇ ସିଞ୍ଚନ କରନ୍ତୁ ।

**ଲଙ୍କା :** ଲଙ୍କା ଫସଲରେ ଉକ୍କୁଣିଆ ପୋକ ଲାଗିଲେ ୨ ମି.ଲି. ଇଥିଅନ୍ / ୧ ଲିଟର ପାଣିରେ କିମ୍ବା ୦.୩ ଗ୍ରାମ୍ ଏସିଟାମିପ୍ରିଡ୍ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ ।



# ଚିନାବାଦାମର ଉନ୍ନତ କିସମ



**ଚି**ନାବାଦାମର ଉନ୍ନତ କିସମ ମଧ୍ୟରେ ରହିଛି ଦେବୀ, ଜେ.ଏଲ୍.–୨୪, ଟି.ଏ.ଜି.–୨୪, ଟି.ଜି.–୩୮ ବି, ଟି.ଜି.–୩୭ ଏ, କାଦିରି–୩, କାଦିରି–୬, ଧରଣୀ । ହେକ୍ଟର ପ୍ରତି ୧୨୫ କି.ଗ୍ରା. (ମଞ୍ଜି) ବିହନକୁ ବିଶୋଧନକରି ରାଇଜୋବିୟମ୍ କଲ୍‌ଚର ୨୫୦ ରୁ ୫୦୦ ଗ୍ରାମ୍ ୧୦ କି.ଗ୍ରା. ବିହନ ପ୍ରତି ଉପଚାର କରନ୍ତୁ । ହେକ୍ଟର ପ୍ରତି ୨୦:୪୦:୪୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗକରି ଧାଡ଼ିକୁ ଧାଡ଼ି ୨୫ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ବୁଣନ୍ତୁ। ଫସ୍‌ଫରସ୍ ପାଇଁ ସିଙ୍ଗଲ ସୁପର ଫସ୍‌ଫେଟ୍ ବଦଳରେ ଡି.ଏ.ପି. (୧୮–୪୬–୦) ବ୍ୟବହାର କରୁଥିଲେ ବୁଣିବା ସମୟରେ ଏକର ପ୍ରତି ୧୦୦ କି.ଗ୍ରା. ଜିପ୍‌ସମ୍ ଧାଡ଼ିରେ ପ୍ରୟୋଗ କରନ୍ତୁ ।

# ପିଆଜ ତଳି ପ୍ରସ୍ତୁତି

**ପି**ଆଜ ତଳି ପ୍ରସ୍ତୁତ କରୁଥିଲେ ୧ ହେକ୍ଟର ଜମି ପାଇଁ ୫୦୦ ବର୍ଗମିଟର ପରିମିତ ଜମିରେ ତଳି ପକାନ୍ତୁ । ତଳି ପଟାଳି ଜମିଠାରୁ ୬ ଇଞ୍ଚ ଉଚ୍ଚ, ୧ ମିଟର ଓସାର ଏବଂ ସୁବିଧା ଅନୁଯାୟୀ ଲମ୍ବ ହେବା ଆବଶ୍ୟକ । ୨୦ କି.ଗ୍ରା. ଭଲ ଶଢ଼ା ଶୁଖିଲା ଗୋବର ଖତ ସହ ୧ କି.ଗ୍ରା. ଟ୍ରାଇକୋଡର୍ମା ଭିରିଡେ ଜୀବାଣୁସାର ଭଲ ଭାବରେ ମିଶାଇ ଏହାକୁ ୨–୩ ଦିନ ଛାଇରେ ପଲିଥିନ୍ ଘୋଡ଼ାଇ ରଖି ତଳି ପଟାଳିରେ ପ୍ରୟୋଗକରି ବିଶୋଧିତ ବିହନ ଧାଡ଼ିରେ ବୁଣନ୍ତୁ। ତଳିକୁ ଅଦିନିଆ ବର୍ଷାରୁ ରକ୍ଷା କରିବା ପାଇଁ ବାଉଁଶ କାଠି ଫ୍ରେମ୍‌ରେ ଜରି ଲଗାଇ ବର୍ଷାବେଳେ ଘୋଡ଼ାଇ ରଖନ୍ତୁ । ଜଳ ନିଷ୍କାସନ ପାଇଁ ପ୍ରତି ତଳି ପଟାଳି ମଝିରେ ୧ ଫୁଟ ଓସାରର ନାଳ ରଖନ୍ତୁ । ତଳି ୮–୧୦ ସପ୍ତାହ ହୋଇଥିଲେ ଜମିରେ ରୋପଣ କରନ୍ତୁ। ହେକ୍ଟର ପିଛା ୮ ରୁ ୧୦ କି.ଗ୍ରା. ବିହନ ଆବଶ୍ୟକ । ଏଗ୍ରି ଫାଉଣ୍ଡ୍ ଲାଇଟ୍ ରେଡ୍, ଏନ୍–୫୩, ଭୀମା ସୁପର, ଭୀମା ଶକ୍ତି ଆଦି ଅଧିକ ଅମଳକ୍ଷମ ବିହନ ବ୍ୟବହାର କରନ୍ତୁ । ହେକ୍ଟର ପିଛା ୧୨୦:୬୦:୬୦:୫୦ କି.ଗ୍ରା. ହିସାବରେ ଯବକ୍ଷାରଜାନ, ଫସ୍‌ଫରସ୍, ପଟାସ୍ ଓ ସଲ୍‌ଫର୍ ସାରକୁ ଦୁଇଟି କିସ୍ତିରେ ପ୍ରୟୋଗ କରନ୍ତୁ। ତଳି ରୋଇବା ବେଳେ ମୂଳସାର ହିସାବରେ ଉଭୟ ଯବକ୍ଷାରଜାନ ଏବଂ ଫସ୍‌ଫରସ୍ ସାରର ଅର୍ଦ୍ଧେକ ଏବଂ ସମୁଦାୟ ପଟାସ୍ ସାର ପ୍ରୟୋଗ କରନ୍ତୁ । ନଭେମ୍ବର ୨୦ ତାରିଖରୁ ଡିସେମ୍ବର ଶେଷ ସୁଦ୍ଧା ପିଆଜ ଲଗାଇବା କାର୍ଯ୍ୟ ସମାପନ କରନ୍ତୁ । ଘାସମରା ଔଷଧ, ପେଣ୍ଡିମେଥାଲିନ୍ ୩୦ ଏ.ଇ.କୁ ତଳି ରୋଇବାର ୨ ଦିନ ମଧ୍ୟରେ ପ୍ରୟୋଗକଲେ ଘାସ ନିୟନ୍ତ୍ରଣ ହୋଇପାରିବ। ତଳି ରୋଇବାର ୧୫ ଦିନ ପରେ ନିମ୍ ସିଡ୍ କର୍ନେଲ ଏକ୍ସଟ୍ରାକ୍ଟ ଦ୍ରବଣକୁ ଲିଟର ପ୍ରତି ୪ ମି.ଲି. ହିସାବରେ ଫସଲ ପ୍ରୟୋଗକଲେ ପତ୍ର ଉକ୍କୁଣି (ଥ୍ରିପ୍ସ) ନିୟନ୍ତ୍ରଣ କରାଯାଇପାରିବ ।



# ଅର୍ଦ୍ଧକମ୍ପୋଷ୍ଟ ପ୍ରଣାଳୀରେ ପାଳଛତୁ ଚାଷ

(ଶେଷ ଭାଗ)

**ପ୍ର**ଥମ ପର୍ଯ୍ୟାୟ ଅମଳର ୭ ବା ୮ ଦିନ ପରେ ଆଉ ଥରେ ଛତୁ ଫୁଟେ। ୧୦୦ କି.ଗ୍ରା. କମ୍ପୋଷ୍ଟରୁ ପ୍ରାୟ ୧୫ରୁ ୧୬ କି.ଗ୍ରା. ଓ ସର୍ବାଧିକ ୧୮ କି.ଗ୍ରା. ପର୍ଯ୍ୟନ୍ତ ଛତୁ ଅମଳ ହୁଏ । ନଡ଼ା ସହ ତୁଳା ଆବର୍ଜନା ମିଶେଇ ଚାଷକଲେ ଛତୁ ଉତ୍ପାଦନ ଆହୁରି ବୃଦ୍ଧିପାଏ। ନଡ଼ା ସହ କଦଳୀଗଛର ଶୁଖିଲା ପତ୍ର, ଶୁଖିଲା ବିଲାତି ଦଳ ଓ ଅନ୍ୟାନ୍ୟ କୃଷିଜାତ ପଦାର୍ଥ ମିଶାଇ ଓ ଆନୁଷଙ୍ଗିକ ପୋଷାକ ତତ୍ତ୍ୱ ବ୍ୟବହାରକରି ଅର୍ଦ୍ଧ କମ୍ପୋଷ୍ଟର ଗୁଣାତ୍ମକ ମାନ ବୃଦ୍ଧିକରି ଆହୁରି ଅଧିକ ପାଳଛତୁ ଉତ୍ପାଦନ କରାଯାଇପାରିବ ।

ପ୍ରଚଳିତ ପାଳଛତୁ ପଦ୍ଧତି ତୁଳନାରେ ନୂତନ ଅର୍ଦ୍ଧ କମ୍ପୋଷ୍ଟ ପ୍ରଣାଳୀରେ ଅନେକ ସୁଫଳ ମିଳିଥାଏ। ଭବିଷ୍ୟତରେ ବିଡ଼ା ନଡାର ଅଭାବଜନିତ ସମସ୍ୟାରୁ ମୁକ୍ତିଲାଭ କରିବାକୁ ହେଲେ ଅର୍ଦ୍ଧ କମ୍ପୋଷ୍ଟ ପ୍ରଣାଳୀରେ ପାଳଛତୁ ଉତ୍ପାଦନ କରିବା ଏକ ସମୟୋପଯୋଗୀ ପ୍ରତିକାର । ଏଥିରେ ସବୁ ପ୍ରକାର ଧାନ ନଡ଼ା ଓ ଅନେକ ପ୍ରକାର କୃଷିଜାତ ଅଦରକାରୀ ପଦାର୍ଥକୁ ବିନିଯୋଗକରି ପାଳଛତୁ ଉତ୍ପାଦନ କରିହେବ। ପାରମ୍ପରିକ ପ୍ରଣାଳୀଠାରୁ ଏହି ନୂତନ ପଦ୍ଧତିରେ ପ୍ରାୟ ୨ ଗୁଣ ଅଧିକ ଛତୁ ଅମଳ ହୋଇପାରେ। ଚାଷ ସମୟରେ ରୋଗ, ପୋକ ଓ ଅନିଷ୍ଟକାରୀ ଫିମ୍ପିମାନଙ୍କର ସଂକ୍ରମଣ ମଧ୍ୟ କମ୍ ହୁଏ। ଏହି ପ୍ରଣାଳୀରେ ଅମଳ ହେଉଥିବା ଛତୁ ପାରମ୍ପରିକ ପ୍ରଣାଳୀରେ ଉତ୍ପାଦିତ ହେଉଥିବା ପାଳଛତୁଠାରୁ ଅଧିକ ସ୍ୱାଦିଷ୍ଟ। ବେଡ୍‌ର ଉଚ୍ଚତା କମ୍ ଥିବାରୁ ଏକକ ପରିମିତ ଜାଗାରେ ଥାକ ବ୍ୟବସ୍ଥାକରି ପାରମ୍ପରିକ ପ୍ରଣାଳୀ ତୁଳନାରେ ଯଥେଷ୍ଟ ଅଧିକ ବେଡ୍ ରଖି ହେବ ଓ ଅପେକ୍ଷାକୃତ ଅଧିକ ପାଳଛତୁ ଉତ୍ପାଦନ କରିହେବ । ଯେଉଁ ଘରେ ଏବେ ଛତୁଚାଷ କରାଯାଉଛି, ସେହି ଘରେ ହିଁ ନୂତନ ପଦ୍ଧତିରେ ପାଳଛତୁ ଚାଷକରିହେବ । ପରିବେଶ ଦୃଷ୍ଟିରୁ ନୂତନ ପ୍ରଣାଳୀ ଅଧିକ ନିରାପଦ। ପାରମ୍ପରିକ ଚାଷ ପ୍ରଣାଳୀରେ ଛତୁ ଫାର୍ମରୁ ନିର୍ଗତ ପରିତ୍ୟକ୍ତ ବର୍ଜ୍ୟ ପଦାର୍ଥର କିଛି ସିଧାସଳଖ ଉପଯୋଗ ନାହିଁ । ସେଗୁଡ଼ିକ ଅନ୍ୟତ୍ର ଫୋପାଡ଼ିଦେବା ଫଳରେ ପରିବେଶ ଦୂଷିତ ହୁଏ । ଅର୍ଦ୍ଧକମ୍ପୋଷ୍ଟ ପ୍ରଣାଳୀରେ ଛତୁ ଅମଳହେବା ପରେ ବର୍ଜ୍ୟପଦାର୍ଥକୁ ସିଧାସଳଖ ଜୈବିକ ଖତ ଭାବରେ ବ୍ୟବହାର କରିହେବ। ଏହାର ଗୁଣାତ୍ମକ ମାନ ସାଧାରଣ ଖତଠାରୁ ଢେର ଅଧିକ। ତେଣୁ ଆମ ରାଜ୍ୟର ଅଗଣିତ ଛତୁ ଚାଷୀ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ବିକଶିତ ନୂତନ ଅର୍ଦ୍ଧକମ୍ପୋଷ୍ଟ ପ୍ରଣାଳୀର ସୁଯୋଗ ନିଅନ୍ତୁ ଓ ଏହି ପ୍ରଣାଳୀରେ ଅଧିକ ଛତୁ ଉତ୍ପାଦନକରି ଆର୍ଥିକ ଦୃଷ୍ଟିରୁ ଆହୁରି ମଜଭୁତ ହୁଅନ୍ତୁ ।




–ଡ. ବିକ୍ରମ କେଶରୀ ପାଣି,
ମୁଖ୍ୟ ବୈଜ୍ଞାନିକ, ସର୍ବଭାରତୀୟ ସମନ୍ୱିତ ଛତୁ ଗବେଷଣା ପ୍ରକଳ୍ପ,
ଓୟୁଏଟି, ଭୁବନେଶ୍ୱର–୩
ମୋ : ୯୪୩୭୬୯୭୩୬୩

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୩୦/୨୦୨୪ Bhubaneswar, Wednesday, October 30/ 2024

# ରୋଡ୍ରି, ବୋନମାଟି ଶ୍ରେଷ୍ଠ ଖେଳାଳି

## ବାଲନ୍ ଡି' ଅର

### ୨୧ ବର୍ଷ ପରେ ତାଲିକାରେ ନାହାନ୍ତି ମେସି, ରୋନାଲ୍ଡୋ

ପ୍ୟାରିସ୍,୨୯।୧୦(ପି.ଟି.)

ଚଳିତ ବର୍ଷର ବାଲନ୍ ଡି ଅର୍ ପୁରସ୍କାର ଘୋଷଣା ହୋଇଥିବା ବେଳେ ଏଥିରେ ସ୍ପାନିଆର୍ଡଙ୍କ ପ୍ରଭାବ ଦେଖିବାକୁ ମିଳିଛି। ପୁରୁଷ ବର୍ଗରେ ମିଡଫିଲ୍ଡର ରୋଡ୍ରି ଓ ମହିଳା ବର୍ଗରେ ଆଇଟାନା ବୋନମାଟି ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଛନ୍ତି। ସୋମବାର ବିଳମ୍ବିତ ରାତିରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ୨୮ ବର୍ଷୀୟ ରୋଡ୍ରି ପ୍ରଥମ ଥର ବାଲନ୍ ଡି' ଅର୍ ପୁରସ୍କାର ହାସଲ କରିଛନ୍ତି। ମାଞ୍ଚେଷ୍ଟର ସିଟିକୁ ପ୍ରିମିୟର ଲିଗ୍ ଓ ସ୍ପେନ୍‌କୁ ୟୁରୋ କପ୍ ଚାମ୍ପିୟନ କରାଇବାରେ ଏହି ତାରକା ମିଡଫିଲ୍ଡରଙ୍କ ବଡ଼ ଭୂମିକା ରହିଥିଲା। ବିଜୟୀ ତାଲିକା ଘୋଷଣା ହେବା ପରେ ରୋଡ୍ରି ଏହାକୁ ବିଶ୍ୱାସ କରି ନ ପାରି ମୁହଁରେ ହାତ ଦେଇଥିଲେ। ବାଲନ୍ ଡି' ଅର୍ ବିଜେତା ଜର୍ଜ ୱିଆଙ୍କ ନିକଟରୁ ସେ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏସିଏଲ୍ ଟିଅର କାରଣରୁ ଫୁଟବଲରୁ ଦୂରରେ ରହିଥିବା ରୋଡ୍ରି ଆଶାବାଡି ସାହାରାରେ ଏହି ଇଭେଣ୍ଟକୁ ଆସିଥିଲେ। ପ୍ରତି ଗେମ୍‌ରେ ନିଜ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ପ୍ରୟାସ କରିଥାଏ ବୋଲି ନିଜ ବକ୍ତବ୍ୟରେ କହିଥିଲେ ରୋଡ୍ରି।

ଅନ୍ୟପକ୍ଷରେ ୨୬ ବର୍ଷୀୟା ବୋନମାଟି ଲଗାତର ଦ୍ୱିତୀୟ ଥର ପାଇଁ ଏହି ପୁରସ୍କାର ହାସଲ କରିଛନ୍ତି। ବାର୍ସେଲୋନାକୁ ସ୍ପାନିଶ୍ ଲିଗ୍, ସ୍ପାନିଶ କପ ଓ ଚାମ୍ପିୟନ୍ସ ଲିଗ୍ ବିଜୟୀ କରିବାରେ ବୋନମାଟିଙ୍କ ଭୂମିକା ରହିଥିଲା। ବାର୍ସେଲୋନା ତାରକା





ଆଇଟାନା ବୋନମାଟି ଓ ରୋଡ୍ରି।

ଆଲେକ୍ସିସ୍ ପୁଟେଲାସଙ୍କ ପରେ ଦ୍ୱିତୀୟ ଖେଳାଳି ଭାବରେ କ୍ରମାଗତ ଥର ଏହି ପୁରସ୍କାର ଜିତିବାର ଗୌରବ ହାସଲ କରିଛନ୍ତି ବୋନମାଟି। ବାର୍ସେଲୋନାର ସାଥୀ ଖେଳାଳି କାରୋଲିନ୍ ଗ୍ରାହାମ୍ ହାନସେନ୍(ନରୱେ) ଓ ସଲମା ପାରାଲୁଏଲୋ(ସ୍ପେନ)ଙ୍କୁ ପଛରେ ପକାଇ ଏହି ପୁରସ୍କାର ବିଜୟୀ ହୋଇଥିଲେ। ଅଭିନେତ୍ରୀ ନାଟାଲି ପୋର୍ଟମ୍ୟାନଙ୍କ ନିକଟରୁ ସେ ଏହି ପୁରସ୍କାର ଗ୍ରହଣ କରିଥିବା ବେଳେ ଦ୍ୱିତୀୟ ଥର ପୁରସ୍କାର ପାଇଁ ଖୁସି ପ୍ରକାଶ କରିଥିଲେ। ଦଳୀୟ ସାଥୀ ଖେଳାଳି ଓ କ୍ଲବର ସାଥୀ ଖେଳାଳିଙ୍କୁ ନିଜ ସଫଳତା ପାଇଁ ସେ ଧନ୍ୟବାଦ ପ୍ରଦାନ କରିଥିଲେ। ବୋନମାଟି ଚଳିତ ସିଜନରେ ବାର୍ସେଲୋନା ପକ୍ଷରୁ ୧୯ ଗୋଲ ସ୍କୋର କରିଥିବା ବେଳେ ସ୍ପେନ୍ ଜାତୀୟ ଦଳ ପକ୍ଷରୁ ୫ ମ୍ୟାଚ୍‌ରୁ ୫ ଗୋଲ ଦେଇଛନ୍ତି।

ପୁରୁଷ ଖେଳାଳିଙ୍କ ମଧ୍ୟରେ ରିୟଲ ମାଡ୍ରିଡର ଭିନିସିୟସ ଜୁନିୟର ଦ୍ୱିତୀୟ ସ୍ଥାନରେ ରହିଥିଲେ। ଭିନିସିୟସଙ୍କ ସାଥୀ ଖେଳାଳି ଜୁଡ୍ ବେଲିଙ୍ଗହାମ ଓ ଡାନି କାର୍ଭାଜାଲ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଥିଲେ। ରିୟଲ ମାଡ୍ରିଡ୍‌ର ଏହି ୩ ଖେଳାଳି କିନ୍ତୁ କାର୍ଯ୍ୟକ୍ରମରେ ଯୋଗ ଦେଇ ନ ଥିଲେ। ଅନ୍ୟପକ୍ଷରେ ୮ ଥର ବାଲନ୍ ଡି' ଅର୍ ବିଜେତା ଲିଓନେଲ ମେସି ଓ ୫ ଥରର ବିଜେତା କ୍ରିଷ୍ଟିଆନୋ ରୋନାଲ୍ଡୋ ଏହି ତାଲିକାରେ ସାମିଲ ନ ଥିଲେ। ୨୦୦୩ ପରଠାରୁ ଏହି ୨ ଖେଳାଳି ନିୟମିତ ଏହି ତାଲିକାରେ ସ୍ଥାନ ପାଇ ଆସୁଥିଲେ। ୨୧ ବର୍ଷରେ ପ୍ରଥମ ଥର ପାଇଁ ୨ ଜଣଙ୍କ ମଧ୍ୟରୁ କେହି ସ୍ଥାନ ପାଇନାହାନ୍ତି।

ବାର୍ସେଲୋନାର ଯୁବ ପ୍ରତିଭା ଲାମିନ୍ ୟାମାଲ ଶ୍ରେଷ୍ଠ ଯୁବ ଖେଳାଳି ଭାବରେ କୋପା ପୁରସ୍କାର ବିଜୟୀ ହୋଇଛନ୍ତି। ୟୁରୋ କପ୍‌ରେ ସର୍ବକନିଷ୍ଠ ଖେଳାଳି ଭାବେ ଗୋଲ ସ୍କୋର କରିଥିବା ୟାମାଲ ୨୧ ବର୍ଷରୁ କମ୍ ବୟସ ବର୍ଗରେ ଶ୍ରେଷ୍ଠ ଖେଳାଳି ରହିଛନ୍ତି। ପ୍ୟାରିସ୍ ସେଣ୍ଟ ଜର୍ମେନ(ପିଏସ୍‌ଜି)ର କିଲିଆନ୍ ଏମ୍‌ବାପେ ଓ ବାୟେର୍ନ ମ୍ୟୁନିକ୍‌ର ହ୍ୟାରୀ କେନଙ୍କୁ ଦୋଶ ଓ କ୍ଲବ୍ ପକ୍ଷରୁ ସର୍ବାଧିକ ଗୋଲ ସ୍କୋରର ଭାବରେ ମିଳିତ ଭାବରେ ଜର୍ଡ ମୁଲର ପୁରସ୍କାର ମିଳିଥିଲା। ଉଭୟ ଖେଳାଳି ପୂର୍ବ ସିଜନରେ ୫୨ଟି ଲେଖାଏ ଗୋଲ ସ୍କୋର କରିଥିଲେ। ବାର୍ସେଲୋନାକୁ ଶ୍ରେଷ୍ଠ ମହିଳା ଦଳ ଓ ରିୟଲ ମାଡ୍ରିଡ୍‌କୁ ଶ୍ରେଷ୍ଠ ପୁରୁଷ ଦଳ ଭାବରେ ପୁରସ୍କୃତ କରାଯାଇଥିଲା। ରିୟଲ ମାଡ୍ରିଡ୍‌ର କାର୍ଲୋ ଆନ୍ସେଲୋଟିଙ୍କୁ ପୁରୁଷ ଓ ଏମା ହାୟେସଙ୍କୁ ଶ୍ରେଷ୍ଠ ମହିଳା କୋଚ୍ ଭାବରେ ଜୋହାନ କ୍ରାୟଫ୍ ଟ୍ରଫିରେ ପୁରସ୍କୃତ କରାଯାଇଥିଲା।

### ପୁରସ୍କାର ତାଲିକା

ବାଲନ୍ ଡି' ଅର: ରୋଡ୍ରି (ମାଞ୍ଚେଷ୍ଟର ସିଟି), ଆଇଟାନା ବୋନମାଟି(ବାର୍ସେଲୋନା)
କୋପା ଆୱାର୍ଡ: ଲାମିନ ୟାମାଲ(ବାର୍ସେଲୋନା)
ଜର୍ଡ ମୁଲର ଆୱାର୍ଡ: କିଲିଆନ୍ ଏମ୍‌ବାପେ(ପିଏସ୍‌ଜି), ହ୍ୟାରୀ କେନ୍(ବାୟେର୍ନ ମ୍ୟୁନିକ୍)।
ଶ୍ରେଷ୍ଠ ମହିଳା ଦଳ: ବାର୍ସେଲୋନା
ଶ୍ରେଷ୍ଠ ପୁରୁଷ ଦଳ: ରିୟଲ ମାଡ୍ରିଡ୍
ଶ୍ରେଷ୍ଠ ମହିଳା କୋଚ୍: ଏମା ହାୟେସ୍(ଆମେରିକା)
ଶ୍ରେଷ୍ଠ ପୁରୁଷ କୋଚ୍: କାର୍ଲୋ ଆନ୍ସେଲୋଟି(ରିୟଲ ମାଡ୍ରିଡ୍)
ସକ୍ରେଟିସ୍ ଆୱାର୍ଡ: ଜେନି ହର୍ମୋସୋ(ସ୍ପେନ୍)

ସ୍ପାନିଶ ଫୁଟବଲ ଫେଡେରେଶନ ସଭାପତି ଲୁଇସ୍ ରୁବେଲ୍ସଙ୍କ ବିରୋଧରେ ଯୌନ ଶୋଷଣ ମାମଲା ଲଢୁଥିବା ଫରୱାର୍ଡ ଜେନି ହର୍ମୋସୋଙ୍କୁ ସମାଜସେବା ପାଇଁ ସକ୍ରେଟିସ୍ ଆୱାର୍ଡ ମିଳିଥିଲା। ଦିବଂଗତ ଜର୍ମାନ ଫୁଟବଲ କିମ୍ବଦନ୍ତୀ ଫ୍ରାଞ୍ଜ ବେକେନବରଙ୍କ ସ୍ତ୍ରୀ ଓ ପୁଅଙ୍କୁ ଏକ ସ୍ୱତନ୍ତ୍ର ପୁରସ୍କାର ମିଳିଥିଲା।

## ସମ୍ବିତଙ୍କ ଶତକ: ଓଡ଼ିଶା ଅଗ୍ରଣୀ



ଭୁବନେଶ୍ୱର, ୨୯।୧୦ (ତପନ ସ୍ୱାଇଁ): ୱାୟନାଡ଼ର କ୍ରିଷ୍ଣଗିରି ଷ୍ଟାଡିୟମରେ ଚାଲିଥିବା କେରଳ ବିପକ୍ଷ ୨୩ ବର୍ଷରୁ କମ୍ କଲୋନେଲ ସି.କେ. ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ଇନିଂସ ଅଗ୍ରଣୀଲାଭ କରିଛି। ଏହି ମ୍ୟାଚରେ କେରଳ ପ୍ରଥମ ଇନିଂସରେ ୩୧୯ ରନରେ ଅଲ୍‌ଆଉଟ ହୋଇଥିଲା। ଜବାବରେ ଓଡ଼ିଶା ମଙ୍ଗଳବାର ତୃତୀୟ ଦିବସ ଖେଳ ଶେଷ ହେବା ବେଳକୁ ୮ ଉଇକେଟ ହରାଇ ୪୭୨ ରନ ସଂଗ୍ରହ କରିଛି। ଓଡ଼ିଶା ପକ୍ଷରୁ ସମ୍ବିତ ବରାଳ ଶତକ ହାସଲ କରିଥିବାବେଳେ ଓମ୍ ୯୨, ସାୱନ ପହାରିଆ ୭୬, ସାଇଦୀପ ମହାପାତ୍ର ୬୪ ଓ ଆଶୁତୋଷ ମାର୍ଣ୍ଡି ୫୧ ରନ ସ୍କୋର କରିଛନ୍ତି। ସମ୍ବିତ ୧୩୯ଟି ବଲ୍‌ର ସମ୍ମୁଖୀନ ହୋଇ ୧୦ ଚୌକା ଓ ୨ ଛକା ସହାୟତାରେ ୧୦୬ ରନ କରି ଅପରାଜିତ ରହିଛନ୍ତି। କେରଳ ପକ୍ଷରୁ ଇଡେନ ଆପ୍‌ଲେ ଟମ୍ ୪ଟି ଓ ଜିସ୍ନୁ ଏ. ୨ଟି ଉଇକେଟ ନେଇଛନ୍ତି।

## ଗିଲ୍, ରଶିଦ ଓ ସୁଦର୍ଶନଙ୍କୁ ରଖିବ ଟାଇଟନ୍ସ

ନୂଆଦିଲ୍ଲୀ, ୨୯।୧୦ (ପି.ଟି.): ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ମେଗା ନିଲାମି ପୂର୍ବରୁ ଗୁଜରାଟ ଟାଇଟନ୍ସ ଷ୍ଟାର ସ୍ପିନର ରଶିଦ ଖାନ୍ ଓ ବାମହାତି ବ୍ୟାଟର ସାଇ ସୁଦର୍ଶନଙ୍କ ସହ ସେମାନଙ୍କ ଅଧିନାୟକ ଶୁଭମନ ଗିଲ୍‌ଙ୍କୁ ଦଳରେ ରଖିବା ଲାଗି ସ୍ଥିର କରିଛି। ଅନ୍ୟପକ୍ଷରେ ଏପର୍ଯ୍ୟନ୍ତ ଜାତୀୟ ଦଳରୁ ଖେଳିବା ଲାଗି ସୁଯୋଗ ପାଇ ନ ଥିବା ହିଟର ରାହୁଲ ଟେୱାଟିଆ ଓ ଶାହାରୁଖ ଖାନ୍‌ଙ୍କୁ ମଧ୍ୟ ଦଳ ରିଟେନ କରିବ ବୋଲି ଆଶା କରାଯାଉଛି। ଭାରତୀୟ କ୍ରିକେଟ ଦଳର ଭାବି ଅଧିନାୟକ ବୋଲି ମନେ କରାଯାଉଛି। ଚଳିତବର୍ଷ ପ୍ରାରମ୍ଭରେ ସେ ପ୍ରଥମ ଥର ଟାଇଟନ୍ସ ଦଳର ଅଧିନାୟକ ଦାୟିତ୍ୱ ତୁଲାଇଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ୧୦ଟି ଦଳ ମଧ୍ୟରେ ତାଙ୍କ ଦଳ ୮ମ ସ୍ଥାନରେ ରହିଥିଲା। ଟାଇଟନ୍ସ ଦଳ ୨୦୨୨ରେ ଆଇପିଏଲ୍ ପଦାର୍ପଣ କରି ଚାମ୍ପିୟନ ହୋଇଥିଲା। ପରବର୍ତ୍ତୀ ବର୍ଷ ଦଳ ରନରଅପ୍ ହୋଇଥିଲା। ଉଭୟ ଥର ଦଳ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ଖେଳିଥିଲା। ୨୬ ବର୍ଷୀୟ ରଶିଦ ୨୦୨୨ରେ ତାଙ୍କ ପ୍ରଥମ ସିଜନରେ ୧୯ ଉଇକେଟ ନେଇଥିଲେ। ପରବର୍ତ୍ତୀ ସିଜନରେ ସେ ୨୭ ଉଇକେଟ ହାସଲ କରିପାରିଥିଲେ। ଏହି ସିଜନରେ ସେ ୧୨ଟି ଗେମ୍‌ରେ ୩୬.୭୦ ଆଭରେଜରେ ମୋଟ ୧୦ ଉଇକେଟ ନେଇଥିଲେ। ଖେଳାଳି ରିଟେନ ପାଇଁ ସମୟସୀମା ଅକ୍ଟୋବର ୩୧ ଧାର୍ଯ୍ୟ କରାଯାଇଛି। ଯୁବ ଖେଳାଳି ସୁଦର୍ଶନ ଗୋଟିଏ ବର୍ଷ ୧୨ଟି ଗେମ୍ ଖେଳି ଗୋଟିଏ ଶତକ ସହ ୫୧୨ ରନ ସଂଗ୍ରହ କରିବା ଦ୍ୱାରା ତାଙ୍କ ଜାତୀୟ ଦଳରେ ସ୍ଥାନ ମିଳିଥିଲା। ସେ ୩ଟି ଅନ୍ତର୍ଜାତୀୟ ଦିନିକିଆ ଓ ଗୋଟିଏ ଟି୨୦ ଖେଳିବାର ସୁଯୋଗ ପାଇଛନ୍ତି।

## ଭାରତୀୟ ଦଳରେ ଯୋଗଦେଲେ ହର୍ଷିତ୍

ନୂଆଦିଲ୍ଲୀ,୨୯।୧୦(ପି.ଟି.): ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତିମ ତଥା ତୃତୀୟ ଟେଷ୍ଟ ପାଇଁ ଭାରତୀୟ ଦଳରେ ଯୋଗ ଦେଇଛନ୍ତି ପେସ୍ ବୋଲର ହର୍ଷିତ୍ ରାଣା। ଚଳିତ ରଣଜୀ ସିଜନରେ ଦିଲ୍ଲୀର ପ୍ରଥମ ବିଜୟ ପରେ ହର୍ଷିତଙ୍କୁ ଅନ୍ତିମ ଟେଷ୍ଟ ପାଇଁ ଭାରତୀୟ ଦଳରୁ ଡାକରା ମିଳିଛି। ଦ୍ୱିତୀୟ ଟେଷ୍ଟ ପୂର୍ବରୁ ହର୍ଷତ ଭାରତୀୟ ଦଳରେ ରିଜର୍ଭ ଖେଳାଳି ରହିଥିଲେ। ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଦିଲ୍ଲୀ ଓ ଆସାମ ମ୍ୟାଚ୍ ପାଇଁ ହର୍ଷିତଙ୍କୁ ରିଲିଜ୍ କରାଯାଇଥିଲା। ଏହି ଟେଷ୍ଟକୁ ୧୧୩ ରନ୍‌ରେ ହାରିବା ସହ ଭାରତ ୧୨ ବର୍ଷ ପରେ ଘରୋଇ ମାଟିରେ ସିରିଜ୍ ହାରିଥିଲା। କ୍ରମାଗତ ୧୮ ସିରିଜ୍ ବିଜୟ ଧାରାରେ ବ୍ରେକ୍ ଲାଗିଥିବା ବେଳେ ରାଣା ଦଳ ସହ ଯୋଗ ଦେଇଛନ୍ତି। ୨୨ ବର୍ଷୀୟ ରାଣାଙ୍କୁ ଅଷ୍ଟ୍ରେଲିଆ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ସିରିଜ ପାଇଁ ଭାରତୀୟ ଦଳରେ ସ୍ଥାନ ମିଳିଛି। ତେବେ ରାଣା ରିଜର୍ଭ ଭାବରେ ରହିବେ କି ଭାରତୀୟ ଦଳର ଡ୍ରେସିଂ ରୁମ୍‌ରେ ଯୋଗ ଦେବେ ତାହା ସ୍ପଷ୍ଟ ହୋଇନାହିଁ। ସେହିପରି ତୃତୀୟ ଟେଷ୍ଟରେ ରାଣା ପଦାର୍ପଣ କରିପାରନ୍ତି ବୋଲି ଅନୁମାନ କରାଯାଉଛି।

## ମାଥ୍ୟୁ ୱେଡ୍‌ଙ୍କ ଅବସର

ମେଲବୋର୍ନ, ୨୯।୧୦ (ପି.ଟି.): ଅଷ୍ଟ୍ରେଲିଆର ବିଶ୍ୱକପ ବିଜୟୀ ଦଳର ସଦସ୍ୟ ଉଇକେଟ କିପର ବ୍ୟାଟର ମାଥ୍ୟୁ ୱେଡ୍ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଆସନ୍ତା ପାକିସ୍ତାନ ବିପକ୍ଷ ଟି୨୦ ସିରିଜରେ ସେ ଅଷ୍ଟ୍ରେଲିଆ ସୀମିତ ଓଭର ଦଳର ପ୍ରଶିକ୍ଷକ ଭାବରେ କାର୍ଯ୍ୟ କରିବେ। ୩୬ ବର୍ଷୀୟ ୱେଡ୍ ଅଷ୍ଟ୍ରେଲିଆ ପକ୍ଷରୁ ୩୬ ଟେଷ୍ଟ, ୯୭ ଦିନିକିଆ ଓ ୯୨ ଟି୨୦ ମ୍ୟାଚ୍ ଖେଳିଛନ୍ତି। ଏହା ବ୍ୟତୀତ ୨୦୨୧ ଟି୨୦ ବିଶ୍ୱକପ ବିଜୟ ଦଳର ସେ ସଦସ୍ୟ ମଧ୍ୟ ରହିଥିଲେ। ଅବସର ଗ୍ରହଣ କରିଥିଲେ ମଧ୍ୟ ସେ ଘରୋଇ କ୍ରିକେଟ ଓ ବିଗ୍ ବାସ୍ ଲିଗ ଖେଳିବା ଜାରି ରଖିବେ।

## କିଟ୍ ମହିଳା, ପୁରୁଷ ଦଳ ଫାଇନାଲରେ



କିଟ୍ ପୁରୁଷ ଟେନିସ ଦଳ।

### ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଟେନିସ

ଭୁବନେଶ୍ୱର, ୨୯।୧୦ (ତପନ ସ୍ୱାଇଁ) ସ୍ଥାନୀୟ ଲିଆଣ୍ଡର ପେସ୍ ଟେନିସ ଷ୍ଟାଡିୟମରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ଟେନିସ ପ୍ରତିଯୋଗିତାର ଫାଇନାଲରେ କିଟ୍ ମହିଳା ଓ ପୁରୁଷ ଦଳ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ ପୁରୁଷ ବର୍ଗ ସେମିଫାଇନାଲରେ କିଟ୍ ବିଶ୍ୱବିଦ୍ୟାଳୟ ୨-୦ରେ ପଣ୍ଡିତ ରବିଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟକୁ ଏବଂ ମଣିପୁର ୨-୦ରେ ଯାଦବପୁର ବିଶ୍ୱବିଦ୍ୟାଳୟକୁ ହରାଇ ଦେଇଛି। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ପଣ୍ଡିତ ରବିଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟ ୨-୦ରେ ଯାଦବପୁରକୁ ପରାସ୍ତ କରିଛି। ସେହିପରି ମହିଳା ବର୍ଗରେ ଯାଦବପୁର ୨-୦ରେ କିସ୍ ବିଶ୍ୱବିଦ୍ୟାଳୟକୁ ହରାଇ ତୃତୀୟ ସ୍ଥାନ ହାସଲ କରିଛି। ପୁରୁଷ ବର୍ଗରେ କିଟ୍-ମଣିପୁର ଏବଂ ମହିଳାରେ କିଟ୍ ଓ ପଣ୍ଡିତ ରବିଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟ ମଧ୍ୟରେ ଫାଇନାଲ ବୁଧବାର ଅନୁଷ୍ଠିତ ହେବ। କିଟ୍ ବିଶ୍ୱବିଦ୍ୟାଳୟ ମହିଳା ଓ ପୁରୁଷ ଏବଂ କିସ୍ ମହିଳା ଦଳ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଟେନିସ ଚାମ୍ପିୟନଶିପ୍ ଏବଂ ୫ମ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନ କରିଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ୩ ଦଳର ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ବୋପାନ୍ନା-ଇବଡେନ୍ ଯୋଡ଼ିଙ୍କୁ ଏଟିପି ଫାଇନାଲ୍ସ ଯୋଗ୍ୟତା

ନୂଆଦିଲ୍ଲୀ, ୨୯।୧୦ (ପି.ଟି.): ପ୍ରମୁଖ ଡବଲ୍ସ ଯୋଡ଼ି ରୋହନ ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲୀୟ ପାର୍ଟନର ମାଥ୍ୟୁ ଇବ୍‌ଡେନ ସମ୍ମାନଜନକ ସିଜନ ଶେଷ ଏଟିପି ଫାଇନାଲ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଭାରତୀୟ ଖେଳାଳି ଚତୁର୍ଥ ଥର ଏହି ଟୁର୍ନାମେଣ୍ଟରେ ଖେଳିବାକୁ ଯାଉଛନ୍ତି। ରୋଲେକ୍ସ ପ୍ୟାରିସ ମାଷ୍ଟର୍ସରୁ ନାଥାନିଲ ଲାମନ୍ସ ଓ ଜ୍ୟାକଶନ ୱିଥ୍ରୋଙ୍କ ବିଦା ପରେ ଇଣ୍ଡୋ-ଅଷ୍ଟ୍ରେଲୀୟ ଯୋଡ଼ିଙ୍କୁ ସୁଯୋଗ ମିଳିଛି। ଏଟିପି ଫାଇନାଲ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଅନ୍ୟ ଯୋଡ଼ିମାନେ ହେଲେ ୱେସ୍‌ଲେ କୁଲହପ୍/ ନିକୋଲା ମେକ୍‌ଟିକ୍, କେଭିନ କ୍ରାୱିଜ/ ଟିମ୍ ପୁଏଜ୍, ହ୍ୟାରି ହେଲିଓଭାରା /ହେନ୍‌ରୀ ପାଟେନ୍ସ, ମାର୍ସେଲୋ ଆରେଭାଲୋ/ ମେଟ୍ ପ୍ୟାଭିଜ୍, ମାର୍ସେଲ ଗ୍ରାନୋଲର୍ସ/ ହୋରାସିଓ ଜେବାଲସ, ସିମୋନ ବୋଲେଲି/ ଆନ୍ଦ୍ରିଆ ଭାଭାସୋରି ଏବଂ ମାକ୍ସ ପର୍ସେଲ/ ଜୋର୍ଡାନ ଥମ୍ପସନ। ଏଟିପି ଫାଇନାଲ୍ସ ନଭେମ୍ବର ୧୦ରୁ ୧୭ ଇନାଲ୍‌ପି ଆରେନାଠାରେ ଖେଳାଯିବ। ଏଥିରେ ବିଶ୍ୱର ଶ୍ରେଷ୍ଠ ୮ ଡବଲ୍ସ ଯୋଡ଼ି ଭାଗ ନେବେ। ଚଳିତ ସିଜନରେ ବୋବାପ୍ପା ଓ ଇବଡେନଙ୍କ ପ୍ରଦର୍ଶନ ଖବ୍ ଭଲ ରହିଛି। ସେମାନେ ଅଷ୍ଟ୍ରେଲିଆନ ଓପନ ଜିତିଛନ୍ତି। ଭାରତୀୟ ଖେଳାଳି (୪୩ ବର୍ଷ, ୩୩୧ ଦିନ) ସବୁଠାରୁ ବୟସ୍କ ଖେଳାଳି ଭାବେ ବିଶ୍ୱର ନମ୍ବରୱାନ୍ ହୋଇ ପାରିଛନ୍ତି। ବୋପାନ୍ନା-ଇବ୍‌ଡେନ ପରେ ମାୟାମି ଓପନ ଟାଇଟଲ ଜିତିଥିଲେ। ସେମାନେ ଆହୁରି ମଧ୍ୟ ଆଡିଲେଡ୍ ଫାଇନାଲ ଏବଂ ରୋଲାଣ୍ଡ ଗାରୋସ ସେମିଫାଇନାଲରେ ପ୍ରବେଶ କରିପାରିଥିଲେ। କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ସେମାନେ ଏଟିପି ଫାଇନାଲ୍ସ ଯୋଗ୍ୟତା ହାସଲ କରିପାରିଛନ୍ତି। ଏଥର ଏଟିପି ଫାଇନାଲ୍ସ ବୋପାନ୍ନାଙ୍କ ପାଇଁ ଗୁରୁତ୍ୱ ବହନ କରୁଛି। ସେ ପ୍ରଥମ ଥର ଏଟିପି ଟାଇଟଲ୍ସ ଜିତିବା ଲାଗି ଲକ୍ଷ୍ୟ ରଖିଛନ୍ତି। ପୂର୍ବରୁ ମହେଶ ଭୂପତିଙ୍କ ସହ ସେ ୨୦୧୨ ଫାଇନାଲିଷ୍ଟ ଥିଲେ। ପୁନର୍ବାର ୨୦୧୫ରେ ଫ୍ଲୋରିନ୍ ମର୍ଗିଆଙ୍କ ସହ ସେ ଆଉ ଥରେ ଫାଇନାଲରେ ପ୍ରବେଶ କରିଥିଲେ। ୨୦୧୧ରେ ଆଇଜାମ-ଛଲ-ହକ୍‌ଙ୍କ ସହ ତୃତୀୟ ଥର ଏଟିପି ପାଇନାଲରେ ପ୍ରବେଶ କରିଥିଲେ।

## ଭୁବନେଶ୍ୱର ଦଳଗତ ଚାମ୍ପିୟନ

ଭୁବନେଶ୍ୱର,୨୯।୧୦(ସରୋଜ ଜେନା)

ଓଡ଼ିଶା ସାଇକ୍ଲିଂ ଆସୋସିଏଶନ ପକ୍ଷର କଟକ କ୍ରୀଡା ସଂଘ ଆନୁକୂଲ୍ୟରେ ମଧୁସୂଦନପୁର ବ୍ରିଜରେ ଅନୁଷ୍ଠିତ ୪୧ ତମ ଓଡ଼ିଶା ରୋଡ୍ ସାଇକ୍ଲିଂ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଶ୍ରେଷ୍ଠ

### ୪୧ ତମ ଓଡ଼ିଶା ରୋଡ୍ ସାଇକ୍ଲିଂ

ପ୍ରଦର୍ଶନ ସହ ଆଇଟିଟି ଓ ମାସ୍ ଷ୍ଟାର୍ଟରେ ଭୁବନେଶ୍ୱର କ୍ରୀଡା ସଂଘ ଦଳଗତ ଚାମ୍ପିୟନ ହୋଇଥିଲା। ଅନ୍ୟ ପକ୍ଷରେ ୟୁଥ୍‌ରେ ଭଦ୍ରକ ଓ ଜୁନିୟର ବର୍ଗରେ କିଟ୍ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଓଡ଼ିଶା ସାଇକ୍ଲିଂ ଆସୋସିଏଶନ ସମ୍ପାଦକ ପ୍ରସନ୍ନ ରାଉତ ଓ ସଭାପତି ତଥା ଅର୍ଜୁନ ପୁରସ୍କାର



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ବିଜେତା ମୀନତି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୁଗ୍ମ ଶାସନ ସଚିବ ଶୈଳେନ୍ଦ୍ର ଜେନା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଓଏସ୍‌ଡି ଧୀରଜ ପଟ୍ଟନାୟକ ଓ କ୍ରୀଡା ବିଭାଗ ବରିଷ୍ଠ ଅଧିକାରୀ କ୍ଷଣପ୍ରଭା ମହାନ୍ତି ପ୍ରମୁଖ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ସମସ୍ତ ପ୍ରତିଯୋଗୀ ଡିସେମ୍ବର ମାସରେ ପୁରୀରେ ହେବାକୁ ଥିବା ଜାତୀୟ ସାଇକ୍ଲିଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

## ସିରିଜ୍ ଜିତିଲା ଭାରତ

ଅହମଦାବାଦ,୨୯।୧୦

ଓପନର ସ୍ମୃତି ମନ୍ଧାନାଙ୍କ ଶତକ ଓ ଦୀପ୍ତି ଶର୍ମାଙ୍କ ୩ ଉଇକେଟ ସଫଳତା ବଳରେ ଅନ୍ତିମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ୬ ଉଇକେଟରେ ପରାସ୍ତ କରିଛି ଭାରତ। ଏହା ସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଦଳ ୨-୧ରେ ଜିତି ନେଇଛି। ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୪୯.୫ ଓଭରରେ ୨୩୨ ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ଭାରତ ୪୪.୨ ଓଭରରେ ୪ ଉଇକେଟ ହରାଇ ୨୩୬ ରନ୍ କରିଥିଲା।

### ମନ୍ଧାନାଙ୍କ ଶତକ

ଟସ୍ ଜିତି ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରିଥିଲା। ବ୍ରୁକ୍ ହାଲିଡେଙ୍କ ୮୬ ରନ୍ ବଳରେ ନ୍ୟୁଜିଲାଣ୍ଡ ୨୩୨ ରନ୍ କରିଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଜର୍ଜିଆ ପ୍ଲିମର ୩୯, ଇସାବେଲ ଗେଜ୍ ୨୫ ଓ ଲି ଟାହୁହୁ ୨୪ ରନ୍ କରିଥିଲେ। ଭାରତ ପକ୍ଷରୁ ଦୀପ୍ତି ଶର୍ମା ୩, ପ୍ରିୟା ମିଶ୍ର ୨, ସାଇମା ଠାକୁର ଓ ରେଣୁକା ସିଂ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭାରତ ୪ ଉଇକେଟ ହରାଇ ବିଜୟ ହାସଲ କରି ନେଇଥିଲା। ୧୨୨ ବଲ୍ ଖେଳିଥିବା ମନ୍ଧାନା ୧୦ ଚୌକା ସହାୟତାରେ ୧୦୦ ରନ୍ କରିଥିଲେ। ଅନ୍ୟ ପକ୍ଷରେ ହରମନପ୍ରୀତ୍ ୬୩ ବଲ୍ ଖେଳି ୬ ଚୌକା ମାରି ୫୯ ରନ୍ କରିଥିଲେ। ଭାରତୀୟ ମହିଳା ଖେଳାଳିଙ୍କ ମଧ୍ୟରେ ସର୍ବାଧିକ ଶତକ ହାସଲର ରେକର୍ଡ ନିଜ ନାମରେ କରିଛନ୍ତି ମନ୍ଧାନା। ସେ ଦିନିକିଆରେ ୮ ଶତକ ହାସଲ କରିଥିବା ବେଳେ ମିଥାଲି ରାଜ ୭ ଓ ହରମନ୍‌ପ୍ରୀତ୍ କୌର ୬ ଶତକ ମାରିଛନ୍ତି। ନ୍ୟୁଜିଲାଣ୍ଡ ପକ୍ଷରୁ ହାନ୍ନା ରୋୱେ ୨, ସୋଫି ଡିଭାଇନ ଓ ଫ୍ରାନ୍ ଜୋନ୍ସ ୧ ଉଇକେଟ ନେଇଥିଲେ। ସ୍ମୃତି ମନ୍ଧାନା ପ୍ଲେୟର ଅଫ୍ ଦ ମ୍ୟାଚ୍ ଓ ଦୀପ୍ତି ଶର୍ମା ପ୍ଲେୟର ଅଫ୍ ଦ ସିରିଜ୍ ହୋଇଥିଲେ।



ସ୍ମୃତି ମନ୍ଧାନା

### ସଂକ୍ଷିପ୍ତ ସ୍କୋର

ନ୍ୟୁଜିଲାଣ୍ଡ ୪୯.୫ ଓଭରରେ ୨୩୨/୧୦ (ବ୍ରୁକ୍ ହାଲିଡେ-୮୬, ଜର୍ଜିଆ ପ୍ଲିମର-୩୯, ଇସାବେଲ ଗେଜ୍-୨୫, ଦୀପ୍ତି ଶର୍ମା-୩/୨୯, ପ୍ରିୟା ମିଶ୍ର-୨/୪୧, ସାଇମା ଠାକୁର-୧/୪୯)। ଭାରତ ୪୪.୨ ଓଭରରେ ୨୩୬/୪ (ସ୍ମୃତି ମନ୍ଧାନା-୧୦୦, ହରମନ୍‌ପ୍ରୀତ କୌର-୫୯*, ଯସ୍ତିକା ଭାଟିଆ-୩୫, ହାନ୍ନା ରୋୱେ-୨/୪୭, ସୋଫି ଡିଭାଇନ୍-୧/୪୪, ଫ୍ରାନ୍ ଜୋନ୍ସ-୧/୫୦)।

## ଓଡ଼ିଶାର ୪ ପର୍ବତାରୋହୀ ପୁରସ୍କୃତ

ଭୁବନେଶ୍ୱର, ୨୯।୧୦ (ତପନ ସ୍ୱାଇଁ)

ବିଭିନ୍ନ ମହାଦେଶର ଉଚ୍ଚତମ ଶୃଙ୍ଗ ଆରୋହଣ କରି ଓଡ଼ିଶାକୁ ଗର୍ବିତ କରିଥିବା ରାଜ୍ୟର ୪ ପର୍ବତାରୋହୀଙ୍କୁ ମଙ୍ଗଳବାର ରାଜ୍ୟ ସରକାରଙ୍କ ପକ୍ଷରୁ ଆର୍ଥିକ ପୁରସ୍କାରରେ ସମ୍ମାନିତ କରାଯାଇଛି। କଳିଙ୍ଗ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ଏକ ବିଶେଷ ସମାରୋହରେ ଓଡ଼ିଆ ପର୍ବତାରୋହୀ ଡ. ଆଦିତ୍ୟ ଖାଡଙ୍ଗା (ମାଉଣ୍ଟ କୋସିଅସ୍କୋ), ଗାୟତ୍ରୀ ମହାନ୍ତି (ମାଉଣ୍ଟ କୋସିଅସ୍କୋ, ମାଉଣ୍ଟ ଏଲବ୍ରୁସ୍ ଏବଂ ମାଉଣ୍ଟ କିଲିମାଞ୍ଜାରୋ), ବିଭାରାଣୀ ପାତ୍ର (ମାଉଣ୍ଟ କିଲିମାଞ୍ଜାରୋ) ଓ ପରମାନନ୍ଦ ରାଉତ (ମାଉଣ୍ଟ କିଲିମାଞ୍ଜାରୋ)ଙ୍କୁ ପୁରସ୍କୃତ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ସିଦ୍ଧାର୍ଥ ଦାସ, ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ, ସୋନାଲି ସୁଭଦର୍ଶିନୀ, ହରେଶ ମିଶ୍ର ଓ ସଞ୍ଜୀବ ମଙ୍ଗରାଜ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଏହି ସଫଳତା କେବଳ ଓଡ଼ିଆ ପର୍ବତାରୋହୀମାନଙ୍କ ପାଇଁ ନୁହେଁ, ସାରା ଓଡ଼ିଶା ପାଇଁ ଗର୍ବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ।



ପୁରସ୍କୃତ ୪ ପର୍ବତାରୋହୀ ଓ ଉପସ୍ଥିତ ଅତିଥି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ